# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

◆VOLUME- 42 ◆ISSUE-137 ◆BHUBANESWAR ◆WEDNESDAY ◆13 NOVEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୩୭ ◆ଭୁବନେଶ୍ୱର ◆ବୁଧବାର ◆୧୩ ନଭେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦




ଆସିବ ଗୋଲ୍‌ମାଲ୍-୫

▶ପୃଷ୍ଠା ୨ ଦେଖନ୍ତୁ...

## ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଆଜି



■ **ରାଞ୍ଚି,୧୨।୧୧(ଏଜେନ୍ସି):** ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ପ୍ରତମ ପର୍ଯ୍ୟାୟ ମତଦାନ ହେବ । ଏହି ପର୍ଯ୍ୟାୟରେ ୧୭ଟି ଅଣ ସଂରକ୍ଷିତ ଆସନ ଏବଂ ୨୦ଟି ସଂରକ୍ଷିତ ଆସନ ମ୍ରେ ମୋଟ ୪୩ଟି ଆସନ ପାଇଁ ମତଦାନ ହେବ। ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ପ୍ରାୟ ୧୫ ହଜାର ୩୪୪ଟି ଭୋଟ ଗ୍ରହଣ କେନ୍ଦ୍ରରେ ଏହିସବୁ ନିର୍ବାଚନୀ ମଣ୍ଡଳୀର ଭୋଟଦାତା ମତଦାନ କରିବେ। ଏଥିପାଇଁ ସାରା ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯିବା ସହିତ ୨୦୦ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଏହି ୪୩ଟି ଆସନ ପାଇଁ ବିଭିନ୍ନ ଦଳର ୭୩ ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୬୮୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ପର୍ଯ୍ୟାୟରେ ମୁଖ୍ୟତଃ ଏନଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ୨୦ ତାରିଖରେ ହେବ ଏବଂ ୨୩ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ।

## ସଂସଦରେ ଘୁମେଇଲେ ଜାପାନ ପ୍ରଧାନମନ୍ତ୍ରୀ



■ **ଟୋକିଓ, ୧୨।୧୧ (ଏଜେନ୍ସି):** ଜାପାନର ପ୍ରଧାନମନ୍ତ୍ରୀ ଭାବେ ସୋମବାର ପୁନଃ ନିର୍ବାଚିତ ହୋଇଥିବା ସିଗେରୁ ଇସିବା ସଂସଦରେ ଢୁଳଉଥିବା ଦେଖାଯିବା ପରେ ଏହା ଏକ ବଡ଼ ପ୍ରସଙ୍ଗ ହେବା ସହିତ ଏଠାକାର ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରିଛି। ସଂସଦର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌'ର ଅଧିବେଶନ ଚାଲିଥିଲା ବେଳେ ଇସିବା ଢୁଳୁଥିବା ଦେଖାଯାଇଥିଲା। ପରେ ପରେ ତାଙ୍କର ଢୁଳେଇବାର ଭିଡିଓ କିଛି ସମୟ ମଧ୍ୟରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିଲା। ଏହାକୁ ନେଇ ସଂସଦୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇସିବାଙ୍କୁ କୈଫିୟତ୍ ମଗାଯାଇଛି। ତେବେ ଇସିବା ପୂର୍ବଦିନ ବିଳମ୍ବିତ ରାତି ଯାଏ କାର୍ଯ୍ୟ କରୁଥିବାରୁ ତାଙ୍କୁ ନିଦ ଆସିଥାଏ ପାରେ ବୋଲି କ୍ୟାବିନେଟ୍ ସଚିବଙ୍କ ପକ୍ଷରୁ କୁହାଯାଇଛି। କିନ୍ତୁ ଜାପାନବାସୀ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ସେମାନେ ଇସିବାଙ୍କ ସ୍ୱାସ୍ଥାବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

**ମଗାହେଲା କୈଫିୟତ୍**

### ସରକାର ବାଉଳା; ପ୍ରଶାସନ ହୁଗୁଳା

# ନେତାଙ୍କ ଆଶୀର୍ବାଦରେ ଲଘୁ ଖଣିଜ ଲୁଟ୍

■ **ଭୁବନେଶ୍ୱର, ୧୨।୧୧ (ସମିସ):** ଲଘୁ ଖଣିଜ ଲୁଟ୍ ଏବେ ନିୟନ୍ତ୍ରଣହୀନ। ରାଜନୈତିକ ପୃଷ୍ଠପୋଷକତା ଓ ସ୍ଥାନୀୟ ନେତାମାନଙ୍କ ଛତ୍ରଛାୟାରେ ମାଫିଆ ଦିନ ଦି' ପହରେ ବାଲି, ମାଟି, ମୋରମ ଲୁଟ୍ କରୁଛନ୍ତି। ନିୟନ୍ତ୍ରଣ ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନାହିଁ; ଶାସକ ଦଳର ନେତାଙ୍କ ଚାପରେ ପ୍ରଶାସନ ଆଖି ମୁଦି ବସିଛି। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନୁରୂପ ଅଭିଯୋଗ ଆସୁଛି। ଏ ସମ୍ପର୍କରେ ସରକାର ଜାଣନ୍ତି ନାହିଁ ବୋଲି କୁହାଯାଇ ପାରିବ ନାହିଁ; ବିଭିନ୍ନ ସଂସ୍ଥା ଓ ମାନବାଧିକାର କର୍ମୀ ସରକାରଙ୍କୁ ଏ ସଂକ୍ରାନ୍ତରେ ଅଭିଯୋଗ କରୁଛନ୍ତି। ତଥାପି ଏହାକୁ ରୋକିବା ନିମନ୍ତେ କେହି ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ପଥର, ମୋରମ୍ ଓ ମାଟି ଅପେକ୍ଷା ବାଲି ଲୁଟ୍ ଏବେ ସାଂଘାତିକ ସ୍ତରରେ ପହଞ୍ଚିଛି। ବାଲି ମାଫିଆମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ନିଜ କାରବାର ଚଳାଇଛନ୍ତି ।

୨୦୨୦ ମସିହାରେ ରାଜ୍ୟରେ ସରକାରୀ ବାଲି ସଇରାତ ସଂଖ୍ୟା ଥିଲା ୧୮୫୯ । ଏହି ସଇରାତରୁ ବାଲି ଉତ୍ତୋଳନ ପାଇଁ ତତ୍‌କାଳୀନ ସରକାର ନିୟମ ପ୍ରଣୟନ କରିଥିଲେ । ଏହାକୁ ଲଘୁ ଖଣିଜ ସମ୍ପଦର ମାନ୍ୟତା ଦେଇ ଖଣି ବିଭାଗର ଅନ୍ତର୍ଭୁକ୍ତ ମଧ୍ୟ କରିଥିଲେ। ଓଡ଼ିଶା ଲଘୁ ଖଣିଜ ନିୟମ (ଓଏମ୍‌ଏମ୍‌ସି) ୨୦୧୬ ଆଧାରରେ ବାଲିଘାଟ ବା ସଇରାତକୁ ଅନ୍ୟୂନ ୫ ବର୍ଷ ଓ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଲିଜ୍ ଦିଆଯିବାର ବ୍ୟବସ୍ଥା ଥିଲା ଓ ଏଥିପାଇଁ ରାଜ୍ୟ ପରିବେଶ ମଞ୍ଜୁରୀକୁ ବାଧ୍ୟତାମୂଳକ କରାଯାଇଥିଲା । ତତ୍‌କାଳୀନ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲଘୁ ଖଣିଜ ସମ୍ପଦ ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ କରାଯାଇଥିଲା ଓ ବାର୍ଷିକ ଅନ୍ୟୂନ ୨୦୦୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିଲା। ଏହାର ଫଳଶ୍ରୁତି ସ୍ୱରୂପ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏ ବାବଦରେ ରାଜକୋଷକୁ ବିପୁଳ ରାଜସ୍ୱ ଆସି ପାରିଥିଲା। ମାତ୍ର ସରକାର ବଦଳିବା ପରେ ଏହି ନିୟମକାନୁନକୁ ବସ୍ତାନିରେ ବାନ୍ଧି ପ୍ରଶାସନ ଚୁପ୍ ହୋଇ ବସିଛି। ଉଭୟ ସରକାରୀ ଓ ଘରୋଇ କାମ ପାଇଁ ବାଲିର ଆବଶ୍ୟକତା ଭରଣା କରିବା ପାଇଁ ଚୋରାରେ ବିପୁଳ ବାଲି ଚାଲାଣ କରାଯାଉଛି ଏବଂ ସ୍ଥାନୀୟ ପ୍ରଶାସନକୁ ପ୍ରଭାବିତ କରି ମାଫିଆମାନେ ବାଲି ଲୁଟ୍ କରି ଚାଲିଛନ୍ତି। ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି, ଯାଜପୁର, ଜଗତସିଂହପୁର, କଟକ, ପୁରୀ, ଗଞ୍ଜାମ, ଭଦ୍ରକ, ବାଲେଶ୍ୱର ଆଦି ଜିଲ୍ଲାର ବିଭିନ୍ନ ନଦୀରୁ ଖୋଲାଖୋଲି ବାଲି ଲୁଟ୍ ଚାଲିଛି। ନିଲାମ ହୋଇ ନ ଥିବା ଘାଟ ବ୍ୟତୀତ ଅନ୍ୟ ଅଞ୍ଚଳରୁ ମଧ୍ୟ ବାଲି ଚୋରି ହେଉଛି ଏବଂ ରାତିରେ ବଡ଼ବଡ଼ ହାଇୱାରେ ବାଲି ବୁହା ଚାଲିଛି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବାର ୫ ମାସ ବିତିଲାଣି। ମାତ୍ର ବାଲି ଚୋରି ଉପରେ ନିୟନ୍ତ୍ରଣ କରିବାରେ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିଡ଼ମ୍ବନା ହେଉଛି ଏହି ବାଲି ଚୋରି ଓ ଚୋରା ବାଲି ଚାଲାଣ ପଛରେ ବିଜେପି ନେତାମାନଙ୍କ ସମ୍ପୃକ୍ତି ଥିବା ମଧ୍ୟ ଅଭିଯୋଗ ହୋଇଛି। କିଛିଦିନ ତଳେ ସୋରଡ଼ା ବିଧାୟକ ସରୋଜ ପାଢ଼ୀ ନିଜ ନିର୍ବାଚନ ମଣ୍ଡଳୀରେ ବାଲି ଲିଜଧାରୀଙ୍କୁ ଚାନ୍ଦା ମାଗୁଥିବାର ଅଡିଓ ଭାଇରାଲ୍ ହୋଇଥିଲା। ଯାହା ସେତେବେଳେ ▶ପୃଷ୍ଠା-୭



**ଦିନ ଦି' ପହରେ ଖୋଲାଖୋଲି ଚାଲିଛି ବେଆଇନ ଉଠାଣ**

**ଦୈନିକ ଏକାଧିକ କୋଟି ଟଙ୍କାର ରାଜସ୍ୱ ହାନୀ**

### ଜୟନାରାୟଣଙ୍କ ଉପହାସ

## ରାସନ ଚାଉଳ ଖାଆନ୍ତି ନାହିଁ ଆଦିବାସୀ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ଚାଉଳ ଅଭାବରୁ ଆମ୍ବ ଟାକୁଆ ଯାଉ ଖାଇ କନ୍ଧମାଳରେ ଦୁଇଜଣଙ୍କ ଜୀବନ ଯାଇଥିବା ବେଳେ ଏହା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କ ଚରମ ଅବହେଳା। କାରଣରୁ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲେ ହେଁ ବିଜେପିର ମନ୍ତ୍ରୀ, ବିଧାୟକମାନେ ଏକଥା ମାନିବାକୁ ନାରାଜ। ଆମ୍ବ ଟାକୁଆ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ବୋଲି ଉଲ୍ଲେଖ କରି ବିଜେପି ନେତା ଓ ମନ୍ତ୍ରୀମାନେ ନିଜମୁଣ୍ଡରୁ ଦୋଷ ଖସାଇବାକୁ ଭରପୁର ପ୍ରୟାସ କରୁଛନ୍ତି। ଏହି କ୍ରମରେ ବିଜେପିର ବରିଷ୍ଠ ନେତା ଜୟନାରାୟଣ ମିଶ୍ର ବିବାଦୀୟ ମନ୍ତବ୍ୟ ଦେଇ ଆଦିବାସୀ ସମ୍ପ୍ରଦାୟକୁ ଉପହାସ କରିଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ଦିଆଯାଉଥିବା ଚାଉଳ ଆଦିବାସୀମାନେ ଖାଆନ୍ତି ନାହିଁ ଓ ଆମ୍ବ ଟାକୁଆ ଜାଉ ସେମାନଙ୍କର ପାରମ୍ପରିକ ଖାଦ୍ୟ ବୋଲି ଜୟନାରାୟଣ ମନ୍ତବ୍ୟ ଦେଇଛନ୍ତି । ଯାହାକୁ ନେଇ ତେଜିଛି ରାଜନୀତି। ବିରୋଧୀ ବିଜେଡି ଓ କଂଗ୍ରେସ ଜୟନାରାୟଣଙ୍କୁ ପ୍ରଚଣ୍ଡ ▶ପୃଷ୍ଠା-୭



**ଚାଉଳ ଅଭାବରୁ କନ୍ଧମାଳରେ କାହା ଜୀବନ ଯାଇନାହିଁ**

**ଆମ୍ବ ଟାକୁଆ ଜାଉ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ**

**ଜୟଙ୍କ ଉପହାସକୁ ବିରୋଧୀ ଦଳର କଡ଼ା ସମାଲୋଚନା**

**ଆମ୍ବ ଟାକୁଆ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ନୁହେଁ: କାଡ଼ାମ**

**ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ, ସେ ଟାକୁଆ ଜାଉ ଖାଆନ୍ତି କି: ବିଜୟ**

## ୧୦୦ ଏକର ଜଙ୍ଗଲ ଜମି ଜବରଦଖଲ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ମାଲକାନଗିରି ଜିଲ୍ଲା ମୋଟୁରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ହଡ଼ପ ହୋଇଥିବା ଅଭିଯୋଗ ହୋଇ ଆସୁଥିଲା। ଏହି ଘଟଣାରେ ଏନ୍‌ଜିଟି ନିଜଆଡୁ ମାମଲା କରିଛନ୍ତି। ହଡପ ଜମିରେ କିଭଳି ଏକ ନଗର ତିଆରି ହେଲା ସେନେଇ ଏନ୍‌ଜିଟି ଆପତ୍ତି ଉଠାଇବା ସହ ଏହାର ଉତ୍ତର ରଖିବା ପାଇଁ ରାଜ୍ୟସରକାର, ପିସିସିଏଫ୍ ଓ ମାଲକାନଗିରି ଜିଲ୍ଲାପାଳଙ୍କୁ ଏନ୍‌ଜିଟି ନୋଟିସ୍ କରିଛି। ଜଙ୍ଗଲ ଜମିରେ କିପରି ରାସ୍ତା, କୋଠା ଏବଂ ତାର ବାଡ଼ ନିର୍ମାଣ ହେଲା ଏନ୍‌ଜିଟି ତାହାର ଉତ୍ତର ମାଗିବା ସହ ବିଭିନ୍ନ ସରକାରୀ ଯୋଜନା ଅର୍ଥରେ ଏହି ନିର୍ମାଣକୁ ନେଇ ଏନ୍‌ଜିଟି ପ୍ରଶ୍ନ ଉଠାଇଛନ୍ତି। ଡିସେମ୍ବର ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଅତିକମରେ ଏହାର ସପ୍ତାହ ପୂର୍ବରୁ ଜବାବ ରଖିବାକୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏନଜିଟି ପକ୍ଷରୁ ନୋଟିସ ଆସିବା ପରେ ପିସିସିଏଫ୍ ଏହି ଘଟଣାର ତଦନ୍ତ ପାଇଁ ସ୍ଥାନୀୟ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ୧୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିବା ପିସିସିଏଫ୍ ▶ପୃଷ୍ଠା-୭

**ପିସିସିଏଫ୍, ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ**

**ନିଜଆଡୁ ମାମଲା କଲେ ଏନ୍‌ଜିଟି**

## ପଞ୍ଚୁକ ଆରମ୍ଭରୁ କଳବଲ





■ **ପୁରୀ, ୧୨।୧୧(ସମିସ):** ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ବ୍ରତ। ମହାପ୍ରଭୁଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ହୋଇଛି। ତେବେ ଅବ୍ୟବସ୍ଥା ଯୋଗୁଁ ପଞ୍ଚୁକ ଆରମ୍ଭରୁ କଳବଲ ହୋଇଛନ୍ତି ଭକ୍ତ। ସିଂହଦ୍ୱାର ସମ୍ମୁଖରେ ଠେଲାପେଲା ଯୋଗୁଁ ଅନେକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ବ୍ୟାରିକେଡ୍ ଭିତରେ ହୋଇଛି ଏହି ଠେଲାପେଲା। କେବଳ ସିଂହଦ୍ୱାରରେ ପ୍ରବେଶ ଯୋଗୁଁ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଛନ୍ତି। ଫଳରେ ପ୍ରଶାସନ ଓ ପୁଲିସ୍ ବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି, ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନଥିବା ଅଭିଯୋଗ ଆଣିଛନ୍ତି ଶ୍ରଦ୍ଧାଳୁ। ସେବାୟତଙ୍କ ପାଇଁ ଯିବାକୁ ଥିବା ରାସ୍ତାରେ ଶ୍ରଦ୍ଧାଳୁ ମଧ୍ୟ ଧସେଇ ପଶୁଛନ୍ତି। ଏମିତି ନାନା ପ୍ରକାର ଅବ୍ୟବସ୍ଥା ଫଳରେ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି ଶହ ଶହ ଶ୍ରଦ୍ଧାଳୁ। ପଞ୍ଚୁକ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ, ସେ ଦିଗରେ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସମନ୍ୱୟ ରଖି ସମସ୍ତ ପଦକ୍ଷେପ ନେଇଛନ୍ତି। ପଞ୍ଚୁକ ପୂର୍ବରୁ ଏମିତି ▶ପୃଷ୍ଠା-୭

**ଠେଲାପେଲାରେ ଭକ୍ତ ଆହତ**

**ବରିଷ୍ଠ ନାଗରିକଙ୍କ ପାଇଁ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା**

**ଦୀର୍ଘ ସମୟ ଲାଇନରେ ଛିଡ଼ା ହୋଇରହିଲେ**

**ମରିଚିକୋଟ ଛକ ପର୍ଯ୍ୟନ୍ତ ଲମ୍ବିଲା ଧାଡ଼ି**

**ବ୍ୟବସ୍ଥାକୁ ନେଇ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ**

## ଘରେ ପଶି ଖଣ୍ଡା ବୁଲାଇଲେ ୩୦ ଦୁର୍ବୃତ୍ତ


■ **ବରଗଡ଼, ୧୨।୧୧ (ସମିସ):** ରାତି ଅଧରେ ୩୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଘରେ ପଶି ଖଣ୍ଡା ବୁଲାଇବା ସହ ୬ଟି ଗାଡ଼ି ଭଙ୍ଗାରୁଜା କରି ଟଙ୍କା ଓ ସୁନାଗହଣା ଲୁଟିଲେ। ବରଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଡୁରୁଙ୍ଗା ଗ୍ରାମରେ ସୋମବାର ରାତିରେ ଘଟିଥିବା ଏହି ଆପରାଧିକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଖାପାଖି ଘଣ୍ଟାଏ କାଳ ଦୁର୍ବୃତ୍ତଙ୍କ ଏପରି ଆତଙ୍କରାଜର ସମ୍ମୁଖୀନ ହୋଇଛନ୍ତି ଡୁରୁଙ୍ଗା ନିବାସୀ ମନୋଜ ମହାପାତ୍ରଙ୍କ ପରିବାର। ଆଜି ଏ ସଂପର୍କରେ ମନୋଜ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଛାନଭିନ୍ ଆରମ୍ଭ କରିଛି। ଦୁର୍ବୃତ୍ତଙ୍କ ସବୁ କାରନାମା ମନୋଜଙ୍କ ଘରେ ଲାଗିଥିବା ସିସିଟିଭିରେ ଏକଦ୍ ହୋଇଛି। ପୁଲିସ୍ ଉକ୍ତ ଫୁଟେଜ୍ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଛି।

ସୂଚନାନୁଯାୟୀ, ୩୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଗତ ରାତିରେ ପାଚେରି ଡେଇଁ ମନୋଜଙ୍କ ଘରେ ପଶିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ତାଙ୍କର ଦୁଇଗୋଟି କାର୍ ଓ ୪ଟି ବାଇକ୍‌କୁ ଭାଙ୍ଗି ଚୂରମାର୍ କରିଦେଇଥିଲ। ▶ପୃଷ୍ଠା-୭

**ଗାଡ଼ି ଭାଙ୍ଗିଲେ, ଟଙ୍କା, ସୁନା ଲୁଟିନେଲେ**

**ସିସିଟିଭିରେ କଏଦ ସମ୍ପୂର୍ଣ୍ଣ ଦୃଶ୍ୟ**

**ବରଗଡ଼ରେ ଚାଞ୍ଚଲ୍ୟ**



# ଖାଉଟିଙ୍କ ଅଣ୍ଟା ଭାଙ୍ଗିଲାଣି ମହଙ୍ଗା ମାଡ଼

### ଦରଦାମ ନିୟନ୍ତ୍ରଣରେ ସରକାର ବିଫଳ: ବ୍ୟବସାୟୀ ସଂଘ

■ **ଭୁବନେଶ୍ୱର, ୧୨।୧୧ (ସମିସ):** ମହଙ୍ଗା ମାଡ଼ରେ ଭାଙ୍ଗିଲାଣି ଖାଉଟିଙ୍କ ଅଣ୍ଟା। ପ୍ରତିଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢ଼ି ଚାଲିଛି। ପିଆଜ, ରଶୁଣଠାରୁ ଆରମ୍ଭ କରି ପନିପରିବା, ତେଜରାତି ସାମଗ୍ରୀ, ମାଛ-ମାଂସ, ଫଳମୂଳ ସବୁ ମହଙ୍ଗା। ଖାଇବା ତେଲ ଦରରେ ବୃଦ୍ଧି ସବୁ ରେକର୍ଡ ପାର କରିଛି। ଗତ ୬ ସପ୍ତାହ ମଧ୍ୟରେ ଖାଇବା ତେଲ ଦର ୩୦ ପ୍ରତିଶତ ବଢ଼ିଛି। ଗହମ ମୂଲ୍ୟ ବଢ଼ିବା ଯୋଗୁ ବଜାରରେ ଅଟା, ସୁଜି ଓ ମଇଦା ମହଙ୍ଗା ହୋଇଛି। ଗହମଜାତ ସାମଗ୍ରୀର ମୂଲ୍ୟ ବୃଦ୍ଧି ପରେ ବିସ୍କୁଟ୍‌ଠାରୁ ଆରମ୍ଭ କରି ପାଉଁରୁଟି ଯାଏ ସବୁର ଦର ବୃଦ୍ଧି ପାଇଛି। ପନିପରିବା ଦର କଥା ନ କହିଲେ ଭଲ। ବଜାରରେ ସବୁ ପନିପରିବା ଦର ଅଶୀ ଉପରେ ରହିଛି। ଧୀରେ ଧୀରେ ଏହି ମହଙ୍ଗା ବଜାର ଦର ସରକାରଙ୍କ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ଦେଶର ଖୁଚୁରା ମୁଦ୍ରାସ୍ଫୀତି ଗତ ୧୪ ମାସର ରେକର୍ଡ ଭାଙ୍ଗି ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ଏତିକରେ ଅବସ୍ଥା ଅସମ୍ଭାଳ ହୋଇଥିବାବେଳେ ମହାରାଷ୍ଟ୍ର ନିର୍ବାଚନ ପରେ ପେଟ୍ରୋଲିୟମ ସାମଗ୍ରୀ ମୂଲ୍ୟ ବୃଦ୍ଧି ଆଶଙ୍କା ସାଧାରଣ ଲୋକଙ୍କୁ ଆତଙ୍କିତ କରିଛି।

ଦେଶରେ ନିର୍ବାଚନ ଶେଷ ହେବା ପରଠାରୁ ଖାଉଟିଙ୍କ ଉପରେ ଦରଦାମ୍ ମାଡ଼ ଅସହ୍ୟ ହେବାରେ ଲାଗିଛି। ଏଥିରେ ଗରିବ ଓ ମଧ୍ୟବିତ୍ତ ଲୋକ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଖୁଚୁରା ବଜାରରେ ହୁ ହୁ ହୋଇ ବଢ଼ିଚାଲିଛି ଡାଲି, ଚାଉଳ, ଅଟା, ଖାଇବା ତେଲ ଭଳି ତେଜରାତି ସାମଗ୍ରୀ ସହ ପନିପରିବା ଦର। ସୋୟାବିନ, ସୂର୍ଯ୍ୟମୁଖୀ, ଚଷୁ (ରାଇସ ବ୍ରାନ୍) ତେଲ ମୂଲ୍ୟ ବୃଦ୍ଧି ଘଟିଛି। ଗହମ ମୂଲ୍ୟ ବୃଦ୍ଧି ଘରୋଇ ବଜାରକୁ ପ୍ରଭାବିତ କରିଛି। ଗହମଜାତ ସୁଜି, ଅଟା, ମଇଦା ମୂଲ୍ୟ ୧୦% ପର୍ଯ୍ୟନ୍ତ ବଢ଼ିଛି।

ଅପରପକ୍ଷେ ଘରୋଇ ବଜାରରେ ଖାଲି ତେଜରାତି ସାମଗ୍ରୀ ନୁହେଁ ପନିପରିବା ଦର ମଧ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ପୂର୍ବରୁ ମୂଲ୍ୟବୃଦ୍ଧିକୁ ଖରା ଯୋଗୁଁ ଉତ୍ପାଦନ ହ୍ରାସଜନିତ ବୋଲି କହି ସରକାର ▶ପୃଷ୍ଠା-୭



**ଛଅ ସପ୍ତାହରେ ଖାଇବା ତେଲ ମୂଲ୍ୟ ୩୦% ବୃଦ୍ଧି**

**ବଢ଼ିଲା ଡ଼ାଲି ଜାତୀୟ ଓ ଗହମଜାତ ସାମଗ୍ରୀ ମୂଲ୍ୟ**

**୭୦ରୁ ଖସୁନି ପିଆଜ, ୪୦୦ରେ ଅଟକିଛି ରଶୁଣ**

**୧୪ ମାସର ସର୍ବୋଚ୍ଚସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି**



## ଆକ୍ସନ୍ ପରେ କମେଡି ଫିଲ୍ମ ଆଣିବେ ରୋହିତ୍
# ଆସିବ 'ଗୋଲମାଲ୍-୫'

ବଲିଉଡ୍‌ର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ହେଉଛନ୍ତି ରୋହିତ୍ ସେଟ୍ଟୀ । ରୋହିତ୍ ଓ ଅଜୟ ଦେବଗନ୍‌ଙ୍କ ଯୋଡ଼ି ବଲିଉଡ୍‌ରେ କପ୍ ୟୁନିଭର୍ସର ଆରମ୍ଭ କରିଥିଲା । ନିକଟରେ ଦୀପାବଳି ଅବସରରେ ରିଲିଜ୍ ହୋଇଥିବା ଏହି ସିରିଜ୍‌ର ତୃତୀୟ ଫିଲ୍ମ 'ସିଂଘମ୍ ଏଗେନ୍' ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଛି । 'ସିଂଘମ୍ ଏଗେନ୍'ରେ ଦର୍ଶକ ଜବରଦସ୍ତ ଆକ୍ସନ୍ ସିନ୍ ଦେଖିବାକୁ ପାଇଛନ୍ତି । ଏବେ ରୋହିତ୍ ଦର୍ଶକଙ୍କ ପାଇଁ ଏକ ଜବରଦସ୍ତ କମେଡି ଫିଲ୍ମ ଆଣିବାକୁ ଯାଉଛନ୍ତି । ରୋହିତ୍ ଏବେ ଅଜୟଙ୍କ ସହ ମିଶି 'ଗୋଲମାଲ-୫' ଆଣିବା ପାଇଁ ଯୋଜନା କରୁଛନ୍ତି । 'ଗୋଲମାଲ' ସିରିଜ୍ ବଲିଉଡ୍‌ର ଏକ ବଡ଼ କମେଡି ଫ୍ରାଞ୍ଚାଇଜ୍ । ଏହା ରୋହିତ୍‌ଙ୍କୁ ବଲିଉଡ୍‌ର ଜଣେ ସଫଳ ନିର୍ଦ୍ଦେଶକର ପରିଚୟ ଦେଇଥିଲା । ଏହି ଫ୍ରାଞ୍ଚାଇଜ୍‌ର ଏଯାଏଁ ଚାରୋଟି ଫିଲ୍ମ ମୁକ୍ତିଲାଭ କରିସାରିଛି । ଦର୍ଶକେ ଏବେ ଏହାର ପଞ୍ଚମ ଫିଲ୍ମକୁ ଅପେକ୍ଷା କରିଛନ୍ତି । ନିକଟରେ ଏକ ସାକ୍ଷାତକାରରେ ରୋହିତ୍ କହିଛନ୍ତି-'ସିଂଘମ୍ ଏଗେନ୍' ଭଳି ଏକ ବଡ଼ ପ୍ରୋଜେକ୍ଟ ପରେ ମୁଁ 'ଗୋଲମାଲ-୫' ଆଣିବା ପାଇଁ ଇଚ୍ଛା ରଖିଛି ।' ଏଠାରେ ପ୍ରକାଶ ଥାଉ କି, 'ଗୋଲମାଲ' ଫିଲ୍ମ ୨୦୦୬ରେ ଆସିଥିଲା । ଏଥିରେ ଲିଡ୍ ରୋଲରେ ଅଜୟ ଦେବଗନ, ଶରମନ ଜୋସି, ତୁଷାର କପୁର, ଅରଶଦ ୱର୍ସି ନଜର ଆସିଥିଲେ । ଏହା ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଥିଲା ।

ଆଜି ଆସିଥିଲେ

## ପ୍ରେମ-ପ୍ରଣୟର କବି
# ମାୟାଧର ମାନସିଂହ



ମାୟାଧର ମାନସିଂହ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଜଣେ ସ୍ମରଣୀୟ ପ୍ରତିଭା । ସେ ଏକାଧାରରେ ଜଣେ ସଫଳ କବି, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ, ଭ୍ରମଣବୃତ୍ତାନ୍ତ ରଚୟିତା, ସମ୍ପାଦକ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଆ କଥା ସାହିତ୍ୟରେ କବିବର ରାଧାନାଥଙ୍କ ପରେ ମାୟାଧର ହେଉଛନ୍ତି ନୂତନ ପିଢ଼ିର ପ୍ରମୁଖ ରୋମାଣ୍ଟିକ୍ କବି । ମାୟାଧର ମାନସିଂହ ପୁରୀ ଜିଲ୍ଲା ନନ୍ଦଳା ଗ୍ରାମରେ ୧୯୦୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ସେ ଓଡ଼ିଆ ଲେଖିକା ଓ କବି ହେମଲତା ମାନସିଂହଙ୍କୁ ବିବାହ କରିଥିଲେ । ତରୁଣ ବୟସରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ । ସେ ରେଭେନ୍ସା ମହାବିଦ୍ୟାଳୟ ବି.ଏ ପାଠ୍ୟକ୍ରମ ସାରିବାପରେ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ.ଏ ପାସ୍ କରିଥିଲେ । ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ନିବନ୍ଧ ପ୍ରସ୍ତୁତ କରି ସେ ପିଏଚ୍‌ଡି ଲାଭ କରିଥିଲେ । ସେ ଓଡ଼ିଶାର ପ୍ରଥମ ଡକ୍ଟରେଟ ଉପାଧିଧାରୀ ଥିଲେ । ସେ ସେକ୍ସପିଅରଙ୍କ ଲିଖିତ "Othello"ର ଓଡ଼ିଆରେ ରୂପାନ୍ତର କରିଥିଲେ । ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ । ଅତି ତରୁଣ ବୟସରୁ ତାଙ୍କଠାରେ କାବ୍ୟପ୍ରତିଭାର ଉନ୍ମେଷ ହୋଇଥିଲା । ତାଙ୍କର କବିତା ଗ୍ରନ୍ଥଗୁଡ଼ିକ 'ଧୂପ', 'ହେମଶସ୍ୟ', 'କୋଣାର୍କ', 'ସାଧବଝିଅ', 'କମଳାୟନ' ଇତ୍ୟାଦି । ସେ ପ୍ରେମ ଓ ପ୍ରଣୟର କବି ଭାବେ ପରିଚିତ ଓ ଲୋକପ୍ରିୟ । କିନ୍ତୁ ତାଙ୍କର ସାରସ୍ୱତ ଅବଦାନ ମଧ୍ୟରେ କବିତା ବ୍ୟତୀତ ଅଛି ନାଟକ, ପ୍ରବନ୍ଧ, ଜୀବନୀ, ଗଳ୍ପ, ଅନୁବାଦ ଓ ଗୀତିକବିତା । ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ କି ସେ ତାଙ୍କର ଲେଖନୀ ଚାଳନା କରିନାହାଁନ୍ତି । ପ୍ରକୃତି ଓ ମାନବପ୍ରେମ, ସୌନ୍ଦର୍ଯ୍ୟର ବର୍ଣ୍ଣାଢ଼୍ୟର ଅଭିବ୍ୟକ୍ତିରେ ରସୋତୀର୍ଣ୍ଣ କବି ମାୟାଧର ମାନସିଂହଙ୍କ କାବ୍ୟ ସୃଷ୍ଟି । ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ତାଙ୍କର ଗଭୀର ମମତା ଓ ଆନ୍ତରିକତା ରହିଥିଲା । ଏହା ତାଙ୍କ ରଚନାରେ ପ୍ରତିଫଳିତ ହୋଇଥାଏ । ଜଣେ ମାନବଦରଦୀ, ଜାତୀୟତାବାଦୀ କବି ସତ୍ତ୍ୱେ ସେ ମୁଖ୍ୟତଃ ରୋମାଣ୍ଟିକ ଚେତନାର କବି ପାଇଁ ଓଡ଼ିଆ ସାହିତ୍ୟରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଜଣାଶୁଣା ପ୍ରବନ୍ଧ ପୁସ୍ତକ ମଧ୍ୟରେ 'ଜୀବନ ପଥ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପ୍ରଭୃତି ଅନ୍ୟତମ । ୧୧ ଅକ୍ଟୋବର ୧୯୭୩, ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

# ପର୍ଯ୍ୟଟକଙ୍କ ପାଇଁ କର୍ଫ୍ୟୁ



ଦକ୍ଷିଣ କୋରିଆର ସିଓଲରେ ଥିବା ବୁକ୍‌ଚୋନ୍ ହନୋକ୍ ଗାଁ ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ । ଏହି ଗାଁରେ ଅନେକଗୁଡ଼ିକ ଶତାଧିକ ବର୍ଷର ଘର ଥିବାରୁ ଏହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗି ରହିଥାଏ । ଏହି ଘରଗୁଡ଼ିକରେ କୋରିଆର ପରମ୍ପରା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଥାଏ । ତେବେ ସ୍ଥାନୀୟ ପ୍ରଶାସନ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏବେ ଏକ ନୂଆ ନିୟମ ଆଣିଛି । ଗାଁରେ ପର୍ଯ୍ୟଟକଙ୍କ ଭିଡ଼କୁ କମ୍ କରିବା ପାଇଁ ସଂଧ୍ୟା ୫ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲଗାଯିବା ପାଇଁ ଯୋଜନା କରାଯାଇଛି । ଏହି ସମୟରେ କୌଣସି ପର୍ଯ୍ୟଟକ ଗାଁ ମଧ୍ୟରେ ଦେଖାଗଲେ ସେମାନଙ୍କ ଉପରେ ଜରିମାନା ଲାଗିବ । ଅବଶ୍ୟ ଏହାକୁ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଚଳିତ ନଭେମ୍ବର ମାସରୁ ଆରମ୍ଭ କରାଯାଇଛି । କିନ୍ତୁ ୨୦୨୫ ମାର୍ଚ୍ଚ ମାସରୁ ବିଧିବଦ୍ଧ ଭାବେ ପର୍ଯ୍ୟଟକଙ୍କ ପାଇଁ ଲାଗୁ କରାଯିବ । ଏହି ଗାଁର କେତେକ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସନ୍ଧ୍ୟା ୫ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଉପରେ ଏହି କଟକଣା ରହିବ । ନିୟମ ଉଲ୍ଲଙ୍ଘନ କଲେ ପର୍ଯ୍ୟଟକଙ୍କୁ ୬୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ । ତେବେ ପର୍ଯ୍ୟଟକଙ୍କ ପାଇଁ କର୍ଫ୍ୟୁ ଲାଗିବା ପଛରେ କାରଣ ଅଛି । ଏଠାରେ ଅତ୍ୟଧିକ ଜନଗହଳି ଯୋଗୁଁ ଶବ୍ଦ ପ୍ରଦୂଷଣ ହେବା ସହ ଶହ ଶହ ବର୍ଷର ଘରଗୁଡ଼ିକ ନଷ୍ଟ ହୋଇଯିବା ଆଶଙ୍କା ରହିଛି । କେବଳ ସେତିକି ନୁହେଁ, ବିନା ଅନୁମତିରେ ପର୍ଯ୍ୟଟକମାନେ ସ୍ଥାନୀୟ ଲୋକଙ୍କ ଘର କବାଟ, ଝରକା ଖୋଲି ଦେଖନ୍ତି । ଫଳରେ ଏହା ଦ୍ୱାରା ଗାଁଲୋକଙ୍କ ଗୋନୀୟତା ଭଙ୍ଗ ହୋଇଥାଏ । ଗୋଟେପଟେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଅନ୍ୟପଟେ ଗ୍ରାମବାସୀଙ୍କ ସଂଖ୍ୟା ହ୍ରାସ ପାଇଛି । ଏବେ ଏହି ଗାଁର ଜନସଂଖ୍ୟା ୬,୧୦୦ । ଅବଶ୍ୟ ଜନସଂଖ୍ୟା ହ୍ରାସ ପାଇଁ ପର୍ଯ୍ୟଟନ ଏକ କାରଣ । ପର୍ଯ୍ୟଟକଙ୍କ ଯୋଗୁଁ ଗାଁଲୋକଙ୍କ ଗୋପନୀୟତା ରହୁ ନାହିଁ । ଫଳରେ ସେମାନେ ଗାଁ ଛାଡ଼ି ଅନ୍ୟତ୍ର ପଳାୟନ କରୁଛନ୍ତି । ଅନ୍ୟପଟେ କିଛି ପର୍ଯ୍ୟଟକ ଏହି କର୍ଫ୍ୟୁକୁ ସମର୍ଥନ କରିଥିବା ବେଳେ ଆଉ କିଛି ଏହାକୁ ଅନୁଚିତ ବୋଲି କହିଛନ୍ତି ।

# ୨ କୋଟିରେ ବିକ୍ରି ହେଲା କେକ୍ ଟୁକୁଡ଼ା



ବ୍ରିଟେନ ରାଜପରିବାର ସଦସ୍ୟମାନଙ୍କର ସୌଖୀନ ତଥା ନିତ୍ୟବ୍ୟବହାର୍ଯ୍ୟ ଜିନିଷ କିଣିବା ପାଇଁ ଲୋକେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦିଅନ୍ତି । ଏହି କ୍ରମରେ ନିକଟରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ଓ ପ୍ରିନ୍ସ ଫିଲିପ୍‌ଙ୍କ ବିବାହ ସମୟର ଏକ କେକ୍ ଟୁକୁଡ଼ା ସ୍କଟଲ୍ୟାଣ୍ଡରେ ନିଲାମ କରାଯାଇଛି । ୭୭ ବର୍ଷ ପୁରୁଣା ଏହି କେକ୍‌ର ଟୁକୁଡ଼ା ୨.୩୬ ଲକ୍ଷରେ ବିକ୍ରି ହୋଇଛି । ଏହି ବିବାହ କେକ୍‌ଟିକୁ ନଭେମ୍ବର ୨୦, ୧୯୪୭ରେ ପ୍ରିନ୍ସ ଫିଲିପ୍ ଓ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ବିବାହ ସମୟରେ ପରଷା ଯାଇଥିଲା । ଆଠ ଦଶକ ପୂର୍ବର ଏହି କେକ୍‌ଟିକୁ ଏକ ବକ୍ସ ମଧ୍ୟରେ ରଖାଯାଇଥିଲା । ବକ୍ସ ଉପରେ ଏଲିଜାବେଥ୍‌ଙ୍କର ଏକ ଚାନ୍ଦିର ମୋହର ଲାଗିଥିଲା । ତେବେ ଏହି କେକ୍ ଟୁକୁଡ଼ାକୁ ବକିଂହାମ୍ ପ୍ୟାଲେସ୍‌ର ହାଉସ୍‌କିପର୍ ମ୍ୟାରିୟନ୍ ପୋଲସନ୍‌ଙ୍କ ନିକଟକୁ ରାଜାରାଣୀଙ୍କ ପକ୍ଷରୁ ବିବାହ ଉପହାର ଭାବେ ପଠାଯାଇଥିଲା । ଏହାକୁ ମ୍ୟାରିୟନ୍ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ (୧୯୮୦) ନିଜ ପାଖରେ ସାଇତି ରଖିଥିଲେ । ସେ ମରିବା ପୂର୍ବରୁ ଏହାକୁ ଖଟ ତଳେ ତାଙ୍କର କିଛି ବ୍ୟକ୍ତିଗତ ଜିନିଷ ସହ ରଖି ଦେଇଥିଲେ । ଏହି କେକ୍ ସହିତ ମହାରାଣୀ ତାଙ୍କ ପାଖକୁ ଏକ ଚିଠି ମଧ୍ୟ ପଠାଇଥିଲେ । ଏଠାରେ ପ୍ରକାଶ ଥାଉ କି, ମହାରାଣୀ ଏଲିଜାବେଥ୍ ଓ ପ୍ରିନ୍ସ ଫିଲିପ୍‌ଙ୍କ ବିବାହ କେକ୍ ୯ ଫୁଟ ଉଚ୍ଚତାର ଥିଲା । ଏଥିରେ ଚାରୋଟି ସ୍ତର ଥିଲା । ଏହାକୁ ତିଆରି କରିବା ପାଇଁ ଦୁଇ ସପ୍ତାହ ଲାଗିଥିଲା ।

## ଆଜିର ଇତିହାସ

- ୧୭୮୦- ମହାରାଜା ରଣଜିତ ସିଂହଙ୍କ ଜନ୍ମ ।
- ୧୯୭୧- ଆମେରିକୀୟ ମହାକାଶଯାନ ମାରିନର୍- ୯ ମଙ୍ଗଳ ଗ୍ରହ ପରିକ୍ରମା କଲା ।
- ୧୯୮୫- କଲମ୍ବିଆରେ ଆଗ୍ନେୟଗିରି ବିସ୍ଫୋରଣ ହେବାରୁ ୨୩ ହଜାର ଲୋକଙ୍କ ମୃତ୍ୟୁ ।
- ୧୯୯୭- ସୁରକ୍ଷା ପରିଷଦ ଇରାକ୍ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା ।
- ୨୦୧୫- ଆତଙ୍କବାଦୀମାନେ ପ୍ୟାରିସ୍ ଉପରେ ଆକ୍ରମଣ କରିବାରୁ ୧୩୦ ଜଣଙ୍କ ମୃତ୍ୟୁ, ୩୫୦ ଆହତ ।

## ରାଜାଙ୍କ ସନ୍ଦେହୀ ଆଖି
# ଚାଦର, ତକିଆର କରାଉଥିଲେ ଯାଞ୍ଚ

ପୂର୍ବକାଳରେ ଅନେକ ରାଜା ନିଜକୁ ସୁରକ୍ଷିତ ରଖିବା ପାଇଁ ଗୁପ୍ତଚର ସହ ଅନେକ ରହସ୍ୟଜନକ ଜିନିଷ ସବୁ ପାଖରେ ରଖୁଥିଲେ । ଷଡ଼ଯନ୍ତ୍ର କରି କେହି ତାଙ୍କ ଜୀବନ ନେଇଯିବାର ଭୟରେ ଅନେକ ଘାରି ହେଉଥିଲେ । ଏହିକ୍ରମରେ ଇଂଲଣ୍ଡର ରାଜା ହେନେରୀ ଅଷ୍ଟମ ତାଙ୍କ ପାଇଁ ବିଛଣା ସଜାଡୁଥିବା କର୍ମଚାରୀଙ୍କ ପାଇଁ ଏକ ଭିନ୍ନ ନିୟମ ଆଣିଥିଲେ । ୧୫୦୯ରୁ ୧୫୪୭ ଯାଏଁ ଇଂଲଣ୍ଡରେ ଶାସନ କରୁଥିଲେ ହେନେରୀ ଅଷ୍ଟମ । ରାଜା ହେନେରୀ ଅଷ୍ଟମ ବେଶ୍ ସନ୍ଦେହୀ ପ୍ରକୃତିର ଥିଲେ, ସେ ତାଙ୍କ ସୁରକ୍ଷା ନିମିତ୍ତ ବିଚିତ୍ର ଉପାୟ ସବୁ ଅବଲମ୍ବନ କରୁଥିବା ଚର୍ଚ୍ଚା ହୁଏ । ସେ ସମୟରେ ସେ ଜଣେ ଡାକ୍ତରଙ୍କ ଦ୍ୱାରା ଜାଣିବାକୁ ପାଇଥିଲେ ଯେ, ବିଷ କେବଳ ଖାଦ୍ୟ ପାନୀୟ ନୁହେଁ, ତ୍ୱଚା ମାଧ୍ୟମରେ ଶରୀର ମଧ୍ୟକୁ ପ୍ରବେଶ କରି କ୍ଷତି କରିପାରେ । ଖାସ୍ ଏହି କାରଣରୁ ସକାଳୁ ଯେଉଁମାନେ ରାଜା ହେନରୀ ଅଷ୍ଟମଙ୍କ ବିଛଣା ସଜାଡୁଥିଲେ, ସେମାନଙ୍କୁ ଚାଦର, ତକିଆ, ଏବଂ କମ୍ବଳକୁ ଚୁମ୍ବନ ଦେବାକୁ ପଡୁଥିଲା । ଏହାଦ୍ୱାରା ବିଛଣାରେ ବିଷ ଅଛି କି ନାହିଁ ଜଣାପଡୁଥିଲା । ରାଜା ହେନେରୀ ତାଙ୍କ ପୁଅ ଏଡୱାର୍ଡଙ୍କ ସୁରକ୍ଷାକୁ ନେଇ ମଧ୍ୟ ବେଶ୍ ଚିନ୍ତିତ ଥିଲେ । ତାଙ୍କର ସନ୍ଦେହ ଆସୁଥିଲା, କେହି ଏଡୱାର୍ଡଙ୍କ ପୋଷାକରେ ବିଷ ଲଗାଇ ଦେଇଥାଇ ପାରନ୍ତି । ତେଣୁ



ଦରଜୀଙ୍କ ପାଖରୁ ଆସୁଥିବା ପୋଷାକକୁ ସିଧା ଏଡୱାର୍ଡ ପିନ୍ଧୁ ନ ଥିଲେ । ପ୍ରଥମେ ଏହି ପୋଷାକକୁ ସଫା କରାଯାଇ ନିଆଁ ପାଖେ ଶୁଖାଯାଉଥିଲା । ଏହାପରେ କର୍ମଚାରୀମାନେ ଉକ୍ତ ପୋଷାକକୁ ନିଜ ଶରୀରରେ ଘଷି ଯାଞ୍ଚ କରୁଥିଲେ । ଏହା ପରେ ଏଡୱାର୍ଡଙ୍କ ବୟସର କୌଣସି ଯୁବକଙ୍କୁ ଏହି ପୋଷାକକୁ ପ୍ରଥମେ ପିନ୍ଧାଯାଉଥିଲା । ଏହାପରେ ଏଡୱାର୍ଡ ସେହି ପୋଷାକକୁ ପିନ୍ଧୁଥିଲେ । କେବଳ ପୋଷାକ ତନଖି ହୁଏ ତାହା ନୁହେଁ, ଏଡୱାର୍ଡ ଯେଉଁ ଗଦିରେ ବସୁଥିଲେ, ଏହାକୁ ମଧ୍ୟ ପ୍ରଥମେ ଯାଞ୍ଚ କରାଯାଉଥିଲା ।

# ଏହି ଜିନିଷଗୁଡ଼ିକ ଖାଲି ରଖନ୍ତୁନି

ହିନ୍ଦୁ ଧର୍ମରେ ବାସ୍ତୁଶାସ୍ତ୍ରର ବେଶ୍ ଗୁରୁତ୍ୱ ରହିଛି । ଏଥିରେ ଆମ ଜୀବନକୁ ସୁଖମୟ କରିବା ପାଇଁ ଅନେକ ବିଧିବିଧାନ ବିଷୟରେ ଉଲ୍ଲେଖ କରାଯାଇଛି । ଯଦି ବାସ୍ତୁଶାସ୍ତ୍ରରେ ଥିବା ନିୟମଗୁଡ଼ିକୁ ଜଣେ ପାଳନ କରନ୍ତି, ତାଙ୍କ ଜୀବନରେ କିଛି ସମସ୍ୟା ଆସି ନ ଥାଏ ବୋଲି କୁହାଯାଏ । ବାସ୍ତୁ ଶାସ୍ତ୍ରରେ କିଛି ଜିନିଷକୁ ଖାଲି ନ ରଖିବା ପାଇଁ ପରାମର୍ଶ ଦିଆଯାଇଛି । ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ସୃଷ୍ଟି ହୋଇ ବାସ୍ତୁ ଦୋଷ ଦେଖାଯାଏ । ତେବେ କେଉଁ ଜିନିଷଗୁଡ଼ିକ ଖାଲି ରଖିବା ଉଚିତ ନୁହେଁ, ଆସନ୍ତୁ ଜାଣିବା ।

### ମନିପର୍ସ

ବାସ୍ତୁଶାସ୍ତ୍ର ଅନୁସାରେ, କେବେ ବି ମନିପର୍ସକୁ ଖାଲି ରଖିବା ଉଚିତ ନୁହେଁ । ଏହାଦ୍ୱାରା ଧନ ପ୍ରବାହ ବନ୍ଦ ହୋଇଯାଏ ବୋଲି କୁହାଯାଏ । ଏଥିଯୋଗୁ ଜଣକର ଆର୍ଥିକ ସ୍ଥିତି ବିଗିଡ଼ିପାରେ । ସେହିଭଳି ଜଣେ ପର୍ସକୁ ଟଙ୍କା ଭର୍ତ୍ତି କରି ରଖୁଥିଲେ ଏହା ଆର୍ଥିକ ସମୃଦ୍ଧିକୁ ସୂଚାଇଥାଏ । ଏହାଦ୍ୱାରା କେବେ ଧନର ଅଭାବ ରୁହେ ନାହିଁ ।



### ବାଲ୍‌ଟି

ଘରର ଗାଧୁଆ ଘରେ ସବୁବେଳେ ଜଳ ପ୍ରବାହ ହୋଇଥାଏ । ବାସ୍ତୁ ଶାସ୍ତ୍ରରେ ଜଳ ଓ ଧନକୁ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ । ଯଦି ବାଲ୍‌ଟି ଖାଲିଥାଏ, ସେଥିରୁ ଜଳର ପ୍ରଭାବ କମ୍ ହୋଇଯାଏ । ଏହାଦ୍ୱାରା ଆର୍ଥିକ ସ୍ତରରେ କ୍ଷତି ହୋଇପାରେ । ସବୁବେଳେ ବାଲ୍‌ଟିକୁ ଜଳପୂର୍ଣ୍ଣ କରି ରଖିବା ଆବଶ୍ୟକ ।

### ଫୁଲଦାନି

ଫୁଲଦାନି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ବାସ୍ତୁ ଅନୁସାରେ, ଏହା ଘରେ ସୁସମ୍ପର୍କ ଆଣିଥାଏ । କିନ୍ତୁ ଯେତେବେଳେ ଫୁଲଦାନିକୁ ଖାଲି ରଖନ୍ତି, ଏହା ଘରେ ଖାଲିପଣର ସଙ୍କେତ ଦିଏ । ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଯାଏ ବୋଲି କୁହାଯାଏ । ସବୁବେଳେ ଫୁଲଦାନିରେ ଫୁଲ ଭର୍ତ୍ତି କରି ରଖିବା ଉଚିତ ।

### ପୂଜା କଳସ

ବାସ୍ତୁ ଶାସ୍ତ୍ର ଅନୁସାରେ, ପୂଜା ସ୍ଥାନରେ ରଖୁଥିବା କଳସ ଖାଲି ରଖିବା ଉଚିତ ନୁହେଁ । ଏଥିରେ ପାଣି ଭର୍ତ୍ତି କରି ରଖିବା ଉଚିତ ।

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ । ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ । ବ୍ୟବସାୟ ଆଗକୁ ବଢ଼ାଇବେ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଧନପ୍ରାପ୍ତି ଯୋଗ ଅଛି । ସମୟର ସଦୁପଯୋଗ କରିବେ ।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିପାରେ । ନିବେଶରୁ ଲାଭ ମିଳିବ । ଭାଇ, ଭଉଣୀ ଆର୍ଥିକ ସହଯୋଗ ଆଶା କରିବେ । ଆଶାରୁ ଅଧିକ ସଫଳତା ଲାଭ କରିବେ । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ଅତିବାହିତ କରିବେ ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ । ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ । ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଯାତ୍ରା ଯୋଗ ଅଛି । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ । ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ । ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

**ସିଂହ:** ଚିନ୍ତା ଦୂର ହେବ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ । ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ । ସମାଜସେବାରେ ସମୟ ଦେବେ । ଅଚାନକ ଖୁସି ଖବର ପାଇପାରନ୍ତି ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ । ନିଜ ପାଇଁ ସମୟ ବାହାର କରିବେ । ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ । ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**ତୁଳା:** ପଡ଼ୋଶୀଙ୍କ ବିବାଦରୁ ଦୂରେଇ ରୁହନ୍ତୁ । ଭାଇ, ଭଉଣୀଙ୍କ ସହଯୋଗ ମିଳିବ । ନିବେଶରୁ ଲାଭ ମିଳିବ । ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ବିବାହକୁ ନେଇ ଶୁଭ ଖବର ମିଳିବ । ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ । ଜୀବନସାଥୀଙ୍କ ମନଦୁଃଖ ହେବ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତା ବଢ଼ିବ ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । ଶାରୀରିକ ପୀଡ଼ା ଅନୁଭବ କରିବେ । ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ । ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜିବ ହେବ ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ସ୍ୱଭାବରେ ପରିବର୍ତ୍ତନ ଆସିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ । ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ । ଯାନବାହନ କିଣିବା ଯୋଗ ଅଛି । ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ । ଠକାମିର ଶିକାର ହେବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ମୀନ:** ରାଜନୀତିରେ ଯୋଗ ଦେବେ । ଜୀବନସାଥୀଙ୍କୁ ମନକଥା କହିବେ । ଇଚ୍ଛା ପୂରଣ ହେବ । ନୂଆ ଚାକିରି ମିଳିବ । ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ ।

# ନିଦରୁ ଉଠିଲେ ମହାପ୍ରଭୁ

**ପୁରୀ, ୧୨।୧୧(ସମିସ):** ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ଚାରି ମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ମଙ୍ଗଳବାର ହରି ଉତ୍ଥାପନ ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ଶୟନ

## ଆରମ୍ଭ ହେଲା ଶୁଭକାଳ

ଚାରିମାସକୁ ଚତୁର୍ମାସ୍ୟା ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏନାହିଁ। ମହାପ୍ରଭୁ ନିଦରୁ ଉଠିବା ପରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଶୁଭକାଳ ଓ ଶୁଭ କର୍ମ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ।

ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ହରି ଉତ୍ଥାପନ ଏକାଦଶୀ ଅନ୍ୟତମ। ଶ୍ରୀମନ୍ଦିରରେ ବଡ଼ସିଂହାର ଭୋଗ ସରିବା ହରି ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନ ସିଂହାସନ ତଳେ ମହାସ୍ନାନ ପୂଜା ପରେ ମୁଦିରସ୍ତ ଓ ପଣ୍ଡା ତିନିଜଣ ଖଟ ଶେଯ ଘର ଉପରକୁ ଯାଇ ତଡ଼ାଉ ଶୟନ ପେଡ଼ି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନ ପେଡ଼ି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୁପା ଥାଳିରେ ତିନିଦିଅଁଙ୍କୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡାମାନେ ତିନିଠାକୁରଙ୍କୁ ଖଟ୍ଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ଠାକୁରମାନେ ସିଂହାସନକୁ ବିଜେ କରିଥିଲେ। ପରେ ତିନିଠାକୁରଙ୍କ ସର୍ବାଙ୍ଗ ଲାଗି, ନୂଆ ଲୁଗା, ମାଳ ଫୁଲ ଲାଗି ହେବା ସହ ୬ ମୂର୍ତ୍ତି ଅଳଙ୍କାର ବେଶ ହୋଇଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପଟୁଆରରେ ଆସିଥିଲା। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ।

ବିଧିର ବିଚିତ୍ର ବିଧାନ

**୬ ମାସ ତଳେ ଶୁଦ୍ଧି ହୋଇଥିଲେ ପରିବାର**

# ୧୫ବର୍ଷ ପରେ ଗାଁକୁ ଫେରିଲେ ଯୁବକ

**ଡୁରୁମୁଙ୍ଗା,୧୨।୧୧(ସମିସ):** ୧୫ବର୍ଷ ଧରି ବାଟ ଚାହିଁ ବସିଲେ; ଆଉ ବା କେତେ ଅପେକ୍ଷା କରିଥା'ନ୍ତେ। ତେଣୁ ଏଇ ୬ ମାସ ତଳେ ସମସ୍ତେ ଶୁଦ୍ଧି ହୋଇଯାଇଥିଲେ। କିନ୍ତୁ ବିଧିର ବିଚିତ୍ର ବିଧାନ ସେମାନଙ୍କୁ ଏବେ ହତଚକିତ କରିଦେଇଛି। ସେଇ ହଜିଲା ପୁଅ ଏବେ ତାଙ୍କ ପାଖକୁ ଫେରି ଆସିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମରେ ଘଟିଥିବା ଏଭଳି ଏକ ଘଟଣା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି। ୧୫ ବର୍ଷ ତଳେ ହଜିଯାଇଥିବା ପୁଅକୁ ପାଖରେ ପାଇ ପରିବାରଲୋକ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି। କିନ୍ତୁ ପୁଅକୁ ଶୁଦ୍ଧି ହୋଇଯାଇଥିବାରୁ ଏବେ ତାଙ୍କୁ ପଡୋଶୀଙ୍କ




ଘରେ ରଖାଯାଇଛି। ପାରମ୍ପରିକ ପୂଜାର୍ଚ୍ଚନା କରି ହୋମଯଜ୍ଞ ପରେ ତାଙ୍କୁ ଘରକୁ ଅଣାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ପରିବାରଲୋକଙ୍କ ଆଖିରେ ନିଦ ନାହିଁ।

ସୂଚନାନୁଯାୟୀ, ତଣ୍ଡ ଗ୍ରାମର ଅଯୋଧ୍ୟା ଦେହୁରୀଙ୍କ ଦୁଇ ପୁଅ ଓ ଦୁଇ ଝିଅଙ୍କ ମଧ୍ୟରେ ଚିତ୍ରସେନ୍ ଥିଲେ ସାନ ପୁଅ। ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତ ଥିଲା। ୧୫ ବର୍ଷ ତଳେ ସେ ଘରୁ କୁଆଡ଼େ ଚାଲି ଯାଇଥିଲେ। ପରିବାରଲୋକେ ବନ୍ଧୁବାନ୍ଧବଙ୍କ ଘରଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ। ଫଳରେ ବିଧି ଅନୁସାରେ ଗତ ୬ ମାସ ତଳେ ପରିବାରଲୋକେ ଶୁଦ୍ଧି ହୋଇ ପାରମ୍ପରିକ ଶୁଦ୍ଧିକ୍ରିୟା କରିଥିଲେ। କିନ୍ତୁ ହଠାତ୍ ସୋମବାର ନେପାଳର ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦୁଇଜଣ ସଦସ୍ୟଙ୍କ ସହ ସେ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ଓ ପରିବାରଲୋକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ନିଖୋଜ ଚିତ୍ରସେନଙ୍କ କହିବା ଅନୁସାରେ, ସେ ଭଦ୍ରକ ଯାଇ ସେଠାରୁ ନେପାଳରେ ପହଞ୍ଚିଥିଲେ। ନେପାଳର ଏକ ସ୍ୱେଚ୍ଛାସେବୀ ସଂଗଠନ ତାଙ୍କର ଚିକିତ୍ସା କରାଇବା ସହ ଏକ ଆଶ୍ରମରେ ରଖିଥିଲେ। ସୁସ୍ଥ ହେବା ପରେ ସେ ଘର ଠିକଣା କହିଥିଲେ। ପରେ ସ୍ୱେଚ୍ଛାସେବୀ ସଙ୍ଗଠନର ଦୁଇଜଣ ସଦସ୍ୟ ତାଙ୍କୁ ଆଣି ଘରେ ଛାଡ଼ିଛନ୍ତି।

# ଶ୍ରୀମନ୍ଦିରରେ ଅଣହିନ୍ଦୁ ବିଦେଶିନୀ

**ପୁରୀ, ୧୨।୧୧(ସମିସ):** ଶ୍ରୀମନ୍ଦିର ପ୍ରବେଶ କରୁଥିବା ବେଳେ ଧରାପଡ଼ିଛନ୍ତି ଜଣେ ଅଣହିନ୍ଦୁ ବିଦେଶୀ ମହିଳା। ସିଂହଦ୍ୱାର ଗୁମୁଟରେ ତାଙ୍କୁ ଜେଟିପି ଚିହ୍ନିବା ପରେ ଅଟକାଇଥିଲେ। ପରେ ତାଙ୍କୁ ଅଣାଯାଇ ପଚରାଉଚରା ପରେ



ଛାଡ଼ି ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶ ନିଷିଦ୍ଧ ଥିବା ବେଳେ କିପରି ସମ୍ପୃକ୍ତା ବିଦେଶୀ ମହିଳା ପ୍ରବେଶ କଲେ, ସେନେଇ ବଡ଼ ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହି ଗହଳି ଭିତରେ ସମ୍ପୃକ୍ତ ଅଣହିନ୍ଦୁ ମହିଳା ମନ୍ଦିରକୁ ପ୍ରବେଶ କରୁଥିଲେ। ମାତ୍ର ସିଂହଦ୍ୱାର ଗୁମୁଟରେ ମୁତୟନ ଜେଟିପି ଏବଂ ପ୍ରତିହାରୀ ସେବକ ତାଙ୍କୁ ଚିହ୍ନି ଅଟକାଇଥିଲେ। ଏହାପରେ ଜଣେ ଜେଟିପି ତାଙ୍କୁ ବାହାରକୁ ଆଣିଥିଲେ। ତାଙ୍କୁ ଭିଡ଼ିଭିଡ଼ି ବାହାରକୁ ଅଣାଯାଉଥିବା ବେଳେ ମହିଳାଜଣଙ୍କ ପୁଲିସକୁ ବିରୋଧ କରିଥିଲେ। ତାଙ୍କୁ ପୁଲିସ ଅସ୍ଥାୟୀ କ୍ୟାମ୍ପ ମଧ୍ୟକୁ ନିଆଯାଇଥିଲା। ସେଠାରେ ଉପସ୍ଥିତ ପୁଲିସ୍ ତାଙ୍କ ପରିଚୟ

## ସିଂହଦ୍ୱାର ଗୁମୁଟରୁ ଚିହ୍ନଟ କରି ଅଟକାଇଲେ ଜେଟିପି

ପଚାରିଥିଲେ। କିନ୍ତୁ ତାଙ୍କ ଭାଷା ସ୍ପଷ୍ଟ ଭାବେ ବୁଝା ପଡ଼ି ନଥିଲା। ସେ ଚାଇନାର ନାଗରିକ ହୋଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଥିବା ବେଳେ ପରେ ମହିଳାଙ୍କୁ ବ୍ୟାରିକେଡ୍ ବାହାରେ ଛାଡ଼ି ଦିଆଯାଇଥିଲା। ସୂଚନାଥାଉ କି, ଶ୍ରୀମନ୍ଦିର ଭିତରକୁ କେବଳ ହିନ୍ଦୁ ହିଁ ପ୍ରବେଶ କରିପାରିବେ ବୋଲି ପରମ୍ପରା ରହିଛି। ହେଲେ ମନ୍ଦିରକୁ ବାରମ୍ବାର ଅଣହିନ୍ଦୁଙ୍କ ପ୍ରବେଶ ନିଶ୍ଚିତ ଭାବେ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଗତ ମାର୍ଚ୍ଚ ମାସରେ ଦୁଇଥର ମନ୍ଦିର ଭିତରକୁ ଅଣହିନ୍ଦୁ ପ୍ରବେଶ କରିଥିଲେ।

ମାଣ୍ଡିପଙ୍କାରେ ଆମ୍ବ ଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା


# ଆର୍‌ଡିସିଙ୍କ ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ

**ଫୁଲବାଣୀ, ୧୨।୧୧ (ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ଦୁଇ ଜଣଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ହେବା ଘଟଣାରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର ରୁପା ରୋଶନ ସାହୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ କରିଛନ୍ତି। ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧି ତଥା ମାଣ୍ଡିପଙ୍କା ଗ୍ରାମବାସୀଙ୍କ ସହ ଆଲୋଚନା କରି ଏହି ଅଘଟଣ ପଛରେ ରହିଥିବା କାରଣର ଅନୁଧ୍ୟାନ କରିଛନ୍ତି ଆରଡିସି ଶ୍ରୀମତୀ ସାହୁ। ଜିଲ୍ଲା ମଙ୍ଗଳ ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ ଓ ଯୋଗାଣ ଅଧିକାରୀଙ୍କୁ ଡକାଇ ବ୍ୟକ୍ତିଗତ ଭାବେ ଆଲୋଚନା କରିଥିଲେ ଆରଡିସି। ଏଥିସହ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କଠାରୁ ମଧ୍ୟ ତଥ୍ୟ ହାସଲ କରିଥିଲେ ରାଜସ୍ୱ କମିସନର। ମାଣ୍ଡିପଙ୍କାର କିଛି ଗ୍ରାମବାସୀ, ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ମେମ୍ବର ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ତଦନ୍ତ ପ୍ରକ୍ରିୟା ବେଳେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୩୧ ତାରିଖରେ ମାଣ୍ଡିପଙ୍କାଠାରେ ଆମ୍ବ ଟାକୁଆ ଜାଉ ଖାଇ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ହେବା ସହିତ ୬ ଜଣ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ ଘେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆରଡିସିସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଏଲ୍‌ଆର୍‌ଏଲ୍‌ଏସିଏମ୍‌ର ପ୍ରଥମ ପରୀକ୍ଷଣ ସଫଳ

**ବାଲେଶ୍ୱର, ୧୨।୧୧(ସମିସ):** ଡିଆରଡିଓ ପକ୍ଷରୁ ଲଙ୍ଗ୍ ରେଞ୍ଜ ଲ୍ୟାଣ୍ଡ ଆଟାକ୍ କ୍ରୁଜ୍ ମିସାଇଲ୍ (ଏଲଆରଏଲଏସିଏମ)ର ମଙ୍ଗଳବାର ସଫଳ ପରୀକ୍ଷଣ କରାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ଏକ ମୋବାଇଲ ଆର୍ଟିକୁଲେଟ ଲଞ୍ଚର୍ ମାଧ୍ୟମରେ ଲମ୍ବ ଦୂରଗାମୀ ଭୂପୃଷ୍ଠରୁ ଭୂପୃଷ୍ଠକୁ ଆକ୍ରମଣକାରୀ କ୍ଷେପଣାସ୍ତ୍ର (ଏଲଆରଏଲଏସିଏମ)ର ଏହି ପରୀକ୍ଷଣ ହୋଇଥିଲା। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସଫ୍ଟୱେର୍ ସହ ସଜ୍ଜିତ ଏହି କ୍ଷେପଣାସ୍ତ୍ରକୁ ଡିଆରଡିଓର



ଏକାଧିକ ଲାବୋରେଟୋରୀ ଏବଂ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତକାରୀ ଭାରତୀୟ ଶିଳ୍ପାନୁଷ୍ଠାନଗୁଡ଼ିକର ସହଯୋଗରେ ବେଙ୍ଗାଲୁରୁର ଏରୋନେଟିକାଲ୍ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ ଦ୍ୱାରା ବିକଶିତ କରାଯାଇଛି। ଡିଆରଡିଓର ବିଭିନ୍ନ ଲାବୋରେଟୋରୀର ବରିଷ୍ଠ ବୈଜ୍ଞାନିକଙ୍କ ସହ କ୍ଷେପଣାସ୍ତ୍ରର ବ୍ୟବହାରକାରୀ ଭାବେ ଦେଶର ତିନି ସେନାର ପ୍ରତିନିଧିମାନେ ଏହି ପରୀକ୍ଷଣକୁ ଅନୁଧ୍ୟାନ କରିଥିଲେ। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଭାରତୀୟ ସେନା ସମେତ ଏଥିରେ ଜଡ଼ିତ ଅନ୍ୟାନ୍ୟ ସଂସ୍ଥାଙ୍କ ଅବଦାନକୁ ପ୍ରଶଂସା କରିଛନ୍ତି। ସେନାବାହିନୀର ଦକ୍ଷତାକୁ ଆହୁରି ବୃଦ୍ଧି ସହ ସ୍ୱଦେଶୀ କ୍ରୁଜ୍ ମିସାଇଲ ବିକାଶ ପାଇଁ ଏହା ପଥପରିଷ୍କାର କରିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି। ପ୍ରତିରକ୍ଷା ବିଭାଗର ସଚିବ (ଅନୁସନ୍ଧାନ ଏବଂ ବିକାଶ) ତଥା ଅଧ୍ୟକ୍ଷ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମାତ 'ଏଲଆରଏଲଏସିଏମ'ର ସଫଳ ପରୀକ୍ଷଣ ପାଇଁ ବୈଜ୍ଞାନିକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

**ମହିଳା କର୍ମଚାରୀଙ୍କ ପାଇଁ ମାସିକ ଋତୁସ୍ରାବ ଛୁଟି ପ୍ରସଙ୍ଗ**

# 'କପି ପେଷ୍ଟ'ର ସରକାରଙ୍କୁ ବାହାବା ନେବାର କଳା ଭଲ ମାଲୁମ୍: ବିଜେଡି

**ଭୁବନେଶ୍ୱର,୧୨।୧୧(ସମିସ):** ଓଡିଶାରେ କପି ପେଷ୍ଟ ସରକାର ଚାଲିଛି। ପୂର୍ବ ସରକାର ଯାହା କରି ଯାଇଛନ୍ତି ସେଥିରେ ନିଜ ନାମ ଯୋଡ଼ି କିପରି ବାହାବାଃ ନିଆଯାଏ ତାହା ରାଜ୍ୟ ସରକାରଙ୍କୁ ବେଶ୍ ଭଲଭାବେ ଜଣା। ଗତକାଲି ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତିରେ ମହିଳା କର୍ମଚାରୀ ମାନଙ୍କ ମାସିକ ଋତୁସ୍ରାବ ଛୁଟି ନୂଆ ନୁହେଁ। ଗତ ମାର୍ଚ୍ଚ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଛୁଟି ଘୋଷଣା କରିଥିଲେ। କେବଳ ବାହାଦୁରୀ ନେବା ଉଦ୍ଦେଶ୍ୟରେ ପୂର୍ବ ସରକାରଙ୍କ ୧୦ ଦିନ ଛୁଟି ବିଜ୍ଞପ୍ତି ବାତିଲ କରି ୧୨ ଦିନ ନୂଆ ବିଜ୍ଞପ୍ତି କରାଯାଇଛି ବୋଲି ଦଳର ମୁଖପାତ୍ର ସୋଫିଆ ଆଲମ କହିଛନ୍ତି। ଏଥିସହ ମହିଳା କର୍ମଚାରୀ ବିରୋଧୀ ଓ ସେମାନଙ୍କ ବ୍ୟକ୍ତିଗତ ଗୋପନୀୟତାକୁ କ୍ଷୁର୍ଣ୍ଣ କରୁଥିବାରୁ ଏ ବିଜ୍ଞପ୍ତିକୁ ତୁରନ୍ତ ସଂଶୋଧନ କରିବା ପାଇଁ ବିଜେଡି ଦାବି କରିଛି।



ସୋଫିଆ କହିଛନ୍ତି ଯେ ଗତକାଲି ଜାରି ହୋଇଥିବା ଏହି ବିଜ୍ଞପ୍ତି ଅନୁସାରେ ମହିଳା କର୍ମଚାରୀ ମାନଙ୍କୁ ପ୍ରତି ମାସରେ ଏହି ଅତିରିକ୍ତ ଛୁଟିକୁ ସେହି ମାସରେ ନେବା ବାଧ୍ୟତାମୂଳକ କରାଯାଇଛି, ନ ନେଲେ ଏହା ବାତିଲ ହେବ। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଜଣେ ମହିଳା ଓ ସେ ଭଲ ଭାବରେ ଜାଣନ୍ତି ମାସିକ ଋତୁସ୍ରାବ ଇଂରାଜୀ ବା ଓଡ଼ିଆ ମାସ ଅନୁସାରେ ଆସେନାହିଁ। ଗୋଟିଏ ଇଂରାଜୀ ମାସରେ ଦୁଇ ଥର ଋତୁସ୍ରାବ ସମ୍ଭାବନାକୁ ଏଡାଇ ଦିଆଯାଇ ପାରିବ ନାହିଁ। ମାସର ପ୍ରଥମ ତାରିଖରେ ଋତୁସ୍ରାବ ହୋଇଥିଲେ ତାଙ୍କ ପରବର୍ତ୍ତୀ ଋତୁସ୍ରାବ ସେହି ମାସର ଶେଷ ସପ୍ତାହରେ ମଧ୍ୟ ହୋଇପାରେ। ଏହି କ୍ଷେତ୍ରରେ, ସେହି ମହିଳା ଦ୍ୱିତୀୟ ଛୁଟି ପାଇବାରୁ ବଞ୍ଚିତ ହେବେ ବୋଲି ମୁଖପାତ୍ର ଆଲମ କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ଅଧିକାର ଓ ସେମାନଙ୍କ ସୁରକ୍ଷାକୁ ସବୁବେଳେ ପ୍ରାଧାନ୍ୟ ଦେଉଥିଲେ। ଚଳିତ ବର୍ଷ ମାର୍ଚ୍ଚ ୧୨ରେ ପ୍ରକାଶିତ ବିଜ୍ଞପ୍ତିରେ ମହିଳା ମାନଙ୍କ ଋତୁଶ୍ରାବ ଜନିତ ସମସ୍ୟାକୁ ଆଖିରେ ରଖି ଅଧିକ ୧୦ ଦିନର ସ୍ୱତନ୍ତ୍ର


- ମହିଳା କର୍ମଚାରୀଙ୍କ ପାଇଁ ମାର୍ଚ୍ଚରେ ଛୁଟି ଘୋଷଣା କରିଥିଲେ ନବୀନ
- ମହିଳାଙ୍କ ଗୋପନୀୟତା ଉଲ୍ଲଂଘନ କରୁଥିବା ବିଜ୍ଞପ୍ତିର ସଂଶୋଧନ ଦାବି

ଛୁଟି ପ୍ରଦାନ କରାଯାଇଥିଲା। ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବାରୁ ଋତୁସ୍ରାବ ଜନିତ ଛୁଟି ବୋଲି ଉଲ୍ଲେଖ କରାଯାଇ ନ ଥିଲା। ତେଣୁ ଏ ବିଜ୍ଞପ୍ତି ତୁରନ୍ତ ସଂଶୋଧନ ହେବା ଉଚିତ ବୋଲି ଦଳ ପକ୍ଷରୁ କୁହାଯାଇଛି।

୧୧ ନଭେମ୍ବରରେ ପ୍ରକାଶିତ ହୋଇଥିବା ବିଜ୍ଞପ୍ତିରେ ୧୦ ଦିନର ଛୁଟିକୁ ୧୨ ଦିନ କରାଯାଇଛି। ଏହି ଛୁଟି ୫୫ ବର୍ଷରୁ ଉଦ୍ଧ୍ୱର୍ ମହିଳାଙ୍କୁ ମିଳିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଋତୁସ୍ରାବ ଏକ ବ୍ୟକ୍ତିଗତ ଓ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବାରୁ ମହିଳା କର୍ମଚାରୀମାନେ ଋତୁସ୍ରାବ ପାଇଁ ଛୁଟି ଦରଖାସ୍ତ କରିବା ପାଇଁ ଅସ୍ୱାଭାବିକତା ଅନୁଭବ କରିବେ ବୋଲି ମୁଖପାତ୍ର ଆଲମ କହିଥିଲେ।

# ଫାଟିଗଲା ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ମୁଖ୍ୟ ପାଇପ୍

**ମାଲକାନଗିରି, ୧୨।୧୧(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ରର ମୁଖ୍ୟ ପାଇପ୍ ଫାଟି ବାହାରକୁ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଆଜି ସକାଳୁ ଏହି ପାଇପ୍ ଫାଟି ପାଣି ବାହାରୁଥିବା



ଦେଖିବାକୁ ମିଳିଥିବା ବେଳେ କିପରି ଓ କେଉଁ କାରଣରୁ ଏହି ପାଇପ୍‌ଟି ଫାଟିଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ତେବେ ତୁରନ୍ତ ଏହି ପାଇପ୍‌କୁ ବନ୍ଦ ନକଲେ ଜଳ ବିଦ୍ୟୁତ୍ କେନ୍ଦ୍ର ମଧ୍ୟକୁ ଏହି ପାଣି ପଶି ମେସିନ୍‌ଗୁଡ଼ିକ ନଷ୍ଟ ହେବା ସହ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯିବା ଆଶଙ୍କା କରାଯାଉଛି। ଜଳ ବିଦ୍ୟୁତ୍ କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ କୌଣସି ତଥ୍ୟ ମିଳି ନଥିବା ବେଳେ ପାଇପ ଫାଟିଥିବା ସ୍ଥାନକୁ ତ୍ୱରିତ ମରାମତି କରିବାର ଆବଶ୍ୟକତା ରହିଥିବା ସ୍ଥାନୀୟ ଲୋକ କହିଛନ୍ତି।

ଶଳାଭାଉଜଙ୍କୁ ନିର୍ଯାତନା ଘଟଣା

# ନିଜ ମୁଣ୍ଡରୁ ଦୋଷ ଝାଡ଼ିବାକୁ ବିଧାୟକଙ୍କ ଉଦ୍ୟମ

**ବଲାଙ୍ଗିର,୧୨।୧୧(ସମିସ):** ନିଜ ଶଳାଙ୍କ ପତ୍ନୀ (ଶଳାଭାଉଜ)ଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଘଟଣାରେ ବିବାଦୀୟ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଶେଷରେ ମୁହଁ ଖୋଲିଛନ୍ତି। ଏହି ଘଟଣାରେ ମୁଣ୍ଡରୁ ଦୋଷ ଝାଡ଼ିବାକୁ ଉଦ୍ୟମ କରିବା ସହ ଏହାକୁ ବିରୋଧୀ ଦଳର ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି। ଉକ୍ତ ବିବାହ ଉତ୍ସବରେ ସେ କିମ୍ବା ତାଙ୍କ ପରିବାରର କେହି ସାମିଲ ହୋଇ ନ ଥିଲେ ବୋଲି ଉଲ୍ଲେଖ କରି ଘଟଣାକୁ ଏଡ଼ାଇ ଯିବାକୁ ଉଦ୍ୟମ କରିଛନ୍ତି। ମାତ୍ର ଖୋଦ୍ ତାଙ୍କ ଶଳାଙ୍କ ପତ୍ନୀ ବିଧାୟକ ଶ୍ରୀ ଜୈନଙ୍କ ବିରୋଧରେ କରିଥିବା ପାରିବାରିକ ନିର୍ଯାତନା ଅଭିଯୋଗ ରାଜନୈତିକ ଷଡ଼ଯନ୍ତ୍ର କିପରି ହେଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ରାଜ୍ୟରେ ବିଜେପି ନେତାମାନେ ମହିଳାଙ୍କୁ ସମ୍ମାନ ଦେଉଥିବା ଡ଼ିଣ୍ଡିମ ପିଟୁଥିବାବେଳେ ନିର୍ଦ୍ଦିଷ୍ଟ କିଛି ବିଜେପି ନେତା ମହିଳାମାନଙ୍କ ପ୍ରତି କେମିତି ସମ୍ମାନ ପ୍ରଦାନ କରୁଛନ୍ତି ତାହା ସ୍ପଷ୍ଟ ହୋଇଛି। ଏହାରି ଭିତରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଶଳାଭାଉଜ ଆଣିଥିବା ଅଭିଯୋଗପରେ ବିବାଦୀୟ ବିଧାୟକଙ୍କ ତାଲିକାରେ ନବୀନ ଜୈନଙ୍କ ନାମ ବି ଯୋଡ଼ି ହୋଇଛି। ୧୪ ବର୍ଷ ବୟସରେ ଜବରଦସ୍ତି ଟଙ୍କା ଦେଇ ତାଙ୍କ ଶଳା ସହ ବିବାହ କରାଯାଇଥିବାବେଳେ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ଥାନାରେ ଲିଖିତ ଅଭିଯୋଗ କରିବା ସହ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଥିଲେ। ପୀଡିତା ମହିଳା ମମତା ମଲ୍ଲିକ ଟାଉନ ଥାନାରେ ୨୦୨୩ ନଭେମ୍ବର ମାସରୁ ଲିଖିତ ଅଭିଯୋଗ କରିଥିବା ବେଳେ ତାଙ୍କ ସ୍ୱାମୀଙ୍କ ଭିଣୋଇ ତଥା ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ ମାମଲାକୁ ପ୍ରଭାବିତ କରିବା ସହ ବିଭିନ୍ନ ମାଧ୍ୟମରେ ଧମକାଉଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ଟିଟିଲାଗଡ଼ ବିଧାୟକଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଥିବା ବେଳେ ମଙ୍ଗଳବାର ସେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଶଳା ଅନୁପ ଅଗ୍ରୱାଲ କେମିତି ବିବାହ କରିଛନ୍ତି ସେ ଜାଣିନାହାନ୍ତି। ଏପରିକି ତାଙ୍କ ବିବାହରେ ସେ କିମ୍ବା ତାଙ୍କ ପରିବାରର କେହି ସାମିଲ ହୋଇ ନ ଥିଲେ। ଏହି ଘଟଣା ବିଷୟରେ ସେ କିଛି ଜାଣିନାହାନ୍ତି କି କୌଣସି ପ୍ରକାର ପ୍ରଭାବ ପକାଉନାହାନ୍ତି। କିଛି ବିରୋଧୀ ମୋତେ ଓ ମୋ ସରକାରକୁ ବଦନାମ କରିବା ପାଇଁ ଏହିଭଳି ଏକ ମିଥ୍ୟା ଅଭିଯୋଗ ଆଣିଥିବା ସେ କହିଛନ୍ତି।


**■ ରେଳଧାରଣାରେ ହାତୀମୃତ୍ୟୁ ଘଟଣା**

# ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜଙ୍ଗଲ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୧୧ (ସମିସ): ରେଳଧାରଣାରେ ହାତୀମୃତ୍ୟୁର ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲା ଓ ଢେଙ୍କାନାଳର ମୁଣ୍ଡଳିଠାରେ ଟ୍ରେନ୍ ଦୁର୍ଘଟଣାରେ ହାତୀଙ୍କ ମୃତ୍ୟୁ ସମ୍ପର୍କରେ ଗତ ଅକ୍ଟୋବର ମାସରେ ଦୈନିକ ଖବରକାଗଜ ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମଗୁଡ଼ିକରେ ଖବର ପ୍ରକାଶିତ ପାଇଥିଲା। ଘଞ୍ଚ ଜଙ୍ଗଲ ଓ ହାତୀ ଚଳପ୍ରଚଳ ପଥ ଦେଇ ଯାଉଥିବା ଟ୍ରେନ୍‌ଗୁଡ଼ିକର ବେଗ ସୀମା ନିୟନ୍ତ୍ରଣ ନେଇ ବିଭିନ୍ନ ପରାମର୍ଶ ଓ ଏସ୍‌ଓପି ଜାରି ହେବା ସତ୍ତ୍ୱେ ରେଳବାଇ ଓ ବନ ବିଭାଗ ମଧ୍ୟରେ ଭୁଲ ବୁଝାମଣା ଯୋଗୁଁ ଏହି ଦୁଇଟି ହାତୀ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିବା ସହ ରେଳ ଧାରଣାରେ ହାତୀ ମୃତ୍ୟୁ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଘଟଣା ଦୁଇଟିର ସମୁଚିତ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେ ବାବଦରେ ଜଙ୍ଗଲ ମନ୍ତ୍ରୀଙ୍କୁ ୧୫ ଦିନ ମଧ୍ୟରେ ଜଣାଇବା ପା ପାଇଁ ମନ୍ତ୍ରୀ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସରକାରଙ୍କ ଅପାରଗତା ପଦାରେ ପଡ଼ିଛି: ବିଜେଡି

**ଭୁବନେଶ୍ୱର,୧୨।୧୧(ସମିସ):** ବଦଳି ପାଇଁ ଚାପ ନ ପକାଇବା ପାଇଁ ସବୁ ବିଭାଗକୁ ମୁଖ୍ୟ ସଚିବ ଯେଉଁ ଚେତାବନୀ ଦେଇଛନ୍ତି ତାହା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ମୁଖ୍ୟ ସଚିବଙ୍କ ପତ୍ରରୁ ସରକାରୀ ବିଭାଗରେ ବଢ଼ି ଚାଲିଥିବା ଦୁର୍ନୀତିର ଗନ୍ଧ ବାରି ହେଉଛି ବୋଲି ବିଜୁ ଜନତା ଦଳ କହିଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦଳର ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଥିଲେ, ବହୁତ ବଡ଼ ବଡ଼ କଥା କହି କ୍ଷମତାକୁ ଆସିଲେ; କିନ୍ତୁ ଏବେ ମୁଣ୍ଡ କାମ କରୁନାହିଁ। ସରକାର କେମିତି ଚଳାଇବେ ବୁଝିପାରୁ ନାହାନ୍ତି।



ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଚିଠି ବୋଧହୁଏ ଇତିହାସରେ ପ୍ରଥମ। ସରକାରୀ କର୍ମଚାରୀମାନେ ନିଜ ପସନ୍ଦର ପୋଷ୍ଟିଙ୍ଗ ପାଇବା ପାଇଁ ବାହ୍ୟ ଚାପ ପ୍ରୟୋଗ ନକରିବା ଲାଗି ଚେଷ୍ଟା ନ କରିବା ପାଇଁ ଚେତାବନୀ ଦେଉଥିବା ଏହି ଚିଠି ସ୍ପଷ୍ଟ କରୁଛି ଯେ ସରକାରୀ କର୍ମଚାରୀ ମାନେ ପସନ୍ଦ ପୋଷ୍ଟିଙ୍ଗ ପାଇବା ପାଇଁ ବାହ୍ୟ ଚାପ ପ୍ରୟୋଗ କରୁଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଏହି ବାହ୍ୟ ଚାପଟା କ'ଣ ଓ କେଉଁଠୁ ଆସୁଛି, ତାହା ସ୍ପଷ୍ଟ ହେବା ଦରକାର। ଏ କିଭଳି ଏକ ଚାପ ଯାହା ସରକାରଙ୍କୁ ଅଡୁଆରେ ପକାଉଛି । ସରକାର ଏହାକୁ ପ୍ରତିହତ କରିପାରୁ ନାହାନ୍ତି। ରୁଲ ୨୩ ଅଫ ସର୍ଭିସ୍ କଣ୍ଡକ୍ଟ ରୁଲ୍‌ର ଏହା ବ୍ୟତିକ୍ରମ ବୋଲି ଦର୍ଶାଯିବା ସହ ଏହି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଯଦି ଏଭଳି ନିୟମ ଉଲ୍ଲଙ୍ଘନ ହେଉଛି, ତା ହେଲେ କେବଳ ଚେତାବନୀ କାହିଁକି, କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ, ସରକାରୀ ଦଳର ଜଣେ ବରିଷ୍ଠ ବିଧାୟକ ମଧ୍ୟ ସ୍ୱୀକାର କରିଛନ୍ତି ଯେ ରାଜନେତା ମାନେ ନିଜ ପସନ୍ଦର ଅଫିସରମାନଙ୍କ ପୋଷ୍ଟିଙ୍ଗ ଚାହିଁଥାନ୍ତି। ତେଣୁ ସରକାରୀ ଦଳର ଭୂମିକା ଏହି ଚିଠି ସହିତ ଜଡିତ ହୋଇଥିବା ବେଳେ, ସରକାରଙ୍କ ଅସହାୟତା ସ୍ପଷ୍ଟ ଦିଶୁଛି ବୋଲି ସେ ପ୍ରକାଶ କରିଥିଲେ।

# ଉତ୍କଳ, ଜି.ଏମ୍ ଓ ରମାଦେବୀ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୧୨।୧୧(ସମିସ):** ଖୁବ୍‌ଶୀଘ୍ର ନିଯୁକ୍ତି ହେବେ ରାଜ୍ୟର ତିନି ପ୍ରମୁଖ ବିଶ୍ୱବିଦ୍ୟାଳୟର କୁଳପତି। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟକାଳ ସରୁଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ଗଙ୍ଗାଧର ମେହେର (ଜିଏମ୍) ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଉଚ୍ଚଶିକ୍ଷା ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର କରିବା ସହ ଚୟନ କମିଟି ଗଠନ କରିବାକୁ ମଧ୍ୟ କୁହାଯାଇଛି। ସେହିପରି କାର୍ଯ୍ୟକାଳ ସରିବା ପରେ ନୂତନ ନିଯୁକ୍ତି ନହେବା ପର୍ଯ୍ୟନ୍ତ ସେମାନଙ୍କ ସ୍ଥାନରେ ଭରପ୍ରାପ୍ତ କୁଳପତି ନିଯୁକ୍ତି କରାଯିବ ବୋଲି ରାଜଭବନ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି। ଫଳରେ କୁଳପତିଙ୍କ କାର୍ଯ୍ୟକାଳ ଅବଧି ଆଉ ବଢ଼ିବ ନାହିଁ। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ ଅନୁସାରେ ନିଯୁକ୍ତି କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ ନୂତନ

- ନିଯୁକ୍ତି ସରିବା ପର୍ଯ୍ୟନ୍ତ ଭାରପ୍ରାପ୍ତ କୁଳପତି
- ବିଜ୍ଞପ୍ତିକୁ ନେଇ ଉଠିଲା ପ୍ରଶ୍ନ, କୋର୍ଟ ଅବମାନନା ଆଶଙ୍କା

କୁଳପତିମାନଙ୍କ କାର୍ଯ୍ୟକାଳ ୩ ବର୍ଷିଆ ହେବ।

ଅପରପକ୍ଷେ, ନୂତନ କୁଳପତି ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ-୨୦୨୦ କାର୍ଯ୍ୟକାରୀ ହେଉଛି। କାର୍ଯ୍ୟକାଳ ସରୁଥିବା କୁଳପତିମାନେ ମଧ୍ୟ ୪ବର୍ଷିଆ କାର୍ଯ୍ୟାକାଳ ପୂରା କରିଛନ୍ତି। ସମ୍ପ୍ରତି ଏହି ମାମଲା ସୁପ୍ରିମ୍‌କୋର୍ଟରେ ମଧ୍ୟ ବିଚାରାଧୀନ ରହିଛି। ଏପରି ସ୍ଥିତିରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ ଅନୁସାରେ ନିଯୁକ୍ତି କରିବାକୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ କିପରି ବିଜ୍ଞପ୍ତି ପ୍ରକାଶ କଲା ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି। ସମ୍ବିଧାନ ବିଶେଷଜ୍ଞଙ୍କ ମତରେ ସଂଶୋଧିତ ନିୟମ କାର୍ଯ୍ୟକାରୀ ହେଉଥିବା ବେଳେ ପୂର୍ବ ନିୟମ କାର୍ଯ୍ୟକାରୀ ହୋଇପାରିବ ନାହିଁ। ସେହିପରି ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏବଂ ଚୂଡ଼ାନ୍ତ ରାୟ ଆସି ନଥିବାରୁ ଅନ୍ୟ ନିୟମ ଲାଗୁ ହୋଇପାରିବ ନାହିଁ। ଏପରି ହେଲେ ଏହାକୁ କୋର୍ଟ ଅବମାନନା ବୋଲି ବିଚାର କରାଯିବ। ଫଳରେ ଆଗକୁ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତିରେ ଆଇନଗତ ସମସ୍ୟା ଉପୁଜିପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗରାଜୁ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେଉଛି।

# ଟ୍ରାକ୍ଟର ପଛରେ ପିଟିହୋଇ ୨ ବାଇକ୍ ଆରୋହୀ ମୃତ

**ବୁର୍ଲା, ୧୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅନ୍ତର୍ଗତ ବକ୍ଷବୁବନ୍ଧ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ବରଗଡ଼ ପଟୁ ଟ୍ରାକ୍ଟର ନଂ ଓଆର୧୫ କ୍ୟୁ-୫୨୩୬ ସିମେଣ୍ଟ ଓ ଲୁହା ଛଡ଼ ବୋଝେଇ କରି ସମ୍ବଲପୁର ପଟକୁ ଯାଉଥିବା ବେଳେ ବାବୁବନ୍ଧ ଡିଭାଇଡର ନିକଟରେ ହଠାତ ଟ୍ରାକ୍ଟରଟି ବରଗଡ଼ ପଟକୁ ବୁଲାଇବା ସମୟରେ ଟ୍ରାକ୍ଟରର ପଛପଟେ ବରଗଡ଼ରୁ ସମ୍ବଲପୁରକୁ ଯାଉଥିଲା। ଏହି ସମୟରେ ଓଡ଼ି ୧୫ ଜେଡ ୫୯୦୪ ବୁଲେଟ ବାଇକ୍ ଟ୍ରାକ୍ଟର ପଛପଟେ ପିଟି ହୋଇଥିଲେ। ଫଳରେ ଟ୍ରାକ୍ଟର ଡାଲାରୁ ପଦାକୁ ବାହାରିଥିବା ଲୁହା ଛଡ ଗୁଡ଼ିକ ଉଭୟ ଯୁବକଙ୍କ ଶରୀରରେ ପଶି ଯାଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ଗୋଶାଳା ପୁଲିସକୁ ଖବର ଦେବାରୁ ଗୋଶାଳା ଫାଣ୍ଡି ଅଧିକାରୀ ସୁକଦେବ କିଷାନ ଘଟଣାସ୍ଥଳରେ ପହଞ୍ଚି ଉଭୟ ଯୁବକଙ୍କ ମୃତଦେହ ଉଦ୍ଧାର କରି ବୁର୍ଲା ମେଡିକାଲକୁ ପଠେଇ ଥିଲା। ଗୋଶାଳା ପୁଲିସ ଟ୍ରାକ୍ଟର ଓ ବୁଲେଟ୍‌କୁ ଜବତ କରି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉଭୟ ଯୁବକ ବରଗଡ଼ ଜିଲ୍ଲା ଗୋଡଭଗା ସିଲେଟ ଗ୍ରାମର ମକରଧ୍ୱଜ ( ୨୩) ଏବଂ ଧିରଜ (୨୫) ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ପରିବାର ଲୋକେ ଏବଂ ଗ୍ରାମବାସୀ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ବରଗଡ଼ ସମ୍ବଲପୁର ଜାତୀୟ ରାଜପଥକୁ ଅବରୋଧ କରି କ୍ଷତିପୂରଣ ପାଇଁ ଦାବି କରିଥିଲେ। ଖବର ପାଇବା ପରେ ବୁର୍ଲା ଏସ୍‌ଡିପିଓ ଅମ୍ବିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରି ରେଡକ୍ରସ ଓ ପ୍ରଶାସନ ପକ୍ଷରୁ ଉଭୟ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା।

# ଦୁଇ ରେଞ୍ଜ ମଧ୍ୟରେ ଫସି ରହିଛନ୍ତି ୯ ଟିକିଆ ହାତୀପଲ



**ରେଢ଼ାଖୋଲ, ୧୨।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ରେଞ୍ଜ ଅଧୀନ ଗାଁ ଗୁଡିକରେ ଅମଳକ୍ଷମ ଧାନ ଫସଲ ବାସ୍ନାରେ ହାତୀମାନେ ଦୂର ଦୁରନ୍ତରୁ ଆସି ବାରମ୍ବାର ଉପଦ୍ରବ କରି ଅମଳକ୍ଷମ ଧାନ ଫସଲ ନଷ୍ଟ କରୁଛନ୍ତି।ଏଥିପାଇଁ ଛୋଟ ଛୋଟ ଗରିବ ଚାଷୀମାନଙ୍କ ପରିବାର ଲୋକଙ୍କ ଭରଣ ପୋଷଣ ପାଇଁ ଉପାର୍ଜିତ ଧାନ ଫସଲ ନଷ୍ଟ ହେବାରୁ ମୁଣ୍ଡରେ ଚଡ଼କ ପଡ଼ି ଯାଇଛି। ସେପଟେ ଚାଷୀମାନେ ରାତ୍ରିରେ ଚାଷ ଜମିରେ ମଞ୍ଚା କରି ଧାନ ଫସଲ ଜଗି ରହିଛନ୍ତି। କିନ୍ତୁ ହାତୀପଲ ଉପଦ୍ରବ ଦାଉରୁ ଚାଷ ଜମିକୁ ରକ୍ଷା କରିବାରେ ନାକେଦମ୍ ହେଉଛନ୍ତି।ବନ ବିଭାଗ ନିଷ୍କ୍ରିୟତା ଯୋଗୁଁ ଚାଷମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଦୁଇ ରେଞ୍ଜ ମଝିରେ ଫସି ରହିଛି ୯ ଟିକିଆ ହାତୀପଲ।ସୋମବାର ବିଳମ୍ବିତ ରାତିରୁ ହାତୀପଲ ବଡ଼ବହାଳ ରେଞ୍ଜ ଓ ରେଢ଼ାଖୋଲ ରେଞ୍ଜ ଅଧୀନ ଅଙ୍ଗାରପଡ଼ା ଗାଁ ମଝିରେ ଫସି ରହିଛନ୍ତି। ଉଭୟ ରେଞ୍ଜରେ ଥିବା ଗ୍ରାମବାସୀ ହାତୀପଲଙ୍କୁ ବାଟ ନ ଛାଡିବା ଯୋଗୁଁ ହାତୀପଲ ଅନ୍ୟତ୍ର ଯାଇ ପାରୁନାହାନ୍ତି।ଅମଳକ୍ଷମ ଧାନ ଫସଲ ସମୟରେ ହାତୀ ରହି ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ହାତୀ ଘୋଉଡାଇବାରେ ବନବିଭାଗ ବିଫଳ ହୋଇଥିବା ବେଳେ ବନବିଭାଗ ମାଇକ ଧରି ଲୋକଙ୍କୁ ସଚେତନ କରୁଥିବା ଜଣାପଡ଼ିଛି।

# ନବୀନଙ୍କ ଅମଳର କାମ, ଲାଗିଲା ମୋହନଙ୍କ ଫଟୋ






**ସମ୍ବଲପୁର, ୧୨।୧୧(ସମିସ):**

ବିଜେପି ସରକାର ଓଡ଼ିଶାର ବିକାଶ ପ୍ରତି ଧ୍ୟାନ ନଦେଇ ରଙ୍ଗ ବଦଳାଇବା ଓ ଫଳକ ହଟାଇବାରେ ଲାଗି ପଡ଼ିଛନ୍ତି। ସମଲେଇ ମନ୍ଦିର ପରେ ପୁଣି ମାନେଶ୍ୱର ମାନ୍ଧାତା ବାବାଙ୍କ ମନ୍ଦିରରେ ନବୀନଙ୍କ ଅମଳର କାମରୁ ଫଳକ ହଟାଇ ମୋହନ ସରକାରଙ୍କ ଫଳକ ଲଗାଇ ବିଜେପି ପୁଣି ହୀନ ରାଜନୀତି ଆରମ୍ଭ କରିଛି। ଯାହାକୁ ନେଇ ସମ୍ବଲପୁର ମାନେଶ୍ୱର ଅଞ୍ଚଳରେ ବିଜେପିକୁ ସମାଲୋଚନା କରାଯାଉଛି। ପଞ୍ଚୁକ ବୁଡ଼ ପକାଉଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ନଜରକୁ ଆଣିବା ପାଇଁ ସ୍ଥାନୀୟ ବିଜେପି ନେତାମାନେ ଏପରି କରିଥିବା ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ସରକାରଙ୍କ ସମୟରେ ମାନେଶ୍ୱର ମାନ୍ଧାତା ବାବା ମନ୍ଦିରରେ ଭୋଗ ମଣ୍ଡପ ସହ ଆନୁସଙ୍ଗିକ କାର୍ଯ୍ୟ ପାଇଁ ୩୨.୫୦ଲକ୍ଷ ଟଙ୍କା ୩ଟି ପର୍ଯ୍ୟାୟରେ ମିଳିବା ସହ କାମ ସରିଛି। ଏହି କାମଟି ସିଏମ୍‌ଏସଏ ପାଣ୍ଠିରୁ ହୋଇଥିବା ବେଳେ ୫-ଟି ଜରିଆରେ ହୋଇଥିଲା। ଏନେଇ କାମ ହୋଇଥିବା ନେଇ ନବୀନ ପଟ୍ଟନାୟକଙ୍କ ଫଳକ ଓ ଅନ୍ୟ ସୂଚନା ଲାଗିଥିଲା। କିନ୍ତୁ ମଙ୍ଗଳବାର ହଠାତ୍ ସକାଳେ ବୁଡ ପକାଇବାକୁ ଯାଇଥିବା ଲୋକେ ଫଳକ ବଦଳି ଯାଇଥିବା ଦେଖିବାକୁ ପାଇଛନ୍ତି। ବିଜେପି ନେତା ଓ କର୍ମକର୍ତ୍ତାମାନେ ରାଜନୀତି କରିବାକୁ ସୂଚନା ଫଳକରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ହଟାଇ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଫଟୋ ଲାଗି ସୂଚନା ଫଳକ ଲଗାଇ ଦିଆଯାଇଛି।

# ଜାନୁଆରୀ ୧୫ରୁ ସମ୍ବଲପୁରୀ ଧନୁଯାତ୍ରା



ସମ୍ବଲପୁର, ୧୨।୧୧(ସମିସ): ଚଳିତ ବର୍ଷ ସମ୍ବଲପୁରୀ ଧନୁଯାତ୍ରା ଜାନୁଆରୀ ୧୫ରୁ ୧୯ ପର୍ଯ୍ୟନ୍ତ ୫ ଦିନ ଧରି ଅନୁଷ୍ଠିତ ହେବ। ଏନେଇ ସୋମବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ସମ୍ବିଳନୀରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସଭାପତି ସଞ୍ଜୟ ବାବୁ ସୂଚନା ଦେଇଛନ୍ତି। ସମ୍ପାଦକ ଗୁଣରଞ୍ଜନ ସାଲିମା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, କଂସ ଭୂମିକାରେ ଥିବା ଅଭିନେତା ଫଣିନ୍ଦ୍ର ପଣ୍ଡା, ଲେଖକ ନିର୍ଦ୍ଦେଶକ ବବୁଲୁ ବାଗ ଓ ସାଂସ୍କୃତିକ ସମ୍ପାଦକ କୃଷ୍ଣ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଥୁରା ନଗରୀ ସମ୍ବଲପୁର ସହର ହେବା ସହ ଚାଁଉରପୁର ଗୋପପୁର କରାଯିବ। ଏହି ସମ୍ବଲପୁରୀ ଧନୁଯାତ୍ରା ଆୟୋଜନ କରିବାର ନିଷ୍ପତ୍ତି ସମ୍ବଲପୁରୀ ଭାଷା ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରିବା ସହ ସମ୍ବଲପୁରୀ ଭାଷାକୁ ପ୍ରଚାର ପ୍ରସାର କରାଯିବା। ସମ୍ପାଦକ ଗୁଣରଞ୍ଜନ ସାଲିମା ଗତବର୍ଷର ତ୍ରୁଟିକୁ ସୁଧାରିବା ସହ ଆହୁରି ଆକର୍ଷଣୀୟ କରିବାର ପ୍ରୟାସ କରାଯିବ କହିଥିଲେ। ଆଗାମୀ ସମ୍ବଲପୁରୀ ଧନୁଯାତ୍ରାରେ କଳାକାର, ପ୍ରଶାସନ, ସହରବାସୀଙ୍କୁ ଅକୁଣ୍ଠ ସହଯୋଗ କରିବା ପାଇଁ ଅନ୍ୟମାନେ ପ୍ରକାଶ କରିଥିଲେ। ଯୋଗେଶ ନନ୍ଦ, ଶଙ୍କର ବେହେରା, ସୁରେଖା ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଅରୁଣ ସାହୁ, କିଶୋର ଧରେଇ, ରାହୁଲ ଗୁପ୍ତା, ପୂର୍ଣ୍ଣ ଚନ୍ଦ୍ର ଗର୍ଡ଼ିଆ, ଲିଲିମା ବାଗ, ଲଳିତ ବେବର୍ତ୍ତା, ସୌରୀନାରାୟଣ ପାଣିଗ୍ରାହୀ ଓ ଅନ୍ୟାନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ

**ସମ୍ବଲପୁର, ୧୨।୧୧(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳନ ହୋଇଛି। ଭିମସାର୍ ନିର୍ଦ୍ଦେଶକ ପ୍ରଫେସର ଭାବଗ୍ରାହୀ ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଦେଶ ସେବା ପାଇଁ ନିଜକୁ ଯୋଗ୍ୟ କରିବାକୁ ଆହ୍ୱାନ ଦେବା ସହ ଛାତ୍ରୀମାନେ ପରିବର୍ତ୍ତନର କାରଣ ହୁଅନ୍ତୁ ବୋଲି କହିଥିଲେ। ଜଣେ ଭଲ ମଣିଷ ହେବା ଆମର ଧ୍ୟେୟ ହେବା ଉଚିତ। ଶିକ୍ଷା ମାଧ୍ୟମରେ ନିଜର ଅଭିବୃଦ୍ଧି ସହ ବିଶ୍ୱଉନ୍ନତିର କାରଣ ହେବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱ କରି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସହକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ଭୋଜରାଜ ରୋହିଦାସ ଧନ୍ୟବାଦ ଅର୍ପଣ କରିଥିଲେ।




● ଚୋରି ଘଟଣାରେ ୪ ବଞ୍ଜାରା ଗିରଫ

# ୨ ନାବାଳିକା ଗଲେ ସୁଧାରଗୃହ



ସମ୍ବଲପୁର, ୧୨।୧୧(ସମିସ):ଆଇଁଠାପାଲି ଥାନା ଦେହେରୀପାଲିର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିବା ଘଟଣାରେ ପୁଲିସ ୪ ବଞ୍ଜାରାଙ୍କୁ ଗିରଫ କରିବା ସହ ୨ ଜଣ ନାବାଳିକାଙ୍କୁ ସ୍ୱାଧରଗୃହକୁ ପଠାଇ ଦିଆଯାଇଛି। ଚୋରି ହୋଇଥିବା ସୁନା ଓ ରୂପା ଅଳଙ୍କାର ଜବତ କରିଛି। ସୂଚନା ଅନୁସାରେ, ଗତ କିଛି ଦିନ ତଳେ ସେଠାରେ ରହୁଥିବା ଜ୍ୟୋତି ପ୍ରକାଶ ମହାନ୍ତି କାମରେ ଘରୁ ବାହାରିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଛାତ ଉପରକୁ କପଡ଼ା ଶୁଖାଇବା ପାଇଁ ଯାଇଥିଲେ। ସେଠାରୁ ତଳକୁ ଆସି ଦେଖିବା ବେଳକୁ ଆଲମାରି ଲକରର ସୁନା ଓ ରୁପା ଗହଣା, ଟଙ୍କା ଓ ମୂଲ୍ୟବାନ କପଡ଼ା ନଥିଲା। ତେବେ କିଛି ବଞ୍ଜାରା ମହିଳା ସେଠାକର ଅନ୍ୟ କିଛି ବ୍ୟକ୍ତିଙ୍କ ଘରୁ ପାଣି ମାଗିବା ଆଳରେ ଘରକୁ ପ୍ରବେଶ କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ପୁଲିସ ଜିମା ଦେଇଥିଲେ। ହେଲେ ପୂର୍ବରୁ ଚୋରି କରିଥିବା ସାମଗ୍ରୀକୁ ସେମାନେ ବାହାର ଜିଲ୍ଲାକୁ ପଠାଇ ଦେଇଥିଲେ।ଏନେଇ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ କରିଥିଲା।ଏହି ମାମଲାରେ ରାଉରକେଲାରୁ ୪ ବଞ୍ଜାରାଙ୍କୁ ଗିରଫ କରି ସେମାନଙ୍କ ଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରିଛି।ଏହା ସହ ବିହାରକୁ ମଧ୍ୟ ଯାଇ ସେଠାକୁ ଚୋରୀ ହୋଇଥିବା ବିଭିନ୍ନ ଅଳଙ୍କାରକୁ ଉଦ୍ଧାର କରିଥିଲା। ଏହାସହ ଭିକମାଗି ଆସି ଚୋରି କରୁଥିବା ରାକେଟ୍‌ର ପର୍ଦ୍ଦାଫାସ କରିଛି।

# ଗୋବିନ୍ଦତୋଳା ଦୁର୍ଗାପୂଜା କମିଟିର ଭଜନ ସନ୍ଧ୍ୟା

ସମ୍ବଲପୁର, ୧୨।୧୧(ସମିସ): ଗୋବିନ୍ଦତୋଳା ଦୁର୍ଗାପୂଜା କମିଟି ପକ୍ଷରୁ ଅଁଳାନବମୀ ଅବସରରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଛି।ପଣ୍ଡିତ ବିଚିତ୍ରା ନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ମାନସୀ ପାତ୍ର, ତୃପ୍ତିମୟୀ ଓ ଅଭିନ୍ନ ସୁନ୍ଦର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବାଦ୍ୟ ଯନ୍ତ୍ରରେ ବିଭୂପ୍ରସାଦ ନନ୍ଦ, ଅମୃତ ରଞ୍ଜନ ଦାସ, ଶ୍ୟାମା ରାଓ ଓ ଦେବକାନ୍ତ ନନ୍ଦ ସହଯୋଗ କରିଥିଲେ। ପ୍ରଦୀପ ପାଢ଼ୀ, କାର୍ଯ୍ୟକାରୀ ସଭାପତି ବାଙ୍କବିହାରୀ ପଣ୍ଡା, ସମ୍ପାଦକ ଡମ୍ବରୁଧର ରଣା, ଦୀପକ ପଣ୍ଡା, ରମାକାନ୍ତ ବେରିହା, ଅଜୟ ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ରାଜକିଶୋର ପୁରୋହିତ, ସୁପ୍ରିୟ ପାଣିଗ୍ରାହୀ, ଶୁଭମ ମହାପାତ୍ର, ଶ୍ରୀକାନ୍ତ ପଣ୍ଡା, ମନୋଜ ନାୟକ, ଅତିଶ ପାଣିଗ୍ରାହୀ, ଦିଲୀପ ଠାକୁର, ସଞ୍ଜୟ ସାହୁ, ରଞ୍ଜିତ ରଥ, ନରେଶ ସୁନାର, ତର୍ପଣ ପ୍ରଧାନ ସହଯୋଗ କରିଥିଲେ।

# ଲଣ୍ଡନରେ ଜୁହାର ପରିବାରର ନୂଆଁଖାଇ ଭେଟ୍‌ଘାଟ୍

● ମନମୋହିଲା ପାରମ୍ପରିକ ଖାଦ୍ୟ ସହ ନାଚଗୀତ



**ସମ୍ବଲପୁର, ୧୨।୧୧(ସମିସ):**ଜୁହାର ପରିବାର ୟୁକେ ପକ୍ଷରୁ ଲଣ୍ଡନରେ ସପ୍ତମ ବାର୍ଷିକ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ୯ ନଭେମ୍ବରରେ ପାଳିତ ହୋଇଯାଇଛି। ଲଣ୍ଡନର ପିନର୍, ହ୍ୟାଚ୍ ଏଣ୍ଡ ହାଇସ୍କୁଲରେ ବ୍ରିଟେନର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦୦ ଲୋକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉତ୍ସବରେ ପାରମ୍ପାରିକ ଢଙ୍ଗରେ ମା'ସମଲେଇଙ୍କୁ ପୂଜା କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମା' ସମଲେଇଙ୍କ ଭଜନ ଠାରୁ ସମ୍ବଲପୁରୀ ବିଭିନ୍ନ ଲୋକପ୍ରିୟ ଗୀତ ତଥା ଆଧୁନିକ ଗୀତ ନାଚରେ ମଞ୍ଚ କମ୍ପିଥିଲା। ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଯୋଗ ଦେଇଥିଲେ। ନୂଆଁଖାଇ କୃଷି ଭିତ୍ତକ ଗଣପର୍ବ ହେତୁ ଜୁହାର ପରିବାର ଚଳିତ ଥର ଶ୍ରେଷ୍ଠ ଉଦ୍ୟାନ ଏବଂ ଅମଳ ପ୍ରତିଯୋଗିତାରେ ସ୍ନିଗ୍ଧା ମିଶ୍ରଙ୍କୁ ଚାମ୍ପିଅନ ଘୋଷଣା କରିଥିଲେ। ଏହ ସହ ଚାନ୍ଦନୀ ପୃଷ୍ଟି ରନର୍ ଅପ୍ ସ୍ଥାନ ହାସଲ କରିଥିଲେ। ନୂଆଁଖାଇ ଅବସରରେ ପ୍ରସ୍ତୁତ ପାରମ୍ପରିକ ଓଡିଆ ଖାଦ୍ୟ ବର୍ଗରେ ଶ୍ରେଷ୍ଠ ମଣ୍ଡା ପିଠା ପ୍ରତିଯୋଗିତାରେ ନିକିତା ସାହାଙ୍କୁ ବିଜେତା ଓ ସ୍ନିଗ୍ଧା ମିଶ୍ର ରନର୍ ଅପ୍ ଭାବରେ ପୁରସ୍କୃତ କରିଥିଲେ। ସମ୍ବଲପୁରୀ ଲୋକ ସଙ୍ଗୀତ ଏବଂ ନୃତ୍ୟରେ ପରିବେଶ ଓଡ଼ିଶାର ସଂସ୍କୃତିକୁ ଜୀବନ୍ତ କରିଥିଲା। ସିମନ୍ତୀନି ମିତ୍ର ବେହୁରାଙ୍କ ଦ୍ୱାର ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ ଦାୟିତ୍ୱବୋଧ ପାଇଁ ୫ ଶହ ପାଉଣ୍ଡ ସଂଗ୍ରହ କରାଯାଇଥିଲା ଏହି ଟଙ୍କା ଓଡ଼ିଶାରେ ସମାଜ ସେବାରେ ଲାଗିବା ନେଇ ସଂଗ୍ରହ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଯୁବ ପିଢି ମଞ୍ଚ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ଆୟୋଜିତ ଭୋଜନରେ ସ୍ଥାନ ଦିଆଯାଇଥିଲା। ଜୁହାର ପରିବାରର ଶୁଶ୍ରୀ ୱେଲ୍‌ସ, ଏନା ପଟ୍ଟନାୟକ ଓ ମାନସୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ପଶ୍ଚିମ ଓଡ଼ିଶାର ଆମ୍ବିଳ ଓ ଘାଣ୍ଟ ତରକାରୀ ତିଆରି କରାଯାଇଥିଲେ। ସମସ୍ତ ପ୍ରବାସୀ ଓଡ଼ିଆ ଏହି ଖାଦ୍ୟକୁ ପ୍ରଶଂସା କରିଥିଲେ। ଉତ୍କଳ ତ୍ରିପାଠୀ, ଦେବାଶିଷ ମିଶ୍ର, ସତ୍ୟେନ୍ଦୁ ପଟ୍ଟନାୟକ, ସୁଶ୍ରୀ ୱେଲ୍ସ, ବିଜୟ ମେହେର, ବିବେକ ବାବୁ, ରିନା ମେହେର, ପ୍ରିୟଙ୍କା ସାହୁ, ଶ୍ରୀରାମ ପଣ୍ଡା, ଆଲୋକ ନାୟକ ଏବଂ ଅଙ୍କନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଫଳ ହେବା ପାଇଁ ସହଯୋଗ କରିଥିଲେ। ଆଗକୁ ମଧ୍ୟ ଏହି ଭଳି ପ୍ରୟାସ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ୧୪ ଲକ୍ଷର ବ୍ରାଉନ୍‌ସୁଗର ଜବତ



● କଲିକତାରୁ ସମ୍ବଲପୁରକୁ ଆସୁଛି

● ରେଳପଥରେ ହେଉଛି ଚୋରା ଚାଲାଣ

**ସମ୍ବଲପୁର, ୧୨।୧୧(ସମିସ):**


କଲିକତାରୁ ସମ୍ବଲପୁରକୁ ଆସୁଥିଲା ବ୍ରାଉନସୁଗର।ଶସ୍ତାରେ କିଣି ସହରରେ ଚଢା ଧରରେ ବିକ୍ରି ପାଇଁ ଚାଲିଥିଲା ଯୋଜନା।ଟ୍ରେନ ଯୋଗେ ବ୍ରାଉନସୁଗର ଚୋରା ଚାଲାଣ ହେଉଥିଲା। ଟ୍ରେନରେ ଅବକାରୀ ବିଭାଗର କିଛି କର୍ମଚାରୀ ମଧ୍ୟ ସେମାନଙ୍କୁ ନଜରରେ ରଖିଥିଲେ କିନ୍ତୁ ଚଖାମା ଦେଇ ଫାଟକ ଷ୍ଟେସନରୁ ଉଭୟ ଅଭିଯୁକ୍ତ ଫେରାର ହୋଇଗଲେ। ପରେ ସୁନାପାଲି ଅଞ୍ଚଳରେ ଛାନଭିନ୍ନ କରି ଜଣଙ୍କୁ ଗିରଫ କରିବାରେ ଅବକାରୀ ବିଭାଗ ସଫଳ ହୋଇଛି। ସମ୍ବଲପୁର ଅବକାରୀ ପକ୍ଷରୁ ସୁନାପାଲି ଠାରେ ଚଢ଼ଉ କରି ୧୪୦ ଗ୍ରାମ ବେଆଇନ ବ୍ରାଉନସୁଗର ଜବତ କରାଯାଇଛି। ଏହି ଘଟଣାରେ ଉକ୍ତ ଅଞ୍ଚଳର ଅଭିଯୁକ୍ତ ଏସକେ ସବିର(କିଟାଣୁ) କୁ ଗିରଫ କରିଛି। ତେବେ ଜବତ ବେଆଇନ ବ୍ରାଉନସୁଗରର ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ଜିଲ୍ଲା ଅବକାରୀ ଉପଅଧିକ୍ଷକ ଅସିତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।ସୂଚନା ଅନୁସାରେ, ସୁନାପାଲିର କିଟାଣୁ ଓ ଭୁଜାଲି କଲିକତାରୁ ବ୍ରାଉନସୁଗର ଚାଲଣ କରି ଟ୍ରେନ ଯୋଗେ ସମ୍ବଲପୁରକୁ ଆଣୁଥିଲେ। ଖବର ପାଇ ଅବକାରୀ ଟିମ୍ ଟ୍ରେନରେ ଅଭିଯୁକ୍ତ ଉପରେ ନଜର ରଖିଥିଲା।ସମ୍ବଲପୁର ଫାଟକ ଷ୍ଟେସନରେ ପହଞ୍ଚିବା ପରେ ଟ୍ରେନର ଗତି କମିଯାଇଥିଲା। ଏହାର ସୁଯୋଗ ନେଇ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଅବକାରୀ ସେମାନଙ୍କୁ ପୂର୍ବରୁ ଟାର୍ଗେଟ କରିଥିବାରୁ ସୁନାପାଲି ଅଞ୍ଚଳ ଯାଇ ତଦନ୍ତ କରିଥିଲେ।ଏହି ସମୟରେ କିଟାଣୁକୁ ଗିରଫ କରିଛି। ପ୍ରତିଦିନ କଲିକତାରୁ ଟ୍ରେନ ଯୋଗେ ସମ୍ବଲପୁର ସହରକୁ ବ୍ରାଉନସୁଗର ଚୋରା ଚାଲାଣ ହେଉଛି। ସେମାନଙ୍କ ଟାର୍ଗେଟରେ ମୁଖ୍ୟତଃ କଲେଜ ପଢୁଆ ଛାତ୍ରଛାତ୍ରୀ ରହିଥିବା ବିଭାଗ କହିଛି। କଲିକତାରୁ ଅଭିଯୁକ୍ତ ୫ ଗ୍ରାମକୁ ୫ ହଜାର ଦେଇ କିଣିଥାଏ। ପରେ ସେହି ୫ ଗ୍ରାମକୁ ଅଧିକ ମାତ୍ରାରେ ଛୋଟ ପୁଡିଆ କରି ୩୦ରୁ ୪୦ ହଜାର ଟଙ୍କାରେ ବିକ୍ରି କରିଥାଏ। ସୁନାପାଲି, ସମ୍ବଲପୁର ଓ ବୁର୍ଲା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରୁଥିବା ସୂଚନା ରହିଛି।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପୁତୁରାଙ୍କ ଦେହାନ୍ତ

ସମ୍ବଲପୁର, ୧୨।୧୧(ସମିସ):ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦିଗାମ୍ବର ସିଂହଙ୍କ ପୁତୁରା ତଥା ବରିଷ୍ଠ ବିଜେଡି ନେତା ସୂର୍ଯ୍ୟ କୁମାର ସିଂହଙ୍କ ପୁଅ ଓମ ପ୍ରକାଶ ସିଂହଙ୍କ ଭୁବନେଶ୍ୱର ଏକ ଘରୋଇ ନର୍ସିହୋମରେ ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ଦେହାନ୍ତ ହୋଇଯାଇଛି। ବୁଧବାର ଶବ ବ୍ୟବଚ୍ଛେଦ କରାଯିବା ପରେ ଗୋଶାଳା ନିକଟ ବୌଉଦିଆ ପଡ଼ା କୁ ଅଣାଯାଇଥିଲା ଶବ ସତ୍କାର କରାଯିବ ବୋଲି ଜଣାପଡ଼ିଛି।

# କୁଦ ଗୁଣ୍ଡେରପୁର ସ୍କୁଲରେ ବିଜ୍ଞାନମେଳା

ସମ୍ବଲପୁର, ୧୨।୧୧(ସମିସ):ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କୁଦ ଗୁଣ୍ଡେରପୁରରେ ପ୍ରଧାନ ଶିକ୍ଷକ ଦୟାନିଧି ପୁରୋହିତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। କନିଷ୍ଠ ଓ ବରିଷ୍ଠ ବର୍ଗରେ ମୋଟ୍ ୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଜି ଅଙ୍କଟ ରମଣ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଗରମୁଣ୍ଡାର ବିଜ୍ଞାନ ଶିକ୍ଷକ ନରେଶ ସ୍ୱାଇଁ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ସମାରୋହରେ 'ମୋ ସ୍କୁଲ' ଅଭିଯାନର ସଭାପତି ରାଜିକ ରୋହିଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କନିଷ୍ଠ ବର୍ଗରେ ସୁନମ ଭୁସାଗର ଏବଂ ବରିଷ୍ଠ ବର୍ଗରେ ଗାୟତ୍ରୀ ବେହେରା ପ୍ରଥମସ୍ଥାନ ଅଧିକାରୀ କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଶିକ୍ଷକଶିକ୍ଷୟିତ୍ରୀ ଦେବଶ୍ରୀ ପ୍ରଧାନ, ଦମୟନ୍ତୀ ସାହୁ, ଲିପ୍‌ସା ନାୟକ, ଗୟାଧର ସାହୁ ଓ ଅଭିଭାବକ ପଙ୍କଜ ଭୁସାଗର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପୂଜାରାଣୀ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଶିକ୍ଷୟିତ୍ରୀ ଦେବଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଚକ୍ଷୁ ପରୀକ୍ଷା ଶିବିର

**ବରଗଡ଼, ୧୨।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ନିର୍ବାଚନ ଅନ୍ତର୍ଗତ ଲାଉମୁଣ୍ଡା ରିଦ୍ଧି ଟ୍ରଷ୍ଟ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରିଦ୍ଧି ଟ୍ରଷ୍ଟର ସଭାପତି ସବିତା ଥପା, ସମ୍ପାଦକ ସୀତାରାମ ଭୋଇ, କୋଷାଧ୍ୟକ୍ଷ ସୁରେନ୍ଦ୍ର ପୁଟେଲ, ଦୀପକ ମହାପାତ୍ର, ପ୍ରଫୁଲ୍ଲ ସାହୁ, ଅଶ୍ୱିନୀ ମେହେର, ସନ୍ତୋଷ ପୋଡ଼, ନରେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତରେ ଚକ୍ଷୁପରୀକ୍ଷା ଶିବିରରେ ୧୫୭ ଜଣ ରୋଗୀକୁ ପରୀକ୍ଷା କରି ମୋତିଆବିନ୍ଦୁ ଅସ୍ତ୍ରୋପ୍ରଚାର ପାଇ ୭୩ ଜଣଙ୍କୁ ସମ୍ବଲପୁର ପଠାଗଲା । ତ୍ରିଲୋଚନ ନେତ୍ରାଳୟର ମାନସ ବେହେରା, ସୁମନ୍ତ ଭୋଇ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା ।

# ପଲ୍ଲିଶ୍ରୀ ମହାବିଦ୍ୟାଳୟରେ ସେମିନାର




**ଭେଡେନ,୧୨।୧୧/(ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମପଞ୍ଚାୟତ ସ୍ଥିତ ପଲ୍ଲିଶ୍ରୀ ମହାବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ତରଫରୁ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଭାରତୀୟ ଦର୍ଶନର ପ୍ରାସଙ୍ଗିକତାର ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ବୃନ୍ଦାବନ ବିହାରୀ ମିଶ୍ର ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ଶିକ୍ଷା ବିଭାଗୀୟ ମୁଖ୍ୟ ଡ଼. ତୁଷାରକାନ୍ତ ସାହୁ ଯୋଗଦାନ କରି ଶୀର୍ଷକ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ବିଭାଗୀୟ ମୁଖ୍ୟ ଜୟନ୍ତୀ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସିଲବେଷ୍ଟର ଟେଟେ ସଭା ପରିଚାଳନା କରିଥିଲେ ।

# କୁତପାଲି ପ୍ରସିଦ୍ଧ ମା’ କଳାସୀ ଯାତ୍ରା

**ଭେଡେନ, ୧୨।୧୧(ସମିସ):** ଭେଡେନ ବ୍ଲକ ଭେଡେନ ଗ୍ରାମ ପଞ୍ଚାୟତ ସ୍ଥିତ କୁତପାଲି ଗ୍ରାମରେ ଅନୁଷ୍ଠିତ ମା’ କଳାସୀ ଯାତ୍ରା ପାଳିତ ହୋଇଯାଇଛି । ଅପରାହ୍ନରେ କଳାସୀ ମନ୍ଦିରରେ ପ୍ରାରମ୍ଭିକ ପୂଜା ଅନୁଷ୍ଠିତ ହୋଇ ବାରୁଆଙ୍କ ଦେହରେ କଳାସୀ ଆବିର୍ଭାବ କରାଯାଇ ବରୁଆଙ୍କୁ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ପରିକ୍ରମା ସମୟରେ ବରୁଆ ଘରେ ଘରେ ପୂଜା ପାଇଥିଲେ । ପରିକ୍ରମା ଶେଷହେଲା ପରେ ଗ୍ରାମଥିବା ମା’ ପଥେଇ ପୀଠରେ ପହଞ୍ଚିଲା ପରେ ମନ୍ଦିର ଭିତରକୁ ପ୍ରବେଶ କରି ମା’ଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେ କାଣ୍ଡ ପୂଜାକାର୍ଯ୍ୟ ତୁଲାଇଥିବା ବେଳେ ଜିତେନ୍ଦ୍ରୀୟ କାଣ୍ଡଙ୍କ ଦେହରେ ବରୁଆ ଆବିର୍ଭାବ ହୋଇଥିଲା । କାର୍ଯ୍ୟକ୍ରମକୁ କମିଟିର ସଭାପତି ବୃନ୍ଦାବନ ଦାଶ, ଉପସଭାପତି ମଧୁସୂଦନ କାଣ୍ଡ,ସଂପାଦକ ପ୍ରମୋଦ ଲୁହା, ସତ୍ୟଦେବ ନାଥ,ସାହାଦଦ ଖାଁ,ପ୍ରଦେଶୀ ଦାଶ, ଉତ୍ତର କାଣ୍ଡ,ପଦ୍ମନାଭ ଦାଶ, ନନ୍ଦିଘୋଷ ଭୋଇ,ହୃଷୀକେଶ କାଣ୍ଡ, ସଦାନନ୍ଦ ଥପାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।



ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

# ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରୁନି ବିଜେପି




**ସୋହେଲା, ୧୨।୧୧(ସମିସ):**

ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ସୋହେଲାରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ସୋହେଲା ବ୍ଲକରେ ବିଜେଡି ବିଶାଳ ଜନସମ୍ପର୍କ ପଦଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଛି । ଆଜିର ଏହି ଜନସମ୍ପର୍କ ପଦଯାତ୍ରାରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ହଜାର ହଜାର ବିଜେଡି ସମର୍ଥକ ସାମିଲ ହୋଇଥିଲେ । ପୂର୍ବତନ ବିଧାୟକ ସୁଶାନ୍ତ ସିଂହଙ୍କ ପ୍ରତି ଆଜି ମଧ୍ୟ ଲୋକଙ୍କ ସମର୍ଥନ ରହିଥିବା ଦେଖିବାକୁ ମିଳିଥିଲା । ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର ଯୋଗ ଦେଇଥିଲେ । ଜନସମ୍ପର୍କ ପଦଯାତ୍ରା ଆରମ୍ଭ ପୂର୍ବରୁ ଦୁର୍ଗାମନ୍ଦିର ପରିସର ଚେତନା ମଣ୍ଡପରେ ସୁଶାନ୍ତ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା । ବର୍ତ୍ତମାନର ବିଜେପି ସରକାର ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଏବଂ ପ୍ରଲୋଭନ ଦେଖାଇ କ୍ଷମତାକୁ ଆସିଥିବା ଏବଂ ରାଜ୍ୟବାସୀଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପୂରଣ କରୁ ନଥିବାରୁ ବିଜେଡି ନେତାମାନେ ତୀବ୍ର ସମାଲୋଚନା କରିଥିଲେ । ଏହାଛଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଉନ୍ନତି ପାଇଁ ଆରମ୍ଭ କରିଥିବା ବହୁ ଜନହିତକାରୀ ଯୋଜନାକୁ ବିଜେପି ସରକାର ବନ୍ଦକରି ଦେଇଥିବା ବେଳେ ପୂର୍ବ ସରକାରଙ୍କ ସମୟରେ ରାଜ୍ୟରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟରେ ରଙ୍ଗଦେଇ ଶ୍ରେୟ ନେଉଥିବା ବକ୍ତାମାନେ ପ୍ରକାଶ କରିଥିଲେ । ଏହାପରେ ଅନୁଷ୍ଠିତ ପଦଯାତ୍ରା ହଲଦିପାଲିକୁ ଯିବା ସମୟରେ ମୁଖ୍ୟ ଛକଠାରେ ସତ୍ୟାଗ୍ରହ ସ୍ମାରକୀ ପୀଠରେ ବିଜେଡି ନେତାମାନେ ମହାତ୍ମା ଗାନ୍ଧୀଙ୍କ ସମେତ ଅନ୍ୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ରାଜ୍ୟ ଦଳୀୟ ସାଧାରଣ ସମ୍ପାଦକ ରାଜୁ ଘିବେଲା, ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷା କୀର୍ତ୍ତିଚନ୍ଦ୍ର ଦୁଆନ, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ, ଅମ୍ବାଭୋନା ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପଧାନ, ଅମ୍ବାଭୋନା ବ୍ଲକ ସଭାପତି ରଘୁନାଥ ପଟେଲ, ଜିଲ୍ଲା ପରିଷଦ ସଦସ୍ୟା କଳ୍ପନା ମାଝୀ, ରୋଜି ନାଏକ, ମୀତା ବିଶି, ଜାଇଫୁଲ ସିଂ ବରିହା, ଭାରତୀ ଭୁଏ, ଈଶ୍ୱର ଚନ୍ଦ୍ର ସାହୁ, ବରିଷ୍ଠ ବିଜେଡି ନେତା ସୁବ୍ରତ ସିଂହ, ସୁଶାନ୍ତ ମିଶ୍ର, ମନ ମାଝୀ, ସରୋଜ ମହାପାତ୍ର, ଗଣତନ୍ତ୍ର ପଧାନ, କାର୍ତ୍ତିକ ବାରିକ, ଗୌରହରି ମିଶ୍ର, ଦୟାନିଧି ପଟେଲ, ପ୍ରଫୁଲ୍ଲ ପଧାନ, ଜିବର୍ଦ୍ଧନ ବରିହା, ବିଜୁ ଯୁବ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ଯୁବ ଛାତ୍ର ସଭାପତି କରନ ସିକନ୍ଦର ପ୍ରମୁଖ ଯୋଗଦାନ କରିଥିଲେ ।

# ରାଜ୍ୟସ୍ତରୀୟ ରାହାସ ଉତ୍ସବ ଉଦ୍‌ଘାଟିତ

**ଗାଇସିଲେଟ, ୧୨।୧୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ସରଧାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ୧୭୫ତମ ରାହାସ ଉତ୍ସବ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ,କଳାକାର ସଂଘ ସଭାପତି ରଞ୍ଜନ କୁମାର ପଣ୍ଡା,ସମିତି ସଭ୍ୟ ଦେବେନ୍ଦ୍ର ଯୋଷୀ,ସମାଜସେବୀ ପରଦେଶୀ ପଧାନ ପ୍ରମୁଖ ଯୋଗ ଦେଇ ଶୁଭ ଉଦଘାଟନ କରିଥିବା ବେଳେ କଂସ ଦରବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମ ଦିବସରେ କଂସର ସିଂହାସନ ଆରୋହଣ,ଦେବକୀ ବସୁଦେବ ବିବାହ, ଷଡ଼ପୁତ୍ର ନାଶ,କୃଷ୍ଣ ଜନ୍ମ,କୃଷ୍ଣଙ୍କୁ ନେଇ ବସୁଦେବ ଗୋପପୁରରେ ରଖିବା, ବିଜୁଳି କନ୍ୟାର ଶୂନ୍ୟବାଣୀ,ପୂତନା ପ୍ରେରଣ ଭଳି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ରାହାସ ଉତ୍ସବ ଯାତ୍ରା କମିଟି ସଭାପତି ହେମନ୍ତ ପାତ୍ର ସମ୍ପାଦକ କୁମୁଦ ପାତ୍ର, କୋଷାଧ୍ୟକ୍ଷ ଧୀରେନ ସାହୁ, ଗ୍ରାମର ଗୌନ୍ତିଆ କୃଷ୍ଣଲାଲ ମହଲା,ସଦସ୍ୟ ବସୁଦେବ ପାତ୍ର,କୀର୍ତ୍ତନ ସାହୁ,ଭୀମ ଭୋଇ,ଯାଦବ ପାତ୍ର,ସମାଜସେବୀ ପରଦେଶୀ ପଧାନ ପ୍ରମୁଖ ଯାତ୍ରାର ଦାୟିତ୍ୱ ନେଇଥିବା ବେଳେ ଗ୍ରାମବାସୀ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ଏହି ଯାତ୍ରା ଆଜି ୧୭୫ ବର୍ଷରେ ପଦାର୍ପଣ କରିଛି । ଶ୍ରୀଯୁକ୍ତ ବିଜୟ କୁମାର ଦେବତା ଏଠାରେ ୧୫ ବର୍ଷ ହେବ କଂସ ଭୂମିକାରେ ଅଭିନୟ କରି ଆସୁଛନ୍ତି । ଏ ବର୍ଷ ରାହାସ ଉତ୍ସବ ବେଶ୍ ଜମିବ ବୋଲି ଦର୍ଶକ ମାନେ ଆଶାବ୍ୟକ୍ତ କରିଥିବା ବେଳେ କମିଟି ତରଫରୁ ଦଣ୍ଡ ,ଅପେରା,ମିନାବଜାର ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଉତ୍ସବ ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।



# ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ଜାତୀୟ ଆବିଷ୍କାର ଅଭିଯାନ




**ବରପାଲି,୧୨।୧୧(ସମିସ):** ବରପାଲି ବ୍ଲକ ବୁରୋମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ଜାତୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ବିଜେପୁର ବିଧାୟକ ସନତ ଗଡ଼ତିୟା ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି, ଡିଏସଏସ୍ ଧୀରଜ ପଟ୍ଟନାଏକ ପ୍ରମୁଖ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ମକୁନ୍ଦ ମାହାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଆୟୋଜିତ ପ୍ରଦର୍ଶନୀରେ ବିଭିନ୍ନ ସ୍କୁଲର ୧୪୦ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ଆବିସ୍କାର ଅଭିଯାନ ବିଭାଗରେ ୨୭ଟି ଉଚ୍ଚମାନର ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା ।

# ଧର୍ମପରାୟଣ ମହିଳାଙ୍କ ପରଲୋକ



**ଦହିତା, ୧୨।୧୧ (ସମିସ):** ପଦ୍ମପୁର ବ୍ଲକ ଅନ୍ତର୍ଗତ ଦହିଗାଁ ଗ୍ରାମପଞ୍ଚାୟତ ଦର୍ଲିଗୁଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦଶ ସାହୁଙ୍କ ଧର୍ମପତ୍ନୀ ସୁକାନ୍ତି ସାହୁ(୭୨)ଙ୍କ ପରଲୋକ ଘଟିଛି । ଏକମାତ୍ର ପୁତ୍ର କୁମୁଦ ମୁଖାଗ୍ନି ଦେଇଥିଲେ ।

# ଜାତୀୟ ଶିକ୍ଷା ଦିବସ ପାଳନ



**ପଦ୍ମପୁର,୧୨।୧୧ (ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି । ଶିକ୍ଷା ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ଡଃ ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସରକାରୀ ମହିଳା ମହାବିଦ୍ୟାଳୟ, କେନ୍ଦୁଝରର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡଃ ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡଃ ଭେକଟେଶ୍ୱର ମେହେର , ଡଃ ପ୍ରଦୀପ କୁମାର ତିୱାରୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହା ପରେ ପରେ ଛାତ୍ରଛାତ୍ରୀ ଆଶୁରାଣି, ରୀତୁ, ଶାଲିନି, ମଞ୍ଜୁ, ରୋଷନ୍ ଓ ବୃନ୍ଦାବନ ଇତ୍ୟାଦି ନିଜ ଅଭିଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଡଃ ବିରଞ୍ଚି ସାହୁ, ଖଗେଶ୍ୱର ଦାସ, ପ୍ରଭାତ କୁମାର ମହାପାତ୍ର, ନବକ୍ରିଷ୍ଣା ମିଶ୍ର, ସନ୍ତୋଷ ମିଶ୍ର, ପ୍ରମୋଦ କୁମାର ପାଣିଗ୍ରାହୀ, ସଞ୍ଜୟ ଟିଗା, ଡଃ ପ୍ରଦୀପ କୁମାର ପଣ୍ଡା, ଝୁନୁ ପରିଡ଼ା, ତାପିନି ପଣ୍ଡା, ଡଃ ମମତା ମୟୀ ଗୁରୁ ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଆଞ୍ଚଳିକ କିଷାନ ମହାବିଦ୍ୟାଳୟରେ ସଂପାନ କାର୍ଯ୍ୟକ୍ରମ



ଭେଡେନ,୧୨।୧୧(ସମିସ): ଭେଡେନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ତରଫରୁ ସଂପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂପାନ କାର୍ଯ୍ୟକ୍ରମର ବିଷୟ ‘ରକ୍ତ ମାଟି’ ନାଟକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ରୀ ସୀମା ମଟାରି ସଂପାନ ପଠନ କରିଥିଲେ । ଛାତ୍ରୀ ପ୍ରତିମା ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ସୁରେନ୍ଦ୍ର କୁମାର ମିଶ୍ର, ଅଧ୍ୟାପକ ପ୍ରେମପ୍ରକାଶ ପୁରୋହିତ, ସଂପାନ ପ୍ରଭାରୀ ଅଧ୍ୟାପିକା ମନ୍ଦୋଦରୀ ଝାଙ୍କର, କଳ୍ପନା ଝାଙ୍କର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଛାତ୍ରୀ ସୁନେଲି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଝାରବନ୍ଧ, ୧୨।୧୧(ସମିସ):** ଝାରବନ୍ଧ ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଅନୁଷ୍ଠିତ ଶିବିରରେ ୨୯୮ ଜଣ ଉପକୃତ ହୋଇଥିଲେ । ମେଡିସିନ ବିଶେଷଜ୍ଞ ଡା. ରାମପ୍ରସାଦ ସାହୁ, ଅସ୍ଥିଶଲ୍ୟ ବିଭାଗ ଡା. ସଞ୍ଜୟ ନାଏକ, ଚକ୍ଷୁ ବିଶେଷଜ୍ଞ ଡା. ତନୁଜା ପାତ୍ର, ଇଏନଟି ବିଶେଷଜ୍ଞ ଡା. ପ୍ରଭାତ ରାଓ୍ୱଲ, ମାନସିକ ବିଶେଷଜ୍ଞ ଡା. ନେପାଳ ଦୁଆନ ଯୋଗଦାନ କରି ରୋଗୀମାନଙ୍କୁ ପରୀକ୍ଷା କରିଥିଲେ । ଦୃଷ୍ଟି ବାଧକ ୪୩ଜଣ, ମାନସିକ ବାଧିତ ୧୭ଜଣ, ଚଳନ ବାଧିତ ୧୩୧ ଜଣ,ଇଏନଟି ୯୭ ଜଣ, ମେଡିସିନ ୧୦ଜଣ ପଞ୍ଜୀକରଣ କରିଥିଲେ । ୪୮ଜଣ ବସ ପାସ୍, ୪୮ଜଣ ଶ୍ରବଣ ଯନ୍ତ୍ର, ୭ଜଣ କୃତ୍ରିମ ଅଙ୍ଗ ପାଇଥିଲେ । ବ୍ଲକ ପ୍ରଶାସନ ଓ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଅନ୍ୟାନ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ମା’ଙ୍କ କଳାସୀ ପୂଜାରେ ଉତ୍ସବମୁଖର ଗଣ୍ଡପାଲି ଗାଁ

**ବରଗଡ଼,୧୨। ୧୧(ସମିସ):** ବରଗଡ଼ ଜିଲ୍ଲା କୁରୁଆଁ ଗ୍ରାମ ପଞ୍ଚାୟତର ଗଣ୍ଡପାଲି ଗ୍ରାମରେ ମା’ କଳାସୀ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସର ମା’ କଳାସୀ ଦୁର୍ଗା ଦେବୀଙ୍କୁ ପୂଜା କରି ସନ୍ଧ୍ୟାରେ ମା’ କଳାସୀ ବରୁଆଙ୍କୁ ପ୍ରବେଶ କରି ଗାଁରେ ଥିବା ନଦୀକୁ ସ୍ନାନ ଯାତ୍ରା ପାଇଁ ବିଜେ କରିଥାନ୍ତି । ଯିବାବେଳେ ପ୍ରଥମେ ମା’ ପଛେଇ ମଣ୍ଡପକୁ ଯାଇ ଲୁହାର ଧାରୁଆ କଣ୍ଟା ଝୁଲଣାରେ ଝୁଲନ୍ତି । ମା’ଙ୍କ ଏହି କଳା ପ୍ରଦର୍ଶନକୁ ଭକ୍ତମାନେ ଦର୍ଶନ କରିବା ପାଇଁ ଦୂର ଦୂରାନ୍ତରୁ ଆସିଥାନ୍ତି ।

# ଲଖମରା କ୍ଲଷ୍ଟରସ୍ତରୀୟ ବିଜ୍ଞାନ ମେଳା



**ପଦ୍ମପୁର, ୧୨।୧୧ (ସମିସ):** ପଦ୍ମପୁର ଉପଖଣ୍ଡ ଲଖମରା କ୍ଲଷ୍ଟରସ୍ତରୀୟ ବିଜ୍ଞାନ ମେଳା ଲଖମରାଠାରେ ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୈଷ୍ଣବ ପଣ୍ଡାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବାସନ୍ତୀ ବାଲାମ, ସମ୍ମାନିତ ଅତିଥି ପାଇକମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର ବାରିକ,ଚର୍ଦାପାଲି ଆଶ୍ରମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ସେବକ ଦୈତାରୀ ବିଶ୍ୱାଳ,କୁଲାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛାୟାକାନ୍ତ ଦେବତା, ବିଦ୍ୟାଳୟ ପରିଚାଳନା ସଭାପତି ଉମେଶ ଡନସନା ମଞ୍ଚାସୀନ ଥିଲେ । ବିଜ୍ଞାନ ମେଳାରେ ୫୮ ଟି ସ୍ଥାନୀତ ହୋଇଥିଲା । ଝାରବନ୍ଧ ବ୍ଲକ ବୈତାଳି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିବସ ସାହୁ, ଜଗଦଳପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନୀଳାମ୍ବର ସାହୁ ବିଚାରକ ଥିଲେ। ଏହି ଅବସରରେ ପଳସଦା, ବାଦିକଟା, ପାଇକମାଳ, ମିଠାପାଲି, କେର୍ମେଲାବାହାଲ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଚକ୍ରଧର ଅଜଗର, ଋଷଭ ସାହୁ,ରଞ୍ଜନ ବାଗ, କେଦାର ରାଉତ, ମନୋରଞ୍ଜନ ପଟେଲ ସହଯୋଗ କରିଥିଲେ ।

# ମା’ ସମଲେଶ୍ୱରୀଙ୍କ ବାର୍ଷିକ ପୂଜା ଓ ଶୋଭାଯାତ୍ରା

**ଭଟଲି,୧୨।୧୧(ସମିସ):**

ଭଟଲି ଗ୍ରାମପଞ୍ଚାୟତ ସ୍ଥିତ ଭଟଲି ଗ୍ରାମରେ ଯାଦବ ସମାଜର ଆରାଧ୍ୟ ଦେବୀ ମା’ ସମଲେଶ୍ୱରୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି । ପ୍ରତିବର୍ଷ ପରି ଏଥର ମଧ୍ୟ ଭଟଲି ଗୌର ସମାଜର ବରିଷ୍ଠ ସଂଗଠକ ମୋତିଲାଲ୍ ବନଛୋରଙ୍କ ବାସଭବନରେ ସ୍ଥାପିତ ମା’ ସମଲେଶ୍ୱରୀଙ୍କ ପୂଜାସ୍ଥଳିରେ ଭଟଲି, କୁସୁଁନପୁରୀ, କୁଇସିରା, ବଞ୍ଜୋରଡ଼ିହି, ନିଲଜି , ନୂଆଗଡ଼ ଗ୍ରାମର ଶତାଧିକ ଯାଦବ ପୁରୁଷ ଓ ମହିଳା ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିବା ପୂର୍ବକ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ପରେ ସମ୍ମିଳିତ ଭାବରେ ପାରମ୍ପରିକ ନିସାନ ଢୋଲ ବାଜା ତାଳେ ତାଳେ ଗୌରବାଡ଼ି ଧରି ନୃତ୍ୟକରି ଗ୍ରାମ୍ୟ ପରିକ୍ରମା କରିଥିଲେ । ସ୍ଥାନୀୟ ଟାଉନ ହଲରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏଥିରେ ରାଜ୍ୟ ଯାଦବ ସମାଜ ଉପସଭାପତି ଧନସିଂ ଭୁଏ ,ଜିଲ୍ଲା ଯାଦବ ସଭାପତି ରାଜୁ ଘିଭେଲା, ଜିଲ୍ଲା ସାଧାରଣ ସମ୍ପାଦକ ରାମନାରାୟଣ ଯାଦବ, ଜିଲ୍ଲା ଯାଦବ ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ଥାପା,ବରଗଡ଼ ବ୍ଲକ୍ ଯାଦବ କର୍ମକର୍ତ୍ତା ସନକ ଭୁଏ, ରଞ୍ଜିତ ବରର୍ତ୍ତି କାର୍ଯକ୍ରମରେ ଅତିଥି ଭାବରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମୁନା ବନଛୋର, ସୁଶାନ୍ତ ବାଗ ସହଯୋଗ କରିଥିବା ବେଳେ ମୋତିଲାଲ୍ ବନଛୋର ଉଦ୍ଦେଶ୍ୟ ଜ୍ଞାପନ ଓ ସ୍ୱାଗତ ଭାଷଣ ଦେଇଥିଲେ ।



# ଶ୍ରୀ ଶ୍ୟାମ ବିହାରୀଙ୍କ ଜନ୍ମୋତ୍ସବ ପାଳନ

**ଭଟଲି,୧୨।୧୧(ସମିସ):** ଆଜି ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ତିଥିରେ ଭଟଲି କୁଶନପୁରୀ ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ଜୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ମାନ୍ୟତା ଏବଂ ଆସ୍ଥାରେ ରାଜସ୍ଥାନର ଖାଟୁ ମନ୍ଦିର ପରେ ଭଟଲି କୁଶନପୁରୀ ସ୍ଥିତ ଶ୍ରୀ ଶ୍ୟାମ ବାବାଙ୍କ ମନ୍ଦିର ଭାରତରେ ପ୍ରସିଦ୍ଧ । ଭୋରରୁ ବରଗଡ଼ରୁ ଭଟଲି ଧାମ ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିଶାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମାନସିକ ରଖିଥିବା ଭକ୍ତମାନେ ନିଶାନ ବା ଧ୍ୱଜ ଧରି ଦୀର୍ଘ ୧୭କିଲୋମିଟର ରାସ୍ତା ଚାଲି ପ୍ରଭୁଙ୍କୁ ଦର୍ଶନ କରି ନିଜ ନିଜ ମନସ୍କାମନା ପୂରଣ କରିଥିଲେ । ପ୍ରାତଃ ୮ଟାରେ ବାବାଙ୍କ ଅଖଣ୍ଡ ଜ୍ୟୋତି ମଙ୍ଗଳ ପାଠ ଆୟୋଜନ ହୋଇଥିଲା । ମନ୍ଦିର ପରିସରକୁ ଉତ୍ତରାଖଣ୍ଡରେ ଥିବା ବଦ୍ରିନାଥ ଧାମ ଭଳିଆ ମେଢ଼ ସହିତ ସଜ ଫୁଲ ତଥା ଆଲୋକରେ ଆକର୍ଷଣୀୟ ଭାବରେ ସଜା ଯାଇଥିଲା । ସନ୍ଧ୍ୟା ୭ ଘଟିକାରୁ ସାଂସ୍କୃତିକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାତ୍ର ଠିକ୍ ୧୨ଘଣ୍ଟା ସମୟରେ ଶୁଦ୍ଧ ଖୁଆରେ ନିର୍ମିତ କେକ୍ କାଟି ବାବଙ୍କ ଜନ୍ମଦିନ ପାଳନ କାରାଗଲା । ଏହି ଅବସରରେ ଭବ୍ୟ ଦରବାରଏବଂ ଫୁଲ ହୋଲି ଆୟୋଜିତ ହୋଇଥିଲା । ଭକ୍ତଙ୍କ ପାଇଁ ମନ୍ଦିର ସମିତିର ଶ୍ୟାମ ରୋଶେଇ ତରଫରୁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା ।



# ମେଟ୍ରୋ ପ୍ରକଳ୍ପ ପାଇଁ ବଳିପଡ଼ିବ ୨ହଜାର ଗଛ

**ଭୁବନେଶ୍ୱର,୧୨।୧୧(ସମିସ):** ପଦା ହୋଇଯିବ ଭୁବନେଶ୍ୱର। ରାସ୍ତାକଡ଼ରେ ଆଉ ମିଳିବନି ଗଛ ଛାଇ। ଟ୍ରାଫିକ୍ ପୋଷ୍ଟରେ ଖରାରେ ଠିଆ ହେବେ ପଥଚାରୀ। ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ନାଁରେ ରାଜଧାନୀରେ ମନଇଚ୍ଛା ଗଛ କାଟାଯାଉଛି। ପ୍ରଥମେ ବିଭିନ୍ନ ରାସ୍ତା ଓ ପରେ ବିଧାୟକ କଲୋନୀ ପାଇଁ ହଜାର ହଜାର ଗଛ ବଳି ପଡ଼ିଥିଲା। ଏବେ ମେଟ୍ରୋ ପ୍ରକଳ୍ପ ପାଇଁ ରାଜଧାନୀରୁ ଛାଇ ହଜାଇ ଦେବା ପାଇଁ ଖସଡ଼ା ପ୍ରସ୍ତୁତ ହୋଇଛି। ଭୁବେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଗଡ଼ିବ। ତେଣୁ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ କଟାଯିବ। କେବଳ ଭୁବନେଶ୍ୱରର ସହର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪୦୦ ଗଛ କଟାଯିବା ପାଇଁ ତାଲିକା ହୋଇସାରିଛି। ଏହି ସଂଖ୍ୟା ଆହୁରି ବଢ଼ିବାର ମଧ୍ୟ ଆଶଙ୍କା ରହିଛି। ଏହାସହ ସହର ଉପକଣ୍ଠ ବାରଙ୍ଗରୁ ତ୍ରିଶୁଳିଆ ମଧ୍ୟରେ ପାଖାପାଖି ୬୦୦ ଗଛ କଟିବା ନେଇ ଏକ ପ୍ରକାର ସ୍ଥିର ହୋଇଛି।

ଦିନେ ସବୁଜିମା ପାଇଁ ଦେଶର ରାଜଧାନୀଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ପାଇଥିଲା ଭୁବନେଶ୍ୱର। ହେଲେ ବିକାଶ ନାଁରେ ଏବେ ବିନାଶ ଆଡ଼କୁ ଯାଉଛି ଭୁବନେଶ୍ୱର। ମେଟ୍ରୋ ଟ୍ରେନ୍‌କୁ ମେଡିଆନ୍ ଉପରେ ଏଲେଭେଟେଡ୍ ବ୍ୟବସ୍ଥାରେ ନେବା ପାଇଁ ଯୋଜନା ହୋଇଛି। ଏଥିପାଇଁ ବର୍ତ୍ତମାନ ମେଡିଆନ୍‌କୁ ଲଗାଇ ମାଟି ପରୀକ୍ଷଣ କରାଯାଉଛି। ଅଳ୍ପ କିଛିକିଛି ସ୍ଥାନରେ ବ୍ୟାରିକେଡ୍ କରି ଏହି କାର୍ଯ୍ୟ ହେଉଥିଲେ ମଧ୍ୟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ଆରମ୍ଭ ହୋଇଛି। ହେଲେ ଏହି ପ୍ରକଳ୍ପ ସରିବାକୁ ପ୍ରାୟ ୪ ବର୍ଷ ସମୟ ଲାଗିବ। ତେଣୁ ମେଡିଆନ୍ ଉପରେ ପିଲର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହେଲେ ମେଡିଆନ୍‌ରୁ ଦୁଇପାର୍ଶ୍ୱରେ ପ୍ରାୟ ଗୋଟିଏ ଲେନ୍ ପର୍ଯ୍ୟନ୍ତ ଆବଦ୍ଧ କରାଯିବ। ରାସ୍ତାର ଉଭୟ ପାର୍ଶ୍ୱରେ ଗୋଟିଏ ଲେଖାଏଁ ଲେନ୍‌କୁ ଆବଦ୍ଧ କରାଯିବାକୁ ଥିବାରୁ ଗୁରୁତର ଭାବେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ମେଟ୍ରୋ ପ୍ରକଳ୍ପ ଯେତେବାଟ ପର୍ଯ୍ୟନ୍ତ କାମ ହେବ, ରାସ୍ତାର ଉଭୟ ପାର୍ଶ୍ୱକୁ ଚଉଡ଼ା କରିବା ପାଇଁ ଯୋଜନା ହୋଇଛି। ପ୍ରାଥମିକ ଭାବେ ଶିଶୁଭବନ ଛକଠାରୁ ରଘୁନାଥପୁର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର୍କୁ ଚଉଡ଼ା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ରାସ୍ତାର ଉଭୟ କଡ଼ରେ ଥିବା ଗଛ କାଟିବାକୁ ଯୋଜନା ହୋଇଛି।

■ ଜନପଥର ଦୁଇ କଡ଼ରୁ କଟିବ ସବୁ ଗଛ
■ ୧୦ ବର୍ଷିଆ ଗଛକୁ ବି କାଟିବା ପାଇଁ ଯୋଜନା

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ନଗର ବନଖଣ୍ଡ ଅଧୀନରେ ପ୍ରାୟ ୧୪୦୦ ଗଛ କାଟିବା ପାଇଁ ବର୍ତ୍ତମାନ ସୁଦ୍ଧା ତାଲିକା ହୋଇସାରିଛି। କଟିବା ପାଇଁ ସ୍ଥିର ହୋଇଥିବା ଗଛଗୁଡ଼ିକ ମଧ୍ୟରୁ ପ୍ରାୟ ୧୦୦୦ଟି ଗଛର ମୋଟେଇ ୯୦ ସେଣ୍ଟିମିଟରରୁ ପର୍ଯ୍ୟନ୍ତ ରହିଥିବା ବେଳେ ଅନ୍ୟ ୪୦୦ ଗଛର ମୋଟେଇ ୯୦ ସେମିରୁ ଅଧିକ ରହିଛି। ଗଛଗଡ଼ିକ ମଧ୍ୟରେ ପ୍ରାୟ ୬-୮ ବର୍ଷ ଓ କିଛି କିଛି ଗଛ ୧୦ ବର୍ଷର ପୁରୁଣା ଗଛ ମଧ୍ୟ ରହିଛି। ଏହାବ୍ୟତୀତ ବାରଙ୍ଗଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ବାମପାର୍ଶ୍ୱ ରାସ୍ତା ଚନ୍ଦକା ବନଖଣ୍ଡ ଅଧିନରେ ଆସୁଛି। ଏହି ରାସ୍ତାରେ ପ୍ରାୟ ୩୦୦ ଗଛ କଟା ହେବା ପାଇଁ ତାଲିକା ହୋଇଥିବା ଜଣାପଡ଼ିଛି। ଏମିତି ହୋଇ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨ ହଜାର ଗଛ କଟା ହେବା ଏକ ପ୍ରକାର ସ୍ଥିର ହୋଇସାରିଛି।

ଗଛ କାଟିବା ନେଇ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ୍ ପକ୍ଷରୁ ହୋଇଥିବା ଏଭଳି ନିଷ୍ପତ୍ତିକୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ସାର୍ବଜନୀନ କରିନାହାନ୍ତି। ଏହା ପୂର୍ବରୁ ସମାନ ପ୍ରକଳ୍ପ ପାଇଁ ଫରେଷ୍ଟ ପାର୍କରେ ଗଛ କଟା ହେବ ବୋଲି ଚର୍ଚ୍ଚା ହୋଇଥିଲା। ଏହାପରେ ସ୍ଥାନୀୟ ଲୋକେ ପ୍ରବଳ ବିରୋଧ କରିଥିଲେ। ଏ ସମ୍ପର୍କରେ ଭୁବନେଶ୍ୱର ନଗର ବନଖଣ୍ଡ ଡିଏଫ୍ଓ ଅଜିତ ଶତପଥୀ କହିଛନ୍ତି ଯେ ଏହି ପ୍ରକଳ୍ପ ପାଇଁ କିଛି କଟା ହେବ ବୋଲି ତାଲିକା ପ୍ରସ୍ତୁତ ହୋଇଛି। ଏବେ ବି ସର୍ଭେ କାମ ଜାରି ରହିଛି। ତେବେ ଯେଉଁ ଗଛଗୁଡ଼ିକ କଟାଯିବ, ତାକୁ ପୁନଃରୋପଣ କରିବା ପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରସନ୍‌କୁ କୁହାଯାଇଥିବା ସେ କହିଛନ୍ତି।

## ଓଡ଼ିଶାରେ ଟିକଟ ବୁକିଂ, କୋଲକାତାରେ ଚାବିକାଠି

**ଭୁବନେଶ୍ୱର, ୧୨।୧୧ (ସମିସ):** ଓଡ଼ିଶାରେ ଟିକଟ ବୁକିଂ, ପଶ୍ଚିମବଙ୍ଗରେ ରହିଛି ଚାବି କାଠି। ଲିଙ୍କ୍ ଚାଲିଯାଉଛି ଯେ ୨୪ ଘଣ୍ଟା ପର୍ଯ୍ୟନ୍ତ ସବୁ ଅଚଳ ହୋଇଯାଉଛି। ଓଡ଼ିଶା ରେଳବାଇ ଟିକଟ ବୁକିଂ ବ୍ୟବସ୍ଥାରେ ଏପରି ବିଭ୍ରାଟ ଯାତ୍ରୀଙ୍କୁ ବେଶ୍ ଦହଗଞ୍ଜ କରୁଛି। ଯେତେ ଜରୁରୀ କାମ ଥାଉ ଟିକଟ ବୁକିଂ କିମ୍ବା ଅନ୍ୟ ରେଳବାଇ ସେବା ନିମନ୍ତେ ଅନଲାଇନ୍ କାରବାର ପାଇଁ ସବୁ ବାଟ ବନ୍ଦ। ଏହାକୁ ନେଇ ପ୍ରବଳ ଜନ ଅସନ୍ତୋଷ ଦେଖାଦେଉଛି। କେବଳ କୋଲକାତା ଉପରେ ନିର୍ଭର ନ କରି ଓଡ଼ିଶା ସୀମାରେ ଥିବା ହାଇଦ୍ରାବାଦ୍ ଲିଙ୍କ କାହିଁକି ବ୍ୟବହାର ହେଉ ନାହିଁ ବୋଲି ପ୍ରଶ୍ନ ଉଠିଛି।

■ ଘଣ୍ଟାଘଣ୍ଟା ଲିଙ୍କ୍ ଫେଲ ପାଇଁ ବଢ଼ୁଛି ଦୁର୍ଦ୍ଦଶା
■ ହାଇଦ୍ରାବାଦ ଲିଙ୍କ୍ ବ୍ୟବହାର ପାଇଁ ଦାବି

ଆଇଆରସିଟିସି ଜରିଆରେ ରେଳବାଇ ଟିକଟ ବୁକିଂ ହୋଇଥାଏ। ସେଥିପାଇଁ ପୂରା ଦେଶର ରେଳବାଇ ଟିକଟ ସଂରକ୍ଷଣ ବ୍ୟବସ୍ଥା ସ୍ୱତନ୍ତ୍ର ଲିଙ୍କ ଦ୍ୱାରା ପରିଚାଳିତ ହୁଏ। ଦିଲ୍ଲୀ, ମୁମ୍ବଇ, ଚେନ୍ନାଇ, କୋଲକାତା ଏବଂ ହାଇଦ୍ରାବାଦ ସ୍ଥିତ ଲିଙ୍କ୍ ସର୍ଭର ଜରିଆରେ ଟିକଟ ସଂରକ୍ଷଣ ହୋଇଥାଏ। ଓଡ଼ିଶାରେ ଟିକଟ ବୁକିଂ ପାଇଁ କୋଲକାତା ସର୍ଭର ଉପରେ ନିର୍ଭର କରିବାକୁ ହେଉଛି। କିନ୍ତୁ ଅନେକ ସମୟରେ ଲିଙ୍କ୍ ଫେଲ ହେଉଥିବା ଅଭିଯୋଗ ଆସୁଛି। ଅନେକ ସମୟରେ ଲିଙ୍କ୍ ଫେଲ୍ ହେତୁ ପୂରା ଦିନ ଟିକଟ ସଂରକ୍ଷଣ ବନ୍ଦ ହୋଇଯାଉଛି। ଯଦିଓ ପୂର୍ବାପେକ୍ଷା ରେଳବାଇ ଟିକଟ ସଂରକ୍ଷଣ ବ୍ୟବସ୍ଥାରେ ଉନ୍ନତି ଆସିଛି, କିନ୍ତୁ ଅସମୟରେ ଏପରି ବିଭ୍ରାଟ ଯାତ୍ରୀଙ୍କ ପାଇଁ ଯନ୍ତ୍ରଣାଦାୟକ ହେଉଛି। ଗତ ସପ୍ତାହରେ ପୂରା ଗୋଟେ ଦିନ ଲିଙ୍କ୍ ଫେଲ ହୋଇଯାଇଥିଲା। କାଉଣ୍ଟରେ କର୍ମଚାରୀ ହାତ ବାନ୍ଧି ବସିଥିବା ବେଳେ ବାହାରେ ଲିଙ୍କ୍ ଫେରିବାକୁ ଅପେକ୍ଷାରେ ଥିବା ଯାତ୍ରୀଙ୍କ ଭିଡ଼। କିଏ ରୋଗ ଚିକିତ୍ସା ପାଇଁ ବାହାରକୁ ଯିବା ପାଇଁ ଟିକଟ ଆବଶ୍ୟକ କରୁଛନ୍ତି ତ ଆଉ କାହାର ଇଣ୍ଟରଭ୍ୟୁ ଅଛି। କାହିଁ କେତେ ଜରୁରୀ କାମରେ ଯିବା ଆସିବା ପାଇଁ ଆଗୁଆ ଟିକଟ କ୍ରୟ କରିବା ପାଇଁ ପ୍ରତିଯୋଗିତା ଚାଲୁଛି। ଟିକଟ ସଂରକ୍ଷଣ କରିବା ବିଳମ୍ବ ହେଲେ ସିଟ୍ କନଫର୍ମ ହେବା କାଠିକର ପାଠ। ଅନେକ ଲୋକ ଏବେ ମୋବାଇଲ୍ ଆପ୍ ଜରିଆରେ ମଧ୍ୟ ଟିକଟ ବୁକିଂ କରୁଛନ୍ତି। ଏହା ସତ୍ତ୍ୱେ କାଉଣ୍ଟର୍‌ରେ ଭିଡ଼ କମୁ ନାହିଁ। ରେଳବାଇ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଥିବା ବେଳେ ଟିକଟ ସଂରକ୍ଷଣ ପକ୍ରିୟାରେ ଆହୁରି ସୁଧାର ଆସିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ଆଇଆଇଟି ଆରମ୍ଭ କରିବ ଇଭି ଡିଜାଇନିଂ

**ଭୁବନେଶ୍ୱର,୧୨।୧୧(ସମିସ):** ବିଦ୍ୟୁତ୍ ଚାଳିତ ଯାନ (ଇଭି) ଡିଜାଇନିଂ କ୍ଷେତ୍ରରେ ପାଦ ଥାପିବ ଆଇଆଇଟି, ଭୁବନେଶ୍ୱର। ଇଭି, ବ୍ୟାଟେରୀ ତଥା ଇ-ପରିବହନ ବ୍ୟବସ୍ଥାକୁ ନେଇ ଏଠାରେ ଶିକ୍ଷାଦାନ, ଗବେଷଣା ହେବ। ସେଥିପାଇଁ ଆଇଆଇଟି ଭୁବନେଶ୍ୱର ଏବଂ ନାଗପୁରସ୍ଥିତ ଇଭି ମେନିଫୋଲ୍ଡ ଇଭି ଏକାଡେମୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏ ସମ୍ପର୍କରେ ଏକ ଆଡଭାନ୍ସ ସାର୍ଟିଫିକେଟ୍ ପ୍ରୋଗ୍ରାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଇଭିର କ୍ରମବର୍ଦ୍ଧିଷ୍ଣୁ ଚାହିଦା ଏବଂ ଏହାର ସମ୍ପ୍ରସାରିତ ବଜାରକୁ ଦୃଷ୍ଟିରେ ରଖି ଇଭି କ୍ଷେତ୍ର କାମ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ପରିପ୍ରେକ୍ଷୀରେ ଅଗ୍ରଣୀ ସଂସ୍ଥାଙ୍କ ସହ ହାତ ମିଳାଇଛି ଆଇଆଇଟି। ଇଭି ସହ ଗ୍ରୀନ୍ ଟେକ୍ନୋଲୋଜି କ୍ଷେତ୍ରରେ ଉଭୟ ପ୍ରତିଷ୍ଠାନ କାମ କରିବେ। ଇଭି ଡିଜାଇନିଂ କ୍ଷେତ୍ରରେ ଆଗ୍ରହ ରଖୁଥିବା ବୃତ୍ତିଧାରୀ ଏବଂ ଗ୍ରାଜୁଏଟ୍‌ମାନେ ଅଂଶଗ୍ରହଣ କରିପାରିବେ। ସେମାନେ ମୁଖ୍ୟତଃ ଇଭି ଡିଜାଇନ୍ ପ୍ରସ୍ତୁତି ସହ ଶକ୍ତି ସଂରକ୍ଷଣ, ଚାର୍ଜିଂ ନେଟୱାର୍କ ଉପରେ କାମ କରିବେ। ଗବେଷଣାରେ ବିଶେଷକରି ପରିବେଶ ସୁରକ୍ଷାକୁ ଅଗ୍ରାଧିକାର ମିଳିବ। ଇଭି କ୍ଷେତ୍ରରେ ଅନେକ ସଂସ୍ଥା କାମ କରୁଥିବା ବେଳେ ଏଥିରେ ଅପାର ସମ୍ଭାବନା ରହିଛି। ଆଗକୁ ବହୁତ ଉନ୍ନତି ଆସିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ସଫଳ ହେଲେ ଷ୍ଟାର୍ଟ-ଅପ୍ ସହ ଅଟୋ-ମୋବାଇଲ୍ ଶିଳ୍ପ ଉପକୃତ ହୋଇପାରିବେ। ଗବେଷଣା ସଫଳ ହେଲେ ତାହାର ପେଟେଣ୍ଟ ନିଆଯାଇ ଶିଳ୍ପ ବ୍ୟବହାର ନିମନ୍ତେ ସୁଯୋଗ ମିଳିବ।

■ ଟ୍ୟୁସନ୍ ଫି' ନ ଦେବାରୁ ୨ଛାତ୍ରଙ୍କୁ ସ୍କୁଲରୁ ତଡ଼ିଦେବା ଘଟଣା

## ପ୍ରଧାନଶିକ୍ଷକ ନିଲମ୍ବିତ

**ବାରିପଦା, ୧୨।୧୧(ସମିସ):** ଟ୍ୟୁସନ୍ ଫି' ନ ଦେବାରୁ ୨ ଆଦିବାସୀ ଛାତ୍ରଙ୍କୁ ଟିସି ଦେଇ ସ୍କୁଲରୁ ତଡ଼ିଦେବା ଘଟଣାରେ ବାରିପଦା ବ୍ଲକ ଅଧୀନ ଚନ୍ଦନପୁର ସରକାରୀ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ରାଖାଲ ଚନ୍ଦ୍ର ମହାନ୍ତଙ୍କୁ ମଙ୍ଗଳବାର ନିଲମ୍ବିତ କରଯାଇଛି। ସ୍କୁଲ ପରିଚାଳନାରେ ତ୍ରୁଟି ଓ ଦାୟିତ୍ୱହୀନତା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବାରିପଦା ବ୍ଲକ ଶିକ୍ଷାଧିକାରୀ ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।


ସୂଚନାନୁଯାୟୀ, ମୋରଡ଼ା ବ୍ଲକ୍ ଅନ୍ତର୍ଗତ କେନ୍ଦୁଛାଟିଆ ଗ୍ରାମର ଲକ୍ଷ୍ମୀଧର ମୁର୍ମୁଙ୍କ ଦୁଇ ପୁଅ ଚୈତନ୍ୟ (ଷଷ୍ଠ) ଓ କୃପାସିନ୍ଧୁ (ଅଷ୍ଟମ) ଉକ୍ତ ସ୍କୁଲରେ ପଢୁଥିଲେ। ସ୍କୁଲରେ ଥିବା ହଷ୍ଟେଲର ଟ୍ୟୁସନ୍ ଫି' ବାବଦରେ ମାସକୁ ଏକ ହଜାର ଲେଖାଏଁ ପ୍ରତି ମାସରେ ଦୁଇ ହଜାର ଟଙ୍କା ପ୍ରଦାନ କରୁଥିଲେ। ତେବେ ଅକ୍ଟୋବରରେ ଅର୍ଥାଭାବରୁ ମାସକର ଟ୍ୟୁସନ୍ ଫି' ଦେବାରେ ବିଳମ୍ବ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ଦୁଇଭାଇଙ୍କୁ ଟିସି ଦେଇ ବିଦ୍ୟାଳୟରୁ ବାହାର କରିଦେଇଥିଲେ। ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ପରିବାରଲୋକେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ତଦନୁଯାୟୀ, ବାରିପଦା ବ୍ଲକ ଶିକ୍ଷାଧିକାରୀ ସ୍କୁଲ ପରିଦର୍ଶନରେ ଯାଇ ତଦନ୍ତ କରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

ଅପରପକ୍ଷେ, ଘଟଣାର ୩ଦିନ ପରେ ମଙ୍ଗଳବାର ଦୁଇ ଛାତ୍ରଙ୍କ ଘରକୁ ଯାଇ ପୁନର୍ବାର ଆଡମିସନ୍ କରିବାକୁ କହିଥିଲେ। କିନ୍ତୁ, ଲଜ୍ଜା ଅପମାନ ପାଇଥିବା ଛାତ୍ରମାନେ ଉକ୍ତ ସ୍କୁଲରେ ଆଉ ପାଠ ପଢ଼ିବେ ନାହିଁ ବୋଲି କହିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ଉକ୍ତ ସ୍କୁଲକୁ ଦୁଇଜଣ ଯିବେ ନାହିଁ ବୋଲି ଲକ୍ଷ୍ମୀଧର କହିଛନ୍ତି।

■ ରାଉରକେଲାରେ ଦନ୍ତା ଆତଙ୍କ

## ବୃଦ୍ଧଙ୍କୁ କଚାଡ଼ି ମାରିଲା

**ରାଉରକେଲା, ୧୨।୧୧ (ସମିସ):** ବୃଦ୍ଧଙ୍କୁ କଚାଡ଼ି ମାରିବା ସହ ଏକ ସ୍କୁଲ ପାଚେରି ଭାଙ୍ଗି ରାଉରକେଲା ସେକ୍ଟର-୧୯ ଅଞ୍ଚଳରେ ଏକ ଦନ୍ତାହାତୀ ମଙ୍ଗଳବାର ଆତଙ୍କ ଖେଳାଇଛି। ଏହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାନୁଯାୟୀ, ହମିରପୁରସ୍ଥିତ କିସାନ ବସ୍ତି ଉପରପଡ଼ାର ସୁଧୁ ବଡ଼ାଇକ (୭୫) ଆଜି ଭୋର୍‌ରେ ନିକଟସ୍ଥ ଖାଲି ସ୍ଥାନକୁ ଶୌଚ ହେବାକୁ ଯାଇଥିଲେ। ହଠାତ୍ ଏକ ଦନ୍ତା ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି



ସ୍କୁଲ ପାଚେରି ଭାଙ୍ଗିଲା

ଦେବା ପରେ ପାଦରେ ଦଳି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ହାତୀଟି ସେଠାରୁ ନିକଟସ୍ଥ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପାଖକୁ ଯାଇ ସ୍କୁଲ ପାଚେରି ଭାଙ୍ଗି ପଡ଼ିଆକୁ ପଶିଥିଲା। ସ୍କୁଲ ପରିସରରେ ଥିବା ପଡ଼ିଆରେ କିଛି ସମୟ ବୁଲାବୁଲି କରି ପଳାଇ ଯାଇଥିଲା। ଏହି ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ପୁଲିସ ଓ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

କୋଏଲ ନଦୀ ସେପାଖ କଚାରୁ ଜଙ୍ଗଲରେ ହାତୀ ପଲ ଥିବାବେଳେ ଏବେ ଏହି ଦନ୍ତା ପଲରୁ ଅଲଗା ହେବା ଯୋଗୁଁ ନଦୀ ପାରି ହୋଇ ସହର ଭିତରକୁ ପଶି ଆସିଥିବା ବନ ବିଭାଗ ଅନୁମାନ କରିଛି। ଆତଙ୍କ ଖେଳାଇବା ପରେ ପୁଣି ନଦୀ ପାରି ହୋଇ ରାମପୁର ଆଡ଼କୁ ହାତୀଟି ପଳାଇ ଯାଇଥିବା ଜଣାପଡ଼ିଛି।

## ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନେଇ ଠକେଇ; ଦୁଇ ଗିରଫ

**ପାଟଣାଗଡ଼, ୧୨।୧୧(ସମିସ):** ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓଙ୍କ ନାଁ ନେଇ ଚାକିରି କରାଇ ଦେବାକୁ କହି ଠକେଇ




ଅଭିଯୋଗରେ ପାଟଣାଗଡ଼ ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ପାଟଣାଗଡ଼ ଥାନା ବିଲେଇସାଥୀ ଗାଁର ବୁଦ୍ଧଦେବ ସାହୁ ଓ ସାଲେପାଲି ଗାଁର ସୁଶୀଲ ରାଓ। ଦୁହେଁ ନିଜକୁ ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ପରିଚୟ ଦେଇ ମଲ୍ଟି-ସ୍କିଲ୍ ସଂସ୍ଥାରେ ଚାକିରି କରେଇଦେବାର ପ୍ରଲୋଭନ ଦେଖାଇ ବିଭିନ୍ନ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି। ତେବେ କୌଣସି ସୂତ୍ରରୁ ପୁଲିସ ସୂଚନା ପାଇ ପାଟଣାଗଡ଼ ଏଏସ୍ଆଇ ଅଜିତ ସେଠ ନିଜଆଡ଼ୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଅଭିଯୁକ୍ତଦ୍ୱୟ ପାଟଣାଗଡ଼ର ଅଭିଷେକ କୁମାର, ସତ୍ୟବତୀ ସେନ୍ଦରିଆ ଓ ସୁମନ ନାଗଙ୍କଠାରୁ ଆଟେଣ୍ଡାଣ୍ଟ ଓ ସେମିଟେସନ୍ ୱାର୍କର ପୋଷ୍ଟ ପାଇଁ ଜଣ ପିଛା ୭୦ହଜାର ଲେଖାଏଁ ଟଙ୍କା ନେଇଛନ୍ତି। ଏ ସଂପର୍କରେ ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୂଝାରୀ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମଳନୀରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ମଧ୍ୟ ଉପସ୍ଥିତ ଥିଲେ।

## ମାଓ ଭୟରେ ଘର ଛାଡ଼ିଥିଲେ, ୨୧ବର୍ଷ ପରେ ଫେରିଲେ

**ମାଲକାନଗିରି, ୧୨।୧୧(ସମିସ):** ମାଓ ଭୟରେ ୨୦୦୩ରୁ ନିଜ ଗାଁ ଦେଖି ନଥିବା ଗ୍ରାମବାସୀ ଆଜି ଘରକୁ ଫେରିଛନ୍ତି। ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଗରପା ଗ୍ରାମରୁ।

ସୂଚନା ଅନୁଯାୟୀ, ଗ୍ରାମର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାରକୁ ମାଓବାଦୀମାନେ ଧମକ ଦେଇ ଡରାଇବାରୁ ସେମାନେ ଗାଁ ଛାଡ଼ି ଦେଇଥିଲେ। ପ୍ରାୟ ୨୧ବର୍ଷ ପୂର୍ବେ ଗାଁରୁ ବିତାଡ଼ିତ ହୋଇଥିବା ଏହି ଗ୍ରାମବାସୀ ବର୍ତ୍ତମାନ ନିଜ ଗାଁକୁ ଫେରିଛନ୍ତି। ସେଠାରେ ପୁଲିସ ପକ୍ଷରୁ ସୁରକ୍ଷା ଶିବିର ପ୍ରତିଷ୍ଠା କରାଯାଇଥିବା ସହ ସମସ୍ତ ପ୍ରକାରର ସୁବିଧା ଯୋଗାଇ ଦିଆଯାଇଥିବାରୁ ସେମାନେ ଫେରି ଆସିଛନ୍ତି। ଦୀର୍ଘଦିନ ପରେ ଜନ୍ମମାଟିକୁ ଫେରି ଗ୍ରାମବାସୀ



ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀମାନେ ଗାଁର ଶିବମନ୍ଦିରରେ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ୨୧ ବର୍ଷ ମଧ୍ୟରେ ଗ୍ରାମରେ ପୁଲିସ୍ କ୍ୟାମ୍ପ ଖୋଲିବା ଏବଂ ଗାରପା ଗାଁରେ ରାସ୍ତା ନିର୍ମାଣ ହେବା ସହିତ, ନକ୍ସଲଙ୍କ ଭୟରୁ ମୁକ୍ତି ପାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

# ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ଏତଲା

**କଟକ, ୧୨।୧୧(ସମିସ):** ସିନେ କଳାକାର ମନୋଜ ମିଶ୍ରଙ୍କ ପାଇଁ ଅଡୁଆ ବଢ଼ିଛି। କେବେ ନିଜର ବୈବାହିକ ଜୀବନରେ ପତ୍ନୀ ସହ ବିଚ୍ଛେଦ ପାଇଁ ଝଡ଼ ତ କେତେବେଳେ ତାଙ୍କ ନୂଆ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା। ଏବେ ଏହି ବିବାଦ ତାଲିକାରେ ଆଜି ଯୋଡ଼ି ହୋଇଛି ଆଉ ଏକ ଫର୍ଦ୍ଦ।



ରାଜ୍ୟରେ ଯେକୌଣସି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି, ଅଭିନେତା ମନୋଜ ସମ୍ପୃକ୍ତ ସିନେମା, ସିନେ ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନ୍‌ଙ୍କ ବିରୋଧରେ ଲଗାତାର ଭାବେ ସୋସିଆଲ୍ ମିଡ଼ିଆରେ ବିବାଦୀୟ ମନ୍ତବ୍ୟ ରଖୁଛନ୍ତି। ସେ ଓଡ଼ିଆ କଳାକାର ଓ ନିର୍ଦ୍ଦେଶକଙ୍କ ସମ୍ମାନହାନି ହେବା ଭଳି ବକ୍ତବ୍ୟ ରଖି ତାହାକୁ ସୋସିଆଲ୍ ମିଡିଆର ବିଭିନ୍ନ ପ୍ଲାଟଫର୍ମ ଫେସବୁକ୍, ଇନଷ୍ଟାଗ୍ରାମ୍, ଏକ୍ସ ଏବଂ କେତେକ ହ୍ୱାଟସଆପ୍ ଗ୍ରୁପରେ ପ୍ରଚାର କରାଉଛନ୍ତି। ଓଲିଉଡ୍‌ରେ କାର୍ଯ୍ୟ କରୁଥିବା କୌଣସି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶନା ଜଣାନାହିଁ, କୌଣସି କଳାକାରଙ୍କୁ ଅଭିନୟ ଜଣାନାହିଁ ଏବଂ କୌଣସି ଟେକ୍ନିସିଆନ୍‌ଙ୍କୁ କଳାକୌଶଳ ଜଣାନାହିଁ ବୋଲି କହି ସମସ୍ତଙ୍କ ଚରିତ୍ର ସଂହାର କରୁଛନ୍ତି। ଏହାର ପ୍ରତିବାଦ କରି ଆଜି କଟକ ସାଇବର ଥାନାରେ ଓଡ଼ିଶା ଟିଭି ଓ ଫିଲ୍ମ ନିର୍ଦ୍ଦେଶକ ସଂଘ ପକ୍ଷରୁ ତାଙ୍କ ନାଁରେ ଏତଲା ଦିଆଯାଇଛି। ସଂଘର ସଭାପତି ତଥା ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସହ ୩୦ରୁ ଅଧିକ ସଂଘର କର୍ମକର୍ତ୍ତା ଥାନାରେ ପହଞ୍ଚି ମନୋଜଙ୍କ ବିରୋଧରେ ଏତଲା ଦେଇଥିଲେ। ସାଇବର ଥାନା ପୁଲିସ ଭାରତୀୟ ନ୍ୟାୟ ସଂହିତା ଅନ୍ତର୍ଗତ ଆଇଟି ଆକ୍ଟ ଲଗାଇ ତଦନ୍ତ ଜାରି ରଖିଥିବା କହିଛି।

ସୂଚନା ଅନୁଯାୟୀ, ଦୀର୍ଘ ଦେଢ଼ ବର୍ଷ ହେବ

● ସାଇବର ଥାନାରେ ଏତଲା ଦେଲା 'ଓଡ଼ିଶା ଟିଭି ଓ ଫିଲ୍ମ ନିର୍ଦ୍ଦେଶକ ସଂଘ'
● ସୋସିଆଲ୍ ମିଡିଆରେ ଓଲିଉଡ୍ ଓ କଳାକାରଙ୍କ ବଦନାମ କରୁଥିବା ନେଇ ଅଭିଯୋଗ

ଅଭିନେତା ଶ୍ରୀ ମିଶ୍ର ରିଲିଜ୍ ହେଉଥିବା ପ୍ରତ୍ୟେକ ଓଡ଼ିଆ ଫିଲ୍ମ ଉପରେ ତାଙ୍କ ମନ୍ତବ୍ୟ ରଖି ଆସୁଛନ୍ତି। ସେ ତାଙ୍କ ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ୍ ହେଉ କିମ୍ବା କୌଣସି ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମରେ ରିଭ୍ୟୁ କରୁଥିବା ସିନେମା ସମ୍ପର୍କରେ ମତ ଦିଅନ୍ତି। କିନ୍ତୁ ସେ ସବୁ ସୀମା ସରହଦ ଟପି ସିନେ କଳାକାର, ନିର୍ଦ୍ଦେଶକ ଓ ଟେକ୍ନିସିଆନ୍‌ଙ୍କ ବ୍ୟକ୍ତିଗତ ସ୍ତରକୁ ଯାଇ ଆକ୍ଷେପ କରନ୍ତି। ଏହି ଭିଡିଓ ପରବର୍ତ୍ତୀ ସମୟରେ ଭାଇରାଲ୍ ହୁଏ। ଯହାକି ଓଲିଉଡର ସମ୍ମାନହାନି କରୁଥିବା ସଂଘ ଅଭିଯୋଗ କରିଛି।

ସଂଘର ସଭାପତି ସବ୍ୟସାଚୀ ମହାପାତ୍ରଙ୍କ କହିବା ଅନୁଯାୟୀ, ପ୍ରତ୍ୟେକ ନାଗରିକଙ୍କ ମତ ଦେବାର ଅଧିକାର ରହିଛି। ତା' ମାନେ ନୁହେଁ ଯେ କାହାର ଚରିତ୍ର ସଂହାର କଲା ଭଳି ଟିପ୍ପଣୀ ରଖାଯିବ। ମନୋଜ ବାବୁ ଯେକୌଣସି ଓଡ଼ିଆ ଫିଲ୍ମ ରିଲିଜ୍ ହେଉଛି, ତାହା ଉପରେ ମତ ଦେଉଛନ୍ତି। ଅତି ଅଶାଳୀନ ଢଙ୍ଗରେ ଖରାପ ଶବ୍ଦ ପ୍ରୟୋଗ କରି ସେ ଓଡ଼ିଆ କଳାକାରଙ୍କ ଚରିତ୍ର ସଂହାର କରୁଛନ୍ତି। ଏହା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

ବରିଷ୍ଠ ନିର୍ଦ୍ଦେଶକ ବସନ୍ତ ସାହୁ କହିଛନ୍ତି, ଓଡ଼ିଆ ସିନେମା ବଦଳୁଛି। ସାମ୍ପ୍ରତିକ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଫିଲ୍ମ ନିର୍ମାଣ ହେଉଛି। ବହୁ ପ୍ରତିଭାସମ୍ପନ୍ନ ତଥା ଅଭିଜ୍ଞ ନିର୍ଦ୍ଦେଶକ ଓ କଳାକାର କାର୍ଯ୍ୟ କରି ଓଲିଉଡ୍‌କୁ ଆଗକୁ ନେଉଛନ୍ତି। ଏଭଳି ସମୟରେ ମନୋଜ ମିଶ୍ରଙ୍କୁ କାମ ମିଳୁନି ବୋଲି ସେ ସମସ୍ତ କଳାକାର, ନିର୍ଦ୍ଦେଶକ ଓ ଟେକ୍ନିସିଆନ୍‌ଙ୍କ ଚରିତ୍ରସଂହାର କରିବା ଏକ ଅପରାଧ ବୋଲି ସେ କହିଛନ୍ତି। ନିର୍ଦ୍ଦେଶକ ବବି ଇସଲାମ୍ ଏ ସମ୍ପର୍କରେ କହିଛନ୍ତି, ମନୋଜ ମିଶ୍ର ଜଣେ ଅଭ୍ୟାସଗତ ମିଛ କହୁଥିବା ଲୋକ। ତାଙ୍କୁ ଆଉ ଓଡ଼ିଆ ସିନେମାରେ ଅଭିନୟ କରିବାକୁ କେହି ନେଉନାହାନ୍ତି ବୋଲି ସେ ରାଗରେ ଏଭଳି ବାଚାଳାମି କରୁଛନ୍ତି। ତାଙ୍କୁ କଠିନ ଦଣ୍ଡ ଦେବାର ସମୟ ଆସିଛି ବୋଲି ସେ କହିଛନ୍ତି।

ପ୍ରକାଶ ଥାଉ କି, ୨୦୨୪ ସାଧାରଣ ନିର୍ବାଚନରେ ବଲାଙ୍ଗୀରରେ ଲୋକସଭା ପ୍ରାର୍ଥୀ ଭାବେ କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢ଼ି ହାରି ଯାଇଥିଲେ। ଏହା ପରଠାରୁ ଓଡ଼ିଶା ବିଭାଜନ ଠାରୁ ଆରମ୍ଭ କରି ଓଲିଉଡ୍ ବିବାଦରେ ତାଙ୍କ ସମ୍ପୃକ୍ତି ବଢ଼ି ଯାଇଥିଲା।


## ଟ୍ରକ୍ ଚାପାରେ ମା'- ପୁଅ ମୃତ

**ଭବାନୀପାଟଣା,୧୨।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାଗୁଡ଼ା ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମା'-ପୁଅଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବୋର୍ଡା ଗ୍ରାମର ମଞ୍ଜୁଳା ପ୍ରଧାନ(୫୩) ଓ ତାଙ୍କ ପୁଅ ସୁମନ୍ତ ପ୍ରଧାନ(୩୮)। ଦୁହେଁ ଆଜି ଏକ ବାଇକ୍‌ରେ ଭବାନୀପାଟଣାରୁ ବାଇକ୍‌ରେ ଫେରୁଥିବା ବେଳେ କର୍ଲାଗୁଡ଼ା ଛକ ନିକଟରେ ଏକ କଣ୍ଟେନର୍ (ଏଚ୍ଆର୍ ୫୫ କ୍ୟୁ-୮୨୦୫) ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

## ୭ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଓ ସହଯୋଗୀ ଗିରଫ

**ତୁରେକେଲା,୧୨।୧୧(ସମିସ):** ମଙ୍ଗଳବାର ତୁରେକେଲା ପୁଲିସ୍ ୭ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ତୁରେକେଲା ଥାନା ଅଧୀନ ଘୁନେସ ଗାଁର। ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ, ୪ ମହିଳା ଓ ଜଣେ ଶିଶୁ ଥିବା ଜଣାପଡ଼ିଛି। ତୁରେକେଲା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ କୁଇବାହାଲ ଗାଁ ନିକଟରୁ ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲା। ବେଆଇନ ଭାବେ ଏମାନଙ୍କୁ ଚାଲାଣ କରୁଥିବା ସର୍ଦ୍ଦାର ହେମନ୍ତ ପୁଟା ଓ ସହଯୋଗୀ କୁଳମଣି ନାଗଙ୍କୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଚାଲାଣ ବେଳେ ଦୁଇ ହାତୀ ଦାନ୍ତ ଜବତ



**ଆନନ୍ଦପୁର, ୧୨।୧୧(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ୨୦ନଂ. ଜାତୀୟ ରାଜପଥ ବୀରଗୋବିନ୍ଦପୁର ତ୍ରିରଙ୍ଗା ଡାବା ନିକଟରେ ବନ ବିଭାଗ ଚଢ଼ଉ କରି ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଦୁଇଟି ହାତୀଦାନ୍ତ ଜବତ କରିଛି। ଏହି ବେଆଇନ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଯୁବକର ନାମ ସୁଦାମ ମାଙ୍କିଡ଼ିଆ। ତା' ଘର କେନ୍ଦୁଝର ଜିଲ୍ଲାର ମେଲଣ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଜବତ ହାତୀଦାନ୍ତ ଦୁଇଟିର ଓଜନ ପାଖାପାଖି ଏକ କେଜି ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି। ଘଟଣାରେ ଜଙ୍ଗଲ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ଏବଂ ଏଥିରେ ଚୋରା ହାତୀଦାନ୍ତ ରାକେଟ୍ ଥିବା ସନ୍ଦେହ କରାଯାଉଛି।

ମାନସିକ ବିକାରଗ୍ରସ୍ତ ଯୁବକର ଉନ୍ମତ୍ତକାଣ୍ଡ

# ଭଣଜା, ପୁତୁରାକୁ ଟାଙ୍ଗିଆରେ ହାଣି ନିଜ ବେକ କାଟିଲା

**ନନ୍ଦପୁର,୧୨।୧୧(ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ଜଣେ ଯୁବକ ଏକ ଟାଙ୍ଗିଆରେ ନିଜ ଭଣଜା ଓ ପୁତୁରାକୁ ହାଣିବା ପରେ ନିଜ ବେକକୁ କାଟି ଦେଇଛି। ଏଥିରେ ଭଣଜାର ମୃତ୍ୟୁ ହୋଇଥିବା ବେଳେ ପୁତୁରା ଓ ଅଭିଯୁକ୍ତ ଗୁରୁତର ହୋଇଛନ୍ତି। ମୃତ ଭଣଜା ହେଲେ, ରାମ କ୍ରିସାନି। ନନ୍ଦପୁର ପୁଲିସ୍ ଘଟଣାସ୍ଥଳରୁ ପୁତୁରା ସୁକୁ ବଡ଼ନାୟକ (୧୬) ଓ ଅଭିଯୁକ୍ତ ସଦନ ବଡ଼ନାୟକକୁ ଉଦ୍ଧାର କରି ନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଟିକରପଡ଼ା ଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ନନ୍ଦପୁର ଥାନା ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତ ସଦର ଗ୍ରାମରେ ଥିବା ମାମୁ ସଦନ ବଡ଼ନାୟକଙ୍କ ଘରକୁ ଲମତାପୁଟସ୍ଥିତ କଡରି ମାଳିଗୁଡାରୁ ଭଣଜା ରାମ କ୍ରିସାନି ଆସିଥିଲେ। ଧାନ ବିଲକୁ ଯିବା ପାଇଁ ଭଣଜା ରାମ ମାମୁଁ ଘରେ ବସି ଖାଉଥିଲେ। ଏହି ସମୟରେ ହଠାତ୍ ଅଭିଯୁକ୍ତ ମାମୁ ସଦନ ଘର ଭିତରକୁ ଆସି

■ ଭଣଜା ମୃତ, ଅଭିଯୁକ୍ତ ଓ ପୁତୁରା ଗୁରୁତର
■ ଟିକରପଡ଼ା ଗାଁରେ ଚାଞ୍ଚଲ୍ୟ

ତାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ରାମଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ସଦନ ପୁତୁରା ସୁକୁ ଘର ଭିତରେ ପଶି ତାକୁ ମଧ୍ୟ ଟାଙ୍ଗିଆରେ ଆକ୍ରମଣ କରିଥିଲା। ପରେ ନିଜେ ଟାଙ୍ଗିଆରେ ନିଜ ବେକକୁ କାଟି ଦେଇଥିଲା।

ଅପରପକ୍ଷେ ଏହି ଘଟଣା ପ୍ରଘଟ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ପକ୍ଷରୁ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପରେ ପୁଲିସ୍



ଜୋରଜବରଦସ୍ତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ହତ୍ୟାକାରୀ ତଥା ଅଭିଯୁକ୍ତଙ୍କ ପିତା ମାତାକୁ ଥାନାରେ ଅଟକ ରଖାଯାଇଥିବା ଏସ୍‌ଡିପିଓ ସମ୍ବିତ କୁମାର ମାଝୀ କହିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ଏସ୍‌ଡିପିଓ କହିଛନ୍ତି।

## ଭୂତ ନେଉଛନ୍ତି ଭତ୍ତା; ଜୀବିତଙ୍କ ପାଳି ପଡୁନି

**ବାହାନଗା, ୧୨।୧୧ (ସମିସ):** ବାଲେଶ୍ୱର ଜିଲ୍ଲା, ବାହାନଗା ବ୍ଲକ୍ ଅନ୍ତର୍ଗତ କଲ୍ୟାଣୀ ପଞ୍ଚାୟତର କବୀର ବାରିକ। ୨୦୨୩ ନଭେମ୍ବର ୨୧ରୁ ଦେହାନ୍ତ ହୋଇସାରିଲାଣି। ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କ ପରିବାରକୁ ୨୦୦୦ ଟଙ୍କା ଦିଆଯାଇଥିଲା। କବୀରଙ୍କ ମୃତ୍ୟୁକୁ ପାଖାପାଖି ବର୍ଷେ ବିତିବାକୁ ବସିଲାଣି। କିନ୍ତୁ ଏବେ ବି ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମାସିକ ୧୦୦୦ ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପଠାଉଛି ବ୍ଲକ୍ ପ୍ରଶାସନ। ସେହି ପଞ୍ଚାୟତର ଲକ୍ଷ୍ମୀ ମହାଳିକ। ଗତବର୍ଷ ଅକ୍ଟୋବର ୩ ତାରିଖରୁ ତାଙ୍କର ମୃତ୍ୟୁ ହୋଇସାରିଲାଣି। କିନ୍ତୁ ଏବେ ବି ତାଙ୍କ ଆକାଉଣ୍ଟରେ ପ୍ରତି ମାସ ୧୦୦୦ ଟଙ୍କା ଲେଖାଏଁ ଭତ୍ତା ପଡୁଛି।

ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ଭଳି କବୀର ଓ ଲକ୍ଷ୍ମୀ ଦୁଇଟି ଉଦାହରଣ ମାତ୍ର। ଏମିତି କେତେ କବୀର, କେତେ ଲକ୍ଷ୍ମୀ ପଞ୍ଚଭୂତରେ ଲୀନ ହେବାର ବର୍ଷବର୍ଷ ପରେ ମଧ୍ୟ ସେମାନଙ୍କୁ ସରକାରୀ ଭତ୍ତା ମିଳି ଚାଲିଛି। ପରିବାରଲୋକ ଏ ସଂପର୍କରେ ବ୍ଲକ୍ ପ୍ରଶାସନକୁ ଅବଗତ ନ କରାଇବାର କାରଣ ବୁଝି ହେଉଛି; ପଇସା ବା କାହାକୁ ଗନ୍ଧାଏ? କିନ୍ତୁ ମାସେ କି ଦୁଇ ମାସ ନୁହେଁ, ବର୍ଷବର୍ଷ ଧରି ବ୍ଲକ୍ ପ୍ରଶାସନ ନିଜଆଡୁ ଏହାକୁ ତନଖି ନ କରିବା, ରେକର୍ଡପତ୍ର ଅପଡେଟ୍ ନ କରିବା, ସରକାରୀ ଅଧିକାରୀଙ୍କ କାର୍ଯ୍ୟ କରିବାର ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖାଲି କଲ୍ୟାଣୀ ପଞ୍ଚାୟତ ନୁହେଁ, ଆରୁହାବାଡ଼, ନୂଆପୁର, ଓଡ଼ଶାଳ, ବରିପଦା ସମେତ ବହୁ ପଞ୍ଚାୟତରେ ଏମିତି ଭତ୍ତା କେଳେଙ୍କାରୀ ବର୍ଷବର୍ଷ ଧରି ଚାଲିଛି। ଯୁଆଡ଼େ ଆଖି ବୁଲେଇଦେଲେ ଏମିତି ୫୦-୧୦୦ ଉଦାହରଣ ଦେଖିବାକୁ ମିଳିଯିବ। କେଳେଙ୍କାରୀ ଖାଲି ସେତିକିରେ ସୀମିତ ନୁହେଁ; କୋଉଠି ସଧବା ନାରୀ ବିଧବା ଭତ୍ତା ପାଉଛନ୍ତି ତ କୋଉଠି ଆଧାର କାର୍ଡରେ ବୟସ ବଢ଼ାଇ ସ୍ୱଳ୍ପବୟସ୍କ ବାର୍ଦ୍ଧକ୍ୟ ଭତ୍ତା ହାତଉଛନ୍ତି।

ଅପରପକ୍ଷେ, ସରକାରୀ ଅଧିକାରୀଙ୍କ ଏହି ଖାମଖିଆଲି ପାଇଁ ଭତ୍ତାଗଣ୍ଡିକ ପାଇଁ କାହିଁ କେଉଁ କାଳରୁ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ୧୦୯୫ଜଣ ଆବେଦନକାରୀଙ୍କ ଏଯାଏଁ ପାଳି ପଡୁନି। ଟାର୍ଗେଟ୍ ପୂର୍ଣ୍ଣ ହୋଇଯାଇଥିବା କହି ସେମାନଙ୍କ ଆବେଦନକୁ କମ୍ପ୍ୟୁଟର୍‌ର କେଉଁ ଡ୍ରାଇଭ୍‌ରେ କବର ଦେଇ ଦିଆଯାଇଛି।

■ ଭାଗୀରଥି ମାଣ୍ଡାଙ୍କ ହତ୍ୟା ଘଟଣା

## ୬ଜଣଙ୍କ ବିରୁଦ୍ଧରେ ଏନବିଡବ୍ଲ୍ୟୁ ଜାରିକଲେ ଏସ୍‌ଡିଜେଏମ୍

**ରାୟଗଡ଼ା,୧୨।୧୧(ସମିସ):** ରାୟଗଡ଼ା ସହରର ବହୁଚର୍ଚ୍ଚିତ ଭାଗିରଥୀ ମାଣ୍ଡାଙ୍କ ହତ୍ୟା ଘଟଣାରେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓଙ୍କ ସମେତ ୬ଜଣଙ୍କ ବିରୁଦ୍ଧରେ ରାୟଗଡ଼ା ଏସ୍‌ଡିଜେଏମ୍ ସୁଶ୍ରୀ ବର୍ଷା ଦାସ ମାମଲାର ବିଚାର କରି ଏନ୍‌ବିଡବ୍ଲ୍ୟୁ (ଜାମିନ ବିହୀନ ଗିରଫ ଫରୱାନା) ଜାରି କରିଥିବା ଅଭିଯୋଗକାରୀଙ୍କ ଓକିଲ ସାମୁଏଲ ତାଣ୍ଡି ଆଜି ଗଣମାଧମକୁ ସୂଚନା ଦେଇଛନ୍ତି। ଶ୍ରୀ ରାଓଙ୍କ ସମେତ ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ), ଇପିଲି ସନ୍ୟାସୀ ରାଜୁ, ପି. ଦିଲ୍ଲୀପ କୁମାର, ଏନ୍. ଆଦିନାରାୟଣ, କେ. କ୍ରିଷ୍ଣାରାଓଙ୍କ ନାମରେ ଏହି ଏନ୍‌ବିଡବ୍ଲ୍ୟୁ ଜାରି ହୋଇଛି। ଗତ ଫେବୃୟାରୀ ମାସରେ ହତ୍ୟା ଘଟଣାର ଅଭିଯୋଗର ତଦନ୍ତ ସମୟରେ ପର୍ଯ୍ୟାପ୍ତ ପ୍ରମାଣ ଅଭାବ ଦର୍ଶାଯାଇ ଭାଗିରଥୀ ମାଣ୍ଡାଙ୍କ ହତ୍ୟା ଘଟଣାରେ ପୁଲିସ ପକ୍ଷରୁ ଶେଷ ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ଅଭିଯୋଗକାରୀଙ୍କ ପକ୍ଷରୁ ନ୍ୟାୟ ପାଇବା ପାଇଁ ପୁଣିଥରେ ପ୍ରୋଟେଷ୍ଟ ପିଟିସନ୍ ଦିଆଯାଇ ୱାନ୍ସିସି (ନମ୍ବର-୦୬/୨୦୨୪) ଫାଇଲ କରି ଘଟଣାରେ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ମାନ୍ୟବର ଏସ୍ଡିଜେଏମ୍ ଜଜ ବର୍ଷା ଦାସ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ହତ୍ୟା ଓ ପରେ ପ୍ରମାଣ ନଷ୍ଟକୁ ଆଧାର କରି ଉକ୍ତ ୬ଜଣଙ୍କ ନାମରେ ଜାମିନ ବିହୀନ ଗିରଫ ପରଓ୍ୱାନା ଜାରି କରିଥିବା ଓକିଲ ଶ୍ରୀ ତାଣ୍ଡି ପ୍ରକାଶ କରିଛନ୍ତି।

## ଆଜି ରାଜ୍ୟ କ୍ୟାବିନେଟ

**ଭୁବନେଶ୍ୱର,୧୨।୧୧(ସମିସ):** ଆସନ୍ତାକାଲି ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଅପରାହ୍ନ ୪ଟା ସମୟରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ବୈଠକରେ ଉଚ୍ଚଶିକ୍ଷା, ପଞ୍ଚାୟତିରାଜ, କୃଷି, ସମବାୟ ଓ ଶକ୍ତି ବିଭାଗ ସମ୍ପର୍କିତ ଏକାଧିକ ପ୍ରସ୍ତାବ ଉପରେ ମୋହର ବାଜିପାରେ। ବିଶେଷକରି ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରଚଳନ ସହ ଏକାଧିକ ପ୍ରସ୍ତାବକୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେତାଙ୍କ ଆଶୀର୍ବାଦରେ...

ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା। ସୋରଡାରେ ପ୍ରବଳ ମାତ୍ରାରେ ବାଲି ଚୋରା ଚାଲାଣ ଚାଲିଥିଲେ ହେଁ ଏହାକୁ ରୋକିବାକୁ କେହି ନାହିଁ। ପଡ଼ୋଶୀ ଗୋପାଳପୁର ନିର୍ବାଚନମଣ୍ଡଳୀ ଅର୍ଥାତ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଞ୍ଚଳରେ ମଧ୍ୟ ବାଲି ଚୋରା ଚାଲାଣ ସୀମାତିକ୍ରମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏଥିରେ ସ୍ଥାନୀୟ ବିଜେପି ନେତାଙ୍କ ପ୍ରତ୍ୟକ୍ଷ ଭାବେ ସଂପୃକ୍ତି ନେଇ ଅଭିଯୋଗ ଆସୁଥିବା ବେଳେ ପ୍ରଶାସନ ହାତ ବାନ୍ଧି ବସିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରଠାରୁ ଆରମ୍ଭ କରି ସୁନ୍ଦରଗଡ଼, ଝାରସୁଗୁଡ଼ା, ଯାଜପୁର, ବାଲେଶ୍ୱର, ଜଗତସିଂହପୁର, ଭଦ୍ରକ ଜିଲ୍ଲାରେ ଦୈନିକ ବିପୁଳ ପରିମାଣର ବାଲି ଚୋରାଚାଲାଣ ହେଉଛି। ମୋରମ ଓ ପଥର ଲୁଟ୍ ହେଉଛି । ଏଥିପାଇଁ ରାଜ୍ୟ ସରକାର ଦୈନିକ କୋଟିକୋଟି ଟଙ୍କାର ରାଜସ୍ୱ ଓ ରାଜଭାଗ ହରାଉଛନ୍ତି, ମାତ୍ର ଏହାପ୍ରତି କେହି ନଜର ଦେଉନାହାନ୍ତି।

ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିପୁଳ ପରିମାଣର ଲଘୁ ଖଣିଜ ସମ୍ପଦ ଓ ପଥର ଚୋରି ହେଉଥିବା ଖୋଦ୍ ଶାସକ ବିଜେପିର ନେତା ସର୍ବେଶ୍ୱର ବେଉରା ଭିଯୋଗ ଆଣିଛନ୍ତି । ଏପରିକି ଏହି ଚୋରା କାରବାର ପଛରେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଶ୍ରୀ ବେଉରା ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି । ଜଗତସିଂହପୁର, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ମଧ୍ୟ ସ୍ଥିତି ଅନୁରୂପ। ବାଲି ଚୋରାଚାଲାଣରେ ଶାସକ ଦଳର ନେତା ଓ କର୍ମୀମାନଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି । ଗୁରୁତର କଥା ହେଉଛି ଲୋକଙ୍କୁ ଭୟଭୀତ କରିବା ପାଇଁ ଏହି ବାଲି ମାଫିଆମାନେ ଅସାମାଜିକ ତତ୍ତ୍ୱଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି।

ପ୍ରତିଦିନ ଶହ ଶହ କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଥିବା ବେଳେ ଏହାକୁ ରୋକିବାକୁ ସରକାର ସକ୍ଷମ ନୁହନ୍ତି ଓ ତୃଣମୂଳସ୍ତରରେ ଏପରି ଅରାଜକତାକୁ ସାଧାରଣ ଲୋକ ଗ୍ରହଣ କରିପାରୁ ନାହାନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଏକପ୍ରକାର ଭୁଷୁଡ଼ି ପଡ଼ିଛି। ଏପରି ସମୟରେ ଖଣିଜ ଦ୍ରବ୍ୟର ଏପରି ବେଧଡ଼କ, ବେଆଇନ୍ ଚୋରା ଚାଲାଣ ପ୍ରଶାସନର ଦୁର୍ବଳତା ତଥା ଅସହାୟତାକୁ ପଦାରେ ପକାଇଛି।

### ରାସନ ଚାଉଳ...

ସମାଲୋଚନା କରିଛନ୍ତି। ଯଦି ଆଦିବାସୀ ସମ୍ପ୍ରଦାୟ ରାସନ ଚାଉଳ ଖାଉ ନାହାନ୍ତି, ତେବେ କେନ୍ଦ୍ର ସରକାରଙ୍କୁ କହି ଏହାକୁ ଜୟନାରାୟଣ ବନ୍ଦ କରିଦିଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି । ଏହା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀଙ୍କ ସହ ରାଜ୍ୟ ସରକାରଙ୍କ ଆଦିବାସୀ ମନ୍ତ୍ରୀ ଓ ଦଳର ଆଦିବାସୀ ବିଧାୟକମାନେ କେତେ ଆମ୍ବଟାକୁଆ ଜାଉ ଖାଉଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଜୟନାରାୟଣ କହିଛନ୍ତି ଯେ ଆଦିବାସୀମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାସନ ସାମଗ୍ରୀ ଲୋକେ ଖାଆନ୍ତିନି। ସେମାନେ ଏହାକୁ ନେଇ କଣ କରନ୍ତି, ସେମାନଙ୍କୁ ଜଣାଅଛି। ଆମ୍ବ ଟାକୁଆ ଖାଇ ଲୋକେ ମରିବା କଥା ବେକାର। ଆଦିବାସୀମାନେ ଆମ୍ବ ଟାକୁଆ ଖାଆନ୍ତି । ଯିଏ କିଛି କାମ କରିବେନି, ଶୋଇକି ରହିବେ ତାଙ୍କୁ କିଏ ଖାଇବାକୁ ଦେବ ବୋଲି ଜୟନାରାୟଣ ପ୍ରଶ୍ନ ସହ ଆଦିବାସୀ ସମ୍ପ୍ରଦାୟକୁ ଉପହାସ କରିଛନ୍ତି। ଜୟ ନାରାୟଣଙ୍କ ଏପରି ଟିପ୍ପଣୀକୁ ନେଇ ବିଜେଡି ବିଧାୟକ ସାରଦା ଜେନା ପ୍ରବଳ ବର୍ଷିଛନ୍ତି । ସେ କହିଛନ୍ତି ଯେ ଲୋକେ ଯଦି ରାସନ ଖାଉନାହାନ୍ତି, ତାହେଲେ କଣ ଖାଉଛନ୍ତି। ସରକାର ସେମାନଙ୍କୁ କାହିଁକି ରାସନ ଦେଉଛନ୍ତି। କେନ୍ଦ୍ରରେ ସେମାନଙ୍କର ସରକାର ଅଛି। କେନ୍ଦ୍ର ସରକାରଙ୍କୁ କହି ସେ ରାସନ ସାମଗ୍ରୀ ବନ୍ଦ କରିଦେବେକି ବୋଲି ପ୍ରଶ୍ନ କରିଛନ୍ତି ସାରଦା।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ବିଜେପିର ବରିଷ୍ଠ ବିଧାୟକଙ୍କ ଏଭଳି ମନ୍ତବ୍ୟ ଅସୌଜନ୍ୟପୂର୍ଣ୍ଣ। ଆଦିବାସୀ ଅଖାଦ୍ୟ ଖାଆନ୍ତି ନାହିଁ; ଅଭାବ ହେଲେ ଅଖାଦ୍ୟ ଖାଇବାକୁ ବାଧ୍ୟ ହୁଅନ୍ତି। ଆମ୍ବ ଟାକୁଆ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ନୁହେଁ। ଅଖାଦ୍ୟ ଖାଇ ଅନାହାର ମୃତ୍ୟୁ ହୋଇଛି। ଏଥିପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ। ତିନିମାସ ହେବ ଲୋକଙ୍କ ପାଖରେ ରାସନ ପହଞ୍ଚି ନାହିଁ। ଇ-କେୱାଇସି ନାଁରେ ଲୋକଙ୍କୁ ରାସନ୍ ଦିଆଯାଇନାହିଁ। ରାସନ ନ ପହଞ୍ଚିବାରୁ ଲୋକ ଆମ୍ବ ଟାକୁଆ ଖାଉଛନ୍ତି ବୋଲି । ଶ୍ରୀ କାଡାମ ଆହୁରି ମଧ୍ୟ କହିଛନ୍ତି ଯେ ଲୋକ ଚାଉଳ ଖାଉନାହାନ୍ତି ବୋଲି କହି ବରିଷ୍ଠ ବିଧାୟକ ଭୁଲ ତଥ୍ୟ ନ ରଖନ୍ତୁ। କିପରି ଲୋକଙ୍କ ପାଖରେ ରାସନ୍ ପହଞ୍ଚିବ ବ୍ୟବସ୍ଥା କରିବା ଆବଶ୍ୟକ। ସରକାର ଏଥିପ୍ରତି ଧ୍ୟାନ ନ ଦେଲେ ସରକାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ ସେ ଚେତାଇ ଦେଇଛନ୍ତି।

ଅନ୍ୟପକ୍ଷରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର କହିଛନ୍ତି ଯେ ସରକାରୀ ଦଳର କିଛି ଦାୟିତ୍ୱବାନ ବ୍ୟକ୍ତି ଆମ୍ବ ଟାକୁଆକୁ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ବୋଲି କହୁଛନ୍ତି; ମାତ୍ର ଏହା ସତ୍ୟ ନୁହେଁ। ଆମ ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଅଟନ୍ତି। ସେ କଣ ଆମ୍ବଟାକୁଆ ଖାଇବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଖାଦ୍ୟ ଅଭାବରୁ ହିଁ ଆଦିବାସୀମାନେ ଆମ୍ବଟାକୁଆ ଯାଉ ଖାଇଛନ୍ତି ବୋଲି ବିଜୟ କହିଛନ୍ତି। ସେହିପରି ଜୟ ନାରାୟଣଙ୍କ ରାସନ ସାମଗ୍ରୀ ଉକ୍ତିର ଜବାବ୍ ରଖି ସେ କହିଛନ୍ତି ଯେ ରାସନ ସାମଗ୍ରୀ ଯଦି ଲୋକେ ଖାଉନାହାନ୍ତି, ତାହେଲେ ସେମାନଙ୍କୁ କାହିଁକି ଦିଆଯାଉଛି। ସେମାନେ(ବିଜେପି) ପ୍ରଧାନମନ୍ତ୍ରୀଙ୍କୁ ଏନେଇ ରିପୋର୍ଟ ଦିଅନ୍ତୁ ବୋଲି ବିଜୟ ଆହ୍ୱାନ ଦେଇଛନ୍ତି।

### ପଞ୍ଚୁକ ଆରମ୍ଭରୁ...

କୁହାଯାଇଥିଲା। ଏପରିକି ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କେବଳ ଗୋଟିଏ ଦ୍ୱାର (ସିଂହଦ୍ୱାର)ରେ ପ୍ରବେଶ ହେବ ଏବଂ ବାକି ତିନିଦ୍ୱାରରେ ଶ୍ରଦ୍ଧାଳୁ ପ୍ରସ୍ଥାନ କରିବେ ବୋଲି କୁହାଗଲା। ହେଲେ ଠିକଣା ବେଳକୁ ସବୁ ଫେଲ୍ ମାରିଛି। କାର୍ତ୍ତିକ ଆରମ୍ଭରୁ ଶ୍ରଦ୍ଧାଳୁ ପାଇଛନ୍ତି ଦର୍ଶନ ଯନ୍ତ୍ରଣା। ଅସ୍ଥାୟୀ ବ୍ୟାରିକେଡ୍‌ରେ ଘଣ୍ଟାଘଣ୍ଟା ଧରି ଚିପିଚାପି ହୋଇ ଠିଆ ହୋଇଛନ୍ତି ବୃଦ୍ଧବୃଦ୍ଧା, ମହିଳା, ଶିଶୁ ସମସ୍ତେ। କେବଳ ସିଂହଦ୍ୱାରରେ ପ୍ରବେଶ ଅନୁମତି ଥିବାରୁ ଧାଡ଼ି ମରୀଚିକୋଟ ଛକ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା।

ଭିଡ଼ ନିୟନ୍ତ୍ରଣ କରିବା ଲାଗି ପୁଲିସ ଭକ୍ତଙ୍କୁ ଦଫାଦଫା କରି ମନ୍ଦିର ଭିତରକୁ ଛାଡୁଥିଲା। ତେବେ ଭିତରେ ଦର୍ଶନ ବନ୍ଦ ସମୟରେ ବାହାରୁ ଶ୍ରଦ୍ଧାଳୁଙ୍କୁ ଛଡ଼ା ଯାଉନଥିଲା। ଫଳରେ ଧାଡ଼ି ଲମ୍ବି ଚାଲିଥିଲା। ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ଭିତରେ ଦୀର୍ଘ ସମୟ ଧରି ଭକ୍ତମାନେ ଛିଡ଼ା ହେଲା ଫଳରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଏପରିକି ସେମାନଙ୍କୁ ପିଇବା ପାଇଁ ପାଣି ବି ମିଳି ନ ଥିଲା। ତେବେ ସିଂହଦ୍ୱାର ସମ୍ମୁଖରେ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ବାଟରେ ଠେଲାପେଲା ହୋଇଥିଲା। ଲମ୍ବା ଲାଇନ୍ ଲାଗିଥିବା ବେଳେ ଅନେକ ଭକ୍ତ ସେହି ବାଟରେ ଯିବା ପାଇଁ ଧସେଇ ପଶିଥିଲେ। ପୁଲିସ ସେମାନଙ୍କୁ ଅଟକାଇବା ବେଳେ ଠେଲାପେଲା ହୋଇଥିଲା। କିଛି ଭକ୍ତ ତଳେ ପଡ଼ିଯାଇଥିଲେ।

ଗଞ୍ଜାମ ଖଲ୍ଲିକୋଟରୁ ଆସିଥିବା ବରିଷ୍ଠ ନାଗରିକ ସନ୍ତୋଷ ପାତ୍ର କହିଛନ୍ତି, ପଞ୍ଚୁକରେ ଭିଡ଼ ହେବ ବୋଲି ସେ ଜାଣିଥିଲେ। କିନ୍ତୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଭାବେ କୌଣସି ବ୍ୟବସ୍ଥା ହୋଇନଥିବ, ତାହା ତାଙ୍କୁ ମାଲୁମ୍ ନଥିଲା। ଗୋଟିଏ ଧାଡ଼ିରେ ଏତେ ସମୟ ଧରି ବୃଦ୍ଧବୃଦ୍ଧା ଛିଡ଼ା ହେବା ସମ୍ଭବ ନୁହେଁ। ମୋ ଭଳି ଅନେକ ବୟସ୍କ ବ୍ୟକ୍ତି ହଇରାଣ ହୋଇଛନ୍ତି। ଏ ଦିଗରେ ପ୍ରଶାସନ ଚିନ୍ତା କରିବା ଦରକାର ଥିଲା। କେବଳ ସନ୍ତୋଷ ନୁହଁନ୍ତି, ପ୍ରଶାସନର ବ୍ୟବସ୍ଥାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ମହାପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇ ନଥିବାରୁ ପୁରୀବାସୀ ମଧ୍ୟ କ୍ଷୋଭ ପ୍ରକାଶ କରିଥିଲେ।

### ଖାଉଟିଙ୍କ ଅଣ୍ଟା ଭାଙ୍ଗିଲାଣି...

ଖସି ଯିବାକୁ ଉଦ୍ୟମ କରିଥିଲେ ହେଁ ବାସ୍ତବ ସ୍ଥିତି ଆଉ ଖାଉଟିଙ୍କୁ ଅଜଣା ନାହିଁ । ପାର୍ବଣ ପୂର୍ବରୁ ହଠାତ୍ ଆଳୁ ଓ ପିଆଜ ଦର ସୀମାତିକ୍ରମ କରିବା ଖାଉଟିଙ୍କୁ ବଡ଼ ଝଟ୍‌କା ଦେଇଛି। ପନିପରିବା ଏବେ ତ ଦୁଷ୍ପ୍ରାପ୍ୟ ହେଲାଣି । କାର୍ତ୍ତିକ ମାସରେ ରଶୁଣ କିଲୋ ୪୦୦, ପିଆଜ କିଲୋ ୭୦ ଟଙ୍କା ସମ୍ଭବତଃ ସବୁ ରେକଡର୍ ଅତିକ୍ରମ କରିଛି ।ଝୁଡଙ୍ଗ, କଲରା, ବିନ୍ସ, ଜହ୍ନି, ଗାଜର ଏବଂ ପୋଟଳ ଦର ୮୦ରୁ କମ୍‌ରେ ମିଳୁନାହିଁ। ଅନ୍ୟାନ୍ୟ ପନିପରିବାର ମୂଲ୍ୟ ମଧ୍ୟ ଅନୁରୂପ । ତେବେ ଆଗକୁ ପନିପରିବା ଦର କ'ଣ ହେବ ତାହାକୁ ନେଇ ଏବେଠାରୁ ଖାଉଟି ଆଶଙ୍କା ପ୍ରକାଶ କଲେଣି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ବର୍ତ୍ତମାନ ଦେଶରେ ଗହମର ସରକାରୀ ଦର କ୍ୱିଣ୍ଟାଲ ପିଛା ୨୩୫୦ ଟଙ୍କା ରହିଛି। ଖୋଲା ବଜାରରେ ଗହମ ମିଳୁନାହିଁ। ମିଲ୍ ମାଲିକ ଏହାକୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚଢ଼ା ଦରରେ କିଣୁଛନ୍ତି। ଯାହାର ପ୍ରଭାବ ଅଟା, ସୁଜି ଓ ମଇଦାର ଖୁଚୁରା ବଜାର ଉପରେ ଦେଖିବାକୁ ମିଳୁଛି। ବର୍ତ୍ତମାନ ଖାଉଟି ବଜାର ଦର କର୍ପୋରେଟ୍ ସଂସ୍ଥା ଧାର୍ଯ୍ୟ କରୁଛନ୍ତି। ସେଥିପାଇଁ ବଜାର ଉପରୁ ସରକାରଙ୍କ ନିୟନ୍ତ୍ରଣ ଖସିଗଲାଣି। ଏଥିରେ କେବଳ ଖାଉଟି ହଇରାଣ ହେଉଛନ୍ତି । ଭବିଷ୍ୟତରେ ଏହି ସ୍ଥିତି ଆହୁରି ଖରାପ ହେବ ବୋଲି ସେ ଆଶଙ୍କା କରିଛନ୍ତି ।

### ୧୦୦ ଏକର ଜଙ୍ଗଲ ଜମି...

ଦେବୀଦତ୍ତ ବିଶ୍ୱାଳ କହିଛନ୍ତି। ଜବରଦଖଲ ଜମି ଜଙ୍ଗଲ ଜମି କି ନୁହଁ, ଯଦି ଜଙ୍ଗଲ ଜମି ତାହା କେମିତି ଜବରଦଖଲକାରୀଙ୍କ କବଜାକୁ ଗଲା, ଏହା ଜଙ୍ଗଲ ବିଭାଗର କୌଣସି କର୍ମଚାରୀଙ୍କ ଜାଣତରେ ହୋଇଛି କି ଆଦି ଏଭଳି କିଛି ଦିଗ ଉପରେ ଟିକିନିଖି ତଦନ୍ତ କରି ୧୫ ଦିନ ଭିତରେ ସଂପୂର୍ଣ୍ଣ ରିପୋର୍ଟ ଦେବାକୁ ଡିଏଫ୍‌ଓଙ୍କୁ କୁହାଯାଇଥିବା ଜଣାପଡ଼ିଛି। ତାସହ ଏହା ଜଙ୍ଗଲ ଜମି ହୋଇଥିଲେ ଆଇନ ଅନୁସାରେ ଜବରଦଖଲ ଉଚ୍ଛେଦ କରିବାକୁ ବି କହିଛନ୍ତି।

### ଘରେ ପଶି...

ପରେ ସେମାନେ ଘରର ମୁଖ୍ୟ କବାଟ ଭାଙ୍ଗି ଭିତରେ ପଶି ବିଭିନ୍ନ ଆସବାବ ପତ୍ରକୁ ଭାଙ୍ଗି ବ୍ୟାପକ ନଷ୍ଟ କରିଥିଲେ। ହାତରେ ଲୁହାଛଡ଼, ଖଣ୍ଡା ଓ ବହୁ ମାରଣାସ୍ତ୍ର ଧରି ଘର ଭିତରକୁ ଧସେଇ ପଶିଥିଲେ ଓ ପରିବାର ଲୋକଙ୍କୁ ହତ୍ୟା କରିବାକୁ ଖୋଜିଥିଲେ। ଜୀବନ ବିକଳରେ ପରିବାରଲୋକ ଉପର ମହଲାକୁ ପଳାଇ ଲୁଚି ଯିବାରୁ ବର୍ତ୍ତି ଯାଇଥିଲେ। ପରେ ଦୁର୍ବୃତ୍ତମାନେ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ୫୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ତେବେ ଦୁର୍ବୃତ୍ତଙ୍କ ଏପରି ଆତଙ୍କରାଜ ସିସିଟିଭି କ୍ୟାମେରାରେ ସମ୍ପୂର୍ଣ୍ଣ କଏଦ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ଶୀଘ୍ର ଗିରଫ କରା ନଗଲେ, ତୁରୁଙ୍ଗା ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ପୁଲିସକୁ ଚେତାବନୀ ଦେଇଛନ୍ତି।


**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-1589

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୩୧୬୧୧/ ଭୁ.ଉ.କ., ଭୁବନେଶ୍ୱର KNL-247/93 **ସୂଚନା** ତା. ୦୮.୧୧.୨୦୨୪ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା- ଶୁକ୍ଳେଶ୍ୱରପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ.- K-4-1367 କୁ ଶ୍ରୀ ଚକ୍ରଧର ସାହୁ, ପିତା- ଅର୍ଜୁନ ସାହୁ, ଗ୍ରାମ- ଗୋପବନ୍ଧୁନଗର, ପୋଷ୍ଟ- କେନ୍ଦୁପଲ୍ଲୀ, ଥାନା- ବୈଦେଶ୍ୱର, ଜିଲ୍ଲା- କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ଚକ୍ରଧର ସାହୁ ଗତ ତା.୦୭.୦୨.୨୦୦୩ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death certificate Registration No. 8607 dated 20.08.2003)

Legal heir certificate Misc. Case No. 29/2014 dated 20.03.2015 ଅନୁଯାୟୀ ଚକ୍ରଧର ସାହୁଙ୍କର ଉତ୍ତରାଧିକାରୀ (୧) ରବିନ୍ଦ୍ରନାଥ ସାହୁ (ପୁତ୍ର), (୨) ଭଗବାନ ସାହୁ (ପୁତ୍ର), (୩) ସରୋଜିନୀ ସାହୁ (କନ୍ୟା) ଓ (୪) ଟିକିନା ସାହୁ (କନ୍ୟା) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0172/2425

**LOST**

ଏତଦ୍ୱାରା ମୁଁ ରଞ୍ଜନ କୁମାର ସ୍ୱାଇଁ ପିନଟବର ସ୍ୱାଇଁ, ସା- ବାଲିସାହି, ପୋ- ବାଲିକୁଦା, ଜି- ଜଗତସିଂହପୁର ଜଣାଉଅଛିକି ଏକ ବନ୍ଧନ ପତ୍ର ଦଲିଲ ନଂ. 462 ତା. 26.02.80 ମୋର ଘର ଠାରୁ ବାଲିକୁଦା ବଜାର ମଧ୍ୟରେ ହଜିଯାଇଛି । ଯେ କୌଣସି ବ୍ୟକ୍ତି ପାଇଥିବେ ମୋତେ ନଂ. 8458009464 ରେ ୭ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ ।

**AFFIDAVIT**

By virtue of an affidavit Sl. No 652,Dtd. 23.10.2024 in the court of Executive Magistrate, Jhumpura. I, Tapan kumar Mahanta, s/o Haladhar Mahanta village at-Raikala, po- Raikala, ps - Sadar Dist- keonjhar, have changed my son's name from prittam kumar Mahanta to Aditya Narayan Mahanta for all purposes.

Sd/- Tapan Kumar Mahanta

**AFFIDAVIT**

I **Bharati Patnaik** w/o Bikram Keshari Patnaik, Resident of 1038/4014 Prakruti vihar, Baramunda Bhubaneswar P.s Khandagiri 751003 Odisha declare by this affidavit No.-183-Dt 10.06.2024 that now onwards I shall be known as **Bharati Mohanty** for all future proposes.

**AFFIDAVIT**

By virtue of an affidavit sworn before the Executive Magistrate, Panposh at Uditnagar, Rourkela on 05.11.2024, I, Komal Chawda, W/o- Tushar Kumar Chawda, Address- Qrs. No. EM/99, Basanti Colony, Rourkela-12, PS-Uditnagar, Dist-Sundargarh, Odisha, Pin-769012, declare that I have changed my name from Komal Tank to Komal Chawda. Henceforth, I shall be known as Komal Chawda for all purposes.

SD/- KOMAL CHAWDA

**NAME CORRECTION**

By virtue of an affidavit sworn in the court of Executive Magistrate, Jajpur, dated 21/10/2024, I **Tushar Kumar Gahana,** S/o. Sasanka Sekhar Gahana, residing At- Dandasundarpur, PO- Kodandapur, PS/Dist- Jajpur, Odisha, Pin- 755007, that the actual name of my father is Sasanka Sekhar Gahana and my mother's name is Rajanigandha Gahana, but in my Educational Certificates my father's name has been wrongly written as Shashika Shekar Gahana and also my mother's name has been wrongly written as Rajanee Gandha Gahana, So I declare that the actual name of my father is Sasanka Sekhar Gahana and name of my mother is Rajanigandha Gahana for all future purposes.

**AFFIDAVIT**

I, Akshya Kumar Dash, Husband of Anandinee Dash, resident of plot no -H/22,Mancheswar Industrial Estate, Rasulgarh, Ps - Mancheswar, Pin - 751010,Dist-Khordha, Bhubaneswar, Odisha. declare by this affidavit no -25172,dated-17/10/2024,that now onwards I shall be known as **AKSHAYA KUMAR DASH** for all future purposes.

**AFFIDAVIT**

I, Prakas Chandra Sahoo, S/o Muralidhar Sahoo, Resident of Village-Chatua, Po-Dingar, Ps-Begunia, Dist-Khorda, Odisha declare by this affidavit no -999 dated-13/09/2024,that now onwards I shall be known as **PRAKASH CHANDRA SAHOO** for all future purposes.

**AFFIDAVIT**

I, Nandita Himanshu Panda, W/o-Himanshu Sekhar Panda, resident of At -Ramadaspur, Po - Raipur, Ps - Balichandrapur, Dist - Jajpur, Pin - 754292,Odisha.declare by this affidavit no - 13427,dated-11/11/2024.that now onwards I shall be known as **NANDITA SABAT** for all future purposes.

**OFFICE OF THE PRINCIPAL**
**MAHAPAT HIGHER SECONDARY SCHOOL**
**Janghira, Keonjhar**
Mob-7735148237, Email id-scmohapatra11@gmail.com

**WALK-IN-INTERVIEW**

Walk-in-interview for Guest faculty will be held in 22.11.2024 for the post of History, Economics and Non-teaching post of Data entry operator & Lady attendant in temporary basis.

Interested Candidates may apply with educational Qualification to the undersigned.

Sd/- PRINCIPAL
Mahapat High Secondary Schoo
Janghira, Keonjhar

**NOTICE**

By virtue of an affidavit sworn before the Executive Magistrate G Udaygiri, Kandhamal, Vide No-02/12.11.2024, Dated 12/11/2024, KAINTI SAHU D/o- late Lau Chandra Sahu , currently residing at Chancherapalli, PO-Kujamendi, PS-Daspala, Dist-Nayagarh, PIN-752089, declare that I have changed my name from Jayanti Sahoo to Kainti Sahu. Henceforth, I shall be known as **KAINTI SAHU** for all purposes.

Kainti Sahu
New Name

**AFFIDAVIT**

I, Priyanka Lohia, W/o- Vinit Kejriwal resident of Flat No- 202, 2nd Floor, Shyam residency, Jharapada, Bhubaneswar, Pin-751006 Odisha declare by this affidavit No. 2069, dated- 12/11/2024 that now onwards I shall be known as **PRIYANKA KEJRIWAL** for all future purposes.

**LOST**

I, **Kiranbala Bisoi,** W/o Bijay Kumar Bisoi, resident of Vill/PO: Siula, PS: Pipili, Dist: Puri, Pin: 752104, Odisha do hereby declare that, the Link Document of property **Mouza- Siula, Khata No. 782/190, Plot No. 854/2787, Area- A.0.028dec (2 dec.800 Barga Kadi), Link Sale Deed No. 11531102182, dated-20/07/2011** & Original Sale Deed & ROR have been lost on 12/08/2024 in between Pipili - Puri bypass. If anyone finds it kindly contact to Advocate Mr. NC Pattanaik, Mob No. 9853311189. If anyone will misutilize it, we will not be responsible for it.

**IN THE COURT OF THE SR. CIVIL JUDGE, COMMERCIAL COURT, CUTTACK**
**C.S NO. 44(III) OF 2022**

State Bank of India, RASMEC, Cuttack ... Plaintiff.
-Versus-
M/s. Omm Sai Enterprises & another ... Defendants.

**Notice U/O.5. R 20-1 (A) of CPC**

1. **M/s. Omm Sai Enterprises,** a proprietorship unit, At: Plot no.: 6F/1155, Sector-9, Markat Nagar, Cuttack-753014, Represented by its sole proprietor Sri Sagar Swain.
2. **Sri Sagar Swain,** aged about 34 years, S/o.: Gajendra Nath Swain, At: D/80,Sector-11, Markat Nagar, Cuttack-753014, Proprietor of M/s. Omm Sai Enterprises.

Whereas the plaintiff has instituted **CS. III No. 44 of 2022** in the aforesaid Court for recovery of **Rs.10,45,969.00** only together with current and future interest, costs and for other reliefs against all of you. You did not appear in the Court despite summons issued from the hon'ble Court.

Please take notice that the case is posted to **05.12.2024 at 10.30 AM** for your appearance and filing of W/s. If you do not appear on the above date fixed, the case will be heard and disposed of ex-parte against you.

Given under my hand and seal of this Court on this **7th day of the month of Nov. 2024.**

Sd/- Sr. Civil Judge,
Commercial Court, Cuttack

**यूनियन बैंक Union Bank of India**

**ରାଉରକେଲା ମୁଖ୍ୟ ଶାଖା**
୧ମ ମହଲା, ରୋଜୀ ସପିଙ୍ଗ୍ ସେଣ୍ଟର, ମେନ୍ ରୋଡ୍, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ଓଡ଼ିଶା-୭୬୯୦୦୧

**କୃଷି ସ୍ୱର୍ଣ୍ଣ ଋଣ ନିମନ୍ତେ ଅନ୍ତିମ ସ୍ମରଣ ତଥା ନିଲାମ ପତ୍ର**

ଆପଣମାନେ, ନିମ୍ନଲିଖିତ ସ୍ୱର୍ଣ୍ଣ ଋଣଗ୍ରହୀତା ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଉରକେଲା ମୁଖ୍ୟ ଶାଖାରୁ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ପ୍ରାପ୍ତ କରିଛନ୍ତି। ବାରମ୍ବାର ଯୋଗାଯୋଗ/ସ୍ମରଣ ପତ୍ର ପ୍ରେରଣ ସତ୍ତ୍ୱେ ମଧ୍ୟ ଆପଣ ନିମ୍ନଲିଖିତ ବକେୟା ଦେୟ ଏବଂ ତାହାର ସୁଧ ପରିଶୋଧ କରିବାରେ ବିଫଳ ହୋଇଛନ୍ତି/ ସ୍ମରଣ ପତ୍ର ଗ୍ରହଣ କରିନାହାଁନ୍ତି ଏବଂ ଅବହେଳା କରିଛନ୍ତି। ତେଣୁ ଆମେ ଏଠାରେ ଶେଷ ଥର ପାଇଁ ଆପଣମାନଙ୍କୁ ଅବଗତ କରାଇଦେଉଅଛୁ ଯେ, ଏହି ଚିଠି ଜାରି ତାରିଖ ଠାରୁ ୧୫(ପନ୍ଦର) ଦିନ ମଧ୍ୟରେ ସୁଧ ସହିତ ନିମ୍ନଲିଖିତ ବକେୟା ଦେୟ ଏବଂ ତାହାର ସୁଧ ପରିଶୋଧ କରନ୍ତୁ ଅନ୍ୟଥା, ବ୍ୟାଙ୍କ ଧାର୍ଯ୍ୟ ପ୍ରକ୍ରିୟା ଅନୁସରଣ କରି ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବିକ୍ରୟ କରିବାକୁ ବାଧ୍ୟ ହେବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ଅନ୍ତିମ ସ୍ମରଣ ପତ୍ର ତାରିଖ | ମୋଟ ବକେୟା ଦେୟ | ନିଲାମ ତାରିଖ |
|---|---|---|---|---|
| ୧. | ସାବିତ୍ରୀ ଦେବୀ, ପ୍ଲଟ୍ ନଂ.: ୬୨/୧୪୧୧, ୫୯/୧୪୨୨, ଖାତା ନଂ.: ୨୧୩, ଉଦିତ୍ ନଗର, ରାଉରକେଲା-୭୬୯୦୧୨ / ଆକାଉଣ୍ଟ ନଂ.: ୬୫୪-୨୨୬ | ୦୧.୧୧.୨୦୨୪ | ୧୭.୦୯.୨୦୨୪ ସୁଦ୍ଧା ଟ.୨,୨୦,୦୧୯.୦୬ | ୩୦.୧୧.୨୦୨୪ |
| ୨. | ସାବିତ୍ରୀ ଦେବୀ, ପ୍ଲଟ୍ ନଂ.: ୬୨/୧୪୧୧, ୫୯/୧୪୨୨, ଖାତା ନଂ.: ୨୧୩, ଉଦିତ୍ ନଗର, ରାଉରକେଲା-୭୬୯୦୧୨ / ଆକାଉଣ୍ଟ ନଂ.: ୬୫୪-୨୪୦ | ୦୧.୧୧.୨୦୨୪ | ୩୧.୦୭.୨୦୨୪ ସୁଦ୍ଧା ଟ.୨,୬୬,୮୨୪.୦୦ | ୩୦.୧୧.୨୦୨୪ |

ସ୍ଥାନ: ରାଉରକେଲା, ତାରିଖ: ୧୨.୧୧.୨୦୨୪ — ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**IN THE COURT OF THE SR. CIVIL JUDGE, COMMERCIAL COURT, CUTTACK**
**C.S NO. 42(III) OF 2022**

State Bank of India, RASMEC, Cuttack ... Plaintiff.
-Versus-
M/s. Cover Planet & another ... Defendants.

**Notice U/O.5. R 20-1 (A) of CPC**

1. **M/s. Cover Planet,** a proprietorship unit, At: Junus Patna, Bombay Hotel Lane, P.O.: College Square, City/District.: Cuttack-753003, represented by its sole Proprietor Pravash Kumar Mohanty.
2. **Sri Pravash Kumar Mohanty,** aged about 35 years, S/o.: Sri Pramod Kumar Mohanty, residing At: Chauliaganj, Mathasahi, P.O.: Collage Square, City/District.: Cuttack-753003.

Whereas the plaintiff has instituted **CS. III No. 42 of 2022** in the aforesaid Court for recovery of **Rs.12,20,778.00** only together with current and future interest, costs and or other reliefs against all of you. You did not appear in the Court despite summons issued from the hon'ble Court.

Please take notice that the case is posted to **16.12.2024 at 10.30 AM** for your appearance and filing of W/s. If you do not appear on the above date fixed, the case will be heard and disposed of ex-parte against you.

Given under my hand and seal of this Court on this **1st day of the month of Oct. 2024.**

Sd/- Sr. Civil Judge,
Commercial Court, Cuttack

**BHAIRABI DEGREE COLLEGE, PURUNAKATAK, BOUDH**
AT/PO-PURUNAKATAK- 762013

**Advertisement for tender to supply different items under Odisha Higher Education Programme for Excellence and EQUITY (OHEPEE)**

No. 145 Date: 11.11.2024

The sealed Tenders are invited from the intending Manufacturer / Firms / Suppliers Authorized Dealers having PAN/GST registration No for supply of Air Conditioners, water Purifier, Desktop, Projector, Computer Table, Xerox Machine, Books etc as per list. Those should reach the undersigned within a period of 3weeks from the date of advertisement. (Separate Tender & Documents must be submitted for different items). The details of the requirements with specification, terms/ conditions and updates are available in the college website: **www.bhairabidegreecollege.in** .The undersigned reserves the right to accept or reject or cancel any or all the tenders without specifying any reason thereof.

Sd/- Principal, Bhairabi Degree College,
Purunakatak, Boudh

# ସମ୍ପାଦକୀୟ



ଭାରତୀୟ କୃଷି ଆଗରେ ବର୍ତ୍ତମାନ ଦୁଇଟି ଆହ୍ୱାନ- ଅର୍ଥନୀତି ବନାମ ପରିବେଶ
-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ଯକ୍ଷ୍ମା-ବାରୁଦ ଉପରେ ଭାରତ

ଭାରତ ପାଇଁ ଆଗାମୀ ଦିନରେ ସବୁଠାରୁ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିବାକୁ ଯାଉଛି ଯକ୍ଷ୍ମା । ଏହି ଧୀର ଅଥଚ ପ୍ରାଣଘାତୀ ସଂକ୍ରମଣରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ମୃତ୍ୟୁମୁଖରେ ପଡୁଛନ୍ତି ତାହା କରୋନା ମହାମାରୀ ଜନିତ ମୃତ୍ୟୁ ସଂଖ୍ୟାଠାରୁ ମଧ୍ୟ ଅଧିକ । ଏପରିକି ଏ କ୍ଷେତ୍ରରେ ଭାରତ ବିଶ୍ୱରେ ଏକ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି । କୋଭିଡ୍ ୧୯ ପୂର୍ବରୁ ବିଶ୍ୱରେ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟାରେ ଯକ୍ଷ୍ମାର ପ୍ରଭାବ ଦ୍ୱିତୀୟ ଥିବା ବେଳେ ଏବେ ପ୍ରଥମ ସ୍ଥାନକୁ ଚାଲି ଆସିଛି । ଭାରତର ସ୍ଥିତି ମଧ୍ୟ ସମାନ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସଦ୍ୟତମ ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୩ର ତଥ୍ୟାନୁଯାୟୀ ଗତବର୍ଷ ବିଶ୍ୱରେ ୮୨ ଲକ୍ଷ ନୂଆ ରୋଗୀ ସଂକ୍ରମିତ ହୋଇଛନ୍ତି । ୧୯୯୫ରେ ବିଶ୍ୱରେ ଯକ୍ଷ୍ମା ସଂକ୍ରମଣ ଗଣନା ଆରମ୍ଭ ହେବା ପରେ ଏହି ପରିସଂଖ୍ୟାନ ଏ ଯାବତ୍ ବାର୍ଷିକ ସର୍ବାଧିକ । ରିପୋର୍ଟ ଅନୁଯାୟୀ ପୂର୍ବବର୍ଷ ତୁଳନାରେ ୨୦୨୩ରେ ଭାରତରେ ଯକ୍ଷ୍ମାରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ୨୯ ହଜାର ହ୍ରାସ ପାଇଛି । ଏହା କିଛିଟା ଆଶାଜନକ ହେଲେ ମଧ୍ୟ ଆଶ୍ୱସ୍ତି ହେବାର ନୁହେଁ । ଏହାର ଅନେକ କାରଣ ରହିଛି । ଏବେ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି, ଯାହା ଦେଶର ଜନସ୍ୱାସ୍ଥ୍ୟ ପରିଚାଳନାରେ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରୁଛି ।

ଇତିମଧ୍ୟରେ ଭାରତ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଅନେକ ପଦକ୍ଷେପ ନେଇଛି । ୨୦୩୦ସୁଦ୍ଧା ବିଶ୍ୱରେ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏହାର ପାଞ୍ଚ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜାତୀୟ ଯକ୍ଷ୍ମା ନିବାରଣ ଯୋଜନା(ଏନ୍‌ଟିଇପି) ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗବେଷଣା ଓ ଶିକ୍ଷା(ସେୟାର ଇଣ୍ଡିଆ) କେତେକ ଆମେରିକୀୟ ଓ ବିଦେଶୀ ସଂସ୍ଥା ସହିତ ମିଳିମିଶି ଏହି ଲକ୍ଷ୍ୟ ପୂରଣ ପାଇଁ କାମ କରୁଛନ୍ତି । ଯକ୍ଷ୍ମାମୁକ୍ତ ଭାରତ ପାଇଁ ଗଠିତ ଆଇପିସି ପ୍ରକଳ୍ପ ୧୦ଟି ରାଜ୍ୟର ୬୩ଟି ଜିଲ୍ଲାର ୧୮୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବ୍ୟାପ୍ତ ହୋଇଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତ ସେପ୍ଟେମ୍ବର ମାସରେ ବିପିଏଏଲ୍‌ଏମ୍ ନାମରେ ଏକ ଅଭିଯାନ ଆରମ୍ଭ କରିଛି, ଯାହା ଏମ୍‌ଡିଆର-ଟିବି ଉପଚାର ପାଇଁ ଉଦ୍ଦିଷ୍ଟ ।


ଏ ସବୁ ପ୍ରୟାସ ସତ୍ତ୍ୱେ ପ୍ରାଥମିକସ୍ତରରେ ଯକ୍ଷ୍ମାର ଚିହ୍ନଟ ବ୍ୟବସ୍ଥା ପ୍ରଭାବଶାଳୀ ଓ କ୍ରିୟାଶୀଳ ହେଉ ନ ଥିବା କାରଣରୁ ଆଉ ମାତ୍ର ବର୍ଷେ ଭିତରେ ଏହି ଲକ୍ଷ୍ୟ ହାସଲକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ୨୦୧୫ରୁ ୨୦୨୩ ମଧ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଧାର୍ଯ୍ୟ ଲକ୍ଷ୍ୟ ୫୦% ବଦଳରେ ମାତ୍ର ୧୮% ହୋଇପାରିଛି । ସେହିପରି ଯକ୍ଷ୍ମା ସଂକ୍ରମିତ ମୃତକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୭୫% ବଦଳରେ ମାତ୍ର ୨୪% କମିଛି । ଏମ୍‌ଡିଆର-ଟିବି(ବହୁଔଷଧ ପ୍ରତିରୋଧକାରୀ ଯକ୍ଷ୍ମାରୋଗୀ)ଙ୍କ ସଂଖ୍ୟା ଭାରତରେ ବିଶ୍ୱର ସର୍ବାଧିକ ୨୭% ଥିବା ବେଳେ ବିଶ୍ୱର ମୋଟ ମୃତକଙ୍କ ମଧ୍ୟରେ ୨୯% ଭାରତରେ ରହିଛନ୍ତି । ଗୋଟିଏ ବର୍ଷରେ ସର୍ବାଧିକ ଯକ୍ଷ୍ମା ରୋଗୀ ଚିହ୍ନଟ ହେବାରେ ବିଶ୍ୱରେ ଭାରତ ଓ ଇଣ୍ଡୋନେସିଆ ପ୍ରଥମ ଦୁଇସ୍ଥାନରେ ରହି ଅଲୋଡ଼ା ରେକର୍ଡ ସୃଷ୍ଟି କରିଛନ୍ତି । ଯକ୍ଷ୍ମାଜନିତ ଚିକିତ୍ସା ବୋଝରେ ମଧ୍ୟ ଭାରତ ବିଶ୍ୱରେ ପ୍ରଥମ ୧୦ ରାଷ୍ଟ୍ର ମଧ୍ୟରେ ରହିଛି । ଗତ ବର୍ଷ ନୂଆ କରି ଚିହ୍ନଟ ହୋଇଥିବା ରୋଗୀମାନଙ୍କ ମଧ୍ୟରୁ ୫୫% ପୁରୁଷ, ୩୩% ମହିଳା ଓ ୧୨% ଶିଶୁ ଓ କିଶୋର । ଏହା ଭାରତର ସ୍ୱାସ୍ଥ୍ୟ ଚିତ୍ରକୁ ଅବାଞ୍ଛିତ କରୁଛି । ଭାରତରେ ୧୯୬୦ରେ ଟିବି ନିରାକରଣ ଅଭିଯାନ ଗଣନା ଆରମ୍ଭ ହେବା ପରେ ଏହି ସଂଖ୍ୟା ବାର୍ଷିକ ସର୍ବାଧିକ ।

ବିଡ଼ମ୍ବନା ହେଉଛି ଯକ୍ଷ୍ମା ସଂକ୍ରମଣ ବଢ଼ିଚାଲୁଥିବା ବେଳେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବିଲୋପ ସାଧନ ପାଇଁ ପାଣ୍ଠି ବଢ଼ିବା ବଦଳରେ କମିବାରେ ଲାଗିଛି । ୨୦୧୯ରେ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଭାରତରେ ୪୩୨.୬ ନିୟୁତ ଡଲାର ବ୍ୟୟବରାଦ ହୋଇଥିବା ବେଳେ ୨୦୨୩ରେ ତାହା ୩୦୨.୮ ନିୟୁତ ଡଲାରକୁ ହ୍ରାସ ପାଇଛି । ଏ କ୍ଷେତ୍ରରେ ଘରୋଇ ସହଭାଗିତା ବା ପାଣ୍ଠି ଅବଦାନ ମଧ୍ୟ ପ୍ରାୟ ୧୦୦ ନିୟୁତ ଡଲାରକୁ ହ୍ରାସ ପାଇଛି । ଆହୁରି ଏକ ବିଡ଼ମ୍ବନା ହେଉଛି ଭାରତର ମୋଟ ଜନସଂଖ୍ୟାର ୨୦% ପରିବାରର ଯକ୍ଷ୍ମା ଚିକିତ୍ସାରେ ଅର୍ଥ ଖର୍ଚ୍ଚ କରି ତଳିତଳାନ୍ତ ହୋଇଯାଇଛନ୍ତି । ପଡ଼ୋଶୀ ପାକିସ୍ତାନରେ ଏହା ପରିସଂଖ୍ୟାନ ମାତ୍ର ୫% । ଆଉ ଏକ ସମସ୍ୟା ହେଉଛି ଏଚ୍‌ଆଇଭି ସଂକ୍ରମିତଙ୍କଠାରେ ଯକ୍ଷ୍ମା ସଂକ୍ରମଣ ୧୬ଗୁଣା ଅଧିକ ବଢୁଛି, ଯାହା ଫଳରେ ଚିକିତ୍ସା ଜଟିଳ ହେଉଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୨୩ ଯକ୍ଷ୍ମା ରିପୋର୍ଟର ଚିନ୍ତା ଉଦ୍ରେକକାରୀ ପରିସଂଖ୍ୟାନ ସତ୍ତ୍ୱେ କିଛିଟା ଆଶାର ଆଲୋକ ମଧ୍ୟ ଦେଖିବାକୁ ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସମ୍ମିଳିତ ପ୍ରୟାସରେ ୨୦୦୦ ପରଠାରୁ ୭୯ ନିୟୁତ ଜୀବନର ସୁରକ୍ଷା କରାଯାଇପାରିଛି । ତଥାପି ଯକ୍ଷ୍ମାର ପ୍ରାଣଘାତୀ ସଂକ୍ରମଣ ଓ ଭୟାବହତା ଦୃଷ୍ଟିରୁ ଏହି ସଫଳତା ଯଥେଷ୍ଟ ନୁହେଁ । ବିଶେଷକରି ସହସ୍ରାବ୍ଦୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ଏହା ସୁଦୂର ପରାହତ ବୋଲି କହିବାକୁ ପଡ଼ିବ । ବିଶ୍ୱବ୍ୟାପୀ ସହଯୋଗ, ସମନ୍ୱିତ ଓ ସୁଚିନ୍ତିତ ଯୋଜନା ଓ ନୀତିଗତ ସଂସ୍କାର ବିନା ଏହାର ସମ୍ପୂର୍ଣ୍ଣ ନିରାକରଣ ମଧ୍ୟ ଅସମ୍ଭବ ।

ବାସ୍ତବତା ହେଲା ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଦେଶରେ ସଂକ୍ରାମକ ରୋଗ ବିଶେଷକରି ବାୟୁ ସଂକ୍ରମଣକୁ ପ୍ରତିହତ କରିବା କାଠିକର ପାଠ । ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତରେ ଜନସ୍ୱାସ୍ଥ୍ୟ ପରିଚାଳନା ଓ ବଜେଟ୍ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ କି ଜନସଚେତନତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ । ସଂକ୍ରମଣ ନିରୋଧୀ, ପ୍ରତିଷେଧକ ବିଷୟରେ ଜନସାଧାରଣ ଅନେକାଂଶରେ ଅଜ୍ଞ । ଏଣୁ ଭାରତରେ ଯକ୍ଷ୍ମା ବ୍ୟାପିବା ପାଇଁ ଅନୁକୂଳ ପରିବେଶ ରହିଛି । ମୋଟ ଉପରେ କହିବାକୁ ଗଲେ ଭାରତ ଏବେ ଏକ ସଂକ୍ରମଣର ବାରୁଦ ସ୍ତୂପ ଉପରେ ବସିଛି, ଯାହା ଆଉ ମାତ୍ର କିଛିବର୍ଷ ବେଳକୁ ପ୍ରଚଣ୍ଡ ବିସ୍ଫୋରଣ ହୋଇପାରେ । ଏହି ବାରୁଦକୁ ନିଷ୍କ୍ରିୟ କରିବାକୁ ହେଲେ ଏବେଠାରୁ ତ୍ୱରିତ ଓ ପୂର୍ବାପେକ୍ଷା ଆହୁରି ଅଧିକ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ପଡ଼ିବ । ତୃଣମୂଳସ୍ତରରେ ମୌଳିକ ଚିକିତ୍ସା ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ହେବ । ଚିକିତ୍ସା ଭିତ୍ତିଭୂମି ଓ ମାନବସମ୍ବଳ ବୃଦ୍ଧି ସହିତ ସ୍ୱାସ୍ଥ୍ୟ ବଜେଟ୍ ବ୍ୟୟବରାଦ ଅନ୍ତତଃପକ୍ଷେ ତିନିଗୁଣା ବଢ଼ିଲେ ଯାଇ ଏକ ନିଶ୍ଚିତ ମହାସଙ୍କଟକୁ ଅନେକାଂଶରେ ଟାଳି ଦିଆଯାଇପାରିବ ।

## ସହାବସ୍ଥାନ ମାଧ୍ୟମରେ ବନ୍ୟପ୍ରାଣୀ ସଂରକ୍ଷଣ



ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଆମ ପରିସଂସ୍ଥାରେ ବସବାସ କରୁଥିବା ବନ୍ୟଜୀବମାନେ ସମ୍ମୁଖୀନ ହେଉଥିବା ଅନେକ ସଙ୍କଟ ମଧ୍ୟରୁ ପ୍ରାକୃତିକ ଆବାସ ପରିସଂସ୍ଥା ସଙ୍କୋଚନ, ବିଶ୍ୱ ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ, ଶିକାର ଆଦି ବୃଦ୍ଧି ପାଇବାରେ ଲାଗିଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସାମୂହିକ ଓ ସମନ୍ୱିତ କାର୍ଯ୍ୟାବଳୀ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅନୁଭୂତ ହେଉଛି ।

ଭାରତବର୍ଷରେ ପୌରାଣିକ ଯୁଗରୁ ବନ୍ୟଜନ୍ତୁ ସହିତ ମାନବଜାତିର ସହାବସ୍ଥାନ ପ୍ରଚଳିତ ଅଛି । ପ୍ରାଚୀନ କାଳରୁ ଆଦିମ ଆଦିବାସୀମାନେ ବନ୍ୟଜୀବଙ୍କ ସହ ସହାବସ୍ଥାନ କରି ଆସୁଛନ୍ତି । ତେବେ ସଭ୍ୟତାର ଅଗ୍ରଗତି ସହିତ ମାନବ ଜାତି ପାହାଡ଼, ଜଙ୍ଗଲଠାରୁ ଦୂରରେ ଉପନିବେଶ ନିର୍ମାଣ କରି ବସବାସ କରିବାକୁ ପସନ୍ଦ କଲେ ଏବଂ ବନ୍ୟଜନ୍ତୁଙ୍କୁ ସେମାନଙ୍କ ପାଇଁ ବିପଦ ବୋଲି ବିବେଚନା କରିବାକୁ ଲାଗିଲେ । ଏହାପରେ ମଣିଷ ଓ ବନ୍ୟଜନ୍ତୁ ମଧ୍ୟରେ ବିବାଦ ଆରମ୍ଭ ହେଲା । ବନ୍ୟଜନ୍ତୁମାନେ ଯେତେ ଅଧିକ ବଳଶାଳୀ ହେଲେ ମଧ୍ୟ ମଣିଷର ବୁଦ୍ଧି ଆଗରେ ହାର ମାନିଲେ । ଏହିକ୍ରମରେ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଲା । ଏଥିସହିତ ବିକାଶ ନାମରେ ବନ୍ୟଜୀବଙ୍କ ପ୍ରାକୃତିକ ବାସସ୍ଥାନ ସଂକୁଚିତ ହେଲା ଏବଂ ସେମାନେ ଅସୁରକ୍ଷିତ ହୋଇ ମୃତ୍ୟୁମୁଖରେ ପଡ଼ିଲେ ।

ଏହି ଧାରାରେ କେତେକ ବିରଳ ବ୍ୟତିକ୍ରମ ମଧ୍ୟ ରହିଛି । କୃଷ୍ଣସାର ନିୟମିତ ଭାବରେ ମୋଗଲ ଯୁଗର କ୍ଷୁଦ୍ର ଚିତ୍ରରେ (୧୬ ରୁ ୧୯ ଶତାବ୍ଦୀ) ପ୍ରଦର୍ଶିତ ଅଛି । ବାଲ୍ମିକୀ ରାମାୟଣରେ ସୁବର୍ଣ୍ଣ ହରିଣ ବିଷୟରେ ଉଲ୍ଲେଖ କରାଯାଇଛି । ବୋଧହୁଏ ତାହା ଥିଲା କୃଷ୍ଣସାର । ଭାରତ ଓ ନେପାଳର ଗ୍ରାମବାସୀ ସାଧାରଣତଃ କୃଷ୍ଣସାରର କ୍ଷତି କରନ୍ତି ନାହିଁ । ରାଜସ୍ଥାନର ବିଷ୍ଣୋୟୀଙ୍କ ପରି ଆଦିବାସୀମାନେ କୃଷ୍ଣସାର ଏବଂ ଅନ୍ୟାନ୍ୟ ଜଙ୍ଗଲୀ ପ୍ରାଣୀମାନଙ୍କର ଯତ୍ନ ନିଅନ୍ତି । ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଭେଟୋନାଇ - ରାମୁଣ୍ଡା-ବାଲିପଦର-ବୁଗୁଡ଼ା ଅଞ୍ଚଳରେ କୃଷ୍ଣସାର ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ସୁରକ୍ଷିତ । ରାଜସ୍ଥାନ ପରି ସମସ୍ତ ସମ୍ପ୍ରଦାୟ ଏଠାରେ ହରିଣର ସୁରକ୍ଷା ଓ ସଂରକ୍ଷଣରେ ସମର୍ପିତ । ସୁରକ୍ଷିତ ଅଞ୍ଚଳ ବାହାରେ ପ୍ରାକୃତିକ ସମ୍ପଦ ସଂରକ୍ଷଣ ଯୋଜନା(ଏନ୍‌ଆରସିଓପିଏ) ଅଧୀନରେ ଗଞ୍ଜାମ ଜିଲ୍ଲାର ଏହି କୃଷ୍ଣସାର ବସବାସ କରୁଥିବା ଅଞ୍ଚଳକୁ ସ୍ଥାନୀୟ ସମ୍ପ୍ରଦାୟଙ୍କ ଦ୍ୱାରା ସୁରକ୍ଷିତ ମାନ୍ୟତା ଦିଆଯାଇଛି । ସ୍ଥାନୀୟ ସମ୍ପ୍ରଦାୟ ମାଧ୍ୟମରେ ଜୈବ ବିବିଧତା ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କର ଏହା ହେଉଛି ଏକ ସୁଚିନ୍ତିତ ପ୍ରୋତ୍ସାହନ ଯୋଜନା । ସେହିପରି ପୁରୀ ଜିଲ୍ଲାର ବାଲିଖଣ୍ଡ-କୋଣାର୍କ ଅଭୟାରଣ୍ୟରେ ମଧ୍ୟ କୃଷ୍ଣସାର ଦେଖିବାକୁ ମିଳନ୍ତି । ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ କୃଷ୍ଣସାରକୁ ବିପଦସଙ୍କୁଳ ବର୍ଗରେ ତାଲିକାଭୁକ୍ତ କରିଛି । କୃଷ୍ଣସାର ବନ୍ୟଜୀବ ସୁରକ୍ଷା ଆଇନ ୧୯୭୨ ର ଧାରା ୯ ଅଧୀନରେ ଅନ୍ତର୍ଭୁକ୍ତ । ଏହି ଆଇନର ଅନୁସୂଚୀ -୧ ଅନୁଯାୟୀ କୃଷ୍ଣସାର ଶିକାର କରିବା ନିଷେଧ । ଗଞ୍ଜାମ ଜିଲାର ଶେରଗଡ଼ ସନ୍ନିକଟ ପାକିଡ଼ି ଅଞ୍ଚଳରେ ସ୍ଥାନୀୟ ସମ୍ପ୍ରଦାୟଙ୍କ ସୁରକ୍ଷା ହେତୁ ମୟୂରମାନେ ମୁକ୍ତ ଭାବରେ ବିଚରଣ କରନ୍ତି । ଚିଲିକା ହ୍ରଦର ଉପକଣ୍ଠରେ ମଙ୍ଗଳାଯୋଡ଼ିରେ ସ୍ଥାନୀୟ ସମ୍ପ୍ରଦାୟ ମରାଳମାଳିନୀ ଚିଲିକାର ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କୁ ଶିକାରୀମାନଙ୍କ କବଳରୁ ସୁରକ୍ଷା ପ୍ରଦାନ କରିଆସୁଛନ୍ତି । ଏହି ବିବିଧ ପକ୍ଷୀ ଜାତିଗୁଡ଼ିକ ମଧ୍ୟରୁ ଅଧିକାଂଶ ଆଇୟୁସିଏନ୍ ରେଡ୍ ଡାଟା ବୁକ ବା ବିପଦସଂକୁଳ ତତାଲିକାରେ ସ୍ଥାନ ପାଇଥାଏ ।

ଭାରତୀୟ ବନ୍ୟପ୍ରାଣୀ ବୋର୍ଡ ୧୯୫୨ ମସିହାରେ 'ବନ୍ୟଜୀବ ଦିବସ' ପାଳନ କରି ବନ୍ୟପ୍ରାଣୀ ସଂରକ୍ଷଣର ଦୀର୍ଘମିଆଦୀ ଲକ୍ଷ୍ୟ ବିଷୟରେ ସଚେତନତା ସୃଷ୍ଟି କରିଥିଲା । ପ୍ରାରମ୍ଭରେ ଏହା ଗୋଟିଏ ଦିନ ପାଇଁ ପାଳନ କରାଯାଉଥିଲା, କିନ୍ତୁ ପରେ ଏହାକୁ ସମ୍ପ୍ରସାରିତ କରାଯାଇ ୧୯୫୭ ମସିହାରେ 'ବନ୍ୟଜୀବ ସପ୍ତାହ' ଭାବରେ ନାମିତ କରାଯାଇଥିଲା, ଯାହା ପ୍ରତିବର୍ଷ ଅକ୍ଟୋବର ୨ରୁ ୮ ପର୍ଯ୍ୟନ୍ତ ପାଳନ କରାଯାଏ । ବନ୍ୟଜୀବ ସୁରକ୍ଷା ତଥା ସଂରକ୍ଷଣ ପାଇଁ ଭାରତ ସରକାର ୨୦୧୩ ମସିହାରୁ 'ଅମୃତା ଦେବୀ ବୈଷ୍ଣବୀ ବନ୍ୟଜୀବ ସୁରକ୍ଷା ପୁରସ୍କାର' ପ୍ରଦାନ କରି ଆସୁଛନ୍ତି । ୨୦୦୫ ମସିହାରୁ ଓଡ଼ିଶା ସରକାର ବନ୍ୟଜୀବ ସଂରକ୍ଷଣ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରତିଷ୍ଠା କରିଛନ୍ତି । ବନ୍ୟଜୀବ ସଂରକ୍ଷଣ ପାଇଁ ଏହା ସର୍ବୋଚ୍ଚ ରାଜ୍ୟସ୍ତରୀୟ ପୁରସ୍କାର । ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା ଏବଂ ତାଲୁକସ୍ତରୀୟ ପୁରସ୍କାରମାନ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଭାରତରେ ୬୦୦ ରୁ ଅଧିକ ବନ୍ୟଜୀବ ଅଭୟାରଣ୍ୟ ଓ ୧୦୬ଟି ଜାତୀୟ ଉଦ୍ୟାନ ରହିଛି । ତନ୍ମଧ୍ୟରୁ ଓଡ଼ିଶାରେ ୧୯ଟି ଅଭୟାରଣ୍ୟ, ୨ଟି ଜାତୀୟ ଉଦ୍ୟାନ ଅଛି (ଭିତରକନିକା, ଶିମିଳିପାଳ-ପ୍ରସ୍ତାବିତ) । ଶିମିଳିପାଳ ଜଙ୍ଗଲରେ ଗୋଟିଏ ସହିତ ଭାରତରେ ୧୮ ଟି ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଛି । ଏହି ସଂରକ୍ଷିତ ଅଞ୍ଚଳ କେବଳ ମହାବଳ ବାଘ, ଭାରତୀୟ ଗଣ୍ଡାର, ହାତୀ, ତୁଷାର ଚିତା ଇତ୍ୟାଦି ଜାତି ବନ୍ୟଜୀବର ସଂରକ୍ଷଣ ପାଇଁ ନୁହେଁ, ବରଂ ପରିସଂସ୍ଥୀୟ ସନ୍ତୁଳନ ବଜାୟ ରଖିବା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଭାରତ ହେଉଛି ବାଘ ଓ ହାତୀର ଦେଶ । ୩, ୬୮୨ ବାଘ ସହିତ ଭାରତ ବିଶ୍ୱ ବାଘ ସଂଖ୍ୟାର ୭୫% ଧାରଣ କରିଛି । ମଧ୍ୟପ୍ରଦେଶରେ ସର୍ବାଧିକ ବାଘ ଅଛନ୍ତି । ତା' ପଛକୁ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଆସାମ, କେରଳ, ରାଜସ୍ଥାନ, ଓଡ଼ିଶା ଓ ଛତିଶଗଡ଼ ହେଉଛି ବାଘପ୍ରଧାନ ରାଜ୍ୟ । ଭାରତର ୫୫ ଟି ବ୍ୟାଘ୍ର ସଂରକ୍ଷଣ ମଧ୍ୟରୁ ଓଡ଼ିଶାରେ ଦୁଇଟି(ଶିମିଳିପାଳ ଓ ସାତକୋସିଆ) ଅଛି । ଭାରତରେ ମହାବଳ ବାଘ ଓ କଲରାପତରିଆ ବାଘ ଥିବା ବେଳେ ଚିତା ବାଘ ବିଲୁପ୍ତ ହୋଇଯାଇଛନ୍ତି । ଚିତାର ଭାରତୀୟ ମୂଳ ଉପ-ଜାତି-ଏସୀୟ ଚିତା ବିଲୁପ୍ତ ହେବାର ୭୦ ବର୍ଷରୁ ଅଧିକସମୟ ପରେ ଅଳ୍ପସଂଖ୍ୟକ ଦକ୍ଷିଣ-ପୂର୍ବ ଆଫ୍ରିକୀୟ ଚିତା ୨୦୨୨ ମସିହାରେ ନାମିବିଆରୁ ଆଣି ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଛଡ଼ାଯାଇଛି ।

ଚିଲିକା, ଭିତରକନିକା ଓ ଓଡ଼ିଶାର ଅନ୍ୟାନ୍ୟ ଆର୍ଦ୍ରଭୂମି ଓ ଜଳାଶୟ ହେଉଛି ସେହି ସ୍ଥାନ, ଯାହା ବିଭିନ୍ନ ଜାତିପ୍ରଜାତିର ସ୍ଥାନୀୟ ଓ ବିଦେଶାଗତ ପକ୍ଷୀମାନଙ୍କୁ ଆକର୍ଷିତ କରିଥାଏ । ଓଡ଼ିଶାର ୪୮୨ କିଲୋମିଟର ଦୈର୍ଘ୍ୟ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଅଞ୍ଚଳରେ କୁମ୍ଭୀର, ଡଲଫିନ୍, ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ, ନୀଳ ରକ୍ତ କଙ୍କଡ଼ା, ମାଛ, ଚିଙ୍ଗୁଡ଼ି, ଲୁଣା ଜଙ୍ଗଲ ଇତ୍ୟାଦି ରହିଛି । ଓଡ଼ିଶାରେ ତିନି ପ୍ରକାରର କୁମ୍ଭୀର ଅଛନ୍ତି । ଭିତରକନିକା ଲବଣ ଜଳାଶୟରେ ବଉଳା କୁମ୍ଭୀର, ମହାନଦୀ ଓ ଅନ୍ୟାନ୍ୟ ନଦୀରେ ମଧୁରଜଳ କୁମ୍ଭୀର ମଗର ବା ଗୋମୁହାଁ କୁମ୍ଭୀର ଏବଂ ଘଡିଆଳ କିମ୍ବା ଥଣ୍ଟିଆ କୁମ୍ଭୀର । ଏହି ସମସ୍ତ ପ୍ରକାରର ଜୀବ ଜାତି ସତୁରି ଦଶକରେ ବିଲୁପ୍ତ ହେବାକୁ ଯାଉଥିଲେ । ଓଡ଼ିଶା ବନ ବିଭାଗର ସଂରକ୍ଷଣ ପ୍ରୟାସକୁ ଧନ୍ୟବାଦ ଦେବା, ଯା'ଫଳରେ ବର୍ତ୍ତମାନ ଏଗୁଡ଼ିକର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଜାତୀୟ ବନ୍ୟଜୀବ ସପ୍ତାହ ଆରମ୍ଭ ହେବା ପରେ ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ୟଜୀବ ସଂରକ୍ଷଣ ବିଷୟଗୁଡ଼ିକୁ ସେମାନଙ୍କ ପାଠ୍ୟକ୍ରମରେ ଏକୀକୃତ କରିଛନ୍ତି । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ(ଏନଜିଓ) ମାନେ ବିଭିନ୍ନ କର୍ମଶାଳା, ପାଠଚକ୍ର ଓ ପ୍ରକୃତି ପଥ ଯାତ୍ରା ପରିଚାଳନା କରି ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଆସୁଛନ୍ତି । ଭବିଷ୍ୟତ ପାଇଁ ଯୁବ ପିଢ଼ିକୁ ବନ୍ୟଜୀବ ସଂରକ୍ଷଣ ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ସେମାନେ ଜୀବଜଗତ ଓ ପ୍ରକୃତିର ଆସନ୍ତାକାଲିର ତତ୍ତ୍ୱାବଧାରକ । ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ ଅଗ୍ରଗତି ସତ୍ତ୍ୱେ ଭାରତର ଅନେକ ପ୍ରାଣୀ ବିପଦସଂକୁଳ ତାଲିକାରେ ରହିଛନ୍ତି । ସର୍ବଶେଷ ରିପୋର୍ଟରେ ଦର୍ଶାଯାଇଛି ଯେ ଏସୀୟ ସିଂହ, ବାଘ ଓ ବିଭିନ୍ନ ଶାଗୁଣା ଜାତି ସମେତ ଭାରତରେ ବହୁସଂଖ୍ୟକ ବିପଦଜ୍ଜନକ ପ୍ରାଣୀ ଓ ଉଦ୍ଭିଦ ରହିଛି । ଏହି ବିପଦକୁ ହ୍ରାସ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ।

୧୯୭୨ ମସିହାରେ ବନ୍ୟଜୀବ ସୁରକ୍ଷା ଆଇନ ପ୍ରଣୟନ ଏବଂ ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ହାତୀ ପ୍ରକଳ୍ପ ଭଳି ପଦକ୍ଷେପ ନେଇ ଭାରତ ସରକାର ଏହିଭଳି ପ୍ରାଣୀର ସଂଖ୍ୟାକୁ ସ୍ଥିର କରିବାରେ ସଫଳ ହୋଇଛନ୍ତି । ଅବଶ୍ୟ ପ୍ରାଣୀ ଓ ବନ୍ୟଜୀବଜନ୍ତୁଙ୍କ ଅଙ୍ଗପ୍ରତ୍ୟଙ୍ଗର ବେଆଇନ କାରବାର ଏବଂ ସେମାନଙ୍କର ପ୍ରାକୃତିକ ବାସସ୍ଥାନ କ୍ଷୟକୁ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରିବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ୨୦୨୪ ର ଗ୍ଲୋବାଲ୍ ଫରେଷ୍ଟ ୱାଚ୍ ରିପୋର୍ଟ ଅନୁଯାୟୀ, ଚଳିତ ଶତାବ୍ଦୀ ଆରମ୍ଭରୁ ଭାରତ ୨୩.୩ ଲକ୍ଷ ହେକ୍ଟର ବୃକ୍ଷ ଆବରଣ ହରାଇଛି, ଯାହା ବାର୍ଷିକ ଛଅ ପ୍ରତିଶତ ହାରରେ ହ୍ରାସ ପାଇ ଚାଲିଛି । ଏହାକୁ ନେଇ ଜାତୀୟ ସବୁଜ ଅଦାଲତ ଭାରତ ସରକାରଙ୍କୁ ଏକ ନୋଟିସ ଜାରି କରିଛି । ଚିନ୍ତାର କାରଣ ହେଉଛି ଯେ ବିଶ୍ୱରେ ଜଙ୍ଗଲ ନଷ୍ଟ ହେବାର ଦ୍ୱିତୀୟ ସର୍ବାଧିକ ହାରରେ ଭାରତ ରହିଛି । ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ଭାରତରେ ଜଙ୍ଗଲ ଆବରଣର ସ୍ଥିତି ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରି ତୁରନ୍ତ ଜଣାଇବା ପାଇଁ ସବୁଜ ଅଦାଲତ ପକ୍ଷରୁ ଭାରତୀୟ ସର୍ବେକ୍ଷଣ ସଂସ୍ଥାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି ।

ଜାତୀୟ ବନ୍ୟଜୀବ ସପ୍ତାହ କେବଳ ଉତ୍ସବ ନୁହେଁ; ପ୍ରକୃତି ସହିତ ସେମାନଙ୍କର ସମ୍ପର୍କ ଉପରେ ପ୍ରତିଫଳିତ ହେବା ଏବଂ ଏହାର ସଂରକ୍ଷଣ ଦିଗରେ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବା ସମସ୍ତଙ୍କ ପାଇଁ ଏହା ଏକ ଆହ୍ୱାନ । କେବଳ ବନ୍ୟଜୀବ ସପ୍ତାହ ପାଳନକୁ ଅପେକ୍ଷା ନ କରି ନିରନ୍ତର ଭାବରେ ବନ୍ୟଜୀବମାନଙ୍କ ସୁରକ୍ଷା ତଥା ସଂରକ୍ଷଣ ବିଷୟରେ ଉଦ୍ୟମ କରି ଏହାକୁ ଜନଅଭିଯାନରେ ପରିଣତ କରିବା ବେଳ ଆସିଛି ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଆମକୁ ସବୁ ନିଅଣ୍ଟ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ବର୍ଷାଦିନେ ନଦୀରୁ ବାଲି ଉତ୍ତୋଳନ ବନ୍ଦ କରିବା ପାଇଁ ଅଦାଲତ ଦେଇଥିବା ନିର୍ଦ୍ଦେଶକୁ ମାନିବା ଦୂରେ ଥାଉ ଆଇନକୁ ଅଣଦେଖା କରି ସାରା ଦେଶରେ ନଦୀଗୁଡ଼ିକରୁ ବାଲି ଉତ୍ତୋଳନ କରାଯାଉଛି । ପ୍ରାୟ ସବୁ ରାଜ୍ୟରେ ପ୍ରତ୍ୟେକ ଛୋଟ ବଡ଼ ନଦୀ ଚାରିପଟେ ବାଲିର ବିରାଟ ପାହାଡ଼ ଦେଖିବାକୁ ମିଳେ । ନଦୀ ପ୍ରତିବର୍ଷ ଏହାର କୂଳରେ କେତେ ବାଲି ଢାଳେ, ଏହି ବାଲିରୁ କେତେ ନିର୍ମାଣ କାର୍ଯ୍ୟ ହୋଇପାରିବ ଏବଂ ଯାହା ଦ୍ୱାରା ପରିବେଶର କୌଣସି କ୍ଷତି ହେବ ନାହିଁ ତାହା ହିସାବ କରିବାର ଆବଶ୍ୟକତା ରହିଛି । ମୋଟାମୋଟି ଆକଳନ ଅନୁଯାୟୀ ଆମକୁ ବାର୍ଷିକ ୧.୪ ବିଲିୟନ ଟନ୍ ବାଲି ଦରକାର ଏବଂ ଏହି ଚାହିଦା ବାର୍ଷିକ ୭ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ବାଲି ଖନନ ଯୋଗୁଁ ସାମାନ୍ୟ ବର୍ଷାରେ ନଦୀ ଫୁଲିବା, କୂଳ କ୍ଷୟ ଯୋଗୁଁ ବନ୍ୟା, ନଦୀ ଜଳରେ ଅମ୍ଳଜାନର ମାତ୍ରା କମ୍ ରହିବା ଯୋଗୁଁ ଜୀବ ସଂଖ୍ୟା ହ୍ରାସ, ନଦୀ ଜଳ ପ୍ରଦୂଷଣ ଭଳି ଅନେକ ସମସ୍ୟା ଜଳଭଣ୍ଡାରର ଅସ୍ତିତ୍ୱକୁ ବିପଦରେ ପକାଇଛି । ବାଲି ଖନନ ନଦୀ ବ୍ୟବସ୍ଥାକୁ ପ୍ରଭାବିତ କରିବା ସହ ଖାଦ୍ୟ-ଶୃଙ୍ଖଳାକୁ ନଷ୍ଟ କରେ । ଏଥିପାଇଁ ବ୍ୟବହୃତ ବାଲି ପମ୍ପ ମଧ୍ୟ ନଦୀର ଜୈବ ବିବିଧତାକୁ ପ୍ରଭାବିତ କରେ ।

ଲକ୍ଷଲକ୍ଷ ବର୍ଷ ମଧ୍ୟରେ ପଥରଗୁଡ଼ିକ ପ୍ରାକୃତିକ ଭାବରେ କ୍ଷୟ ହୁଏ ଏବଂ ଏହି କ୍ଷୟ ନଦୀରେ ବାଲି ଭାବରେ ଜମା ହୁଏ । ଏହି ବାଲି ନଦୀ ପଟରୁ ଖନନ କରାଯାଏ । ନଦୀ ବାଲି ଏବେ ଏକ ବିରଳ ଦ୍ରବ୍ୟରେ ପରିଣତ ହେଉଛି । ନଦୀ (ମଧୁର ଜଳ) ବାଲି ନିର୍ମାଣ ଉଦ୍ଦେଶ୍ୟରେ ବ୍ୟବହୃତ ଅନ୍ୟ କୌଣସି ବାଲି ତୁଳନାରେ ବହୁତ ଭଲ ଏବଂ ଜଳ ପରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ବ୍ୟବହୃତ ସମ୍ପଦ । ପରିମାଣ ଦୃଷ୍ଟିରୁ ପୃଥିବୀ ତଳୁ ଖନନ କରାଯାଇଥିବା ସମସ୍ତ ଜିନିଷରେ ବାଲିର ଅଂଶ ଦୁଇ-ତୃତୀୟାଂଶରୁ ଟିକିଏ ଅଧିକ । ଏହା ମଧ୍ୟ ଧ୍ୟାନ ଦେବାକୁ ହେବ ଯେ ବାଲି ଏକ ସମ୍ପଦ ଭାବରେ ଅସୀମିତ ପରିମାଣରେ ଉପଲବ୍ଧ ହୁଏ ନାହିଁ । ଗତ ବର୍ଷ ମିଳିତ ଜାତିସଂଘର ଏକ ରିପୋର୍ଟରେ ଚେତାବନୀ ଦିଆଯାଇଥିଲା ଯେ ବିଶ୍ୱ ଖୁବଶୀଘ୍ର ବାଲି ଅଭାବର ସମ୍ମୁଖୀନ ହୋଇପାରେ । ଲୋକମାନେ ପ୍ରତିବର୍ଷ ୪୦ ବିଲିୟନ ଟନ୍‌ରୁ ଅଧିକ ବାଲି ଓ ମାଟି ବ୍ୟବହାର କରନ୍ତି । ଚାହିଦା ଏତେ ଅଧିକ ଯେ ସାରା ବିଶ୍ୱର ନଦୀ କୂଳ ଓ ବେଳାଭୂମି ଖାଲି ହୋଇଯାଉଛି ।

କୁହାଯାଏ ପୃଥିବୀର ମରୁଭୂମି ଓ ସମୁଦ୍ର ବାଲିରେ ପରିପୂର୍ଣ୍ଣ । ଏହା ବୁଝିବାକୁ ହେବ ଯେ ମରୁଭୂମି ବାଲି ସାଧାରଣତଃ ନିର୍ମାଣ ପାଇଁ ଉପଯୋଗୀ ନୁହେଁ । ପାଣି ପରିବର୍ତ୍ତେ ପବନର ଆଘାତ ଯୋଗୁଁ ମରୁଭୂମି ବାଲି ଏତେ ଗୋଲାକାର ଯେ ଏହାର ଦୁଇଟି କଣିକା ପରସ୍ପର ଦୃଢ଼ ଭାବରେ ବାନ୍ଧି ରହି ପାରିବ ନାହିଁ । ପ୍ରକୃତି ଆମକୁ ଜଳ ପାଇଁ ଏକ ନଦୀ ଦେଇଥିଲା, କିନ୍ତୁ ସମାଜ ଏହାକୁ ବାଲି ସଂଗ୍ରହ କରିବାର ଏକ ମାଧ୍ୟମ କିମ୍ବା ବାଲି ଉତ୍ତୋଳନ ପାଇଁ ପ୍ରବାହ ପରିବର୍ତ୍ତନ କରିବାରୁ ବିରତ ନଥିଲା । ଦେଶର ଜିଡିପିକୁ ତ୍ୱରାନ୍ୱିତ କରିବା ପାଇଁ ସିମେଣ୍ଟ ଓ ଲୁହାର ବ୍ୟବହାର ବୃଦ୍ଧି ଏକ ନୀତିଗତ ନିଷ୍ପତ୍ତି । ଅଧିକରୁ ଅଧିକ ଲୋକଙ୍କୁ ପକ୍କା ଘର ଦେବା କିମ୍ବା ନୂଆ ସ୍କୁଲ-ହସ୍ପିଟାଲ ନିର୍ମାଣ ପରିସଂଖ୍ୟାନ ସ୍ୱାଗତଯୋଗ୍ୟ ହୋଇପାରେ, କିନ୍ତୁ ଏଥିପାଇଁ ବାଲି ସଂଗ୍ରହ ପରିବେଶ ବିପର୍ଯ୍ୟୟର ମୂଳ କାରଣ, ଯାହାର ଭରଣା ହୋଇପାରିବ ନାହିଁ । ନଦୀର ଭିତରପୃଷ୍ଠରେ ବାଲିର ଉପସ୍ଥିତି ପ୍ରକୃତରେ ଏହାର ପ୍ରବାହକୁ ନିୟନ୍ତ୍ରଣ କରିବା, ଜଳକୁ ପରିଷ୍କାର କରିବା ଏବଂ ନଦୀରେ କାଦୁଅକୁ ରୋକିବା ପାଇଁ ଏକ ପ୍ରାଚୀର ପରି କାମକରେ । ସମୁଦ୍ର କୂଳରେ ବାଲିର ବିସ୍ତାର ହେଉଛି ନଦୀର ଶ୍ୱାସକ୍ରିୟାର ଏକ ଅଂଶ ।


ବେଆଇନ ଓ ଅବୈଜ୍ଞାନିକ ଭାବେ ନଦୀ ଗର୍ଭ ଖନନ ଯୋଗୁଁ ସମଗ୍ର ବ୍ୟବସ୍ଥା ଅସ୍ତବ୍ୟସ୍ତ ହେବାରେ ଲାଗିଛି । ନିୟମ ଅନୁଯାୟୀ ନଦୀକୁ ତିନି ମିଟରରୁ ଅଧିକ ଗଭୀର ଖୋଳାଯିବ ନାହିଁ କି ଏହାର ଜଳ ପ୍ରବାହକୁ ଅବରୋଧ କରାଯିବ ନାହିଁ । କିନ୍ତୁ କେହି ଏହାକୁ ଧ୍ୟାନ ଦିଅନ୍ତି ନାହିଁ । ଅନୁମୋଦିତ ଗଭୀରତାଠାରୁ ଦୁଇଗୁଣା କିମ୍ବା ତିନିଗୁଣା ଗଭୀରତାରେ ବାଲି ଖନନ କରାଯାଏ । ଚିହ୍ନଟ ହୋଇଥିବା ଅଞ୍ଚଳ ବାହାରେ ମଧ୍ୟ ବାଲି ଖନନ କରାଯାଏ, ଯେଉଁଥିପାଇଁ ଲିଜ୍ ଦିଆଯାଏ । ପୋକଲ୍ୟାଣ୍ଡ (ଜେସିବି) ଭଳି ମେସିନ୍‌କୁ ନଦୀ ମଝିରେ ରଖି ନଦୀର ବାଟ ଅବରୋଧ କରିବା ସାଧାରଣ କଥା ।

ଏହି ସମସ୍ୟାର ନିରାକରଣ ପାଇଁ ପ୍ରଥମତଃ, ଦେଶର ସମସ୍ତ ଅଞ୍ଚଳରେ ସ୍ଥାନୀୟ ଜଳବାୟୁ ପରିବେଶ, ସାମଗ୍ରୀର ଉପଲବ୍ଧତା ଉପରେ ନିର୍ଭର କରି ଆଧୁନିକ ଜ୍ଞାନକୌଶଳରେ ପାରମ୍ପରିକ ଘର ନିର୍ମାଣ କରାଯାଇପାରିବ । ଛୋଟ ବଡ଼ ପ୍ରତ୍ୟେକ ନଦୀର ବାର୍ଷିକ ବାଲି ପ୍ରବାହ କ୍ଷମତା କେତେ ଏବଂ ବିନା କ୍ଷତିରେ କେତେ ବାଲି ଉତ୍ତୋଳନ କରାଯାଇପାରିବ ସେ ନେଇ ଜିଲ୍ଲାସ୍ତରରେ ବ୍ୟାପକ ଅଧ୍ୟୟନ କରାଯିବା ଦରକାର । ତା'ପରେ ସେହି ଅନୁଯାୟୀ ନିର୍ମାଣ ନୀତି ପ୍ରସ୍ତୁତ କରାଯିବା ଉଚିତ ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ସମ୍ପର୍କଟା ପୋଷାକ ଭଳି

ଦିପ୍ତିମୟୀ ନାୟକ



କଥାରେ ଅଛି ନୂଆ ନୂଆ ପୋଷାକ ଭାରି ଆଦର ଆଉ ପୁରୁଣା ହେଲେ ଘରଠାରୁ ଦୁଆର । ଅର୍ଥାତ ଯେତେବେଳେ ନୂଆ ପୋଷାକ କିଣାଯାଏ ସେତେବେଳେ ସେହି ପୋଷାକଟିର ବହୁତ ଯତ୍ନ ନିଆଯାଏ ଆଉ ଯେତେବେଳେ ସେହି ପୋଷାକଟି ପୁରୁଣା ହୋଇଯାଏ ସେତେବେଳେ ସେହି ପୋଷାକଟିକୁ ଘର ପୋଛା କରିଦିଆଯାଏ । ଠିକ ସେହିଭଳି ଆଜିର ମଣିଷ ନୂଆ ନୂଆ ସମ୍ପର୍କ ଗଢ଼ିବା ବେଳେ ବହୁତ ଭଲ କଥାବାର୍ତ୍ତା କରନ୍ତି ଆଉ ଯେତେବେଳେ ସେହି ସମ୍ପର୍କ ପୁରୁଣା ହେବାକୁ ଲାଗେ ସେତେବେଳେ ସେହି ପ୍ରିୟର ମଣିଷଟା ବିରକ୍ତ ହେବାକୁ ଲାଗେ । ଇଚ୍ଛାଥାଏ ଦୁଇ ଚାରିପଦ ଭଲରେ କଥା ହେବାକୁ । କିନ୍ତୁ ସେ ମଣିଷର ଆଉ ଇଚ୍ଛା ନଥାଏ ତୁମ ସହ ସମୟ ବିତେଇବାକୁ । ଆଜିକାଲି ନୂଆ ମୁହଁ ସେମାନଙ୍କୁ ଭାରି ସୁନ୍ଦର ଲାଗିଥାଏ । ସେଥିପାଇଁ ଆଜିକାଲିର ସମ୍ପର୍କ ପୋଷାକ ଭଳି ।

କେହି କେହି କୁହନ୍ତି ଜୀବନରେ ଅନେକ ସମ୍ପର୍କ ଗଢ଼ା ହେବ । କିଏ ରକ୍ତର ସମ୍ପର୍କ ନହୋଇ ରକ୍ତର ସମ୍ପର୍କୀୟ ହୋଇଯିବ ତ ଆଉ କିଏ ରକ୍ତର ସମ୍ପର୍କ ହୋଇ ମଧ୍ୟ ନିଜ ଗର୍ବ, ଅହଂକାରରେ ରହି ରକ୍ତର ସମ୍ପର୍କଠାରୁ ଦୂରେଇଯିବ । ତେଣୁ ଏଥିରେ ଦୁଃଖ କରିବାର କିଛି କଥା ନାହିଁ । ଯେଉଁ ମଣିଷ ମଣିଷର ଭାବନାକୁ ବୁଝେନାହିଁ ସେମିତି ମଣିଷ ସହ ସମ୍ପର୍କ ଯୋଡ଼ିବା କୌଣସି ଆବଶ୍ୟକ ନାହିଁ । ନିଜ ପରିବାରକୁ ଛାଡ଼ିଦେଲେ କେହି କେବେ ନିଜର ହେବେ ନାହିଁ । ଅବଶ୍ୟ ଯିଏ ନିଜର ହେବା କଥା ନିଜର ହୋଇ ସବୁବେଳେ ରହିବେ । କିନ୍ତୁ ସ୍ୱାର୍ଥପର ଲୋକ ତମକୁ ଅଲୋଡ଼ା ମଣିଷ ଭାବିବେ । ସମୟ ସୁବିଧା ଦେଖି ସ୍ୱାର୍ଥ ହାସଲ କରିବେ । ଶେଷରେ ପାଦରେ ଆଡ଼େଇ ଦେବେ । ଅତୀତର ଭଲପାଇବାକୁ ଭୁଲି ବର୍ତ୍ତମାନର ଭଲପାଇବାକୁ ଖୋଜିବେ । ଅନ୍ୟକୁ ଧୋକା ଦେଇ ନିଜେ ଧୋକା ଖାଇଲେ ବୋଲି କହିବେ ।

ଯେତେବେଳେ ଏ ମଣିଷ ସମ୍ପର୍କର ମାନେ ବୁଝିବ ସେତେବେଳେ ଏକ ପରିବର୍ତ୍ତନର ଦିଗ ପାଇବ । ସମ୍ପର୍କକୁ ପୋଷାକ ଭଳି ନଭାବି ସମ୍ପର୍କକୁ ସମ୍ପର୍କ ଭଳି ହୃଦୟଙ୍ଗମ କରିବ । ପ୍ରତ୍ୟେକ ମଣିଷ ସମ୍ପର୍କର ମାନେ ବୁଝନ୍ତୁ । ଗୁରୁତ୍ୱ ତା'କୁ ଦିଅନ୍ତୁ, ଯିଏ ଆପଣଙ୍କୁ ଗୁରୁତ୍ୱ ଦିଏ । ଯେଉଁମାନେ ସମ୍ପର୍କର ମାନେ ବୁଝନ୍ତିନି ସେମାନଙ୍କ ସହ ସମ୍ପର୍କ ଯୋଡ଼ି ନିଜେ ନିଜର ଆତ୍ମସମ୍ମାନ ହରାଅନି । ବନ୍ଧୁଟିଏ ବନ୍ଧୁକୁ ସମ୍ମାନ ଦିଏ । ହେଲେ ସ୍ୱାର୍ଥବାଦୀ ବନ୍ଧୁ ସମ୍ମାନ ବଦଳରେ ଅପମାନ ଦିଏ । ଅନ୍ୟକିଏ ଦୂରେଇଲେ ସେ ପୁଣି ତୁମର ହୋଇଯାଏ ।

ଭୁବନେଶ୍ୱର, ମୋ: ୯୦୯୦୬୬୧୫୮୬

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ମଦ କିଣିବା ବୟସକୁ ନେଇ ସୁପ୍ରିମକୋର୍ଟରେ ପିଟିସନ୍

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ନିୟମ ଅନୁସାରେ ୧୮ ବର୍ଷରୁ କମ୍ ବୟସ୍କଙ୍କୁ ମଦ ବିକ୍ରି କରାଯିବା ଉଚିତ ନୁହେଁ। ଏଥିପାଇଁ ସରକାରୀ ନିୟମ ରହିବା ସହିତ ମଦ ଦୋକାନଗୁଡିକରେ ବୋର୍ଡ ଲଗାଯାଇଛି। କିନ୍ତୁ ପ୍ରକୃତରେ ଏହି ନିୟମକୁ କେହି ମାନୁ ନାହାନ୍ତି କି ମଦ କିଣୁଥିବା ବ୍ୟକ୍ତିଙ୍କ ବୟସ ମଧ ଯାଞ୍ଚ କରାଯାଉ ନାହିଁ। ଏହାକୁ ଦୃଷ୍ଟିରେ ରଖି ମଦ ଦୋକାନରେ ବୟସ ଯାଞ୍ଚ ପାଇଁ ଏକ ପ୍ରଭାବଶାଳୀ ନିୟମ କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟରେ ପିଟିସନ ଦାଏର ହୋଇଛି। କେଉଁ ବୟସର ଲୋକଙ୍କୁ ମଦ ବିକ୍ରି କରାଯିବା ତାହା ଏକ ସଶକ୍ତ ବ୍ୟବସ୍ଥା ଦ୍ୱାରା ସମର୍ଥିତ ହେବା ଉଚିତ୍ ବୋଲି ପିଟିସନରେ କୁହାଯାଇଛି। ଜଷ୍ଟିସ୍ ବିଆର୍ ଗବାଇ ଏବଂ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠରେ ଦାଖଲ ହୋଇଥିବା ଏହି ଆବେଦନକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ମଦ୍ୟପାନ ପାଇଁ ବିଭିନ୍ନ ରାଜ୍ୟରେ ଆଇନଗତ ବୟସ ଭିନ୍ନ ରହିଛି। ଓଡ଼ିଶାରେ ମଦ ପିଇବାର ସର୍ବନିମ୍ନ ବୟସ ୨୧ ବର୍ଷ ରଖାଯାଇଥିଲା ବେଳେ ରାଜସ୍ଥାନ, ଗୋଆ, ପୁଡୁଚେରୀ, ହିମାଚଳ ପ୍ରଦେଶ ,ମେଘାଳୟ ଏବଂ ସିକ୍କିମ ଭଳି ରାଜ୍ୟରେ ୧୮ ବର୍ଷରୁ ଅଧିକ ବୟସର ଲୋକ ମଦ କିଣି ପିଇପାରିବେ ବୋଲି ନିୟମ ରହିଛି। ଅନ୍ୟ ପକ୍ଷରେ ମହାରାଷ୍ଟ୍ର ସମେତ ଦିଲ୍ଲୀ, ଚଣ୍ଡିଗଡ଼ ଏବଂ ପଞ୍ଜାବରେ ମଦ କିଣିବା ଓ ସେବନ ପାଇଁ ସର୍ବନିମ୍ନ ବୟସ ୨୫ ବର୍ଷ ରହିଛି। ସେହିପରି ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ ଓ ଲଦାଖରେ ମଦ କିଣିବା ଓ ପିଇବାର ଆଇନଗତ ବୟସ ୨୧ ବର୍ଷ ରୁ ଅଧିକ ରହିଛି।

# ବ୍ୟାୟାମ ସ୍ଥଳରେ ଚଢ଼ିଗଲା କାର୍; ୩୫ ମୃତ, ୪୫ ଆହତ



ବେଜିଂ, ୧୨।୧୧(ଏଜେନ୍ସି): ଚୀନ୍‌ର ଜଉଆଇ ସହରରେ ଏକ ବ୍ୟାୟାମ ସ୍ଥଳରେ ଏକ କାର୍ ଚଢି ଯିବାରୁ ୩୫ ଜଣଙ୍କ ମୃତ୍ୟୁ ହେବା ସହିତ ୪୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମଙ୍ଗଳବାର ଚୀନ୍‌ର ପିପୁଲ୍ସ ଲିବରେସନ ଆର୍ମି( ପିଏଲଏ) ପକ୍ଷରୁ ଏୟାର ଶୋ' ଆରମ୍ଭ ହେବା ପୂର୍ବରୁ ଏହି ଦୁର୍ଘଟଣା ଘଟିଛି। ଏଠାକାର ଏକ ସ୍ପୋର୍ଟସ୍ ସେଣ୍ଟରରେ ୫୦ ରୁ ଅଧିକ ଲୋକ ବ୍ୟାୟାମ ଅଭ୍ୟାସ କରୁଥିଲା ବେଳେ ଦ୍ରୁତ ଗତିରେ ଆସିଥିବା ଏକ କାର୍ ସେମାନଙ୍କ ଉପରକୁ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୩୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଡ୍ରାଇଭରକୁ ଗିରଫ କରାଯାଇଥିଲା ବେଳେ ଏହା ଦୁର୍ଘଟଣା ଥିଲା ନା ଯୋଜନାବଦ୍ଧ ଆକ୍ରମଣ ଥିଲା ତାହା ପୁଲିସ ଯାଞ୍ଚ କରୁଛି। ଡ୍ରାଇଭରର ପରିଚୟ ସ୍ପଷ୍ଟ ହୋଇଥିବାରୁ ତା'ର କୌଣସି ମାନସିକ କିମ୍ବା ଶାରୀରିକ ସମସ୍ୟା ନ ଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ସେ କିଭଳି ଭିଡ ଉପରେ କାର୍ ଚଢାଇ ଦେଲା ତାହା ଯାଞ୍ଚ କରାଯାଉଥିବା କୁହାଯାଇଛି।

## ସଂପ୍ରଦାୟ ଆଧାରରେ ହ୍ୱାଟସ୍‌ଆପ୍ ଗ୍ରୁପ: ଦୁଇ ଆଇଏଏସ୍ ଅଧିକାରୀ ନିଲମ୍ବିତ



ତିରୁଅନନ୍ତପୁରମ୍, ୧୨।୧୧(ଏଜେନ୍ସି): କେରଳର ଜଣେ ଆଇଏଏସ୍ ଅଧିକାରୀଙ୍କ ମୋବାଇଲ୍ ନମ୍ବର ବ୍ୟବହାର କରି ସମ୍ପ୍ରଦାୟ ଭିତ୍ତିରେ କରାଯାଇଥିବା ହ୍ୱାଟସ୍ ଆପ୍ ଗ୍ରୁପ୍‌କୁ ନେଇ ବିବାଦ ବଢିବାରେ ଲାଗିଛି। ଏହି ପ୍ରସଙ୍ଗକୁ କେରଳ ସରକାର ଗୁରୁତ୍ୱ ସହ ବିଚାର କରିବା ସହିତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମାମଲାରେ ଦୁଇ ଆଇଏଏସ୍ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, କେରଳ ଶିଳ୍ପ ଓ ବାଣିଜ୍ୟ ବିଭାଗୀୟ ନିର୍ଦ୍ଦେଶକ କେ ଗୋପାଳକ୍ରିଷ୍ଣନଙ୍କ ମୋବାଇଲ୍ ହ୍ୟାକ୍ ହେବା ପରେ ତାଙ୍କ ନମ୍ବରକୁ ବ୍ୟବହାର କରି 'ମଲ୍ଲୁ ହିନ୍ଦୁ ଅଧିକାରୀ' ନାଁରେ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ତିଆରି କରାଯାଇଥିବା ସେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଏହି ଘଟଣାର ତଦନ୍ତ ପରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଛନ୍ତି। ଏହାବ୍ୟତୀତ ଗତ ତିନି ଦିନ ମଧ୍ୟରେ ସୋସିଆଲ ମିଡିଆରେ ଅନ୍ୟ ଜଣେ ଆଇଏଏସ୍ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ସଚିବ ଏ ଜୟତିଲକଙ୍କ ବିରୋଧରେ ବହୁ ପୋଷ୍ଟ କରାଯାଇ ଉତ୍ତେଜନା ସୃଷ୍ଟି କରାଯାଇଥିବାରୁ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଏନ ପ୍ରଶାନ୍ତଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟ ଶାସନ ସଚିବ ଶାରଦା ମୁରଲିଧରନଙ୍କ ରିପୋର୍ଟକୁ ଆଧାର କରି ଏହି ଦୁଇ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ପୁଣି ଅଶାନ୍ତ ହେଉଛି ମଣିପୁର

**କୁକି ସଂପ୍ରଦାୟର ୧୨ ଘଣ୍ଟିଆ ବନ୍ଦ**

**ବିଭିନ୍ନ ଜିଲ୍ଲାରେ ଜାରିହେଲା କର୍ଫ୍ୟୁ**

**ମେଇତି ସଂପ୍ରଦାୟର ୨ ମୃତ, ୬ ନିଖୋଜ**



ଇମ୍ଫାଲ ,୧୨।୧୧(ଏଜେନ୍ସି): କିଛି ଦିନର ଅନ୍ତରରେ ପୁଣି ଅଶାନ୍ତ ହୋଇପଡିଛି ମଣିପୁର। ଗତ ଚାରି ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ହିଂସା ଘଟିବା ସହିତ କିଛି ଲୋକ ମୃତାହତ ହୋଇଛନ୍ତି। ବିଶେଷକରି ଜିରିବାମ୍ ଜିଲ୍ଲାରେ କୁକି ଏବଂ ମେଇତି ସଂପ୍ରଦାୟ ମଧ୍ୟରେ ପୁଣି ହିଂସା ମୁଣ୍ଡ ଟେକିଥିବା ଦେଖାଯାଇଛି। ଗତକାଲି ସୁରକ୍ଷାବଳ ଗୁଳିରେ ୧୧ ସନ୍ଦିଗ୍ଧ କୁକି ଉଗ୍ରବାଦୀ ନିହତ ହେବା ପରେ କୁକି ସଂପ୍ରଦାୟ ପୁଣି ହିଂସାତ୍ମକ ହୋଇପଡ଼ିଥିବା ଆକଳନ କରାଯାଉଛି। କୁକି ଉଗ୍ରବାଦୀଙ୍କୁ ଏନକାଉଣ୍ଟର କରାଯିବା ପରେ ମଙ୍ଗଳବାର ଜିରିବାମ୍ ଅଞ୍ଚଳର ଏକ ଘରୁ ଦୁଇ ମେଇତି ସଂପ୍ରଦାୟର ଲୋକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହାଛଡ଼ା ଏକ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା ୬ ମେଇତି ବ୍ୟକ୍ତି ନିଖୋଜ ହୋଇଥିବା କୁହାଯାଇଛି। ଗତକାଲି ରାତିରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗୁଳି ଚାଳନା ହୋଇଥିବାରୁ ଏହି ନିଖୋଜ ଲୋକଙ୍କ ସ୍ଥିତିକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି। ସେପଟେ କୁକି ଉଗ୍ରବାଦୀଙ୍କ ଏନକାଉଣ୍ଟର ପରେ କୁକି-ଜୋ-କାଉନସିଲ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ ମଣିପୁର ବନ୍ଦ ପାଳନ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଜିବିରାମ ଜିଲ୍ଲା ଏବଂ ଅନ୍ୟ କିଛି ଜିଲ୍ଲାରେ କର୍ଫ୍ୟୁ ଲାଗୁ କରାଯାଇଛି। ୧୧ କୁକି ସଦସ୍ୟଙ୍କୁ ସିଆରପିଏଫ ଅତି ନିର୍ମମ ଭାବେ ହତ୍ୟା କରିଛି ବୋଲି କୁକି-ଜୋ-କାଉନସିଲ କହିଛି। ମୃତକମାନଙ୍କ ପ୍ରତି ସମ୍ମାନ ଜଣାଇବା ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୁଃଖ ପ୍ରକାଶ କରିବା ଲାଗି ମଙ୍ଗଳବାର ସକାଳ ୫ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ପାଳନ କରାଯାଇଥିବା କୁହାଯାଇଛି। ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ତୁରନ୍ତ ତଦନ୍ତ କରିବାକୁ କାଉନସିଲ ଦାବି କରିଛି। ଦୁଇ ସଂପ୍ରଦାୟ ମଧ୍ୟରେ ପୁଣି ବିବାଦ ଏବଂ ହିଂସା ଦେଖାଯାଇଥିବାରୁ ମଣିପୁର ସ୍ଥିତି ସ୍ୱାଭାବିକ ହେବା ପରିବର୍ତ୍ତେ ପୁଣି ଜଟିଳ ହେବାର ଆଶଙ୍କା ବଢିଥିବାରୁ ବିଭିନ୍ନ ଇଲାକାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

## ଗଛରେ ପିଟି ହେଲା କାର୍; ୩ ଯୁବତୀଙ୍କ ସହ ୬ ମୃତ



ଡେରାଡୁନ୍ ,୧୨।୧୧(ଏଜେନ୍ସି): ଡେରାଡୁନରେ ଗତକାଲି ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଯୁବତୀ ଏବଂ ୩ ଯୁବକ ଅଛନ୍ତି। ସମସ୍ତଙ୍କ ଘର ଡେରାଡୁନ ଆଖପାଖ ଅଞ୍ଚଳରେ ହୋଇଥିବା ବେଳେ ସେମାନଙ୍କ ବୟସ ୨୫ ବର୍ଷରୁ କମ୍ ବୋଲି ଜଣାଯାଇଛି। ମିଳିଥିବା ଖବର ଅନୁସାରେ ଗତକାଲି ରାତିରେ ୭ ଯୁବକ ଯୁବତୀ ଏକ ଇନୋଭା କାର୍‌ରେ ଡେରାଡୁନ ସହ ବୁଲିବାକୁ ଯାଇଥିଲେ। ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ବେଳେ ସାମ୍ନାରୁ ଏକ ଟ୍ରକ୍ ଆସୁଥିବା ଦେଖି ଡ୍ରାଇଭର ଗାଡିଟିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଗାଡିର ବେଗ ଏତେ ଅଧିକ ଥିଲା ଯେ, ଏହା ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ଡେରାଡୁନର ଓଏନ୍‌ଜିସି ଛକରେ ହୋଇଛି। ଗୁରୁତର ହୋଇଥିବା ଅନ୍ୟ ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



## ଲଦାଖରେ ଭାରତ-ଚୀନ୍ ସେନାର ପ୍ରଥମ ରାଉଣ୍ଡ ପାଟ୍ରୋଲିଂ ଶେଷ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ପୂର୍ବ ଲଦାଖର ଡେମଚୋକ ଓ ଦେପସାଙ୍ଗର ବିବାଦୀୟ ଅଞ୍ଚଳରେ ଭାରତ ଏବଂ ଚୀନ୍ ସେନା ପ୍ରଥମ ରାଉଣ୍ଡ ପାଟ୍ରୋଲିଂ ମଙ୍ଗଳବାର ଶେଷ କରିଛନ୍ତି। ନିକଟରେ ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ରହିଥିବା ସମସ୍ୟା ହଟିବା ପରେ ଉଭୟ ପକ୍ଷ ଏଲଏସିରୁ ନିଜ ସେନାକୁ ହଟାଇଥିଲେ। ଏହାପରେ ୨୦୨୦ ସ୍ଥିତି ଅନୁସାରେ ଉଭୟ ପକ୍ଷର ସେନା ଗ୍ରାଉଣ୍ଡ ପାଟ୍ରୋଲିଂ କରିବେ ବୋଲି ବୁଝାମଣା ହୋଇଥିଲା। ସପ୍ତାହକୁ ଥରେ ପାଟ୍ରୋଲିଂ ସହମତ ହୋଇଥିଲେ। ସେହି ଅନୁସାରେ ମଙ୍ଗଳବାର ପ୍ରଥମ ରାଉଣ୍ଡ ପାଟ୍ରୋଲିଂ ଶେଷ ହୋଇଥିବା କୁହାଯାଇଛି। ଏହାପରେ ସୀମା ନିକଟରେ ଉଭୟ ପକ୍ଷର ଅସ୍ଥାୟୀ ନିର୍ମାଣ ହଟାଇବାକୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କୁହାଯାଇଛି।

# ନିର୍ବାଚନ ପୂର୍ବରୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସମେତ ୧୭ ସ୍ଥାନରେ ଇଡି ଚଢଉ

**ବାଂଲାଦେଶୀଙ୍କଠୁ ନକଲି ଆଧାର, ପାସପୋର୍ଟ ଏବଂ ବନ୍ଧୁକ ଜବତ**

ରାଞ୍ଚି,୧୨।୧୧(ଏଜେନ୍ସି): ଆସନ୍ତାକାଲି ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ଜିଲ୍ଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ତେବେ ନିର୍ବାଚନ ପୂର୍ବରୁ ମଙ୍ଗଳବାର ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କ କାରବାରକୁ ନେଇ ଇଡି ଝାଡ଼ଖଣ୍ଡ ସମେତ ପଶ୍ଚିମବଙ୍ଗର ୧୭ଟି ସ୍ଥାନରେ ଚଢଉ କରିଛି। ଚଢଉ ବେଳେ ବାଂଲାଦେଶୀଙ୍କ ନିକଟରୁ ନକଲି ଆଧାର କାର୍ଡ ସମେତ ପାସପୋର୍ଟ, ବିପୁଳ ଟଙ୍କା, ସୁନା ଗହଣା, ପ୍ରିଣ୍ଟିଂ ମେସିନ ଏବଂ ନକଲି ଆଧାରକାର୍ଡ ବନେଇବାକୁ ଉପକରଣ ଆଦି ଜବତ କରାଯାଇଛି। ଝାଡ଼ଖଣ୍ଡରେ ବେଆଇନ ଭାବେ ବସବାସ କରୁଥିବା ବାଂଲାଦେଶୀଙ୍କ ଦ୍ୱାରା ସେକ୍ସ ର୍ୟାକେଟ୍ ଚଳାଯିବା ସହିତ ବାଂଲାଦେଶର ବିଭିନ୍ନ ଇଲାକାରୁ ଏଠାକୁ ଯୁବତୀ ଚାଲାଣ କରାଯିବା ଘଟଣା ଜଣାପଡ଼ିବା ପରେ ଇଡି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବାଂଲାଦେଶୀମାନେ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରେ ସେକ୍ସ ର୍ୟାକେଟ ଚଳାଇ ବିପୁଳ ଅର୍ଥ ଉପାର୍ଜନ କରୁଛନ୍ତି ଏବଂ ସ୍ଥାନୀୟ ନେତାଙ୍କୁ ପ୍ରଭାବିତ କରୁଥିବା ମଧ ଅଭିଯୋଗ ଉଠିଛି। ଏହାକୁ ନେଇ ଇଡି ପକ୍ଷରୁ ଗତ ସେପ୍ଟେମ୍ବର ମାସରେ ପିଏମଏଲ ଅଧୀନରେ ବରିୟାତୁ ଥାନାରେ ଏତଲା ଦାଏର କରାଯାଇଥିଲା। କିନ୍ତୁ ଚଳିତ ନିର୍ବାଚନରେ ବାଂଲାଦେଶୀଙ୍କ ଦ୍ୱାରା ବିପୁଳ ଅର୍ଥ କାରବାର କରାଯିବା ସୂଚନା ମିଳିବା ପରେ ଏହି ଚଢଉ କରାଯାଇଛି।

## ଏବେ ବି ୧୧୯ ଆତଙ୍କୀ ସକ୍ରିୟ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ଏବେ ବି ୧୧୯ ଜଣ ଆତଙ୍କବାଦୀ ସକ୍ରିୟ ରହିଛନ୍ତି ବୋଲି ଏକ ବିଶେଷ ରିପୋର୍ଟ ସୂତ୍ରରୁ କୁହାଯାଇଛି। ଗୁଇନ୍ଦା ବିଭାଗ ରିପୋର୍ଟ ଅନୁସାରେ, ପିର ପଞ୍ଜାଲ ରେଞ୍ଜରେ ଏବେ ୭୯ ଆତଙ୍କବାଦୀ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୧୮ ଜଣ ସ୍ଥାନୀୟ ଓ ୬୧ ଜଣ ବିଦେଶୀ ଆତଙ୍କୀ ରହିଛନ୍ତି। ଦକ୍ଷିଣ ପିର ପଞ୍ଜାଲରେ ସକ୍ରିୟ ଥିବା ୪୦ ଜଣଙ୍କ ମଧ୍ୟରୁ ୩୪ ଜଣ ବିଦେଶୀ ଓ ୬ ଜଣ ସ୍ଥାନୀୟ ଆତଙ୍କବାଦୀ ଅଛନ୍ତି। ଏହି ତଥ୍ୟ ଆସିବା ପରେ ସୁରକ୍ଷାବଳ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯିବା ସହିତ ଆତଙ୍କବାଦୀ ଦମନ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଜମ୍ମୁ କଶ୍ମୀରରୁ ଆତଙ୍କବାଦୀଙ୍କୁ ମୂଳପୋଛ କରିବାକୁ ଦୀର୍ଘ ଦିନ ହେଲା ଅପରେସନ ଜାରି ରହିଛି। ଏହାସତ୍ତ୍ୱେ ଚଳିତ ବର୍ଷ ୨୫ଟି ଆତଙ୍କବାଦ ଘଟଣା ଘଟିଛି। ଏଥିରେ ୨୪ ଜଣ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି। ୨୦୨୩ରେ ୨୫ଟି ଆତଙ୍କବାଦ ଆକ୍ରମଣ ଘଟଣାରେ ୨୭ ସୁରକ୍ଷାକର୍ମୀ ସହିଦ ହୋଇଥିଲେ। ଚଳିତ ବର୍ଷ ସୁରକ୍ଷାକର୍ମୀଙ୍କ ଗୁଳିରେ ୬୧ ଆତଙ୍କବାଦୀ ନିହତ ହୋଇଛନ୍ତି।

# 'କୁକୁର' ମନ୍ତବ୍ୟ: ମହାରାଷ୍ଟ୍ରରେ ତେଜିଲା ବିବାଦ

ମୁମ୍ବଇ, ୧୨।୧୧(ଏଜେନ୍ସି): ମହାରାଷ୍ଟ୍ର କଂଗ୍ରେସ ମୁଖ୍ୟ ନାନା ପାଟୋଲେ ବିଜେପି ପ୍ରତି ବିବାଦୀୟ ଶବ୍ଦ ପ୍ରୟୋଗ କରିବାରୁ ରାଜନୈତିକ ବିବାଦ ବଢିବା ସହିତ କଂଗ୍ରେସ ଓ ବିଜେପି ମଧ୍ୟରେ ବାକ୍ୟୁଦ୍ଧ ତୀବ୍ର ହୋଇଛି। ବର୍ତ୍ତମାନ ସବୁ ପ୍ରମୁଖ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ଜୋରଦାର କରାଯାଇଥିଲା ବେଳେ ଆକୋଲାରେ ଏକ ନିର୍ବାଚନୀ ରାଲିରେ ପାଟୋଲେ ବିଜେପି ପ୍ରତି ' କୁକୁର' ଶବ୍ଦ ବ୍ୟବହାର କରିଥିଲେ। ସେ ଜନସଭାରେ ଲୋକଙ୍କୁ ପ୍ରଶ୍ନ କରିବା ସହିତ ଆକୋଲା ଜିଲ୍ଲାର ଓବିସିମାନଙ୍କୁ କୁକୁର କହିଥିବା ବିଜେପିକୁ କ'ଣ ଆପଣମାନେ ଭୋଟ ଦେବେ କି ବୋଲି ପଚାରିଥିଲେ। ଏହାସହିତ ଏବେ ବିଜେପିକୁ କୁକୁର ବନାଇବାର ସମୟ ଆସିଛି। ସେମାନଙ୍କ ଅହଙ୍କାର ଚରମରେ ପହଞ୍ଚିଛି। ସେଥିପାଇଁ ଏବେ ମହାରାଷ୍ଟ୍ରରୁ ବିଜେପିକୁ ହଟାଇବାର ସମୟ ଆସିଛି ବୋଲି ପାଟୋଲ କହିଥିଲେ। କେବଳ ମିଥ୍ୟାକୁ ଆଶ୍ରୟ କରି ଏହି ଦଳ କ୍ଷମତାକୁ ଆସିଛି। ତେଣୁ ଏହି ଦଳକୁ ଠିକଣା ସ୍ଥାନକୁ ପଠାଇବାର ସମୟ ଆସିଯାଇଛି। ବିଜେପିର ଲୋକମାନେ ନିଜକୁ ଭଗବାନ ଓ ବିଶ୍ୱଗୁରୁ ବୋଲି ଭାବୁଛନ୍ତି। ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡନାବୀସକୁ ନିଜକୁ ଭଗବାନ ମଣୁଛନ୍ତି ବୋଲି ପାଟୋଲ କହିଥିଲେ। ତେବେ ପାଟୋଲେଙ୍କ କୁକୁର ବୟାନକୁ ବିଜେପି କଂଗ୍ରେସ ବିରୋଧରେ ବର୍ଷିଛି। ନିର୍ବାଚନ ପୂର୍ବରୁ ଜଣେ ଦଳୀୟ ରାଜ୍ୟ ସଭାପତିଙ୍କ ଏଭଳି ବୟାନ କେବଳ କଂଗ୍ରେସର ହତାଶା ଭାବକୁ ଦର୍ଶାଉଛି ବୋଲି ବିଜେପି କହିଛି। ପାଟୋଲଙ୍କ ଏହି ବୟାନ ମହା ବିକାଶ ଅଘାଡ଼ିର ନିମ୍ନ ମାନସିକତାକୁ ଦର୍ଶାଉଛି। ସେମାନେ ହତାଶା ଭାବରୁ ଆହୁରି ତଳକୁ ଖସି ଯାଇଛନ୍ତି ବୋଲି ବିଜେପି କହିଛି।

## ଇରାକରେ ଝିଅଙ୍କ ବିବାହ ବୟସ ୯ !

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ବିବାହକୁ ନେଇ ଇରାକ ସରକାର ଏକ ବିଚିତ୍ର ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି। ଏଠାରେ ପ୍ରଚଳିତ ବିବାହ ଆଇନରେ ସଂଶୋଧନ କରାଯାଇ ଝିଅଙ୍କ ସର୍ବନିମ୍ନ ବିବାହ ବୟସ ୯ ବର୍ଷକୁ ହ୍ରାସ କରିବାକୁ ଇରାକ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏଥିପାଇଁ ଚିଠାବିଲ୍ ପ୍ରସ୍ତୁତ ହୋଇସାରିଥିବା ବେଳେ ଏହା ଖୁବଶୀଘ୍ର ଆଇନରେ ପରିଣତ ହେବ ବୋଲି କୁହାଯାଇଛି। କେବଳ ବିବାହ ବୟସ ନୁହେଁ ,ମହିଳାଙ୍କ ପାଇଁ ବିବାହ ବିଚ୍ଛେଦ, ପିଲାଙ୍କ ରକ୍ଷଣାବେକ୍ଷଣ ଏବଂ ସମ୍ପତ୍ତି ଅଧିକାର ଉପରେ ବି ପ୍ରତିବନ୍ଧକ ଲଗାଇବାକୁ ଆଇନରେ ସଂଶୋଧନ କରାଯାଉଥିବା କୁହାଯାଇଛି। ସଂଶୋଧିତ ବିଲ୍‌ରେ ମହିଳାଙ୍କ ଅଧିକାର ବ୍ୟାପକ ଭାବେ କ୍ଷୁର୍ଣ୍ଣ ହେବ ବୋଲି କୁହାଯାଉଛି। ତାଲିବାନ ଶାସନରେ ପ୍ରଚଳିତ ନିୟମ କାନୁନ ଭଳି ଇରାକ ସରକାର ମଧ ଆଇନ ଲାଗୁ କରିବାକୁ ଉଦ୍ୟମ କରିଛନ୍ତି। ଇରାକ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆନ୍ତର୍ଜାତିକ ମହଲରେ ଉଦବେଗ ପ୍ରକାଶ ପାଇଛି। ବିଶେଷକରି ଶିଶୁ ଏବଂ ମହିଳାଙ୍କ ସ୍ଥିତିକୁ ଦୃଷ୍ଟିରେ ରଖି ବହୁ ସଚେତନଶୀଳ ଆନ୍ତର୍ଜାତିକ ସଂଗଠନ ପ୍ରଶ୍ନ ଉଠାଇଛନ୍ତି।

# ଭାରତ ପାଇଁ ସହାୟକ ହୋଇପାରନ୍ତି ଟ୍ରମ୍ପଙ୍କ ଟିମ୍‌ର ଦୁଇ ପ୍ରମୁଖ ସଦସ୍ୟ



ୱାଶିଂଟନ୍,୧୨।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଭାବେ ବିଜୟୀ ହୋଇଥିବା ଡୋନାଲ୍ଡ ଟ୍ରମ୍ପ ୨୦୨୫ ଜାନୁଆରୀ ୬ରେ ବିଧିବଦ୍ଧ ଭାବେ ଶପଥ ନେବେ। ଏହାପୂର୍ବରୁ ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ଟ୍ରମ୍ପ ତାଙ୍କର ' ପ୍ରୋଜକ୍ଟ- ୨୦୨୫' ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ବିଶେଷକରି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକର ଦାୟିତ୍ୱ ପାଇଁ ଟ୍ରମ୍ପ ପ୍ରାର୍ଥୀ ଚୟନ ଆରମ୍ଭ କରିଦେଇଛନ୍ତି। ଏହିକ୍ରମରେ ଆମେରିକାର ପରବର୍ତ୍ତୀ ବୈଦେଶିକ ବ୍ୟାପାର ସଚିବ ଭାବେ ସିନେଟର ମାର୍କୋ ରୁବିଓଙ୍କୁ ଟ୍ରମ୍ପ ଚୟନ କରିଛନ୍ତି। ଫ୍ଲୋରିଡାର ସିନେଟର ଥିବା ରୁବିଓ ଟ୍ରମ୍ପଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି କୁହାଯାଉଥିବା ବେଳେ ବୈଶ୍ୱିକ ବ୍ୟାପାର କ୍ଷେତ୍ରରେ ତାଙ୍କର ଦୃଢ ଅଭିଜ୍ଞତା ମଧ ରହିଛି। ତେବେ ସବୁଠୁ ବଡ଼ କଥା ହେଲା ରୁବିଓ ଚୀନ୍‌ର ଘୋର ବିରୋଧୀ ହୋଇଥିବା ବେଳେ ଭାରତ ଦୃଢ ସମର୍ଥକ। ଗତବର୍ଷ ବାଇଡେନଙ୍କ କାର୍ଯ୍ୟକାଳରେ ସେ ଆମେରିକୀୟ କଂଗ୍ରେସରେ ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗ ବିଲ ଉପସ୍ଥାପନ କରିବା ସହିତ ଭାରତର ପ୍ରତିରକ୍ଷା କ୍ଷମତା ବୃଦ୍ଧି କରିବାକୁ ଯୁକ୍ତି ବାଢିଥିଲେ। ସେହିପରି ଆମେରିକାର କଟକଣା ନୀତିରୁ ଭାରତକୁ ସାମିଲ ନ କରିବାକୁ ପ୍ରୟାସ କରିଥିଲେ। ତେଣୁ ଆଗାମୀ ଦିନରେ ରୁବିଓ ଭାରତ ପାଇଁ ବିଭିନ୍ନ କ୍ଷେତ୍ରରେ ସହାୟକ ହୋଇପାରନ୍ତି ବୋଲି କୁହାଯାଉଛି। ସେହିପରି ଆମେରିକାର ଜାତୀୟ ସୁରକ୍ଷା ଏବଂ ଗୁଇନ୍ଦା ଏଜେନ୍ସି ବିଭାଗ ଦାୟିତ୍ୱ ପାଇଁ ଟ୍ରମ୍ପ ଯାହାଙ୍କୁ ଚୟନ କରିଛନ୍ତି ସେ ମଧ ଭାରତୀୟ ସମର୍ଥକ। ତେଣୁ ଟ୍ରମ୍ପଙ୍କ ଶାସନକାଳରେ ଭାରତକୁ ବିଭିନ୍ନ ଦିଗରୁ ଫାଇଦା ମିଳିପାରେ ବୋଲି କୁହାଯାଉଛି।

## ଟ୍ରମ୍ପଙ୍କୁ ଗିରଫ କରିବାକୁ 'ଡିପ୍ ଷ୍ଟେଟ୍'ର ଚକ୍ରାନ୍ତ !



ଗୋଟିଏ ପକ୍ଷରେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ଟିମ୍ ସହ ୨୦୨୫ ଜାନୁଆରୀରେ ଶପଥ ନେବାକୁ ପ୍ରସ୍ତୁତି ଚଳାଇଛନ୍ତି। କିନ୍ତୁ ଅନ୍ୟପକ୍ଷରେ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ନ କରାଇ ଦେବାକୁ ଆମେରିକାର ଡିପ୍ ଷ୍ଟେଟ୍( ବାଇଡେନ ପ୍ରଶାସନ ସମର୍ଥିତ ଏଜେନ୍ସି) ଚକ୍ରାନ୍ତ ଚଳାଇଥିବା କେତେକ ଆନ୍ତର୍ଜାତିକ ସ୍ତରର ଗଣମାଧ୍ୟମରେ ଖବର ପ୍ରକାଶିତ ହେବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି। ପ୍ରକାଶ ପାଇଥିବା ଖବର ଅନୁସାରେ ବାଇଡେନ ପ୍ରଶାସନ ଏବଂ ବିଶେଷକରି ତାଙ୍କ ଡେମୋକ୍ରାଟ୍ ଦଳର ପ୍ରଥମ ଯୋଜନା (ପ୍ଲାନ-ଏ) ଫସର ଫାଟିବା ପରେ ଏବେ ଟ୍ରମ୍ପଙ୍କ ବିରୋଧରେ ପ୍ଲାନ୍-ବି କାର୍ଯ୍ୟକାରୀ କରିବାକୁ ଯୋଜନା ଚାଲିଥିବା କୁହାଯାଇଛି। ପ୍ଲାନ-ଏ ଅନୁସାରେ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଦୁଇ ଦୁଇ ଥର ଉଦ୍ୟମ କରାଯାଇଥିଲା। ଏହାପରେ ମଧ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ଇରାନ ଏଜେନ୍ସି ଦ୍ୱାରା ଉଦ୍ୟମ କରାଯାଇଥିଲା। କିନ୍ତୁ ଟ୍ରମ୍ପ ସୌଭାଗ୍ୟବଶତଃ ସବୁ ପ୍ରୟାସରୁ ବର୍ତ୍ତି ଯାଇଥିଲେ। କିନ୍ତୁ ଏହି ଉଦ୍ୟମ ସଫଳ ନ ହେବାରୁ ଏବେ ଟ୍ରମ୍ପଙ୍କୁ ରାଷ୍ଟ୍ରପତି ନ କରାଇ ଦେବାକୁ ଆଇନଗତ କାରଣକୁ ଆଧାର କରିବାକୁ ଡିପ୍ ଷ୍ଟେଟ ପ୍ରୟାସ ଆରମ୍ଭ କରିଥିବା କୁହାଯାଉଛି। ବିଶେଷକରି ଟ୍ରମ୍ପଙ୍କ ବିରୋଧରେ ରହିଥିବା କିଛି ଅପରାଧିକ ମାମଲାକୁ ନେଇ ଡିପ୍ ଷ୍ଟେଟ ସକ୍ରିୟ ହୋଇପଡ଼ିଛି। ଟ୍ରମ୍ପ ରାଷ୍ଟ୍ରପତି ଭାବେ ବିଜୟୀ ହେବା ପରେ କ୍ଷମତା ହସ୍ତାନ୍ତର କରିବାକୁ ବାଇଡେନ ଆମନ୍ତ୍ରଣ ଜଣାଇ ସାରିଛନ୍ତି। କିନ୍ତୁ ଏହା କେବଳ ଲୋକ ଦେଖାଣିଆ, ବରଂ ତାଙ୍କୁ ବିରୋଧରେ ଷଡ଼ଯନ୍ତ୍ର ଚାଲିଥିବା କୁହାଯାଇଛି। ବିଶେଷକରି ଆମେରିକୀୟ ଆଇନ ବ୍ୟବସ୍ଥା ଅନୁସାରେ ଜଣର ରାଷ୍ଟ୍ରପତିଙ୍କ ଠାରୁ ଅନ୍ୟ ଜଣେ ରାଷ୍ଟ୍ରପତିଙ୍କୁ କ୍ଷମତା ହସ୍ତାନ୍ତର ପାଇଁ ଯେଉଁ ବ୍ୟବସ୍ଥା ରହିଛି ଟ୍ରମ୍ପଙ୍କ ପୂର୍ବ ମାମଲାଗୁଡ଼ିକୁ ନେଇ ଏଥିରେ ପ୍ରତିବନ୍ଧକ ଅଣାଯାଇପାରେ ବୋଲି ଡିପ୍ ଷ୍ଟେଟ ଦ୍ୱାରା ମସୁଧା ହୋଇଥିବା କୁହାଯାଉଛି।

## ୱେଷ୍ଟବ୍ୟାଙ୍କ ଦଖଲ କରିବାକୁ ଇସ୍ରାଏଲର ପ୍ରୟାସ

ତେଲ୍ ଆଭିଭ୍,୧୨।୧୧(ଏଜେନ୍ସି): ଗାଜା ଏବଂ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଥିଲା ବେଳେ ଏବେ ଇସ୍ରାଏଲ ସେନା ଏବେ ପାଲେଷ୍ଟାଇନର ୱେଷ୍ଟବ୍ୟାଙ୍କ ଅଞ୍ଚଳକୁ କବଜା କରିବାକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ବିଶେଷକରି ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ବିଜୟୀ ହେବା ଇସ୍ରାଏଲ ପକ୍ଷରୁ ଏହି ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଇସ୍ରାଏଲ ଅର୍ଥମନ୍ତ୍ରୀ ବେଜାଲଏଲ ସ୍ମୋଟ୍ରିଚ୍ ସୂଚନା ଦେବା ସହିତ ଏଥିପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଥିବା କହିଛନ୍ତି। ୨୦୨୫ ସୁଦ୍ଧା ଇସ୍ରାଏଲ ୱେଷ୍ଟବ୍ୟାଙ୍କ ଉପରେ ନିଜର ସାର୍ବଭୌମତ୍ୱ ଜାହିର କରିବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ଇସ୍ରାଏଲ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିଛି। ୱେଷ୍ଟବ୍ୟାଙ୍କରେ ଇହୁଦୀମାନେ ରହୁଥିବା ଅଞ୍ଚଳକୁ ଇସ୍ରାଏଲରେ ସାମିଲ କରିବା ଲାଗି ଏବେ ସୁଯୋଗ ମିଳିଛି। ସ୍ମୋଟ୍ରିଚ୍ ତାଙ୍କ ଜିଓନିଜିମ୍ ଦଳର ସାପ୍ତାହିକ ବୈଠକ ପୂର୍ବରୁ ଟ୍ରମ୍ପଙ୍କ ବିଜୟକୁ ସ୍ୱାଗତ କରିଥିଲା ବେଳେ ଟ୍ରମ୍ପ ପ୍ରଶାସନ ଜୁଦେୟା ଏବଂ ସମିରିୟାରେ ବସତି ଉପରେ ଇସ୍ରାଏଲର ସାର୍ବଭୌମତ୍ୱକୁ କାର୍ଯ୍ୟକାରୀ କରିବାକୁ ସହଯୋଗ କରିବ ବୋଲି କହିଛନ୍ତି।

ବରଗଡ଼ ଜିଲ୍ଲା କୃଷି ବିଭାଗର ଲୋକହସା କାମ

# ଏଫ୍ଏକ୍ୟୁ ଧାନ ବିଷୟରେ ବୁଝାଇ ପାରିଲେନି ଅଧିକାରୀ

● ଧାନକିଣା ସମସ୍ୟା ଆଗକୁ ଗମ୍ଭୀର ହୋଇପାରେ



**ବରଗଡ଼,୧୨ ।୧୧(ସମିସ):** ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶ ଅନୁସାରେ କଟାପାଲି ପଞ୍ଚାୟତରେ ଧାନର ଏଫଏକ୍ୟୁ ଉପରେ ଏକ ସଚେତନତା ଶିବିର କୃଷି ବିଭାଗ ତରଫରୁ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ କୃଷି ବିଭାଗର ଗ୍ରାମ ସେବକ ଏଫଏକ୍ୟୁର ମାନ ବିଷୟରେ ଏକ ଲେଖା ଚାଷୀଭାଇଙ୍କୁ ପଠନ କରି ଶୁଣାଇଥିଲେ । ସମସ୍ତେ ମନ ଦେଇ ଶୁଣିଥିଲେ କିନ୍ତୁ ଚାଷୀମାନେ ପାଲଟା ପ୍ରଶ୍ନ କରି ଏଫଏକ୍ୟୁ ଧାନ କାହାକୁ କୁହନ୍ତି ଆମେ ଦେଖିବାକୁ ଚାହୁଁଛୁ, ତାହା ଆମକୁ ଦେଖେଇ ଦିଅ ବୋଲି କହିଥିଲେ । ଏହା ବ୍ୟତୀତ ଚାଷୀ ପରିଚୟ ଆମେ ଏ ଯାଏ ପାଇନୁ, କାରଣ ଧାନ ବିକିବା ପାଇଁ ଆମର ଟୋକନ୍ ଆଜିସୁଦ୍ଧା ଆସିନାହିଁ । ତେଣୁ ଆପଣମାନେ କାହାକୁ ଏଫଏକ୍ୟୁ ତାଲିମ୍ ଦେଉଛନ୍ତି ବୋଲି ପ୍ରଶ୍ନ କରିଥଲେ। ଏହା ସହିତ ୫ ଗୋଟି ସମସ୍ୟା କଥା ଲିଖିତ ଭାବେ ନୋଡାଲ ଅଫିସରଙ୍କୁ ଚାଷୀମାନେ ଜଣାଇଥିଲେ । ଯେ ହେତୁ ସରକାରୀ ବିହନରେ ଶତକଡା ୨୫% ଅନ୍ୟ କିସମ ମିଶ୍ରିତ ରହୁଛି, ତେଣୁ ସେହି ବିହନରୁ ଉତ୍ପାଦିତ ଧାନ ଏଫଏକ୍ୟୁ ହେବ କି ନାହିଁ ? ଯେହେତୁ ୫% ମିଶ୍ରଣ ଏଫଏକ୍ୟୁରେ ରହିବାର ପ୍ରାବଧାନ ଅଛି । ଧାନ ବିକ୍ରି ପାଇଁ ଟୋକନ କେବେ ଆସିବ ଓ ଏକର ପ୍ରତି କେତେ କୁଇଣ୍ଟାଲ ଚାଷୀ ବିକ୍ରି କରିପାରିବେ, ତାହା ଅତି ଶୀଘ୍ର ଜଣାନ୍ତୁ । ଚଳିତ ବର୍ଷ ଆନାଲାଇଜର ମେସିନ ଦ୍ୱାରା ଏଫଏକ୍ୟୁ ମାନ ନିର୍ଦ୍ଧାରଣ କରାଯିବ ।

ଚାଷୀମାନେ ସେ ଯନ୍ତ୍ରକୁ ଏ ଯାଏ ଦେଖି ନାହାନ୍ତି । ତେଣୁ ସେହି ଯନ୍ତ୍ର ଦ୍ୱାରା କିପରି ଟେଷ୍ଟ କରିବେ, ତାହା କରାଇ ଦେଖେଇବା ପାଇଁ ଚାଷୀ ଅନୁରୋଧ କରିଥିଲେ । ଏ ସବୁ ସମସ୍ୟାକୁ ଜିଲ୍ଲା ନୋଡାଲ ଅଫିସରଙ୍କୁ ଜଣାଇବି ବୋଲି କଟାପାଲି ମାର୍କେଟର ନୋଡାଲ ଅଫିସର୍ କହିଥିଲେ । ଆଜିର ଏହି ସଚେତନ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ରାଜସ୍ୱ ନିରୀକ୍ଷକ, କୃଷି ବିଭାଗରୁ ଗ୍ରାମ ସେବକ, ସରପଞ୍ଚ ରମେଶ ସାହୁ, ପଞ୍ଚାୟତ ସମ୍ପାଦକ ଓ ଚାଷୀ ବୃନ୍ଦାବନ ଭୋଇ, ସାହେବ ପ୍ରଧାନ, ମହେନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ମାହାଣ, ବୀରବର ମଲ୍ଲିକ, ସମେତ ଅନେକ ଚାଷୀ ଯୋଗ ଦେଇଥିଲେ । ଆଗକୁ ଯଦି ଏ ସବୁ ପ୍ରତି ସରକାରୀ ଅଧିକାରୀ ସତର୍କ ନ ହେବେ, ଧାନ ସଂଗ୍ରହ ସ୍ଥିତି ଜଟିଳ ହୋଇପଡ଼ିବ ଓ ଶେଷରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ।





ବରଗଡ଼ ଜିଲ୍ଲା ତୁରୁଙ୍ଗା ନିବାସୀ ମନୋଜ ମହାପାତ୍ରଙ୍କ ଘରେ ୩୦ ରୁ ଅଧିକ ଦୁର୍ବୃତ୍ତ ପଶି ଆତଙ୍କ ଖେଳାଇବା ସହ ୬ଟି ଗାଡ଼ି ଭଙ୍ଗାରୁଜା କରି ଟଙ୍କା ଓ ସୁନାଗହଣା ଲୁଟିନେଇଛନ୍ତି । ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି ।

## ବିକାଶ ଡିଗ୍ରୀ କଲେଜରେ 'ଜାତୀୟ ଶିକ୍ଷା ଦିବସ' ପାଳିତ



**ବରଗଡ଼,୧୨।୧୧( ସମିସ):** ବିକାଶ ହାୟର୍ ଏଜୁକେସନାଲ୍ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ 'ଜାତୀୟ ଶିକ୍ଷା ଦିବସ' ପାଳିତ ହୋଇଯାଇଛି । ଅଧକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ୍ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ସାମୀ ତେଜୋମୟାନନ୍ଦ ସରସତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଛାତ୍ରୀ ସଂସ୍କୃତି ହୋତା କାର୍ଯ୍ୟକ୍ରମ ସଂଚାଳନ ଦାୟିତ୍ୱ ତୁଲାଇଥିବା ବେଳେ ଶିକ୍ଷାଶାସ୍ତ୍ର ବିଭାଗୀୟ ଅଧ୍ୟାପିକା କୁମାରୀ ସୁଜାତା ବେସନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଳା ବିଭାଗର ସମସ୍ତ ଛାତ୍ରଛାତ୍ରୀ ଓ ଅଧାପକ- ଅଧାପିକା ଯୋଗଦାନ କରିଥିଲେ ।

● କୁଚ ବେହାର ଟ୍ରଫି

## ଆଜିଠାରୁ ଓଡ଼ିଶା- ମେଘାଳୟ ମୁକାବିଲା

**ବରଗଡ଼,୧୨। ୧୧(ସମିସ):** ନଭେମ୍ବର ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ୧୯ ବର୍ଷରୁ କମ କୁଚ ବେହାର ଟ୍ରଫି ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରିକେଟ୍ ଏସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି । ଓଡ଼ିଶା ଦଳ ଓ ମେଘାଳୟ ଦଳ ଗତକାଲିଠାରୁ ବରଗଡ଼ର ସ୍ଥାନୀୟ ହୋଟେଲ ନିକ୍କି ରେସିଡେନ୍ସି ଓ ହୋଟେଲ ଗଣପତିରେ ଅବସ୍ଥାନ କରୁଛନ୍ତି । ଖେଳାଳିଙ୍କୁ ଜିଲ୍ଲା କ୍ରିକେଟ ଏସୋସିଏସନର ସଭାପତି ହରିହର ପ୍ରଧାନ, ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ରବି ପଣ୍ଡା, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଦୀପ ନନ୍ଦ,ଚନ୍ଦ୍ରଶେଖର ପ୍ରଧାନ, ସୌର୍ଯ୍ୟରଞ୍ଜନ ରାଏ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ଏହି ମ୍ୟାଚ୍ ପାଇଁ ବିସିସିଆଇ ପକ୍ଷରୁ ପରବିନ୍ଦର ସିଂଙ୍କୁ ମ୍ୟାଚ୍ ରେଫରି ନିଯୁକ୍ତ କରାଯାଇଥିବା ବେଳେ ଶକ୍ତିପଦ ଭଟ୍ଟାଚାର୍ଯ୍ୟ ଓ ରମେଶ କୁମାର ଅମ୍ପାୟାର କାର୍ଯ୍ୟ ତୁଲାଇବେ । ପଡିଆରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କ୍ରିଷ୍ଣା ବିକାଶ ଗ୍ରୁପ ର ପରିଚାଳନା ନର୍ଦ୍ଦେଶକ ଡି ବିବେକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି । ଓଡ଼ିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ବରଗଡ଼ ଜିଲ୍ଲା କ୍ରିକେଟ ଏସୋସିଏସନ୍ ଏହି ମ୍ୟାଚ୍ ର ଆୟୋଜନ କରୁଛି ।

# ଜଙ୍ଗଲ ପରିଚାଳନା ନିମନ୍ତେ ଗ୍ରାମସଭା

**ଦହିତା, ୧୨। ୧୧ (ସମିସ):** ପଦ୍ମପୁର ବ୍ଲକ ଜମରତଲା ଗ୍ରାମ ପଞ୍ଚାୟତ ବିରିପାଳୀ ଠାରେ ଜଙ୍ଗଲ ସମ୍ବଳ ପରିଚାଳନା ନିମନ୍ତେ ଗ୍ରାମସଭା ଓ ପ୍ରବେଶ ପର୍ବ ମାସ୍ ପାଇକମାଳ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜମରତଲା ସରପଞ୍ଚ ବିଦ୍ୟୁଭୂଷଣ ଚାନ୍ଦ , ସମ୍ମାନିତ ଅତିଥି ଭାବେ ନିର୍ବାହୀ ଅଧିକାରୀ ସଞ୍ଜୟ ପ୍ରଧାନ, ଗ୍ରାମ ରୋଜଗାର ସେବକ ଶାନ୍ତନୁ ସାହୁ, ଫରେଷ୍ଟର ଅନୀଲ ସାହୁ, ଜିଲ୍ଲା ସଂଯୋଜକ ବ୍ୟାସଦେବ ବାରିକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ୱାର୍ଡ ସଭ୍ୟ ଜଗନ୍ନାଥ ଭୁଏ, ବିରବଲ୍ କମାତି, ଭିକାରୀ କମାତୀ, ଟୁନୁଚନ୍ଦ୍ର ବେହେରା, ଅହଲ୍ୟା କମାତି ଆଦି ସହଯୋଗ କରିଥିଲେ ।



## ଯଶଦେବ ସିଂଙ୍କ ପରଲୋକ

**ପାଇକମାଲ,୧୨ ।୧୧ (ସମିସ) :** ପାଇକମାଳ ବ୍ଲକ ଅନ୍ତର୍ଗତ ବରତୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁରେନା ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଯଶଦେବ ସିଂ (୭୦) ଙ୍କ ପରଲୋକ ହୋଇଛି । ସେ ୧୫ ବର୍ଷ ଧରି ଗାଁର ୱାର୍ଡମେମ୍ବର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ବଡ଼ପୁଅ ଡୋଳାମଣି ସିଂ ମୁଖାଗ୍ନି ଦେଇଥିଲେ ।



ବରଗଡ଼ ଉପବିଭାଜନ ୨ ପାଣି ପଞ୍ଚାୟତ ନିର୍ବାଚନ

# ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିପୁଳ ବିଜୟ



**ବରଗଡ଼,୧୨। ୧୧(ସମିସ):** ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ବରଗଡ଼ ଉପବିଭାଜନ ୨ ପାଣି ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀଙ୍କ ବିପୁଳ ବିଜୟ ହୋଇଛି । ବରଗଡ଼ ଜିଲ୍ଲାର ଅଣ ଜଳସେଚିତ ଜମିକୁ ଜଳସେଚନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ପ୍ରକଳ୍ପ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ କୃଷି ଓ କୃଷକଙ୍କ ବିକାଶ କ୍ଷେତ୍ରରେ ମାଇଲଖୁଣ୍ଟ ସାଜିଥିବା ବେଳେ ଏହି ପ୍ରକଳ୍ପର ସୁପରିଚାଳନା ପାଇଁ ବରଗଡ଼ ଉପବିଭାଜନ ୨ ପାଣି ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏହି ନିର୍ବାଚନରେ ବିଜୁ ଜନତା ଦଳ ସମର୍ଥିତ ସଭାପତି ପ୍ରାର୍ଥୀ ଭାବେ ବେଦବ୍ୟାସ ସାହୁ, ସମ୍ପାଦକ ସୁନୀତା ବେହେରା, କୋଷାଧ୍ୟକ୍ଷ ପ୍ରଶାନ୍ତ ସାହୁ ପ୍ରମୁଖ ବିପୁଳ ବିଜୟ ଲାଭ କରି ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ବାସଭବନକୁ ଯାଇ ସୌଜନ୍ୟ ମୂଳକ ସାକ୍ଷାତ କରି ଆଶୀର୍ବାଦ କାମନା କରିଥିଲେ । ତେବେ ପୂର୍ବତନ ବିଧାୟକ ଶ୍ରୀ ଆଚାର୍ଯ୍ୟ ଏହି ପାଣି ପଞ୍ଚାୟତର ନିର୍ବାଚିତ ସମସ୍ତ ପଦାଧିକାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ସ୍ୱପ୍ନର ପ୍ରକଳ୍ପ ଜରିଆରେ ଆଗାମୀ ଦିନରେ ଚାଷୀ ଭାଇମାନେ କିପରି ଅଧିକରୁ ଅଧିକ ଉପକୃତ ହେବା ସହ ଲାଭ ପାଇପାରିବେ, ସେ ଦିଗରେ ନବନିର୍ବାଚିତ ପାଣି ପଞ୍ଚାୟତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ନିର୍ବାଚିତ ପ୍ରତିନିଧିଙ୍କୁ ବିଜେଡି ଜିଲ୍ଲା ସଭାପତି ଜାପାନ ମହାପାତ୍ର, ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ବ୍ଲକ ଭାଇସ୍ ଚେୟାରମେନ୍ ଉମେଶ ପଣ୍ଡା, ସନ୍ତୋଷ ସା ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ବାଟତେର୍ମା ଗ୍ରାମରେ କଳାସୀ ଯାତ୍ରା ଆରମ୍ଭ

**ବରଗଡ଼, ୧୨।୧୧(ସମିସ):** ବରଗଡ଼ ଜିଲ୍ଲା ବାଟତେର୍ମା ଗ୍ରାମରେ କଳାସୀ ଯାତ୍ରା ଆରମ୍ଭ ହୋଇଯାଇଛି । ବାଟତେର୍ମା ଗ୍ରାମରେ ରହିଥିବା ଶିବପାର୍ବତୀ, ମାଁ ମାଉଳୀ ଦେବୀ, ସର୍ବ ଦେବାଦେବୀ ମନ୍ଦିରରେ ମୁଖ୍ୟ ପୂଜାରୀ ପବିତ୍ର ମେହେର ରୀତିନୀତି ଅନୁସାରେ ଏହି ସମୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥାନ୍ତି । ଆଜି ବିଧିମତେ ପୂଜାର୍ଚ୍ଚନା ପରେ ବରୁଆମାନେ ଦୁଲଦୁଲି ବାଜାର ତାଳେତାଳେ ବେଲଗଛର ବେଲକଣ୍ଟା ଦ୍ୱାରା ସଜ୍ଜିତ ଦୋଳିରେ ଝୁଲିବା ସହିତ ନଚିନଚି କରି ଗ୍ରାମ ପରିକ୍ରମା କରିଛନ୍ତି । ବରୁଆଙ୍କ ଗ୍ରାମ ପରିକ୍ରମା ବେଳେ ପ୍ରତ୍ୟେକ ଘର ସମ୍ମୁଖରେ ବରୁଆଙ୍କ ପାଦଧୌତ କରି ପୂଜା କରିଛନ୍ତି ଗ୍ରାମବାସୀ । ସନ୍ଧ୍ୟାରେ ନାଟ, ଦଣ୍ଡନୃତ୍ୟ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସବୁ ଅନୁଷ୍ଠିତ ହେଉଛି । ବୁଧବାର ଦ୍ୱାଦଶୀ ତିଥିରେ ଦେବୀ ପୀଠରେ ମନ୍ତ୍ରପାଠ ସହ ବିଶେଷ ପୂଜାର୍ଚ୍ଚନା ଓ ବେଲକଣ୍ଟାରେ ସଜ୍ଜିତ ଦୋଳିରେ ବରୁଆଙ୍କ କଣ୍ଟା ଦୋଳିଖେଳ ସମସ୍ତଙ୍କ ମନରେ ଭକ୍ତିଭାବ ଭରି ଦେଇଥାଏ ।



# ବିଶ୍ୱ ହାତଧୁଆ ଦିବସ ପାଳିତ

**ବରଗଡ଼,୧୨। ୧୧(ସମିସ):** 'ବିଶ୍ୱ ହାତଧୁଆ ଦିବସ' ରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଡକ୍ଟର ନକୁଳ ସେଠ୍ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗର ରାଜେଶ କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଶାସନିକ ଅଧିକାରୀ ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର , ଯୁକ୍ତଦୁଇ ବିଭାଗର ଭାରପ୍ରାପ୍ତ ଅଧିକାରୀ ଶଶିଭୂଷଣ ସେଠ୍ ସାବୁନ୍ ରେ ଭଲଭାବରେ ହାତ ଧୋଇବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଅବସରରେ ବିତର୍କ, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଇତିହାସ ବିଭାଗର ଅଧାପକ ଅଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଶିକ୍ଷା ଦିବସ ପାଳିତ

**ବରଗଡ଼,୧୨ ।୧୧ (ସମିସ):** ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ଶିକ୍ଷକ ପ୍ରଶିକ୍ଷଣ ଓ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ 'ଜାତୀୟ ଶିକ୍ଷା ଦିବସ' ପାଳିତ ହୋଇଯାଇଛି । ଏହି ସଭାରେ ଅଧକ୍ଷ ଡ.ନକୁଳ ସେଠ୍ ସଭାପତିତ୍ୱ କରିଥିଲେ । ବରେଣ୍ୟ ଅତିଥି ତଥା ଇଂରାଜୀ ବିଭାଗର ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ, ସହକାରୀ ପ୍ରଫେସର ସସ୍ମିତା ସାହୁ, ଜନ୍ମେଜୟ ପ୍ରଧାନ, ଅନିନ୍ଦିତା ନନ୍ଦ, ହୃଦାନନ୍ଦ ଭୋଇ, ନିରୁପମା ଭୁଏ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ । ଶେଷରେ ସହକାରୀ ପ୍ରଫେସର ପଦ୍ମିନୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।




# ଦୁର୍ଦ୍ଦାନ୍ତ ଚୋର ରାଜା ସୁନା ଗିରଫ

**ଭେଡେନ, ୧୨।୧୧(ସମିସ):** ଭେଡେନ ଥାନା ଅନ୍ତର୍ଗତ ଭେଡେନ ଗ୍ରାମର ଦୁର୍ଦ୍ଦାନ୍ତ ଚୋର ରାଜା ସୁନା(୨୫) କୁ ଭେଡେନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଭେଡେନ ତଥା ଆଖପାଖ ଅଞ୍ଚଳର ଲୋକଙ୍କ ନିଦ ହଜାଇ ଦେଇଥିବା ରାଜା ନାମରେ ଭେଡେନ ଥାନାରେ ବହୁ ମାମଲା ରୁଜୁ ରହିଛି । ବିଭିନ୍ନ ଲୋକଙ୍କ ଘରୁ ଏପରିକି ସରକାରୀ ଅଫିସରୁ ଚୋରି କରିବା ତା'ର କାମ ଫଳରେ ଲୋକମାନେ ଘର ଛାଡ଼ି ବାହାରକୁ ଯିବାକୁ ଭୟ କରୁଥିଲେ । ରାଜା ସୁନା ଗତ ୬ ତାରିଖରେ ଭେଡେନ ବ୍ଲକ ଭେଟେନାରୀ କାର୍ଯ୍ୟଳୟ ପରିସରରୁ ଚୋରି କରିବା ସହିତ ସରକାରୀ ଚାଉଳ ଚୋରି କରି ଫେରାର ହୋଇଯାଇଥିଲା । ଏନେଇ ଭେଡେନ ଥାନାରେ ଅଭିଯୋଗ ହୋଇଥିଲା । ଆଜି ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଅଭିଯୁକ୍ତ ଭେଡେନ ଅଞ୍ଚଳରେ ବୁଲୁଥିବା ଖବର ପାଇ ପୁଲିସ ଟିମ ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।



## ବିକାଶ ନର୍ସିଂ କଲେଜରେ ନୂତନ ଛାତ୍ରଛାତ୍ରୀଙ୍କ ଆଭିମୁଖ୍ୟ ସମାରୋହ



**ବରଗଡ,୧୨ ।୧୧( ସମିସ):** ବରଗଡ଼ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜରେ ଆଭିମୁଖ୍ୟ ସମାରୋହ ଆୟୋଜିତ ହୋଇଥିଲା । ବିଏସସି., ଜିଏନଏମ ଏବଂ ପୋଷ୍ଟ ବେସିକ୍ ବିଏସସି. ନର୍ସିଂର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଲାଗି ଉକ୍ତ ସମାରୋହ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ନୂତନ ଛାତ୍ରୀଙ୍କୁ ଉତ୍ସାହିତ ଏବଂ ପ୍ରେରିତ କରିବା ସକାଶେ ଲକ୍ଷ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ ଡି. ନାଗେଶ୍ୱର ରାଓ, ହସ୍ପିଟାଲ ନିର୍ଦ୍ଦେଶକ ଡ. ହିମାଂଶୁ ଶେଖର ମିଶ୍ର, ମୁଖ୍ୟ ପ୍ରଶାସକ ଇଂ କୁମାର ମହାପାତ୍ର ଏବଂ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ସମସ୍ତ ଅଧକ୍ଷ, ଉପାଧକ୍ଷ ଏବଂ ଛାତ୍ର କଲ୍ୟାଣ ସମିତିର ଡିନ୍ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଇଂଜିନିୟରିଂ କଲେଜ୍ ଅଧକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ୍ ବିଜନେସ୍ ମେନେଜମେଣ୍ଟର ଅଧକ୍ଷ ଡ. କ୍ଷୀରୋଦ ପ୍ରଧାନ, ମୁଖ୍ୟ ପ୍ରଶାସକ ଇଂ ଅଜୟ କୁମାର ମହାପାତ୍ର, ଡିଗ୍ରୀ କଲେଜ ଅଧକ୍ଷ ପ୍ର. ସତ୍ୟବ୍ରତ ମିଶ୍ର, ଲ' ସ୍କୁଲର ଅଧକ୍ଷ ଡ. ବିକ୍ରମ କୁମାର ଦାସ୍ ପ୍ରମୁଖ ପିଲାଙ୍କୁ ନର୍ସିଂ ବୃତ୍ତିର ମହତ୍ୱ, ଆବଶ୍ୟକତା ବିଷୟରେ ବୁଝାଇଥିଲେ ।

# ଜାରିଂର ଐତିହାସିକ ବାଲିଯାତ୍ରା ଆରମ୍ଭ

**ବିଜେପୁର, ୧୨।୧୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଜାରିଂ ଗ୍ରାମର ପ୍ରସିଦ୍ଧ ରାସଯାତ୍ରା ଓ ବାଲିଯାତ୍ରା ଆରମ୍ଭ ହୋଇଛି । ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ସ୍ଥାନୀୟ ରାଂଜ ନଦୀରୁ ଭବ୍ୟ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମ କରିଥିଲା । ଅଧିବାସ ସହ ପାରମ୍ପରିକ ଭାବେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଅନୁରୂପ ଭାବରେ ନଦୀକୂଳରେ ବାଲିଯାତ୍ରା ହେଉଛି । ବୁଡ଼ ପକାଇବା ପାଇଁ ଭୋରରୁ ନଦୀକୂଳରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି । ବିଜେପୁର ବିଧାୟକ ତଥା ଜମିଦାର ସନତ କୁମାର ଗଡ଼ତିଆ ପୂଜାର କର୍ତ୍ତା ରହିଥିବା ବେଳେ ପଣ୍ଡିତ ଗୋକୁଳ ପୁଜାହାରୀ ପୂଜାର୍ଚ୍ଚନା କରୁଛନ୍ତି । ରାସଯାତ୍ରା କାର୍ତ୍ତିକ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୋଇ ଦୀର୍ଘ ୬ଦିନ ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଲୋକମାନଙ୍କର ମନୋରଞ୍ଜନ ପାଇଁ ଲୋକଗୀତ ସଞ୍ଚାର, ଲୋକନୃତ୍ୟ, ନାଟକ ପରିବେଷିତ ହୋଇଥାଏ । ଉକ୍ତ ଯାତ୍ରାରେ ଉଠାଦୋକାନୀ ତଥା ଦର୍ଶକଙ୍କ ଭିଡ଼ରେ ରାଂଜ ନଇକୂଳଟି ଜନସମୁଦ୍ର ପାଲଟିଯାଏ । ସଞ୍ଚାର କଳାକାର ପବିତ୍ର ପଧାନ, ଜଗନ୍ନାଥ ମୁଦୁଲି, ସରୋଜ ଗଣ୍ଡ ପ୍ରମୁଖ ସଞ୍ଚାର ପରିବେଷଣ କରୁଛନ୍ତି । ଗୁରୁବାର ଠାରୁ ସ୍ଥାନୀୟ ସମଲେଇ ପଡ଼ିଆ ଠାରେ ଜଳନ୍ଧର ମହାରାଜଙ୍କ ଦରବାର ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି । ଜୟନ୍ତ ପଧାନ, ଶ୍ରୀରାମ ପଧାନ, ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡ଼ତିଆ, ଯୋଗେନ୍ଦ୍ର ପଧାନ, ପ୍ରମୋଦ ପଦାନଙ୍କ ସମେତ ସ୍ଥାନୀୟ ସାଂସ୍କୃତିକ ପରିଷଦ ତଥା ଜାରିଂ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।



■ ଟ୍ରେଡିଂ ଆପ୍ ନେଲା ଜୀବନ

# ଋଣଭାର ପାଇଁ ଟ୍ରେନ୍ ଆଗକୁ ଡେଇଁଲେ ଯୁବକ

ଝାରସୁଗୁଡ଼ା,୧୨ ।୧୧(ସମିସ): ବିବାହକୁ ଆଉ ମାତ୍ର ଏକ ସପ୍ତାହ ବାକି ଥିଲା; ହେଲେ ଟ୍ରେଡିଂ ଆପ୍‌ରେ ଲକ୍ଷାଧିକ ଟଙ୍କା ହରାଇ ଯୁବକ ହାରିଦେଲେ ଜୀବନ। ମୃତ ଯୁବକ ହେଉଛନ୍ତି ଝାରସୁଗୁଡ଼ାର ଏକ ହୋଟେଲରେ କ୍ୟାସିୟର ଭାବରେ କାର୍ଯ୍ୟକରୁଥିବା ଜଗତସିଂହପୁର ଖଇରଙ୍ଗା ନୂଆପାଟଣାର ରମେଶ ଚନ୍ଦ୍ର ସାହୁଙ୍କ ପୁଅ ଅଚ୍ୟୁତାନନ୍ଦ ସାହୁ। ଆତ୍ମହତ୍ୟା ପୂର୍ବରୁ ସେ ତାଙ୍କ ବାପାଙ୍କୁ ଏକ ମେସେଜ କରିଥିଲେ।



ମେସେଜରେ ସେ ଲେଖିଥିଲେ ଟ୍ରେଡିଂ ଆପ୍‌ରେ ସବୁ ପଇସା ହରାଇ ବସିଲି। ୨୦/୨୫ ଲକ୍ଷର ଋଣ କରିଦେଇ ଥିଲି। ଏଥିରୁ ବର୍ତ୍ତିବା ପାଇଁ ପ୍ରୟାସ କରି ସଫଳ ହୋଇ ପାରିଲିନି। ଏତେ ବଡ଼ ଭୁଲ ମୋ ଦ୍ୱାରା କେମିତି ହୋଇଗଲା ଜାଣି ହେଲାନି। ଏତେ ପରିମାଣର ଋଣ ବୋଝର ଚାପ ସହିବା ଭଳି ମୋ ପାଖରେ ସେ ସାହାସ ନାହିଁ। ଶେଷ ନିଶ୍ୱାସ ଯାଏଁ ବହୁତ ଚେଷ୍ଟା କଲି, ଆଉ ବିଳମ୍ବ କରିଥିଲେ ଆହୁରି ଅଧିକ ଲୋକ କଷ୍ଟ ପାଇଥାନ୍ତେ ମୋ ପାଇଁ। ଯେଉଁ ସମୟରେ ବାପା ବୋଉଙ୍କ ସେବା କରିବା କଥା ସେ ସମୟରେ ତାଙ୍କ ମନକୁ ଆଘାତ ଦେଇ ଛାଡ଼ି ଚାଲିଯାଉଛି। ବହୁତ ଭାଗ୍ୟବାନ ଥିଲି ଯେ ଏମିତି ବାପା ବୋଉଙ୍କୁ ପାଇଥିଲି। ଏତିକି ଅନୁରୋଧ ମତେ କ୍ଷମା କରିଦେବ, ମୋ ଭୁଲ ପାଇଁ ମୁଁ ଦାୟୀ। ଅଚ୍ୟୁତାନନ୍ଦ ନିଜ ଛୋଟ ବେଳୁ ମାମୁଁ ଘର କେନ୍ଦ୍ରାପଡ଼ା (ଓରାଡି) ଲଙ୍କାପଡ଼ାରେ ରହୁଥିବାବେଳେ ଗତ ୬ ବର୍ଷ ହେବ ଝାରସୁଗୁଡାର ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ରବିବାର ଅପରାହ୍ନ ପ୍ରାୟ ୪ ଟାରେ ହୋଟେଲରେ ଡ୍ୟୁଟି ସାରିବା ପରେ ଆଉ ଫେରି ନ ଥିଲେ। ସନ୍ଧ୍ୟାରେ ଝାରସୁଗୁଡ଼ା ରେଳଷ୍ଟେସନ ନିକଟ ରେଳ ଧାରଣାକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମେସେଜଟି ଦେଖିବା ପରେ ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ, ହେଲେ ଅଚ୍ୟୁଦାନନ୍ଦଙ୍କ ସହ ଯୋଗାଯୋଗ ନ ହେବାରୁ ହୋଟେଲ ମ୍ୟାନେଜରଙ୍କୁ ଏ ବିଷୟରେ ଜଣାଇଥିଲେ। ହୋଟେଲ କର୍ତ୍ତୃପକ୍ଷ ଏନେଇ ପୁଲିସକୁ ଖବର ଦେବା ପରେ ମୋବାଇଲ ଟ୍ରେସିଂ କରି ଝାରସୁଗୁଡ଼ା ପୁଲିସ ଏବଂ ରେଳବାଇ ପୁଲିସ ତାଙ୍କର କ୍ଷତବିକ୍ଷତ ଶବ ରେଳ ଧାରଣାରୁ ଉଦ୍ଧାର କରିଥିଲେ।

## ଧଳା ଜହର ବିଞ୍ଚୁଛି ଓପିଜିସି; ଲୋକେ ନାକେଦମ୍

# ପାଉଁଶ ପରିବହନ ଯୋଗୁଁ ବିଷ ବଳୟରେ ଅଞ୍ଚଳ

ଇବଥର୍ମାଲ, ୧୨।୧୧(ସମିସ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ସେତେବେଳେ ଏଇଏସ୍ ସହ ଥିବା ସମୟରେ ଯାହା ଅଞ୍ଚଳବାସୀଙ୍କ ପାଇଁ ବିଷବଳୟ ସୃଷ୍ଟି କରୁଥିଲା, ଏବେ ଶତ ପ୍ରତିଶତ ସରକାରୀ ହେଲା ପରେ ମଧ୍ୟ ସବୁକିଛି ଠିକ୍ ଚାଲି ନ ଥିବା ଅଭିଯୋଗ ହେଉଛି। ୮୦ ଦଶକରେ ନିର୍ମିତ ଏହି ସଂସ୍ଥା ସେତେବେଳେ ଅଞ୍ଚଳବାସୀଙ୍କ ପାଇଁ ବରଦାନ ହେବ ବୋଲି କୁହାଯାଇଥିବା ବେଳେ ବରଦାନ ପରିବର୍ତ୍ତେ ଦିନକୁ ଦିନ ତାହା ଅଞ୍ଚଳବାସୀଙ୍କ ପାଇଁ ବିଷବଳୟ ସୃଷ୍ଟିକରିବାରେ ଲାଗିଛି। ପ୍ରଦୂଷଣମୁକ୍ତ ବାତାବରଣ ନାଗରିକଙ୍କ ମୌଳିକ ଅଧିକାର। ସରକାର କିମ୍ବା ସରକାରୀ ସଂସ୍ଥା ଲୋକଙ୍କ ଅଧିକାରକୁ ନେଇ ଅଣଦେଖା କରିପାରିବେ ନାହିଁ ଏହା ସର୍ବୋଚ୍ଚ ନ୍ୟାୟାଳୟ କହିସାରିଥିବା ବେଳେ ଓପିଜିସି କ୍ଷେତ୍ରରେ ପରିବେଶ ଆଇନ ଯେମିତି କୌଣସି କାମକୁ ନୁହେଁ ଭଳି ପ୍ରତିତ ହେଉଛି। ଯେଉଁ ଦିନଠୁ ଓପିଜିସିର ଏଠାରେ ୩ୟ ଓ ୪ର୍ଥ ୟୁନିଟ ନିର୍ମାଣ ହୋଇଛି, ଏହି ୬୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସମ୍ପନ୍ନ ନବନିର୍ମିତ ଏହି ପ୍ଲାଣ୍ଟର ପାଉଁଶ ପରିଚାଳନାରେ ଅନେକ ତ୍ରୁଟି ଦେଖାଦେଇଛି। ଆରମ୍ଭରୁ ଦେଖାଦେଇଥିବା ତ୍ରୁଟି ଯୋଗୁଁ ପାଉଁଶ ଆସ୍ ହ୍ୟାଣ୍ଡିଲିଂ ପ୍ଲାଣ୍ଟ ପର୍ଯ୍ୟନ୍ତ ପହଞ୍ଚି ନ



ପାରି ହପର ଜରିଆରେ ତଳକୁ ଶୁଖିଲା ପାଉଁଶ ଖସେଇ ଦିଆଯାଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ପାଉଁଶ ଆସ୍ ପାଇପ ବାଟେ ଯାଇ ଆଶ୍ ପୋଖରୀରେ ପଡ଼ିବା ପରିବର୍ତ୍ତେ ପ୍ଲାଣ୍ଟରେ ଜେସିବି ଲଗାଯାଇ ହାଇୱା ଯୋଗେ ସ୍ଥାନାନ୍ତର କରାଯାଇ ପରିବେଶ ପ୍ରଦୂଷିତ କରିଆସିଛି। ୧୪ ଜୁଲାଇ ୨୦୨୨ରେ ନିମ୍ନମାନର ପାଇପ କାମ ଯୋଗୁଁ ପାଇପ ଫାଟି ପାଉଁଶ ପାଣି ଅଞ୍ଚଳକୁ ପ୍ରଦୂଷିତ କରିବା, ୯ ଡିସେମ୍ବର ୨୦୨୩ରେ ପାଉଁଶ ପୋଖରୀ ଭାଙ୍ଗି ଶହଶହ ଏକର ଜମିରେ ଆସ୍ ବନ୍ୟାଜଳ ଭଳି ବହିବା ଓ ଲୋକେ ଭୟଭୀତ ଅବସ୍ଥାରେ ରହିବା ଭଳି ଘଟଣା ଘଟିଛି। ମାତ୍ର ଏବେ ଓପିଜିସି ଆଉପାଦେ ଆଗକୁ ବଢ଼ି ହାଇୱା ମାଧ୍ୟମରେ ଅହରହ ଦିନରାତି ପରିବହନ କରାଇ ସ୍ଥାନୀୟ ଅଞ୍ଚଳରେ ଉଡ଼ନ୍ତା ପାଉଁଶ (ଧଳା ଜହର) ବିଞ୍ଚୁଛି ବୋଲି ଅଭିଯୋଗ କରିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରେ କଡ଼ାକଡ଼ି ନିୟମ ଏଦିଗରେ ଥିଲେ ବି ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ଏଦିଗରେ ନିରବଦ୍ରଷ୍ଟା ସାଜିଥିବା ସବୁଠି ଚର୍ଚ୍ଚା ହେଉଛି। ପରିବେଶବିତଙ୍କ ମତରେ ଫ୍ଲାଇଆସ୍ ବା ଉଡ଼ନ୍ତା ପାଉଁଶ ଯାହା କୋଇଲା ଦହନରୁ ନିର୍ଗତ ହୁଏ ,ତାହା ବିକିରଣ କରିଥାଏ। ୟୁରାନିୟମ, ଥୋରିୟମ, ରେଡିୟମ ଭଳି ତେଜସ୍କ୍ରିୟ ଧାତୁ କାରଣରୁ ଏହି ଫ୍ଲାଇ ଆସର ବିକିରଣ ପରମାଣୁ ଶକ୍ତିକେନ୍ଦ୍ରର ବିକିରଣ ଠାରୁ ପ୍ରାୟ ଶହେଗୁଣ ଅଧିକ। ଓପିଜିସିର ଆସ୍ ପରିଚାଳନାଗତ ତ୍ରୁଟି ହୀରାକୁଦ ଜଳଭଣ୍ଡାର ସମେତ ସ୍ଥାନୀୟ ଜଳାଶୟ, ଚାଷଜମି, ଗୋଚାରଣ ଭୂଇଁ ସମେତ ମାନବ ସମାଜକୁ ପ୍ରଭାବିତ କରୁଛି। ଅଞ୍ଚଳବାସୀଙ୍କ ସକାଶେ ମୃତ୍ୟୁଯନ୍ତା ପାଲଟିଛି। ଆସ୍ ପରିବହନ ଓ ବେଧଡ଼କ ଓଭରଲୋଡ୍ ଆସ୍ ପରିବହନ ସ୍ଥାନୀୟ ଅଞ୍ଚଳରେ ବୋଝ ଉପରେ ଲଳିତା ବିଡ଼ା ପରି ହୋଇଛି। ଓଭରଲୋଡ୍ ଉପରେ ଆରଟିଓ କଡ଼ା ଚେତାବନୀ ଦେଇଛନ୍ତି। ହେଲେ ମାନୁଛି କିଏ। ଅଭିଯୋଗ ଅନୁସାରେ ଓପିଜିସିରୁ ୧୦ଚକିଆ ତଥା ୧୪ଚକିଆ ହାଇୱାଗୁଡ଼ିକ ଅଭରଲୋଡ ପାଉଁଶ ପରିବହନ କରୁଛନ୍ତି। ଢାଙ୍କୁଣି ନାମକୁ ମାତ୍ର ହୋଇଥିବାରୁ ରାସ୍ତାସାରା ପାଉଁଶ ପଡୁଛି। ଫଳରେ ଲୋକଙ୍କ ଯାତାୟାତରେ ମଧ୍ୟ ଅସୁବିଧା ହେଉଛି। ସେହିରାସ୍ତାରେ ଯାଉଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ଦୁର୍ଦ୍ଦଶା କହିଲେ ନସରେ। ପୁଲିସ ପ୍ରଶାସନ ସବୁ ଦେଖୁଛି, ହେଲେ ବେଆଇନ ଭାବେ ପାଉଁଶ ପରିବହନ ଚାଲିଛି। ଆସ୍ ପରିବହନ ସ୍ଥାନୀୟ ଲୋକଙ୍କ ଲାଗି ଏକ ବିଷବଳୟକାରୀ ଅଭିଶାପ ହୋଇଛି। ସରକାର ଓ ପ୍ରଶାସନ ଏଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆସ୍ ପରିବହନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ଦେବଗଡ଼,୧୨।୧୧(ସମିସ): ତିଲେଇବଣି ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ବୈଜ୍ଞାନିକ ଡ.ଶେଷ କିସାନଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ସୁଗୁଡା ପଞ୍ଚାୟତ ସମିତି ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼, ସୁଶାନ୍ତ କୁମାର ସାହୁ, ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ରହି କୁନି ବୈଜ୍ଞାନିକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ତ୍ରିନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୋଟ ୧୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଦେବଗଡ଼ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ଦିନେଶ କୁମାର ରାୟ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ମନୋରଞ୍ଜନ ମାର୍ଣ୍ଡି, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦୟ କୁମାର ପ୍ରଧାନ, ସତ୍ୟନାରାୟଣ ସାହୁ ଯୋଗଦେଇଥିଲେ। ବରିଷ୍ଠ ବର୍ଗରେ ୭ଟି, କନିଷ୍ଠ ବର୍ଗରୁ ୭ଟି ଓ ଉପକନିଷ୍ଠ ବର୍ଗରୁ ୩ଟି ପ୍ରକଳ୍ପ ମନୋନୀତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଅପରାହ୍ଣରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱ ଓ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇଙ୍କ ପରିଚାଳନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ବରିଷ୍ଠ ବୈଜ୍ଞାନିକ ପରେଶ କୁମାର ମାଝୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଏକ କବିତା ମାଧ୍ୟମରେ ଆଲୋକପାତ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମଡ଼, ସୁଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମେଳା ଆୟୋଜନରେ ଗୋଷ୍ଠୀ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଶିକ୍ଷକ ହରେନ କୁମାର ସାହୁ, ହିମାଂଶୁ ଶେଖର ଦେହୁରୀ, ଅନିଲ କୁମାର, ତ୍ରିବେଣୀ କାନ୍ତ ସାହୁ, ଶିକ୍ଷୟିତ୍ରୀ ଦୀପିକା ମିଞ୍ଜ ଓ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ପତଞ୍ଜଳି ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଯୋଗ ଶିକ୍ଷା ପ୍ରଦାନ

ବ୍ରଜରାଜନଗର,୧୨ ।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପତଞ୍ଜଳି ଯୋଗ ସମିତି ଓ ଜିଲ୍ଲା ପତଞ୍ଜଳି ଯୋଗ ସମିତି ମିଳିତ ଉଦ୍ୟମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆଙ୍କ ମାର୍ଗ ଦର୍ଶନରେ ବ୍ରଜରାନଜଗରର ୧୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା। ଏଥିରେ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ବବନ ସିଂହଙ୍କ ସହଯୋଗରେ ସମସ୍ତ ସ୍କୁଲରେ ଯୋଗ ଶିକ୍ଷା ଦିଆଯାଇଥିଲା। ଓପିଏମ ବାଳିକା ବିଦ୍ୟାଳୟ, ଏନ୍‌ଏସି ହାଇସ୍କୁଲ, ରାମପୁର ଓ ଓରିଏଣ୍ଟ କୋଲିଆରି ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଇବପିଟ ୟୁପି ସ୍କୁଲ, ଲାଲାଲଜପତ ହାଇସ୍କୁଲରେ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା ।ଏହି ଯୋଗ ଶିକ୍ଷା ଯୋଗ ଶିକ୍ଷକ ରଞ୍ଜନ ସିଂହ, ଓମ୍ ପ୍ରକାଶ ସିଂହ, ପ୍ରଶାନ୍ତ ପାଲଟା ସିଂହ, ଅଭୟ ଯାଯୁ, ଯୁବରାଜ ସାହୁ, ମନୋଜ ସିଂ, ମହିଳା ଯୋଗ ସାଧକ ବର୍ଷା ଶାହା, ସୁଭାଷିନୀ ସାହୁ, ସସ୍ମିତା ନାୟକ, ସର୍ମିଷ୍ଠା ନାୟକ, ଜ୍ୟୋତି ଗୁପ୍ତା, ମୁସ୍କାନ୍ ଗୁପ୍ତା ଓ ଭିବା ଗୁପ୍ତା, ସୁଷମା ମହାପାତ୍ର, ମୋନାଲିସା ପଣ୍ଡା ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା

ବ୍ରଜରାଜନଗର,୧୨ ।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅଧୀନ ଅଇଁଲାପାଲି ଗ୍ରାମର ଜଣେ ଯୁବକ ନିଜ ଘରେ ରସିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ଗ୍ରାମର ପ୍ରହଲ୍ଲାଦ କାଲୋ (୪୦) ବୋଲି ଜଣାପଡ଼ିଛି। ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଘଟଣାସ୍ଥଳରେ ପହଞ୍ଚି ଶବଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ରାମଚଣ୍ଡୀ ସେବା ସମିତି ପକ୍ଷରୁ ବନୀକରଣ ଅଭିଯାନ



ଝାରସୁଗୁଡ଼ା,୧୨।୧୧(ସମିସ): ରାମଚଣ୍ଡି ସେବା ସମିତି ଝାରସୁଗୁଡ଼ା ତରଫରୁ ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ଚାରାରୋପଣ କାର୍ଯ୍ୟକ୍ରମ ସମାପନ ହୋଇଛି। ସହର ଉପକଣ୍ଠସ୍ଥ ବିଭିନ୍ନ ସ୍ଥାନ ସମେତ ବେହେରାପାଲିରେ ରାମଚଣ୍ଡି ସେବା ସମିତିର ସଭାପତି ଅନନ୍ତରାମ ସାହୁଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେବା ସମିତିର ସାଧାରଣ ସମ୍ପାଦକ ବ୍ରଜମୋହନ ପ୍ରଧାନ, ସଞ୍ଜୟ ପ୍ରଧାନ, ଡ. ଦିବେନ୍ଦୁ ସାହୁ, ବିରାଟରାଜା ପଧାନ, ଗଜପତି ପ୍ରଧାନ, ପ୍ରକାଶ ସା, ପୂର୍ଣ୍ଣଚନ୍ଦ୍ର ବାରିକ, ଖତୁ ବଢେଇ ସମେତ ବହୁବ୍ୟକ୍ତି ଅଭିଯାନରେ ସାମିଲ ହୋଇଥିଲେ। ସମିତି ତରଫରୁ ପରିବେଶ ସୁରକ୍ଷା ଓ ସମାଜିକ ବନୀକରଣ ଦିଗରେ ବ୍ୟାପକ ପ୍ରୟାସ କରାଯିବ ବୋଲି ମତପ୍ରକାଶ ପାଇଛି।

# ହକି ଖେଳକୁ ଲୋକପ୍ରିୟ କରିବା ପାଇଁ ପ୍ରଶାସନର ଉଦ୍ୟମ

ଝାରସୁଗୁଡ଼ା,୧୨।୧୧(ସମିସ): ଓଡ଼ିଶାରେ ଝାରସୁଗୁଡ଼ା ଜିଲ୍ଲା ହକି କ୍ଷେତ୍ରରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମକୁ ଖେଳପ୍ରେମୀ ବେଶ୍ ପ୍ରଶଂସା କରିଛନ୍ତି। ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଜିଲ୍ଲାରେ ଥିବା ସ୍କୁଲଗୁଡ଼ିକରେ ହକି ଖେଳକୁ ଲୋକପ୍ରିୟ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ପିଲାମାନଙ୍କୁ ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ସ୍କୁଲ ଅଧ୍ୟକ୍ଷଙ୍କୁ ଉତ୍ସାହିତ କରୁଛନ୍ତି। ଜିଲ୍ଲାରେ ଥିବା ସରକାରୀ ଓ ବେସରକାରୀ ସ୍କୁଲ, କଲେଜମାନଙ୍କରେ ବାଳକ ଓ ବାଳିକାମାନେ କିପରି ହକି ଖେଳରେ ଶିକ୍ଷା ଲାଭ କରିବେ ସେଥିପାଇଁ ଏକ ଯୋଜନା ପ୍ରସ୍ତୁତି କରାଯାଇଛି। ଯୋଜନାରେ ଆଲୋଚନା ପାଇଁ ସୋମବାର ଝାରସୁଗୁଡା ଜିଲ୍ଲା ଡିଆରଡିଏ ସମ୍ମିଳନୀ ଗୃହରେ ହକି ଆସୋସିଏସନର ସମ୍ପାଦକ ତଥା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶିଲ କୁମାର ମିଶ୍ର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ କୁମାର ତାଣ୍ଡି ଝାରସୁଗୁଡ଼ା ହକି ଆସୋସିଏସନର ସଭ୍ୟ ତଥା ଓଡ଼ିଶା ହକି ଆସୋସିଏସନର ଉପ-ସଭାପତି ଜୀବନ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ବେସରକାରୀ ସ୍କୁଲର ୫୧ ଜଣରୁ ଉର୍ଦ୍ଧ୍ୱର୍ ଶିକ୍ଷକ, ଶିକ୍ଷୟତ୍ରୀ, ଖେଳ ଶିକ୍ଷକ ଓ କଲେଜ ଅଧ୍ୟକ୍ଷ ଯୋଗଦେଇଥିଲେ। ଆସନ୍ତା ମାସର ୨ୟ ସପ୍ତାହରେ ସ୍କୁଲ, କଲେଜର ବିଭିନ୍ନ ଗ୍ରୁପରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଶେଷରେ ଝାରସୁଗୁଡ଼ା ହକି ଆସୋସିଏସନର ସଭ୍ୟ ବିଜୟ କୁମାର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

# ନୂତନ ସଦସ୍ୟତା ଗ୍ରହଣ ଓ ଶପଥ ପାଠ ସମାରୋହ

ଝାରସୁଗୁଡା,୧୨।୧୧(ସମିସ): ଇଜେଭି ଫାଉଣ୍ଡେସନରେ ପନ୍ଦର ଜଣ ସଦସ୍ୟ ସଦସ୍ୟା ସ୍ୱେଚ୍ଛାକୃତ ଭାବେ ସଦସ୍ୟତା ଗ୍ରହଣ କରିଛନ୍ତି। ଏଥିସହିତ ସଂଗଠନର ରୀତି ବ୍ୟବସ୍ଥା ସହିତ ଉଦ୍ଦେଶ୍ୟ ସଫଳ କରିବାରେ ପ୍ରୟାଶ କରିବେ ବୋଲି ସଂକଳ୍ପ ପାଠ କରିଛନ୍ତି। ଲିପିପୁଷ୍ପା ରାୟ, ଅଶ୍ୱିନୀ ପାଣ୍ଡେ, ବଲବିନ୍ଦର ସିଂ, ପ୍ରିୟା ରାୟ, ଲିପକ ଲୋଚନ ଦେବତା, ସୌରଭି ପଟେଲ, ଚନ୍ଦନ ଠାକୁର, ଆଶା ସାହା, ବିନୋଦ ଶତପଥୀ, ସୁମିତ୍ରା ପଣ୍ଡା, ଜୟକିଷାନ ତନ୍ତୀ, ଦୀପ୍ତି ବେହେରା, ସସ୍ମିତା ପଟେଲ ପ୍ରମୁଖ ସଦସ୍ୟତା ଗ୍ରହଣ କରିଛନ୍ତି। ଅତିଥି ଭାବରେ ବରିଷ୍ଠ ନାଗରିକ ସଂଘର ସଭାପତି ବାଲଗୋବିନ୍ଦ ମିଶ୍ର, ବ୍ରାହ୍ମଣ ସମାଜର ସଭାପତି ରବୀନ୍ଦ୍ର ଦୀକ୍ଷିତ, ପୂର୍ବତନ ଅଧ୍ୟକ୍ଷ ସରୋଜ କୁଅଁର, ସମାଜସେବୀ ଅକ୍ଷୟ ପତି ଓ ସଭାନେତ୍ରୀ ମାନସୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ପୁନମ ପଟେଲ ସଂଗଠନର କାର୍ଯ୍ୟ ବାବଦରେ କହିଥିଲେ।

# ବାରକୋଟ ବ୍ଲକ୍‌ରେ ନୂତନ ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟିତ

ଦେବଗଡ଼,୧୨ ।୧୧(ସମିସ ): ବାରକୋଟ ବ୍ଲକ୍ ସଦର ମହକୁମାଠାରେ ଅତିରିକ୍ତ ସିଭିଲ ଜଜ୍ ଜୁନିୟର ଡିଭିଜନ କମ୍ ଜେଏମ୍‌ଏଫ୍‌ସିଙ୍କ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଭର୍ଚ୍ଚୁଆଲ ମୋଡରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ସରଣ ସିଂ ଏହି କୋର୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦେବଗଡ଼ ଜଜ୍ ସିପ ପ୍ରଶାସକ ବିଚାରପତି ଓଡିଶା ଉଚ୍ଚନ୍ୟାୟାଳୟ ବିଚାରପତି ଜଷ୍ଟିସ ଭି ନରସିଂହଙ୍କ ସମେତ ସହଯୋଗୀ ବିଚାରପତିମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନ



ପରେ ବାରକୋଟର ପ୍ରଥମ ଜେଏମଏଫସି ଭାବେ ଅଙ୍କିତା ଗୁରୁ କାର୍ଯ୍ୟଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଜିଲ୍ଲା ଜଜ୍ ଗୌତମ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ଏସ୍‌ପି ଅନୀଲ କୁମାର ମିଶ୍ର ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଫ୍ୟାମିଲି ଜଜ୍ ଅନୁପ କୁମାର ଚନ୍ଦନ, ଅତିରିକ୍ତ ଜିଲ୍ଲା ଜଜ୍ ସନ୍ତୋଷ କୁମାର ନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ବେହେରା, ସବ୍ ଜଜ୍ ମନୋରଞ୍ଜନ ମିଶ୍ର, ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସମ୍ପାଦିକା ଅପୂର୍ବା ଚୌଧୁରୀ, ମହିଳା କୋର୍ଟ ବିଚାରପତି ସାନ୍ଥାଶ୍ରୀ ମହାନ୍ତି, ଦେବଗଡ଼ ଏସ୍‌ଡିଜେଏମ ଲିଙ୍କି ପ୍ରିୟା ସାହୁ, ରିଆମାଳ ଜେଏମ୍‌ଏଫ୍‌ସି ବିନୟ କୁମାର ସାହୁ, ଦେବଗଡ଼ ଜେଏମ୍‌ଏଫସି ସୁସ୍ମିତା ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ରେଜିଷ୍ଟ୍ରାର ବିଶ୍ୱନାଥ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଓକିଲ ସଂଘର ସଭାପତି ପ୍ରମଥେଶ ଗୁରୁଙ୍କ ସମେତ ସଂଘର ବହୁ ସଦସ୍ୟ ଓ ନିମନ୍ତ୍ରିତ ଅତିଥି ମାନେ ଉପସ୍ଥିତ ରହିଥିଲେ। ଆୟୋଜନରେ ପ୍ରଦୀପ କୁମାର ବିଶ୍ୱାଳ, ବ୍ରହ୍ମଦତ୍ତ ପ୍ରଧାନ, ରଞ୍ଜନ କୁମାର ନାୟକ, ମୁନା ସାହୁ, ତ୍ରିନାଥ ନାୟକ, ଭୀମସେନ ମହନ୍ତ, ଆଶିଷ ମହାନ୍ତି, ଟିକେଶ୍ୱର ଗଡ଼ନାୟକ, ସୁପ୍ରଭା ମହାରଣା, ସାଗରିକା ବେହେରା, ସୁରଭି ବରାଇ ଓ ଧରଣୀଧର ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

ଆନ୍ତଃ ଜିଲ୍ଲା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଦେବଗଡ଼ କ୍ରିକେଟ୍ କ୍ଲବ୍ ବିଜୟୀ

ଦେବଗଡ଼,୧୨।୧୧(ସମିସ): ଦେବଗଡ଼ ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃଜିଲ୍ଲା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସୀୟ ମ୍ୟାଚ୍ ଦେବଗଡ଼ କ୍ରିକେଟ୍ କ୍ଲବ୍ ବନାମ ରାଇଜିଂ ଷ୍ଟାର୍ କ୍ରିକେଟ୍ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ କ୍ରିକେଟ କ୍ଲବ ୫୧ ରନ୍‌ରେ ବିଜୟୀ ହୋଇଛି। ଦେବଗଡ଼ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୪୦ ଓଭରରେ ୭ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଭଞ୍ଜ ୬୦, ୟୁବ୍ରାଜ୍ ଦେଓ ୫୫, ଜିତେନ୍ଦ୍ର ବିଶ୍ୱାଳ ୩୪ ଓ ସୌମ୍ୟରଞ୍ଜନ ତିୱାରୀ ୩୪ ରନ କରିଥିବା ବେଳେ ରାଇଜିଂ ଦଳର ଏସ୍‌କେ ଏମ୍ ନକିବ୍ ୩ଟି ୱିକେଟ ନେଇଥିଲେ। ଏହାର ଜବାବରେ ରାଇଜିଂ ଦଳ ୩୧ ଓଭରରେ ସମସ୍ତ ୱିକେଟ ହରାଇ ୧୭୧ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଦଳ ପକ୍ଷରୁ ଆଶିଷ ପଟ୍ଟନାୟକ ୩୪, ହ୍ରିତିକ୍ ଦେହୁରୀ ୩୪ ଓ ରଞ୍ଜନ ଲାକ୍ରା ୩୩ ରନ କରିଥିବା ବେଳେ ଦେବଗଡ଼ ଦଳର ଲିପୁ ନାୟକ ୪ ଓ ଆଶିଷ ସାହୁ ୩ଟି ୱିକେଟ ନେଇଥିଲେ। ଆଜିର



ମ୍ୟାଚରେ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ସୁଜିତ୍ କୁମାର ପ୍ରଧାନ, ଅଜିତ୍ ମୋଦି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ଅମ୍ପାୟାର ସଞ୍ଜୟ କୁମାର ନାୟକ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲିର ମ୍ୟାଚ ଦେବଗଡ଼ କ୍ରିକେଟ୍ କ୍ଲବ୍ ବନାମ ଫ୍ରେଣ୍ଡସ କ୍ଲବ୍ ବୁଢ଼ାପାଳ ମଧ୍ୟରେ ଅନୁଷ୍ଠିତ ହେବ।

# ଚାକିରି ପାଇଁ ଉପବାସରେ ବସିଲେ କ୍ଷତିଗ୍ରସ୍ତ ପରିବାର

ଇବଥର୍ମାଲ,୧୨ ।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ ସମୃଦ୍ଧ ହେଲେବି ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ମିଳିବା ସମସ୍ୟାର ସମାଧାନ ହେଉନାହିଁ। ଏମସିଏଲ୍ ଲଖନପୁର କୋଇଲା କ୍ଷେତ୍ର ଲଖନପୁର ଖୋଲାମୁହଁ କାର୍ଯ୍ୟାଳୟ ସମ୍ମୁଖରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ଅନଶନ କରୁଥିବା ଯୁବକମାନେ ହେଲେ ଭୀଷ୍ମ ରାଉତ, ସରୋଜ କୁମାର ମାଝୀ, ଲକ୍ଷ୍ମୀଧର ବାଗ୍, ଗୋବିନ୍ଦ ରଣା, ରମା କେର୍କେଟା, ଅଭିଷେକ ହାତିପଟା, ଅଭିନାଶ ହାତିପଟା। ଏମାନେ ସମସ୍ତେ ଲଖନପୁର ବ୍ଲକ୍ କୁଡ଼ାଲୋଇ ଗ୍ରାମର ହୋଇଥିବାବେଳେ ଆଜି ସକାଳୁ ଅନଶନରେ



ଅନିର୍ଦ୍ଦିଷ୍ଟକାଳ ପାଇଁ ବସିଛନ୍ତି। ସେମାନଙ୍କ ଦାବି ହେଲା ସେମାନେ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ପରିବାର। ଆଗରୁ ସେମାନଙ୍କ ମଧ୍ୟରୁ ୨୦ଜଣ କୋଇଲା ଖଣିରେ କାମକରୁଥିବା ଭିଏଫପିଏଲ୍ ଠିକା କମ୍ପାନୀରେ ତିନିବର୍ଷ ଓ ତାପରେ ଏସିପିଏଲ୍ ଠିକା କମ୍ପାନୀରେ ତିନିବର୍ଷ ହେଲା କାମ କରିଆସୁଥିଲେ। ଏହି ଠିକା କମ୍ପାନୀଗୁଡ଼ିକର ଟେଣ୍ଡର ସରିବା ପରେ ହିଲଟପ୍ କମ୍ପାନୀ ଆସି ଚାରିମାସ ହେଲା କାମ କରୁଛି। ଏମାନଙ୍କୁ ହିଲ୍‌ଟପ୍ କମ୍ପାନୀରେ କାମ ଦେବାକୁ ଗତମାସ ୨୪ ତାରିଖରେ ପ୍ରୋଜେକ୍ଟ ଅଧିକାରୀଙ୍କୁ ଦରଖାସ୍ତ କରି ତାର ନକଲ ଲଖନପୁର ଜିଏମ୍ ସମେତ ଜିଲ୍ଲାପ୍ରଶାସନ ଝାରସୁଗୁଡ଼ା, ସାଂସଦ, ରାଜସ୍ୱ ମନ୍ତ୍ରୀଙ୍କୁ ଜଣାଇଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ସୁପାରିଶ ମଧ୍ୟ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ତାଙ୍କ ଚାକିରି ସମସ୍ୟା ସମାଧାନ ନ ହେଲେ ସେମାନେ ଅନାହାରରେ ଧାରଣା ଦେବେ ବୋଲି ଗତ ୪ ତାରିଖରେ ଲିଖିତ ଭାବେ ଜଣାଇଥିଲେ। ହେଲେ କିଛି ସୁଫଳ ନ ମିଳିବାରୁ ମଙ୍ଗଳବାରଠାରୁ ଧାରଣାରେ ବସିଥିବା କହିଛନ୍ତି। ଏଠାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳିବା କଥା ମନ୍ତ୍ରୀ ଶ୍ରୀ ପୂଜାରୀ ବାରମ୍ବାର କହୁଥିବାବେଳେ ଜିଲ୍ଲାପ୍ରଶାସନ ଏ ଦିଗରେ କୌଣସି ଠୋସ୍ ଗାଇଡଲାଇନ୍ କରିନଥିବା ଲୋକେ ଅଭିଯୋଗ କରିଛନ୍ତି। ଅନଶନରେ ବସିବା ପୂର୍ବରୁ ଲଖନପୁର ଖୋଲାମୁହଁ ଖଣି ମ୍ୟାନେଜର ଏସ୍‌କେ ସିଂହ ଏମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ ମଧ୍ୟ ଆଲୋଚନା ବିଫଳ ହୋଇଛି। ପୂରଣ ନ ହେବାଯାଏ ଆମେ ମରିବୁ ପଛେ ଉଠିବୁ ନାହିଁ ବୋଲି ଅନଶନରତ ସରୋଜ କୁମାର ମାଝୀ ସମେତ ଅନ୍ୟମାନେ କହିଛନ୍ତି।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୪.୪୨ ● ପାଉଣ୍ଡ ୧୦୮.୦୮
- ୟୁରୋ ୮୯.୯୯ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୭୨,୩୪୦ (ନୂଆଦିଲ୍ଲୀ)
- ରୁପା : ୯୨,୯୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୬୭୫.୦୦
- ନିଫ୍ଟି ୨୩,୮୮୩.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

### ଟ୍ରମ୍ପଙ୍କ ବିଜୟ ପରେ କ୍ରିପ୍ଟୋ ବଜାରରେ ଉତ୍ସାହ

# ଅନେକ ଦେଶର ଜିଡିପିକୁ ଟପିଲା ବିଟ୍ କଏନ୍



ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି)

ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଡୋଜିକ୍ଏନ୍ ବିଟ୍ କଏନ୍ ବଦଳରେ ଅଧିକ ଲାଭ ପାଇଥାଇପାରେ, କିନ୍ତୁ ବିଶ୍ୱର ସବୁଠୁ ବଡ କ୍ରିପ୍ଟୋକରେନ୍ସିର ମୂଲ୍ୟ ଏବଂ ବଜାର ପୁଞ୍ଜି ରେକର୍ଡ ସ୍ତରରେ ପହଞ୍ଚିଛି। ବାଣିଜ୍ୟ କାରବାରରେ ବିଟ୍ କଏନର ମୂଲ୍ୟ ପ୍ରାୟ ୯୦ ହଜାର ଡଲାର ଛୁଇଁଥିବାବେଳେ ବଜାର ପୁଞ୍ଜି ଅନେକ ଦେଶର ଜିଡିପିକୁ ଅତିକ୍ରମ କରିଯାଇଛି। ଏଥିରେ ବର୍ତ୍ତମାନ ପରିସ୍ଥିତି ଏମିତି ହୋଇଛି ଯେ, ତୁର୍କୀ, ଇଣ୍ଡୋନେସିଆ ଏବଂ ସ୍ପେନ୍ ପରି ଦେଶର ଜିଡିପି ବିଟ୍‌କଏନ୍ ର ବଜାର ପୁଞ୍ଜି ସହ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଅନ୍ୟପକ୍ଷରେ, କେତେକ କମ୍ପାନୀର ବଜାର ପୁଞ୍ଜି ବିଟ୍ କଏନ୍‌ର ମୋଟ ବଜାରଠାରୁ ବହୁ ପଛରେ ରହିଛି। ସମ୍ପତ୍ତି ଶ୍ରେଣୀରେ କହିବାକୁ ଗଲେ, ବିଟକଏନ୍ ରୂପାକୁ ଅତିକ୍ରମ କରି ବିଶ୍ୱର ଅଷ୍ଟମ ବୃହତ୍ତ ସମ୍ପତ୍ତି ଶ୍ରେଣୀରେ ପରିଣତ ହୋଇଛି।

ବିଶ୍ୱର ସର୍ବବୃହତ କ୍ରିପ୍ଟୋକରେନ୍ସି ବିଟ୍ କଏନ୍ ମୂଲ୍ୟ ପ୍ରାୟ ୯୦ ହଜାର ଡଲାରରେ ପହଞ୍ଚିଛି। କଏନ୍ ଡେସ୍କ ତଥ୍ୟ ଅନୁଯାୟୀ, ବିଟ୍ କଏନ୍ ମୂଲ୍ୟ ୮୯,୯୯୫.୧୨ ଡଲାରରେ ପହଞ୍ଚିଛି। ମଙ୍ଗଳବାର ସକାଳେ ବିଟକଏନ୍ ମୂଲ୍ୟରେ ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଅପରାହ୍ନ ୪ଟା ୪୫ ମିନିଟ୍‌ରେ ବିଟକଏନ୍ ମୂଲ୍ୟ ପ୍ରାୟ ୭ ପ୍ରତିଶତ ବୃଦ୍ଧି ସହିତ ୮୭,୭୪୧.୮୯ ଡଲାରରେ କାରବାର କରୁଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଏକ ସପ୍ତାହ ଅର୍ଥାତ୍ ୫ ସେପ୍ଟେମ୍ବରଠାରୁ ବିଟକଏନ୍ ମୂଲ୍ୟରେ ୨୬ ପ୍ରତିଶତ ବୃଦ୍ଧି ଘଟିଛି। ଗୋଟିଏ ବର୍ଷରେ ୧୩୬ ପ୍ରତିଶତ ବୃଦ୍ଧି ଘଟିଛି।ବିଟ୍ କଏନ୍ ମୂଲ୍ୟରେ କ୍ରମାଗତ ବୃଦ୍ଧି ହେତୁ ବଜାର ପୁଞ୍ଜିରେ ମଧ୍ୟ ବୃଦ୍ଧି ଘଟିଛି। ବର୍ତ୍ତମାନ, ବିଟ୍ କଏନ୍ ର ବଜାର ମୂଲ୍ୟ ୧.୭୫ ଟ୍ରିଲିୟନ ଡଲାର ଅତିକ୍ରମ କରିଛି। ବର୍ତ୍ତମାନ ବିଶ୍ୱ ବଜାରରେ ରୁପାର ବଜାର ପୁଞ୍ଜି ୧.୭୩ ଟ୍ରିଲିୟନ୍ ଡଲାର। ଅନ୍ୟପକ୍ଷରେ, ବିଟ୍ କଏନ୍‌ର ବଜାର ପୁଞ୍ଜି ଦୁନିଆର ଶୀର୍ଷ କମ୍ପାନୀଗୁଡିକର ବଜାର ପୁଞ୍ଜିଠାରୁ ଅଧିକ ହୋଇଛି। ବିଟ୍ କଏନ୍ ଇତିମଧ୍ୟରେ ଫେସବୁକର ପ୍ୟାରେଣ୍ଟ୍ କମ୍ପାନୀ ମେଟା ପ୍ଲାଟଫର୍ମକୁ ଅତିକ୍ରମ କରିଛି, ଯାହାର ବଜାର ପୁଞ୍ଜି ୧.୪୭୨ ଟ୍ରିଲିୟନ ଡଲାର। ଅନ୍ୟପକ୍ଷରେ, ଦୁନିଆର ସବୁଠାରୁ ଧନୀ ବ୍ୟବସାୟୀ ଏଲନ୍ ମସ୍କଙ୍କ କମ୍ପାନୀ ଟେସଲା ମଧ୍ୟ ପଛରେ ପଡିଯାଇଛି। ବର୍ତ୍ତମାନ ଟେସଲାର ବଜାର ପୁଞ୍ଜି ୧.୧୨୩ ଟ୍ରିଲିୟନ ଡଲାର ଅତିକ୍ରମ କରିଛି।

କେବଳ ରୂପା କିମ୍ବା କିଛି କମ୍ପାନୀର ବଜାର କ୍ୟାପ୍ ଅତିକ୍ରମ କରି ବିଟ୍‌କଏନ୍ ଇତିହାସ ସୃଷ୍ଟି କରିନାହିଁ। ବିଟ୍ କଏଡ୍ ଆଗରେ ବାସ୍ତବରେ, ଅନେକ ଦେଶର ଜିଡିପି ମଧ୍ୟ ପଛରେ ରହିଯାଇଛି। ୟୁରୋପର ବୃହତ୍ତମ ଅର୍ଥନୀତି ମଧ୍ୟରୁ ସ୍ପେନର ଜିଡିପି ବିଟ୍‌କଏନ୍ ତୁଳନାରେ କମ୍ ହୋଇଯାଇଛି। ବିଶ୍ୱର ୧୫ ତମ ବୃହତ୍ ଅର୍ଥନୀତି ସ୍ପେନର ଜିଡିପି ବର୍ତ୍ତମାନ ୧.୭୩ ଟ୍ରିଲିୟନ ଡଲାର। ବିଟକଏନ୍ ତୁଳନାରେ ଇଣ୍ଡୋନେସିଆ ଏବଂ ତୁର୍କୀ ପରି ଦେଶର ଜିଡିପି ମଧ୍ୟ ହ୍ରାସ ପାଇଛି। ବର୍ତ୍ତମାନ ଇଣ୍ଡୋନେସିଆର ଜିଡିପି ୧.୪ ଟ୍ରିଲିୟନ ଡଲାର ରହିଛି। ଆଗାମୀ ଦିନରେ, ବିଟ୍ କଏନ୍ ର ବଜାର ପୁଞ୍ଜି ଅଷ୍ଟ୍ରେଲିଆ ଏବଂ ମେକ୍ସିକୋ ପରି ଦେଶର ଜିଡିପିକୁ ଅତିକ୍ରମ କରିଯାଇପାରେ।

- ପଛରେ ପଡିଲେ ତୁର୍କୀ, ଇଣ୍ଡୋନେସିଆ,ସ୍ପେନ୍
- ୯୦ ହଜାର ଡଲାର ଛୁଇଁବ
- ବର୍ଷକରେ ମୂଲ୍ୟ ୧୩୬ ପ୍ରତିଶତ ବଢ଼ିଛି
- ସମ୍ପତ୍ତି ଶ୍ରେଣୀରେ ରୁପାକୁ ଟପିଯାଇଛି

## ଆଧାର କାର୍ଡ ସହିତ ପାନ୍ ଲିଙ୍କ୍‌ର ଶେଷ ଦିବସ ଡିସେମ୍ବର ୩୧




ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି)

ଆୟକର ବିଭାଗ କରଦାତାମାନଙ୍କୁ ସେମାନଙ୍କର ପରମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍)କୁ ଆସନ୍ତା ଡିସେମ୍ବର ୩୧ ପୂର୍ବରୁ ଆଧାର କାର୍ଡ ସହିତ ଲିଙ୍କ୍ କରିବାକୁ ଅନୁରୋଧ କରିଛି। ଏହା କରିବାରେ ବିଫଳ ହେଲେ ପାନ୍ କାର୍ଡ ନିଷ୍କ୍ରିୟ ହୋଇଯାଇପାରେ। ଏଥିଯୋଗୁ କାରବାରରେ ସମସ୍ୟା ଏବଂ ଅନ୍ୟାନ୍ୟ ଜଟିଳତା ସୃଷ୍ଟି ହୋଇପାରେ।

ଦେଶରେ ସମ୍ପ୍ରତି ଆର୍ଥିକ ଠକେଇ ମାମଲା ସଂଖ୍ୟାରେ ବୃଦ୍ଧିକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କାରଣ ଅନେକ ଫିନ୍‌ଟେକ୍ କମ୍ପାନୀ ବ୍ୟବହାରକାରୀଙ୍କ ବିନା ଅନୁମତିରେ ଗ୍ରାହକ ପ୍ରୋଫାଇଲ୍ ସୃଷ୍ଟି କରିବା ପାଇଁ ପାନ୍ ସୂଚନା ବ୍ୟବହାର କରୁଥିବା ଜଣାପଡୁଛି। ତେଣୁ ବ୍ୟକ୍ତିଗତ ସୂଚନାର ଅପବ୍ୟବହାରକୁ ରୋକିବା ପାଇଁ ଗୃହ ମନ୍ତ୍ରଣାଳୟ ଆୟକର ବିଭାଗକୁ ପାନ ମାଧ୍ୟମରେ ବ୍ୟକ୍ତିଗତ ବିବରଣୀକୁ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଆୟକର ବିଭାଗ ସମସ୍ତ ଟିକସଦାତାଙ୍କ ପାଇଁ ଆଧାର କାର୍ଡ ସହିତ ପାନକୁ ଲିଙ୍କ୍ କରିବା ବାଧ୍ୟତାମୂଳକ କରିଛି। ସମୟସୀମା ପୂର୍ବରୁ ଲିଙ୍କ୍ କରିବାରେ ବିଫଳ ହେଲେ ପାନ୍ କାର୍ଡ ଅଚଳ ହୋଇଯିବ। ଏଥିରେ ବ୍ୟବହାରକାରୀ ଆର୍ଥିକ କାରବାର କରିବାରେ ଅସୁବିଧା ସମେତ ଏହା ଅନେକ ସମସ୍ୟା ସୃଷ୍ଟି କରିପାରେ। ତେଣୁ ସମୟ ଥାଉ ଥାଉ ଆଧାର କାର୍ଡ ସହିତ ପାନକୁ ଲିଙ୍କ୍ କରାଇନେବାକୁ କୁହାଯାଉଛି।

### ● ସରକାରୀ ବ୍ୟାଙ୍କ ରିପୋର୍ଟ କାର୍ଡ ଜାରି

# ପ୍ରଥମାର୍ଦ୍ଧରେ ଲାଭରେ ୨୬% ବୃଦ୍ଧି




ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି)

**କମିଲା ଏନ୍‌ପିଏ**

ପ୍ରକାଶ ପାଇଛି ଚଳିତବର୍ଷର ପ୍ରଥମାର୍ଦ୍ଧ ଆର୍ଥିକ ଫଳାଫଳ ସମ୍ପର୍କିତ ରିପୋର୍ଟ କାର୍ଡ। ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଦେଶର ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡିକ (ପିଏସ୍‌ବି) ଏକ ଦୃଢ଼ ପ୍ରଦର୍ଶନ କରିଛନ୍ତି। ମନ୍ତ୍ରଣାଳୟ କହିଛି ଯେ ଏହି ସମୟ ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ନିଟ୍ ଲାଭରେ ୨୬ ପ୍ରତିଶତ ବୃଦ୍ଧି ଘଟିଛି। ଏହାବ୍ୟତୀତ ବ୍ୟାଙ୍କଗୁଡିକର ଅଣ-କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ରେ ହ୍ରାସ ହୋଇଛି ଏବଂ ସେମାନଙ୍କର କାରବାର ମଧ୍ୟ ବୃଦ୍ଧି ପାଇଛି।

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ସମେତ ୧୨ ଟି ସରକାରୀ କ୍ଷେତ୍ର ବ୍ୟାଙ୍କର ମୋଟ ବ୍ୟବସାୟ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ୨୩୬.୦୪ ଲକ୍ଷ କୋଟି ଟଙ୍କା ରହିଥିଲା। ବାର୍ଷିକ ଭିତ୍ତିରେ ଏହା ୧୧ ପ୍ରତିଶତ ବୃଦ୍ଧି ପାଇଛି ୨୦୨୪-୨୫ ଆର୍ଥିକବର୍ଷର ପ୍ରଥମ ୬ ମାସ ମଧ୍ୟରେ ସେମାନଙ୍କ ଋଣରେ ବାର୍ଷିକ ୧୨.୯ ପ୍ରତିଶତ ବୃଦ୍ଧି ଘଟି ୧୦୨.୨୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅବଧିରେ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡିକର ଜମା ପୋର୍ଟଫୋଲିଓ ୯.୫ ପ୍ରତିଶତ ବୃଦ୍ଧି ହୋଇ ୧୩୩.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସମୀକ୍ଷା ବୈଠକରେ ବ୍ୟାଙ୍କଗୁଡିକର ଅପରେଟିଂ ବା ପରିଚାଳନା ଲାଭ ବାର୍ଷିକ ଭିତ୍ତିରେ ୧୪.୪ ପ୍ରତିଶତ ବୃଦ୍ଧି ହୋଇ ୧,୫୦,୦୨୩ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ନିଟ୍ ଲାଭରେ ୨୫.୬ ପ୍ରତିଶତ ବୃଦ୍ଧି ହୋଇ ୮୫,୫୨୦ କୋଟି ଟଙ୍କା ରହିଛି। ସେପ୍ଟେମ୍ବର ୨୦୨୪ରେ ବ୍ୟାଙ୍କଗୁଡିକର ମୋଟ ଏବଂ ନିଟ୍ ଏନ୍‌ପିଏ ଯଥାକ୍ରମେ ୩.୧୨ ପ୍ରତିଶତ ଏବଂ ୦.୬୩ ପ୍ରତିଶତ ରହିଥିଲା।| ବାର୍ଷିକ ଭିତ୍ତିରେ ଏହା ଯଥାକ୍ରମେ ୧.୦୮ ପ୍ରତିଶତ ଏବଂ ୦.୩୪ ପ୍ରତିଶତ ହ୍ରାସ ପାଇଛି।

### ସେନସେକ୍ସ ୮୦୦ ପଏଣ୍ଟରୁ ଅଧିକ ଖସିଲା

# ଦିନକରେ ୫.୭୬ ଲକ୍ଷ କୋଟି ହରାଇଲେ ନିବେଶକ



ମୁମ୍ବଇ,୧୨।୧୧(ଏଜେନ୍ସି)

ଧରାଶାୟୀ ହେଉଛି ଘରୋଇ ପୁଞ୍ଜି ବଜାର। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରଠାରୁ ଭାରତୀୟ ଶେୟାର ବଜାରରେ ହ୍ରାସ ଧାରା ଜାରି ରହିଛି। ମଙ୍ଗଳବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୮୨୦.୯୭ ପଏଣ୍ଟ ବା ୧.୦୩ ପ୍ରତିଶତ ବୃଦ୍ଧି ଘଟି ୭୮,୬୭୫.୧୮ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୫୭.୮୫ ପଏଣ୍ଟ ବା ୧.୦୭ ପ୍ରତିଶତ ହ୍ରାସ ଘଟି ୨୩,୮୮୩.୪୫ ପଏଣ୍ଟରେ କାରବାର ଶେଷ ହୋଇଛି।

ଘରୋଇ ଷ୍ଟକ ବଜାରରେ ମଙ୍ଗଳବାର ବ୍ୟାଙ୍କିଙ୍ଗ, ଆର୍ଥିକ ଏବଂ ଅଟୋ କ୍ଷେତ୍ରର ଷ୍ଟକଗୁଡିକରେ ବୃହତ୍ ହ୍ରାସ ଯୋଗୁ ସେନସେକ୍ସରେ ଏଭଳି ହ୍ରାସ ଦେଖିବାକୁ ମିଳିଛି। ଦେଶର କମ୍ପାନୀଗୁଡିକର ତ୍ରୈମାସିକ ଆର୍ଥିକ ଫଳାଫଳ ନେଇ ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ବିଦେଶୀ ନିବେଶକଙ୍କ ଦ୍ୱାରା ପାଣ୍ଠି ପ୍ରତ୍ୟାହାର ଜାରି ରହିବା ଆଜିର ବଜାର କାରବାରରେ ହ୍ରାସର ମୁଖ୍ୟ କାରଣ।

ଆଜିର କାରବାରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଏସ୍‌ବିଆଇ, ଏନ୍‌ଟିପିସି, ଟାଟା ମୋଟର୍ସ, ଏସିଆନ୍ ପେଣ୍ଟସ୍ ଏବଂ ବଜାଜ ଫାଇନାନ୍ସର ଷ୍ଟକ୍ ମୂଲ୍ୟରେ ସବୁଠୁ ଅଧିକ ହ୍ରାସ ଘଟିଛି। ତେବେ ମଙ୍ଗଳବାର ଏସୀୟ ସେୟାର ବଜାରରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଥିଲା। ଚାଇନା ବଜାର କାରବାର ମାନ୍ଦା ରହିବା ଏବଂ ସେମିକଣ୍ଡକ୍ଟର ଷ୍ଟକ୍‌ରେ ହ୍ରାସ ଯୋଗୁଁ ଏହା ଘଟିଥିଲା। ଆମେରିକା ରାଷ୍ଟ୍ରପତି ନିର୍ବାଚନ ପରେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ନେଇ ଏବେ ସୁଦ୍ଧା ନିବେଶକମାନେ ଆଶଙ୍କାରେ ରହିଛନ୍ତି। ମଙ୍ଗଳବାର ଦିନ ଭାରତୀୟ ମୁଦ୍ରା ଟଙ୍କା ପୁନର୍ବାର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚାଇନାର ୟୁଆନ୍ ଏବଂ ଏସିଆର ଅନ୍ୟ ଆଞ୍ଚଳିକ ମୁଦ୍ରା ମୂଲ୍ୟରେ ହ୍ରାସ ହେତୁ ଟଙ୍କା ଚାପରେ ରହିଥିଲା। ଆମେରିକା ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ପରେ ଆମେରିକୀୟ ଡଲାର ବୃଦ୍ଧି ପାଇବାରେ ଲାଗିଛି।

**କମ୍ପାନୀଙ୍କ ନୈରାଶ୍ୟଜନକ ଫଳାଫଳ, ବିଦେଶୀ ପାଣ୍ଠିର ବର୍ହିଗମନ ବଜାର ବୁଡ଼ାଇଲା**

# ସୁନା, ରୁପା ମୂଲ୍ୟରେ ହ୍ରାସ

ନୂଆଦିଲ୍ଲୀ, ୧୨।୧୧(ଏଜେନ୍ସି)

ସାରା ବିଶ୍ୱରେ ଏବେ ସୁନା ଦର ଅସ୍ଥିର ରହିଛି। ଡଲାର ମଜଭୁତ ହେବା ଯୋଗୁ ସୋମବାର ସନ୍ଧ୍ୟାରେ ନ୍ୟୁୟର୍କ କମଡିଟି ଏକ୍ସଚେଞ୍ଜ (କମେକ୍ସ)ରେ ସୁନା ଦର ପୁଣି ଥରେ ହ୍ରାସ ହୋଇଛି। ସୋମବାର ସନ୍ଧ୍ୟାରେ ସୁନା ୨.୧୪ ପ୍ରତିଶତ ଶସ୍ତା ହେବା ସହ ପ୍ରତି ଆଉନ୍ସ ପିଛା ଏହା ୨,୬୩୭ ଡଲାରରେ କାରବାର ହେଉଛି। ସେହିପରି ରୂପା ଦରରେ ମଧ୍ୟ ୨.୨୪ ପ୍ରତିଶତ ହ୍ରାସ ହୋଇଛି। ଏଣୁ ଆଉନ୍ସ ପିଛା ୩୦.୪ ଡଲାରରେ କିଣାବିକା ହେଉଛି। ସୁନା ମୂଲ୍ୟରେ ଏପର୍ଯ୍ୟନ୍ତ ସର୍ବାଧିକ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ହେଲାଣି। ସୁନାର ସର୍ବକାଳୀନ ଉଚ୍ଚ ସ୍ତର ୭୯, ୭୭୫ ଟଙ୍କା ଥିଲା, ଯାହା ଏବେ ୪ ହଜାର ଟଙ୍କା ହ୍ରାସ ହୋଇ ୭୫,୭୧୦ ଟଙ୍କା ହୋଇଯାଇଛି। ସେହିପରି ଭାରତରେ ରୂପା ଦର ମଧ୍ୟ ହ୍ରାସ ହୋଇଛି। ରୂପା କେଜି ପିଛା ଦରରେ ପାଖାପାଖି ୧,୬୧୩ ଟଙ୍କା କମିଛି। ସୋମବାର ରୂପା କେଜି ପିଛା ଦର ୮୯,୨୫୦ ଟଙ୍କାକୁ ପହଞ୍ଚି ଯାଇଛି। କିଛିଦିନ ପୂର୍ବରୁ ରୂପା କେଜି ପିଛା ଦର ୧,୦୦,୨୮୯ ଟଙ୍କାର ଉଚ୍ଚତମ ସ୍ତରକୁ ଛୁଇଁଥିଲା। ଏବେ ରୂପା ସର୍ବକାଳୀନ ଉଚ୍ଚତମ ସ୍ତରରୁ ୧୧ ହଜାର ଟଙ୍କା ଶସ୍ତାରେ କାରବାର ହେଉଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଆସିବା ପରଠାରୁ ମୂଲ୍ୟବାନ ଧାତୁ ଦର କ୍ରମାଗତ ହ୍ରାସ ହେବାରେ ଲାଗିଛି। ଡଲାର ଏବେ ମଜଭୁତ ହେଉଥିବାରୁ ନିବେଶକଙ୍କ ନଜର ଏବେ ଡଲାର ସହ ସରକାରୀ ବଣ୍ଡ ଉପରେ ପଡିଛି। ନିକଟରେ ଡଲାର ଇଣ୍ଡେକ୍ସରେ ୦.୩ ପ୍ରତିଶତ ବୃଦ୍ଧି ଦେଖାଯାଇଛି। ଏଣୁ ନିବେଶକ ସେମାନଙ୍କ ନିବେଶକୁ ଏବେ ଡଲାର ଓ ସରକାରୀ ବଣ୍ଡ ଆଡକୁ ସ୍ଥାନାନ୍ତରିତ କରିଛନ୍ତି। ଏଣୁ ବଜାରରେ ସୁନା ଓ ରୂପା ଚାହିଦା ହ୍ରାସ ଧାତୁ ଦରରେ ହ୍ରାସର କାରଣ ପାଲଟିଛି।

# ଏୟାର ଇଣ୍ଡିଆ-ଭିସ୍ତାରା ମିଶ୍ରଣ ଶେଷ

ଗୁରୁଗ୍ରାମ,୧୨।୧୧(ଏଜେନ୍ସି): ଏୟାର ଇଣ୍ଡିଆ ଗ୍ରୁପ୍ ଏୟାର ଇଣ୍ଡିଆ ଏବଂ ଭିସ୍ତାରା ମଧ୍ୟରେ ମିଶ୍ରଣ ଶେଷ କରିଥିବା ଘୋଷଣା ଇଣ୍ଟିଗ୍ରେଟେଡ୍ ଏୟାର ଇଣ୍ଡିଆ ଗ୍ରୁପ୍ ବର୍ତ୍ତମାନ ୩୧୨ ରୁଟରେ ୮୩୦୦ରୁ ଅଧିକ ସାପ୍ତାହିକ ବିମାନ ଚଳାଚଳ କରୁଛି,ଯାହା ୧୦୦ରୁ ଅଧିକ ଘରୋଇ ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ୩୦୦ ବିମାନର ଏକ ଫ୍ଲିଟ୍ ସହିତ ସଂଯୋଗ କରୁଛି। ନୂତନ ପୂର୍ଣ୍ଣ-ସେବା ସଂସ୍ଥା ଏୟାର ଇଣ୍ଡିଆ ସାପ୍ତାହିକ ୫୬୦୦ରୁ ଅଧିକ ବିମାନ ଚଳାଚଳ କରାଉଛି ଏବଂ ଏହାର ୨୦୮ଟି ବିମାନ ରହିଛି। ଏହା ୯୦ରୁ ଅଧିକ ଘରୋଇ ଏବଂ ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ସଂଯୋଗ କରୁଛି। ଏବେ କମ୍ପାନୀ ୧,୨୦,୦୦୦ରୁ ଅଧିକ ଯାତ୍ରୀ ଏବଂ ୭୫ ରୁ ଅଧିକ ବିମାନ ଏବଂ ଇଣ୍ଟରଲାଇନ୍ ପାର୍ଟନରଙ୍କ ମାଧ୍ୟମରେ ଉଡ଼ି ଏହା ୫୦୦ ରୁ ଅଧିକ ଗନ୍ତବ୍ୟସ୍ଥଳକୁ ବିସ୍ତାରିତ ବିଶ୍ୱବ୍ୟାପୀ ସଂଯୋଗ ଯୋଗାଇବ। ପୂର୍ଣ୍ଣ-ସେବା ମିଶ୍ରଣ ପାଇଁ ପ୍ରସ୍ତୁତି ଦୁଇ ବର୍ଷରୁ ଅଧିକ ସମୟ ପୂର୍ବରୁ ଆରମ୍ଭ ହୋଇଥିଲା ଏବଂ ସମ୍ପ୍ରସାରଣରେ ୬୦୦୦ ରୁ ଅଧିକ କର୍ମଚାରୀ ଅନ୍ତର୍ଭୁକ୍ତ ହୋଇଥିଲେ। ଏୟାର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ୟାମ୍ପବେଲ ୱିଲସନ କହିଛନ୍ତି, ଏୟାର ଇଣ୍ଡିଆ ଏବଂ ଭିସ୍ତାରା ମିଶ୍ରଣ ଏକତ୍ରୀକରଣ ଏବଂ ପୁନଃନିର୍ମାଣ ଏୟାର ଇଣ୍ଡିଆ ଗ୍ରୁପର ଘରୋଇକରଣ ପରବର୍ତ୍ତୀ ପରିବର୍ତ୍ତନ ଯାତ୍ରା।

## ଗୋଦରେଜ୍ ଲା' ଆଫେୟାର ପକ୍ଷରୁ 'ସେଲିବ୍ରେଟିଂ ଆକ୍ସେପଟାନ୍ସ' ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧୨।୧୧(ସିମସ): ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍‌ର ମିଡିଆ ଲାଇଫ୍‌ଷ୍ଟାଇଲ୍ ପ୍ଲାଟଫର୍ମ ଗୋଦରେଜ୍ ଲା'ଆଫେୟାର ପକ୍ଷରୁ 'ସେଲିବ୍ରେଟିଂ ଆକ୍ସେପ୍ଟାନ୍ସ' ଅଭିଯାନ ଆରମ୍ଭ କରାଯାଇଛି। ଏହି ସିନେମାରେ ସମାନ ଲିଙ୍ଗର ଏକ ଦମ୍ପତିଙ୍କୁ ଆବେଗଭରା ଯାତ୍ରାକୁ ପ୍ରଦର୍ଶିତ କରାଯାଇଛି। ଦୁନିଆରେ ଚିରାଚରିତ ପରମ୍ପରା ଜାରି ରହିଥିବାବେଳେ




ଗୋଦରେଜ ଲା' ଆଫେୟାର ଏକ ଚମତ୍କାର କାହାଣୀ ଜରିଆରେ ସେହି ଭ୍ରାନ୍ତ ଧାରଣା ବଦଳାଇବାକୁ ଉଦ୍ୟମ କରୁଛି। ଏଥିରେ ଦମ୍ପତି ଭାବେ ଅଙ୍କିତ ଆମ୍ବୁଲେକର ଓ ଶୈଳେଶ ଗୁପ୍ତା ଅଭିନୟ କରିଛନ୍ତି। ଏହି ଅଭିଯାନ ମାଧ୍ୟମରେ ପରମ୍ପରା ସହିତ ସମ୍ପର୍କର ଗୁରୁତ୍ୱ ବୁଢ଼ାଇବାକୁ ଗୋଦରେଜ୍ ଲା' ଆଫେୟାର ପ୍ରୟାସ କରିଛି। ଏହାର ଟ୍ୟାଗ୍‌ଲାଇନ୍ ରହିଛି ରିୱାଜୋ ସେ ରିସ୍ତେ ନେହି ବନ୍ତେ, ହମ୍ ରିସ୍ତୋଁ ସେ ରିୱାଜ୍ ବନାତେ ହେଁ। ଏ ସମ୍ପର୍କରେ ଗୋଦରେଜ ଇଣ୍ଡଷ୍ଟ୍ରିଜ୍ ଗ୍ରୁପର କର୍ପୋରେଟ୍ ବ୍ରାଣ୍ଡ ଆଣ୍ଡ କମ୍ୟୁନିକେସନର ମୁଖ୍ୟ ଯୋଗାଯୋଗ ଅଧିକାରୀ ସୁଜିତ ପାଟିଲ୍ କହିଛନ୍ତି ଯେ, ଭାରତରେ ପର୍ବପର୍ବାଣୀ ପରମ୍ପରାରେ ଗଭୀର ଭାବରେ ଜଡ଼ିତ।

### ରେକର୍ଡ ଟିକସ ସଂଗ୍ରହ

# ପ୍ରତି ଘଣ୍ଟାରେ ସରକାରୀ ଟ୍ରେଜେରୀରେ ୨୨୫ କୋଟି ଜମା




ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି)

ଚଳିତବର୍ଷ ଦେଶର ଟିକସଦାତାମାନେ କର ପ୍ରଦାନରେ ଉତ୍ସାହ ପ୍ରଦର୍ଶନ କରିଛନ୍ତି। ଯାହାର ଫଳ ସ୍ୱରୂପ ଟିକସ ସଂଗ୍ରହରେ ରେକର୍ଡ ପରେ ରେକର୍ଡ ସୃଷ୍ଟି ହେଉଛି। ଯଦି ଆମେ ଏହି ଆକଳନକୁ ଦେଖିବା, ଚଳିତ ଆର୍ଥିକବର୍ଷର ୨୨୪ ଦିନରେ ପ୍ରତି ଘଣ୍ଟାରେ ହାରାହାରି ୨୨୫ କୋଟି ଟଙ୍କାର ଟିକସ ଜମା କରାଯାଇଛି। ଏହାର ଅର୍ଥ ହେଉଛି ୧୨ ଲକ୍ଷ କୋଟିରୁ ଅଧିକ ଟିକସ ୭ ମାସ ୧୦ଦିନ ମଧ୍ୟରେ ଜମା କରାଯାଇଛି। ଯେଉଁଥିରେ ୫ ଲକ୍ଷ କୋଟିରୁ ଅଧିକ କର୍ପୋରେଟ୍ ଟ୍ୟାକ୍ସ ଏବଂ ୬.୫୦ ଲକ୍ଷ କୋଟିରୁ ଅଧିକ ଅଣ କର୍ପୋରେଟ୍ ଟ୍ୟାକ୍ସ ଅନ୍ତର୍ଭୁକ୍ତ।

ଚଳିତ ବର୍ଷ ଏପ୍ରିଲ ପହିଲାରୁ ନଭେମ୍ବର ୧୦ ମଧ୍ୟରେ ନିଟ୍ ପ୍ରତ୍ୟେକ୍ଷ ଟିକସ ସଂଗ୍ରହ ୧୫.୪୧ ପ୍ରତିଶତ ବୃଦ୍ଧି ହୋଇ ୧୨.୧୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ତଥ୍ୟ ଅନୁଯାୟୀ, ଏଥିରେ ୫.୧୦ ଲକ୍ଷ କୋଟି ଟଙ୍କାର ନିଟ୍ କର୍ପୋରେଟ୍ ଟ୍ୟାକ୍ସ ଏବଂ ଅଣ-କର୍ପୋରେଟ୍ ଟ୍ୟାକ୍ସ (ବ୍ୟକ୍ତିବିଶେଷ, ଏଚ୍‌ୟୁଏଫ୍, କମ୍ପାନୀଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ଟିକସ ଅନ୍ତର୍ଭୁକ୍ତ) ୬.୬୨ ଲକ୍ଷ କୋଟି ଟଙ୍କା ରହିଛି। ଅନ୍ୟ ଟିକସ ଅଧୀନରେ ୩୫,୯୨୩ କୋଟି ଟଙ୍କା ଆସିଥିଲା।| ତଥ୍ୟ ଅନୁଯାୟୀ, ଏପ୍ରିଲରୁ ନଭେମ୍ବର ୧୦ ମଧ୍ୟରେ ମୋଟ ପ୍ରତ୍ୟେକ୍ଷ ଟିକସ ସଂଗ୍ରହ ୨୧.୨୦ ପ୍ରତିଶତ ବୃଦ୍ଧି ହୋଇ ୧୫.୦୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଏହି ଅବଧିରେ ୨.୯୨ ଲକ୍ଷ କୋଟି ଟଙ୍କା ରିଫଣ୍ଡ ବା ଫେରସ୍ତ ଫେରସ୍ତ ଦିଆଯାଇଥିଲା, ଯାହାକି ବର୍ଷକ ପୂର୍ବ ତୁଳନାରେ ୫୩ ପ୍ରତିଶତ ଅଧିକ। କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକବର୍ଷ ପାଇଁ ମୋଟ ଟିକସ ରାଜସ୍ୱ ସଂଗ୍ରହ ୩୪.୪ ଲକ୍ଷ କୋଟି ଟଙ୍କାକୁ ସଂଶୋଧନ କରିଛନ୍ତି। ଯାହା ୨୦୨୪-୨୫ ଆର୍ଥିକବର୍ଷର ବଜେଟ୍ ଆକଳନଠାରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଅଧିକ।

**୭ ମାସ ୧୦ ଦିନରେ ୧୨ ଲକ୍ଷ କୋଟିର ଟିକସ ଆଦାୟ**

## ଆଇସିସି ଚାମ୍ପିଅନ୍ସ ଟ୍ରଫି କ୍ରିକେଟ / ଆୟୋଜନରୁ ବିଦାହେବ ପାକିସ୍ତାନ

**ଇସ୍‌ଲାମାବାଦ୍,୧୨।୧୧(ଏଜେନ୍ସି):** ଆସନ୍ତା ବର୍ଷ ପାକିସ୍ତାନରେ ଆୟୋଜନ ହେବାକୁ ଥିବା ଆନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ନେଇ ଖୁବ୍‌ଶୀଘ୍ର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ପାକିସ୍ତାନଠାରୁ ଆୟୋଜନ ଅଧିକାର କାଢି ନିଆଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଭାରତ ଇତିମଧ୍ୟରେ ପାକିସ୍ତାନ ଗସ୍ତ କରି ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ମନା କରିଦେଇଛି। ଆଇସିସି ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଅବଗତ କରାଇଛି। ଏବେ ପିସିବି ଏ ସଂକ୍ରାନ୍ତରେ ପାକିସ୍ତାନ ସରକାରଙ୍କ ଆଭିମୁଖ୍ୟ କଣ ବୋଲି ଜାଣିବାକୁ ପ୍ରୟାସ କରୁଛି। ତେଣୁ ପିସିବି ସରକାରଙ୍କଠାରୁ ଏ ନେଇ ନିର୍ଦ୍ଦେଶ ମାଗିଛି। ଚାମ୍ପିଅନ୍ସ ଟ୍ରଫି ଦକ୍ଷିଣଆଫ୍ରିକା କିମ୍ବା ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)କୁ ସ୍ଥାନାନ୍ତର ହୋଇପାରେ। ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।



**ପାକିସ୍ତାନ ଯିବନି ଭାରତୀୟ ଦଳ: ଆଇସିସି**

**ଦକ୍ଷିଣ ଆଫ୍ରିକା କିମ୍ବା ୟୁଏଇ ବିକଳ୍ପ ଭେନ୍ୟୁ**

ପାକିସ୍ତାନ ସହିତ ଦୀର୍ଘବର୍ଷ ଧରି ଚାଲିଥିବା ରାଜନୈତିକ ତଥା କୁଟନୈତିକ ତିକ୍ତତା କାରଣରୁ ଭାରତ ୨୦୦୮ଠାରୁ ପାକିସ୍ତାନ ଗସ୍ତ କରିନାହିଁ। ଗତବର୍ଷ ପାକିସ୍ତାନରେ ଏସିଆ କପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ପାକିସ୍ତାନ ଗସ୍ତ କରିବାକୁ ଭାରତ ମନା କରିବା ପରେ ଏହି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ ମଡେଲରେ ଖେଳାଯାଇଥିଲା। ଫଳରେ ଭାରତ ତା'ର ସବୁ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା। ପିସିବି କିନ୍ତୁ ଏଥର ଚାମ୍ପିଅନ୍ସ ଟ୍ରଫିକୁ ହାଇବ୍ରିଡ୍ ମଡେଲ ଅନୁସାରେ ଖେଳିବାକୁ ସ୍ପଷ୍ଟ ଭାବେ ମନା କରିଛି। ୨୦୦୮ରେ ଭାରତ ଶେଷଥର ପାଇଁ ପାକିସ୍ତାନ ଗସ୍ତ କରିଥିଲା। ସେହିପରି ୨୦୧୩ରେ ପାକିସ୍ତାନ ଶେଷଥର ପାଇଁ ଭାରତ ଗସ୍ତ କରିଥିଲା।

ଉଲ୍ଲେଖଥାଉ କି, ୨୦୦୮ରେ ମୁମ୍ବାଇରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ଗସ୍ତ କରିବାକୁ ମନା କରିଆସୁଛି। ସେବେଠାରୁ ଦୁଇ ଦେଶ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ ଖେଳଯାଉନାହିଁ। କିନ୍ତୁ ଦୁଇ ଦେଶ ଆଇସିସି ଓ ଏସିଆନ କ୍ରିକେଟ କାଉନସିଲ (ଏସିସି) ଟୁର୍ଣ୍ଣାମେଣ୍ଟରେ ପରସ୍ପରକୁ ଭେଟିଆସୁଛନ୍ତି। ୨୦୧୩ ପରେ ଦୁଇ ଦଳ ପରସ୍ପରକୁ ୧୩ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ ନିରପେକ୍ଷ ଭେନ୍ୟୁରେ ଖେଳିଛନ୍ତି। ଭାରତ ଦିନିକିଆ ୯ଟି ଓ ପାକିସ୍ତାନ ୩ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏର ଫଳାଫଳ ମିଳିପାରି ନଥିଲା। ସେହିପରି ଟି-୨୦ରେ ଭାରତ ୬ଟି ଓ ପାକିସ୍ତାନ ୨ଟିରେ ବିଜୟୀ ହୋଇଛି।

## ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି

# ଦୀପିକାଙ୍କ ଗୋଲ୍‌ରେ | ଜିତିଲା ଭାରତ




**ରାଜଗିର, ୧୨।୧୧ (ଏଜେନ୍ସି):**

ବିହାରର ରାଜଗିରସ୍ଥିତ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ହକି ଷ୍ଟାଡିୟମରେ ଚାଲିଥିବା ମହିଳା ଏସିଆନ ଚାମ୍ପିଅନ୍ସ ଟ୍ରଫିର ୮ମ ସଂସ୍କରଣରେ ଭାରତ କ୍ରମାଗତ ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଘରୋଇ ଭାରତ ରୋମାଞ୍ଚକ ଭାବେ ୩-୨ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏକଦା ମ୍ୟାଚ୍ ୨-୨ରେ ବରାବର୍ ରହିଥିବାବେଳେ ଅନ୍ତିମ କ୍ୱାର୍ଟରରେ ଦୀପିକାଙ୍କ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ୍ ବଳରେ ଭାରତ ବିଜୟୀ ପଏଣ୍ଟ ହାତେଇନେଇଥିଲା। ମ୍ୟାଚରେ ଦୀପିକା ୨ଟି ଗୋଲ୍‌ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଉଦ୍‌ଘାଟନୀ ଦିବସରେ ଭାରତ ୪-୦ ଗୋଲରେ ମାଲେସିଆକୁ ହରାଇଥିଲା। ଫଳରେ ଭାରତ ୨ଟି ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଟେବଲ୍‌ରେ ଚାଇନା (୬ ପଏଣ୍ଟ) ପଛକୁ ୨ୟ ସ୍ଥାନରେ ରହିଛି। ଭାରତ (୭ ଗୋଲ୍)ଠାରୁ ଚାଇନା (୨୦ଟି) ଅଧିକ ଗୋଲ୍ ଦେଇଥିବାରୁ ପଏଣ୍ଟ ଟେବଲ ଶୀର୍ଷରେ ରହିଛି। ଭାରତ ଏହାର ୩ୟ ମ୍ୟାଚରେ ଗୁରୁବାର ଥାଇଲାଣ୍ଡକୁ ଭେଟିବ।

ମଙ୍ଗଳବାର ଦକ୍ଷିଣ କୋରିଆ ବିପକ୍ଷରେ ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଭାରତ ସପକ୍ଷରେ ରହିଥିଲା। ପ୍ରଥମ କ୍ୱାର୍ଟରର ୩ୟ ମିନିଟ୍‌ରେ ସଙ୍ଗୀତା କୁମାରୀ ଏକ ସୁନ୍ଦର ଫିଲ୍ଡ ଗୋଲ୍‌ଦେଇ ଭାରତକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତ ଆଉ ଏକ ଗୋଲ୍ ଦେଇଥିଲା। ଫିଲ୍ଡ ଗୋଲ୍ ଜରିଆରେ ଦୀପିକାଙ୍କ ଷ୍ଟିକ୍‌ରୁ ଏହି ଗୋଲ୍‌ଟି ବାହାରିଥିଲା। ଫଳରେ ପ୍ରଥମାର୍ଦ୍ଧରେ ଭାରତ ୨-୦ରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଦକ୍ଷିଣ କୋରିଆ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୪ ମିନିଟ୍ ବ୍ୟବଧାନରେ ୨ଟି ଗୋଲ୍ ଦେଇ ମ୍ୟାଚକୁ ୨-୨ର ସମାନ ସ୍ଥିତିକୁ ଆଣିଥିଲା। ଏହି ୨ଟି ଗୋଲ୍‌ରୁ ଗୋଟିଏ ପେନାଲ୍ଟି କର୍ଣ୍ଣର ଓ ଅନ୍ୟଟି ପେନାଲ୍ଟି ଷ୍ଟ୍ରୋକ୍‌ରୁ ଆସିଥିଲା। ଏହାପରେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟର ତଥା ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଦୀପିକା ଏହି ସୁଯୋଗର ଫାଇଦା ଉଠାଇ ବଲ୍‌କୁ ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ପଠାଇ ଦଳକୁ ୩-୨ରେ ରୋମାଞ୍ଚକ ବିଜୟ କରାଇଥିଲେ। ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚରେ ଚାଇନା ୫-୦ ଗୋଲରେ ମାଲେସିଆକୁ ପରାସ୍ତ କରିଥିବାବେଳେ ଥାଇଲାଣ୍ଡ ଓ ଜାପାନ ମୁକାବିଲା ୧-୧ରେ ଡ୍ର ରହିଥିଲା।

## ମୁନାଫ୍ ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ କୋଚ୍

**ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି):** ଭାରତର ପୂର୍ବତନ ଦ୍ରୁତ ବୋଲର ମୁନାଫ୍ ପଟେଲ ଆଇପିଏଲ୍ ଦଳ ଦିଲ୍ଲୀ କ୍ୟାପିଟାଲ୍ସର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ରିକି ପଣ୍ଟିଂ କ୍ୟାପିଟାଲ୍ସ କୋଚ୍ ପଦରୁ ବାହାରିବା ପରେ ଗତ ମାସରେ ହେମଙ୍ଗ ବଦାନୀ ଓ ଭେନୁଗୋପାଳ ରାଓଙ୍କୁ ଯଥାକ୍ରମେ ଦଳର କୋଚ୍ ଓ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଥିଲା।



ଚଳିତ ମାସରେ ଆଇପିଏଲ୍-୨୦୨୫ ଲାଗି ମେଗା ଖେଳାଳି ନିଲାମୀ ଅନୁଷ୍ଠିତ ହେବ। ଏଥିଲାଗି ଦିଲ୍ଲୀ ଅଧିନାୟକ ଋଷଭ ପନ୍ତଙ୍କୁ ଦଳରୁ ରିଲିଜ୍ କରିଦେଇଥିବାବେଳେ ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ବଜାୟ ରଖିଛି। ୨୦୧୧ ବିଶ୍ୱକପ୍ ବିଜେତା ମୁନାଫ୍ ଭାରତ ପାଇଁ ୭୦ ଦିନିକିଆ, ୧୩ ଟେଷ୍ଟ ଓ ୩ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୮୬, ୩୫ ଓ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ମଧ୍ୟ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ (୨୦୦୮ରୁ ୨୦୧୦), ମୁମ୍ବାଇ ଇଣ୍ଡିଆନ୍ସ (୨୦୧୧ରୁ ୨୦୧୩) ଓ ଗୁଜରାଟ ଲାୟନ୍ସ (୨୦୧୭) ପକ୍ଷରୁ ମୋଟ୍ ୬୫ ମ୍ୟାଚ୍ ଖେଳି ୭୬ଟି ୱିକେଟ ନିଜ ନାମରେ ଲିପିବଦ୍ଧ କରିଛନ୍ତି।

## ଜାତୀୟ ଜୁନିଅର ପେଙ୍କକ୍ ସିଲାଟ୍ ପାଇଁ ୭୧ ଜଣିଆ ଓଡ଼ିଶା ଦଳ





**ଭୁବନେଶ୍ୱର, ୧୨।୧୧ (ସମିସ):** ଜମ୍ମୁ କଶ୍ମୀରର ଶ୍ରୀନଗରଠାରେ ଚଳିତ ମାସ ୧୬ରୁ ଜାତୀୟ ସବ୍‌ଜୁନିଅର ଓ ଜୁନିଅର ପେଙ୍କକ୍ ସିଲାଟ୍ ଚାମ୍ପିଅନସିପ୍ ଆରମ୍ଭ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତାରେ ୭୧ ଜଣିଆ ଓଡ଼ିଶା ଦଳ ଭାଗନେବ। ଘୋଷିତ ଦଳରେ ଖୋର୍ଦ୍ଧାର ୮ଜଣ ଖେଳାଳି ସ୍ଥାନ ପାଇଛନ୍ତି। ପ୍ରକାଶ ବେହେରା ଓ ରଞ୍ଜିତ ନାୟକ ଓଡ଼ିଶା ଦଳର ପ୍ରଶିକ୍ଷକ ରହିଛନ୍ତି। ଓଡ଼ିଶା ଦଳ ମଙ୍ଗଳବାର ଶ୍ରୀନଗର ଅଭିମୁଖେ ଗସ୍ତ କରିଛି। ମ୍ୟାଚ୍ ପରିଚାଳନା ଲାଗି ଏହି ପ୍ରତିଯୋଗିତାରେ ଜିତେନ୍ଦ୍ର କୁମାର ରାଉତ ରେଫରି ଭାବେ ମନୋନୀତ ହୋଇଛନ୍ତି। ଏହି ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ନେଇ ରାଜ୍ୟ ସଂଘର କର୍ମକର୍ତ୍ତା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ନୋମାନ ଅକ୍ଟୋବରର ଶ୍ରେଷ୍ଠ କ୍ରିକେଟର

**ଦୁବାଇ,୧୨।୧୧(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର 'ପ୍ଲେୟର ଅଫ୍ ଦି ମନ୍ଥ' ପୁରସ୍କାର ଘୋଷଣ କରିଛି। ପାକିସ୍ତାନ ସ୍ପିନର ନୋମାନ ଅଲି ପୁରୁଷ ବର୍ଗରେ ଅକ୍ଟୋବର ମାସ ପାଇଁ ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି। ସେହିପରି ମହିଳା ବର୍ଗରେ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ପୁରସ୍କୃତ କରାଯାଇଛି। ନ୍ୟୁଜିଲାଣ୍ଡ ବାମହାତୀ ସ୍ପିନର ମିଚେଲ ସାଣ୍ଟନର ଓ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କାଗିସୋ ରବାଡାଙ୍କୁ ପଛରେ ପକାଇ ନୋମାନ ଶ୍ରେଷ୍ଠ କ୍ରିକେଟର ବିବେଚିତ ହୋଇଛନ୍ତି।

## ରେକର୍ଡ କଲା ଗଫ୍‌ଙ୍କ ଆର୍ଥିକ ପୁରସ୍କାର ରାଶି

**ନ୍ୟୁୟର୍କ,୧୨।୧୧(ଏଜେନ୍ସି):** ଆମେରିକୀୟ ଉଦୀୟମାନ ମହିଳା ଟେନିସ ତାରକା କୋକୋ ଗଫ୍ ଆର୍ଥିକ ପୁରସ୍କାର ରାଶି ଜିତିବାରେ ରେକର୍ଡ କରିଛନ୍ତି। ତାଙ୍କର



ପୁରସ୍କାର ରାଶି ଏବେ ୨୦ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ୧୬୮ କୋଟି ୭୪ ଲକ୍ଷ ୭୪ ହଜାର ଟଙ୍କା ପାର କରିଛି। ୨୦୦୪ରେ କିମ୍ବା ପରେ ଜନ୍ମ ଗ୍ରହଣ କରିଥିବା ଯେକୌଣସି ପୁରୁଷ ଓ ମହିଳା ଟେନିସ ଖେଳାଳିଙ୍କ ମଧ୍ୟରେ ଗଫ୍ ସର୍ବାଧିକ ପୁରସ୍କାର ରାଶି ଜିତିଛନ୍ତି। ୨୦ ବର୍ଷୀୟା ଗଫ୍ ୨୦୦୦ ପରେ ଚତୁର୍ଥ ଟେନିସ ଖେଳାଳି ଭାବେ ୨୦ ମିଲିଅନ ଡଲାର ଆର୍ଥିକ ପୁରସ୍କାର ଜିତିଛନ୍ତି। କିନ୍ତୁ ସର୍ବାଧିକ ପୁରସ୍କାର ରାଶି ଜିତିବାରେ ପୂର୍ବତନ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ଶୀର୍ଷରେ ରହିଛନ୍ତି। ସେରେନା ୯୪, ୮୧୬, ୭୩୦ ଡଲାର ସହ ଶୀର୍ଷରେ ରହିଥିବା ବେଳେ ତାଙ୍କ ଭଉଣୀ ଭେନସ ୪୨, ୬୮୪, ୫୬୮ ଡଲାର ଓ ସିମୋନା ହାଲେପ୍ ୪୦,୨୨୯,୭୭୩ ଡଲାର ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଗଫ୍ ଗତ ଶନିବାର ଡବ୍ଲ୍ୟୁଟିଏ ଫାଇନାଲ୍ସ ଟାଇଟଲ ହାସଲ କରିଥିଲେ। ୨୦୦୪ ପରେ ସେ ସର୍ବକନିଷ୍ଠ ଖେଳାଳି ଭାବେ ଡବ୍ଲ୍ୟୁଟିଏ ଫାଇନାଲ୍ସ ଜିତି ରେକର୍ଡ କରିଥିଲେ।

## ଜାତୀୟ ବରିଷ୍ଠ ପୁରୁଷ ହକି

# ଓଡ଼ିଶା-କର୍ଣ୍ଣାଟକ କ୍ୱାର୍ଟର ଲଢ଼େଇ ଆଜି

**ଭୁବନେଶ୍ୱର, ୧୨।୧୧ (ସମିସ):** ଚେନ୍ନାଇରେ ଚାଲିଥିବା ୧୪ତମ ଜାତୀୟ ସିନିଅର ପୁରୁଷ ହକି ଚାମ୍ପିଅନସିପ୍‌ର ପୁଲ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ବୁଧବାରଠାରୁ ନକ୍‌ଆଉଟ୍ ତଥା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। କ୍ୱାର୍ଟରଫାଇନାଲର ସମସ୍ତ ୪ଟି ଯାକ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହେବ। ପ୍ରଥମ କ୍ୱାର୍ଟରରେ ପଞ୍ଜାବ-ମଣିପୁର, ୨ୟ କ୍ୱାର୍ଟରରେ ହରିୟାଣା-ମହାରାଷ୍ଟ୍ର ପରସ୍ପରକୁ ଭେଟିବେ। ସେହିଭଳି ତାମିଲନାଡୁ ଓ ଉତ୍ତର ପ୍ରଦେଶ ମଧ୍ୟରେ ୩ୟ ଏବଂ ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ୪ର୍ଥ କ୍ୱାର୍ଟରଫାଇନାଲ ଖେଳାଯିବ। ପୁଲ୍-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ଯାକ ମ୍ୟାଚରେ ଯଥାକ୍ରମେ ୧୧-୧ ଗୋଲରେ ରାଜସ୍ଥାନକୁ, ୬-୨ ଗୋଲରେ ପୁଡୁଚେରୀକୁ ଓ ୯-୦ ଗୋଲରେ ଅରୁଣାଚଳ ପ୍ରଦେଶକୁ ହରାଇ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟରରେ ପହଞ୍ଚିଛି। ନଭେମ୍ବର ୧୫ରେ ସେମିଫାଇନାଲ ଓ ୧୬ରେ ଏହି ଚାମ୍ପିଅନସିପ୍‌ର ଫାଇନାଲ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଏଟିପି ଫାଇନାଲ୍ସ

# ପରାଜୟରୁ ବୋପାନ୍ନା-ଏବେଡେନଙ୍କ ଅଭିଯାନ



**ତୁରିନ୍,୧୨।୧୧(ଏଜେନ୍ସି):** ଇଟାଲୀର ତୁରିନଠାରେ ବର୍ଷ ଶେଷରେ ଖେଳାଯାଉଥିବା ମର୍ଯ୍ୟାଦା ସମ୍ପର୍ଣ୍ଣ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସରେ ଭାରତୀୟ ଅଭିଜ୍ଞ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ଯୁଗଳ ସାଥି ମାଥ୍ୟୁ ଏବଡେନ ପରାଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ଯୁଗଳ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ମୁକାବିଲାରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ବୋପାନ୍ନା ଓ ଏବଡେନ ୨-୬, ୩-୬ ସିଧାସଳଖ ସେଟ୍‌ରେ ଦ୍ୱିତୀୟ ସିଡ୍ ଇଟାଲୀ ଯୋଡି ଆନ୍ଦ୍ରିଆ ଭାଭାସୋରୀ ଓ ସାଇମନ ବୋଲେଲିଙ୍କଠାରୁ ମାତ୍ର ୫୬ ମିନିଟ୍‌ରେ ପରାସ୍ତ ହୋଇଛନ୍ତି। ପୂର୍ବରୁ ଏହି ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡି ଅଷ୍ଟ୍ରେଲିଆନ ଓପନ୍ ଫାଇନାଲରେ ଏହି ଯୋଡିଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଥିଲେ। ଘରୋଇ ଦର୍ଶକଙ୍କ ସମର୍ଥନରେ ଏହି ଇଟାଲୀୟ ଯୋଡି ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲେ। ବୋପାନ୍ନା ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ଥର ପାଇଁ ଅଂଶଗ୍ରହଣ କରିଛନ୍ତି। ଏଥିସହ ବୋପାନ୍ନା ଓ ଏବଡେନ ଚଳିତ ବର୍ଷ ପ୍ରତିପକ୍ଷ ଇଟାଲୀ ଯୋଡିଠାରୁ କ୍ରମାଗତ ତୃତୀୟଥର ପାଇଁ ପରାସ୍ତ ହୋଇଛନ୍ତି। ବୁଧବାର ବୋପାନ୍ନା ଓ ଏବଡେନ ଟପ୍ ସିଡି ଯୋଡି ଏଲ ସାଲଭାଡୋରର ମାର୍ସେଲେ ଅରେଭାଲୋ ଓ କ୍ରୋଏସିଆର ମେଟ୍ ପାଭିକଙ୍କୁ ଭେଟିବେ। ପୂର୍ବରୁ ବୋପାନ୍ନା ଓ ଏବଡେନ ଗତ ସଂସ୍କରଣର ସେମିଫାଇନାଲରେ ପ୍ରବେଶ କରିଥିଲେ।

# ଆଜିଠୁ ଓଡ଼ିଶା-ମହାରାଷ୍ଟ୍ର ରଣଜୀ

**କଟକ,୧୨।୧୧(ସମିସ):**

ଚଳିତ ରଣଜୀ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ବୁଧବାର ଠାରୁ ଆରମ୍ଭ ହେବ। ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଘରୋଇ ଓଡ଼ିଶା

**ଦଳକୁ ଫେରିବେ ରାଜେଶ, ସୁମିତ, ତରଣୀ**

**ବାରବାଟୀରେ ବ୍ୟାଟିଂ ପିଚ୍; ଟସ୍ ଭୂମିକା ନିର୍ଣ୍ଣାୟକ**

ଦଳ ମହାରାଷ୍ଟ୍ରକୁ ଭେଟିବ। ଗ୍ରୁପ-ଏ ଟେବଲରେ ଉଭୟ ଦଳର ସ୍ଥିତି ପାଖାପାଖି ସମାନ। ଓଡ଼ିଶା ୪ଟି ମ୍ୟାଚ୍‌ରୁ ୪ ପଏଣ୍ଟ ହାସଲ କରି ୭ମ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ମହାରାଷ୍ଟ୍ର ୬ଷ୍ଠ ସ୍ଥାନରେ ଅକ୍ତିଆର କରିଛି। ଏଣୁ ଟେବଲର ଉପରକୁ ଉଠିବା ନିମନ୍ତେ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱ ବହନ କରିବ। ଏପରିକି ମହାରାଷ୍ଟ୍ର ବିପକ୍ଷରେ ପୂର୍ବରୁ ଉତ୍ତମ ରେକର୍ଡ ରଖିଥିବା ଓଡ଼ିଶା ଦୃଢ଼ ମନୋବଳ ନେଇ ପଡ଼ିଆକୁ ଓହ୍ଲାଇବ ବୋଲି ଅଧିନାୟକ ଗୋବିନ୍ଦ ପୋଦ୍ଦାର କହିଛନ୍ତି।



ବାରବାଟୀରେ ତାପସ ଦାସଙ୍କ ଅଭ୍ୟାସ

ବାରବାଟୀର ପିଚ୍ ବ୍ୟାଟିଂକୁ ସୁହାଇବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କୁହାଯାଇଛି। ୪ଦିନ ଯାକ ପିଚ୍ ବ୍ୟାଟରମାନଙ୍କ ପକ୍ଷରେ ରହିପାରେ। ଅନ୍ୟପକ୍ଷରେ ସାମାନ୍ୟ ଆଦ୍ରତା ଥିବା ହେତୁ ପିଚ୍ ଭିନ୍ନ ମୋଡ ନେବ ବୋଲି ଅନୁମାନ ମଧ୍ୟ କରାଯାଉଛି। ତେବେ ମହାରାଷ୍ଟ୍ର ବିପକ୍ଷ ଚୂଡାନ୍ତ ଏକାଦଶରେ ୪ଟି ପରିବର୍ତ୍ତନ ଅଣାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନୁରାଗ ଷଡ଼ଙ୍ଗୀ ଦଳରୁ ବାଦ୍ ପଡ଼ିଛନ୍ତି। ଶାନ୍ତନୁ ମିଶ୍ରଙ୍କ ସହ ସ୍ୱସ୍ତିକ ସାମଲ ଓପନିଂ ଭାର ସମ୍ଭାଳିବେ। ସେହିପରି ଆଘାତ ଜନିତ ସମସ୍ୟାରୁ ବାଦ୍ ପଡ଼ିଥିବା ବିପ୍ଳବ ସାମନ୍ତରାୟଙ୍କ ସ୍ଥାନରେ ୱିକେଟ ରକ୍ଷକ ରାଜେଶ ଧୂପରଙ୍କୁ ମଧ୍ୟକ୍ରମ ବ୍ୟାଟିଂ ଲାଇନଅପରେ ଯୋଡ଼ିବ ଓଡ଼ିଶା। ଆଶୀର୍ବାଦ ସ୍ୱାଇଁ ୱିକେଟ ରକ୍ଷକ ଭାବେ ସ୍ଥାନ ଅପରିବର୍ତ୍ତିତ ରଖିବେ। ଦେବବ୍ରତ ପ୍ରଧାନଙ୍କୁ ବିଶ୍ରାମ ମିଳିବ। ତରଣୀ ସ ତାଙ୍କ ସ୍ଥାନରେ ପେସ୍ ଆଟାକରେ ସାମିଲ ହେବେ। ସେହିପରି ମୁମ୍ବାଇ ବିପକ୍ଷରେ ଆଖି ଦୃଶିଆ ପ୍ରଦର୍ଶନ କରି ପାରିନଥିବା ହର୍ଷିତ ରାଥୋଡଙ୍କ ବଦଳରେ ସ୍ପିନର ସୁମିତ ଶର୍ମା ଚୂଡାନ୍ତ ଏକାଦଶରେ ସାମିଲ ହେବେ ବୋଲି କୁହାଯାଇଛି।


## ସୂର୍ଯ୍ୟକାନ୍ତ ୨୦୦ ୱିକେଟ କ୍ଲବ ନିକଟତର

ରାଜ୍ୟ ବରିଷ୍ଠ କ୍ରିକେଟ ଦଳର ଜଣାଶୁଣା ଅଲରାଉଣ୍ଡର ସୂର୍ଯ୍ୟକାନ୍ତ ପ୍ରଧାନ ୨୦୦ ୱିକେଟ କ୍ଲବ ନିକଟତର ହୋଇଛନ୍ତି। ରେକର୍ଡ ତାଲିକା ଠାରୁ ସେ ମାତ୍ର ୪ ୱିକେଟ ଦୂରରେ ଅଛନ୍ତି। ବୁଧବାର ଠାରୁ ବାରବାଟୀରେ ଆରମ୍ଭ ହେବାକୁ ଥିବା ମହାରାଷ୍ଟ୍ର ବିପକ୍ଷ ମ୍ୟାଚରେ ୪ ୱିକେଟ ଦଖଲ କରି ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ନୂତନ ସଫଳତାର ଫର୍ଦ୍ଦ ଯୋଡ଼ି ପାରନ୍ତି ସୂର୍ଯ୍ୟକାନ୍ତ। ପ୍ରକାଶଯୋଗ୍ୟ, ୬୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ସୂର୍ଯ୍ୟକାନ୍ତ ୧୯୬ ୱିକେଟ ଦଖଲ କରିଥିବା ବେଳେ ୪୦ରନ ବିନିମୟରେ ୭ ୱିକେଟ ତାଙ୍କର ଏକ ପାଳିର ଶ୍ରେଷ୍ଠ ପ୍ରଦର୍ଶନ। ୫ମ ୱିକେଟ ସଫଳତା ସେ ୮ ଥର ହାସଲ କରିଛନ୍ତି। ସେହିପରି ବିସ୍ଫୋରକ ବ୍ୟାଟିଂ ଦକ୍ଷତା ରଖିଥିବା ସୂର୍ଯ୍ୟକାନ୍ତ ପ୍ରଥମଶ୍ରେଣୀ ଫର୍ମାଟରେ ୧୭.୦୬ ହାରରେ ୧୨୮୦ରନ ସଂଗ୍ରହ କରିଛନ୍ତି। ୬୫ରନ ତାଙ୍କ ସର୍ବାଧିକ ସ୍କୋର।



## ସିନର ବର୍ଷ ଶେଷର ଶ୍ରେଷ୍ଠ ଟେନିସ ଖେଳାଳି

# ଜିତିଲେ ଏଟିପି ଇୟର ଏଣ୍ଡ ନଂ୧ ଟ୍ରଫି



**ତୁରିନ,୧୨।୧୧(ଏଜେନ୍ସି):** ତାରକା ଇଟାଲୀ ପୁରୁଷ ଖେଳାଳି ଜାନିକ ସିନର ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ୨୩ ବର୍ଷୀୟ ସିନର ଏଟିପି ମାନ୍ୟତାରେ ୧ ନମ୍ବର ସ୍ଥାନରେ ରହି ଚଳିତ ୨୦୨୪ ବର୍ଷ ଶେଷ କରିବାକୁ ଯାଉଛନ୍ତି। ଏବେ ସେ ଇଟାଲୀର ତୁରିନରେ ବର୍ଷଶେଷରେ ସମ୍ମାନଜନକ ଟେନିସ ଟୁର୍ଣ୍ଣାମେଣ୍ଟ ଏଟିପି ଫାଇନାଲ୍ସ ଖେଳୁଛନ୍ତି। ଇଟାଲୀର ପ୍ରଥମ ଟେନିସ ଖେଳାଳି ଭାବେ ସେ ଏହି ସମ୍ମାନ ହାସଲ କରିଛନ୍ତି। ଘରୋଇ ଦର୍ଶକଙ୍କ ସାମ୍ନାରେ ତାଙ୍କୁ ଏଥିପାଇଁ ଇୟର ଏଣ୍ଡ ନଂ ୧ ଏଟିପି ଟ୍ରଫି ପ୍ରଦାନ କରାଯାଇଛି। ସିନର ଚଳିବର୍ଷ ତାଙ୍କର ଦୁଇଟି ଯାକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ଅଷ୍ଟ୍ରେଲିଆନ୍ ଓପନ୍ ଓ ୟୁଏସ୍ ଓପନ୍ ଟାଇଟଲ ହାସଲ କରିବା ସହ ଚଳିତ ବର୍ଷ ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବଲଡନ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେ ଗୋଟିଏ ମାସ ତଳେ ଗାଣିତକ ଭାବେ ବର୍ଷ ଶେଷର ନଂ ୧ ଏଟିପି ଖେଳାଳି ବିବେଚିତ ହୋଇସାରିଛନ୍ତି।

## ଟୁର୍ଣ୍ଣାମେଣ୍ଟ ଅଧାରୁ ଟ୍ରେନର୍ ବିଦା

ରଣଜୀ ଟ୍ରଫି ଚାଲିଥିବା ବେଳେ ହଠାତ୍ ରାଜ୍ୟ ବରିଷ୍ଠ ଦଳର ଟ୍ରେନରଙ୍କୁ ଦଳରୁ ବିଦା କରି ଦିଆଯାଇଛି। ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଭାବେ ଦଳରେ ରହିଥିବା ଅଣଓଡ଼ିଆ ଟ୍ରେନର ପ୍ରତ୍ୟୁଷ ଅଗ୍ରୱାଲଙ୍କୁ ଦଳରୁ କଢ଼ା ଯାଇଥିବା ଜଣାପଡ଼ିଛି। ଏ ବାବଦରେ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କୌଣସି ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ମାତ୍ର କିଛି ନିର୍ଦ୍ଦିଷ୍ଟ ବିବାଦ ଯୋଗୁଁ ଟ୍ରେନରଙ୍କୁ କଢ଼ାଯାଇଛି ବୋଲି ଓସିଏର ଜନୈକ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।

## ରଣଜୀ ଖେଳି କ୍ରିକେଟ୍‌କୁ ଫେରିବେ ମହମ୍ମଦ ସାମି



ଇନ୍ଦୋର,୧୨।୧୧(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଫାଷ୍ଟ ବୋଲର ମହମ୍ମଦ୍ ସାମି ଏବେ ଫିଟ୍ ଘୋଷିତ ହୋଇଛନ୍ତି। ଫିଟନେସ୍ ପରୀକ୍ଷା ବା ମ୍ୟାଚ୍ ଫିଟ୍ ଲାଗି ସେ ଏଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ମଧ୍ୟ ପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ଖେଳି ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିବେ। ଗତବର୍ଷ ଘରୋଇ ମାଟିରେ ଦିନିକିଆ ବିଶ୍ୱକପ ଫାଇନାଲ ପରଠାରୁ ସେ ଆଉ କୌଣସି ପ୍ରକାର କ୍ରିକେଟ ଖେଳି ନାହାନ୍ତି। ସାମି ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ତାଙ୍କୁ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ଦଳରେ ସାମିଲ କରାଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ସେଥିଲାଗି ତାଙ୍କୁ ବେଙ୍ଗଲର ପରବର୍ତ୍ତୀ ମ୍ୟାଚ୍ କର୍ଣ୍ଣାଟକ ବିପକ୍ଷରେ ସାମିଲ କରାଯାଇ ନାହିଁ।

### ଭାରତ-ଦକ୍ଷିଣ ଆଫ୍ରିକା ତୃତୀୟ ଟି-୨୦ ଆଜି

# ସେଞ୍ଚୁରିଆନ ପିଚ୍‌ରେ ବ୍ୟାଟରଙ୍କ କଠୋର ପରୀକ୍ଷା

ସେଞ୍ଚୁରିଆନ,୧୨।୧୧(ଏଜେନ୍ସି):

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଆସନ୍ତାକାଲି ବା ବୁଧବାର ସ୍ଥାନୀୟ ସୁପରସ୍ପୋର୍ଟ୍ସ ପାର୍କ ପିଚ୍‌ରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୨ଟି ମୁକାବିଲା ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ରେ ବରାବର ବରାବର ସ୍ଥିତିରେ ରହିଛନ୍ତି। ଯାହା ଫଳରେ ଉଭୟ ଦଳ ଲାଗି ଏହି ମ୍ୟାଚଟି ଯେତିକି ଗୁରୁତ୍ୱପୂର୍ଣ୍ଣ ଠିକ୍ ସେହିପରି ବ୍ୟାଟରଙ୍କ ଲାଗି କଠୋର ପରୀକ୍ଷା ସଦୃଶ। ଦ୍ୱିତୀୟ ଟି-୨୦ ପରି ଏହି ପିଚ୍ ଫାଷ୍ଟ ଓ ବାଉନ୍ସ ହେବ। ଏଠାରେ ବ୍ୟାଟିଂ କରିବା କଷ୍ଟକର। ଫାଷ୍ଟ ବୋଲରମାନେ ଏଠାରେ ରାଜୁତି କରିଥିବାର ରେକର୍ଡ ରହିଛି। ଏହା ଫଳରେ ଭାରତୀୟ ବ୍ୟାଟର ଏଠାରେ ଆଉ ଏକ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

ପୋର୍ଟ ଏଲିଜାବେଥ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭାରତୀୟ ବ୍ୟାଟରମାନେ ଫାଷ୍ଟ ଓ ବାଉନ୍ସ ବୋଲିଂ ବିପକ୍ଷରେ ସଂଘର୍ଷ କରିଥିଲେ। ଯାହା ଫଳରେ ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ମାତ୍ର ୧୨୪ ରନ୍ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିବା ସଞ୍ଜୁ ସାମସନଙ୍କ ବିଫଳତା ପରେ ଜଣଙ୍କ ପରେ ଜଣେ ଭାରତୀୟ ବ୍ୟାଟର ପାଭିଲିୟନ ଫେରିଥିଲେ। ବିସ୍ଫୋରକ ବ୍ୟାଟିଂ ଲାଗି ଆଇପିଏଲ୍‌ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅଭିଷେକ ଶର୍ମାଙ୍କ ବାରମ୍ବାର ବିଫଳତା ଟିମ୍ ମ୍ୟାନେଜ୍‌ମେଣ୍ଟକୁ ଦଳର ସମୀକରଣେ ପରିବର୍ତ୍ତନ ଆଣିବାକୁ ବାଧ କରିପାରେ। ଏପରିକି ଏହି ମ୍ୟାଚ୍‌ରେ ସଞ୍ଜୁଙ୍କ ସହ ତିଳକ ବର୍ମାଙ୍କୁ ଇନିଂସ ଓପନ କରିବାର ସୁଯୋଗ ଦିଆଯାଇ ନିମ୍ନଭାବେ ରମଣଦୀପ ସିଂଙ୍କୁ ସାମିଲ କରାଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଭାରତର ବରିଷ୍ଠ ବ୍ୟାଟର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂଙ୍କ ବିଫଳତା ଦଳର ଚିନ୍ତା ବଢ଼ାଇଛି। ଏମାନେ ଗୋଟିଏ ଦୁଇଟି ବଡ଼ ସଟ୍ ଖେଳିବା ଛଡ଼ା ଗତ ଦୁଇଟି ମ୍ୟାଚ୍‌ରେ କିଛି ଭଲ ପ୍ରଦର୍ଶନ କରିନାହାନ୍ତି। ଦ୍ୱିତୀୟ ଟି-୨୦ରେ ହାର୍ଦ୍ଦିକ ସର୍ବାଧିକ ୩୯ ରନ୍ କରିଥିଲେ। କିନ୍ତୁ ଏଥିଲାଗି ସେ ୪୫ଟି ବଲ୍ ଖେଳିଥିଲେ ଓ ୨୮ଟି ବଲ୍ ପରେ ବାଉଣ୍ଡାରୀ ମାରିଥିଲେ। ସେହିପରି ୩୯ରୁ ୪୫ ବଲ୍ ମଧ୍ୟରେ ଗୋଟିଏ ହେଲେ ବାଉଣ୍ଡାରୀ ମିଳି ନ ଥିଲା। ଏଣୁ ବ୍ୟାଟିଂ ସଫଳତା ବିନା ଦକ୍ଷିଣ ଆଫ୍ରିକାରେ ଟି-୨୦ ସଫଳତା ମିଳିବା କଷ୍ଟକର।

ବୋଲିଂରେ ମଧ୍ୟ ସମାନ ଅବସ୍ଥା। ଯେଉଁଠି ପିଚ୍ ଫାଷ୍ଟ ଓ ବାଉନ୍ସି ରହୁଛି ସେଠାରେ ଷ୍ଟ୍ରାଇକ୍ ବୋଲର ଅର୍ଶଦୀପ ସିଂ ଶେଷ ୨ ଓଭରରେ ୨୮ ରନ୍ ଦେଇଥିଲେ। ଅନ୍ୟତମ ଫାଷ୍ଟ ବୋଲର ଆଭେଷ ଖାନ୍ ଦ୍ୱିତୀୟ ଟି-୨୦ରେ ୪୧ ରନ୍ ଖର୍ଚ୍ଚ କରିଥିଲେ। ଏମାନଙ୍କୁ ନେଇ ମ୍ୟାଚ୍ ଜିତିବା ସମ୍ଭବ ନୁହେଁ। ଯାହା ଫଳରେ ଦୁଇ ନବାଗତ ଫାଷ୍ଟ ବୋଲର ଯଶ ଦୟାଲ କିମ୍ବା ବିଜୟ କୁମାର ବ୍ୟାସକଙ୍କ ମଧ୍ୟରୁ ଜଣେ ଏଠାରେ ଡେବ୍ୟୁ କରିପାରନ୍ତି। ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇଙ୍କ ଯୋଗୁ ପ୍ରଥମ ଦୁଇଟି ମ୍ୟାଚ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। କିନ୍ତୁ ଅକ୍ଷର ପଟେଲଙ୍କ ସମାନ ସୁଯୋଗ ମିଳି ନାହିଁ।

ଦକ୍ଷିଣ ଆଫ୍ରିକା ବ୍ୟାଟିଂରେ ମଧ୍ୟ ସମାନ ଅବସ୍ଥା। ବରିଷ୍ଠ ଖେଳାଳି ଆଇଡେନ ମାର୍କରାମ, ହେନରିଚ୍ କ୍ଲାସେନ ଓ ଡେଭିଡ୍ ମିଲର ଏଯାଏ କ୍ଲିକ୍ କରିନାହାନ୍ତି। ଯୁବ ଖେଳାଳି ଟ୍ରିଷ୍ଟାନ ଷ୍ଟବ୍ସ ଓ ଅଲରାଉଣ୍ଡର ଗେରାଲ୍ଡ କୋଏଜୀଙ୍କ ବ୍ୟାଟିଂ ଦଳକୁ ବିଜୟୀ କରାଇଥିଲା। ଫାଷ୍ଟ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ପରେ ଦକ୍ଷିଣ ଆଫ୍ରିକାକୁ ହରାଇବା କଷ୍ଟକର ମନେହୁଏ। ସହାୟତା ଦେଉଥିବା ସେଞ୍ଚୁରିଆନ ପିଚ୍‌ରେ ବ୍ୟାଟର କଠିନ ପରୀକ୍ଷାର ସମ୍ମୁଖୀନ ହେବେ।



**ଖେଳ ଆରମ୍ଭ**
ରାତି ୮ଟା ୩୦
**ପ୍ରସାରଣ**
ସ୍ପୋର୍ଟ୍ସ ୧୮, ଜିଓ ସିନେମା

### ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା

# ଓଡ଼ିଶାରୁ ଦେବରାଜ, ପଙ୍କଜ ଓ ସୁଖରାମ




ଭୁବନେଶ୍ୱର,୧୨।୧୧(ସମିସ): ପାକିସ୍ତାନରେ ଖେଳାଯିବାକୁ ଥିବା ଚତୁର୍ଥ ଦୃଷ୍ଟିହୀନ ଟି-୨୦ କ୍ରିକେଟ ବିଶ୍ୱକପ ଲାଗି ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦେବରାଜ ବେହେରା, ପଙ୍କଜ ଭୂଏ ଓ ସୁଖରାମ ମାଝୀ। ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୨ରୁ ଆରମ୍ଭ ହୋଇ ଡିସେମ୍ବର ୩ରେ ଶେଷ ହେବ। ପାକିସ୍ତାନର ଲାହୋର ଓ ମୁଲତାନରେ ସମସ୍ତ ମ୍ୟାଚ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ କ୍ରିକେଟ ଦଳକୁ ସରକାର ଅନୁମତି ଦେଇନଥିଲା ବେଳେ ଦୃଷ୍ଟିହୀନ କ୍ରିକେଟ ଦଳକୁ ପାକିସ୍ତାନ ଯିବାକୁ ଅନୁମତି ଦେଇଛନ୍ତି।

### ■ ଅଲଓଡ଼ିଶା ରାଙ୍କିଂ ସ୍ନୁକର


# କ୍ୱାର୍ଟରରେ ସୁବ୍ରତ, ଆଶୁତୋଷ

ଭୁବନେଶ୍ୱର,୧୨।୧୧(ସମିସ): ସିକ୍ସପକେଟ୍ସ କ୍ଲବ୍‌ର ପାର୍ଟନର ଚେତନ ଆନନ୍ଦ ପ୍ରଥମଥର ଲାଗି ଅଲ୍ ଓଡ଼ିଶା ସିନିୟର ରାଙ୍କିଂ ସ୍ନୁକର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ସେ ୩-୦ ଫ୍ରେମ୍‌ରେ ରୂମିତ ଗୁପ୍ତାଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ରାଜ୍ୟର ଜଣାଶୁଣା ଖେଳାଳି ସୁବ୍ରତ ଦାସ, ଆଶୁତୋଷ ପାଢ଼ୀ, ଡାକ୍ତର ରାକେଶ ରୋଶନ ପ୍ରଧାନ, ଅବିନାଶ ମହାପାତ୍ର, ଚିରାଗ ଅରୋରା ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଜ୍ୟ ସ୍ନୁକରର ଯୁବରାଜ ଭାବେ ବିବେଚିତ ଆଶୁତୋଷ ଏହି ମ୍ୟାଚ୍‌ରେ ୯୫ ପଏଣ୍ଟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆୟୋଜିତ ମ୍ୟାଚ୍‌ରେ ଏହା ସର୍ବାଧିକ ବ୍ରେକ୍‌ପଏଣ୍ଟ। ଆସନ୍ତାକାଲି ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଚେତନ ଆନନ୍ଦଙ୍କ ସହ ଡାକ୍ତର ରାକେଶ ଓ ଆଶୁତୋଷଙ୍କ ସହ ଅବିନାଶଙ୍କର ମୁକାବିଲା ହେବ।


ଚେତନ ଆନନ୍ଦ

# ବିଶ୍ୱ ବଡିବିଲ୍ଡିଂରେ ଜଗନ୍ନାଥଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୨।୧୧ (ସମିସ): ମାଳଦୀପରେ ଅନୁଷ୍ଠିତ ୧୫ତମ ବିଶ୍ୱ ବଡିବିଲ୍ଡିଂ ଆଣ୍ଡ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶାର ଜଗନ୍ନାଥ ଖୁଣ୍ଟିଆ ଚମକିଛନ୍ତି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଜଗନ୍ନାଥ କାଂସ୍ୟ ପଦକ ଜିତି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ଜଗନ୍ନାଥ ପୁରୁଷ ୭୫ କିଗ୍ରା ବିଭାଗରେ ଏହି ସଫଳତା ପାଇଛନ୍ତି। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ଜଗତରୁ ଜଗନ୍ନାଥଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଜେଡି ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମଧ୍ୟ ଏକ୍ସ' ମାଧ୍ୟମରେ ଜଗନ୍ନାଥ ଖୁଣ୍ଟିଆଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତାରେ ଏଭଳି ଆହୁରି ସଫଳତା ଆଣନ୍ତୁ ବୋଲି କାମନା କରିଛନ୍ତି।



ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ୍) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ବଦୋନୀ ଦିଲ୍ଲୀ ରଣଜୀ ଅଧିନାୟକ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଚଣ୍ଡିଗଡ଼ ନିକଟରୁ ହାରିଯିବା ପରେ ଦିଲ୍ଲୀ ରଣଜୀ ଦଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ରନ୍ ଲାଗି ସଂଘର୍ଷ କରୁଥିବା ହିମ୍ମତ ସିଂଙ୍କୁ ଅଧିନାୟକ ପଦରୁ ହଟାଇଦିଆଯାଇଛି। ଚଳିତ ସିଜନର ୪ଟି ମ୍ୟାଚ୍‌ରେ ସେ ମାତ୍ର ୧୮୨ ରନ୍ କରିପାରିଛନ୍ତି। ତାଙ୍କ ସ୍ଥାନରେ ଯୁବ ଖେଳାଳି ଆୟୁଷ ବଦୋନୀଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ବୁଧବାରଠାରୁ ଖେଳାଯିବାକୁ ଥିବା ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ସେ ଦିଲ୍ଲୀ ଲାଗି ପ୍ରଥମଥର ନେତୃତ୍ୱ ନେବେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ଦଳର ଅଧିନାୟକ ଯଶ୍ ଧୂଲ୍‌ଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି।

ସକାଳ
THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
4th Anniversary
ଦୈନିକ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୪
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with
SRI VINAYAKA CLASSES
SINCE 2006
BHUBANESWAR
୧୭ ନଭେମ୍ବର ୨୦୨୪
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS